R.N.I. REGN. No. 65000/96 POSTAL REGN. No. OR/BN-32/12-14

ଊନତ୍ରିଂଶ ବର୍ଷ
ସଂଖ୍ୟା : ୨୫୧
ତିଥି : ସପ୍ତମୀ
୧୮ ଜୁନ୍ ୨୦୨୫, ବୁଧବାର
ସମ୍ବଲପୁର
ପୃଷ୍ଠା- ୧୨, ମୂଲ୍ୟ- ଟ.୫.୦୦

ସମୟ SAMAYA

# ସମୟ

ପ୍ରତିଷ୍ଠାତା - ବସନ୍ତ କୁମାର ବିଶ୍ୱାଳ

Vol. - XXIX, No. 251
18 June 2025, Wednesday
Sambalpur
Price: 5.00
Online Portal
www.odishasamaya.com
samayaepaper.com
odishasamaya
thesamayanews@gmail.com
www.samayalive.in

Bhubaneswar | Balasore | Angul | Berhampur | Sambalpur

OIPR: 15001/13/0708/2526
DADLS-32
ବର୍ଷ ଏକ ଉପଲବ୍ଧି ଅନେକ
ସୁଶାସନ ଓ ସାମାଜିକ ସୁରକ୍ଷା
• ୮୦ ବର୍ଷରୁ ଉର୍ଦ୍ଧ୍ୱ ବୟସ୍କ ଓ ୮୦%ରୁ ଉର୍ଦ୍ଧ୍ୱ ଦିବ୍ୟାଙ୍ଗ ମାନଙ୍କୁ ବର୍ଦ୍ଧିତ ହାରରେ ୩୫୦୦ ଟଙ୍କା ଭତ୍ତା ପ୍ରଦାନ
• ପ୍ରାୟ ୬ ଲକ୍ଷରୁ ଅଧିକ ନୂତନ ଯୋଗ୍ୟ ହିତାଧିକାରୀଙ୍କୁ ରାସନ କାର୍ଡ଼ ପ୍ରଦାନ

# ଝାଡ଼ାବାନ୍ତି ନେଇ ରାଜ୍ୟରେ ହାଇଆଲର୍ଟ

ଚଣ୍ଡିଖୋଲ/ଭୁବନେଶ୍ୱର, ୧୭।୬ (ସବ୍ୟୁ) : ଯାଜପୁର ଜିଲ୍ଲାର ବଡଚଣା ଓ ଧର୍ମଶାଳାରେ ଝାଡାବାନ୍ତି ରୋଗ ସାମାନ୍ୟ ପ୍ରସମିତ ହୋଇଥିଲେ ମଧ୍ୟ ନିୟନ୍ତ୍ରଣକୁ ଆସିପାରି ନାହିଁ । ମଙ୍ଗଳବାର ଏହି ଦୁଇ ବ୍ଲକରେ ୧୫ଜଣରୁ ଉର୍ଦ୍ଧ୍ୱ ରୋଗୀ ଚିହ୍ନଟ ହୋଇଥିବା ଜଣାପଡିଛି । ରୋଗର ପ୍ରାରମ୍ଭିକ ଅବସ୍ଥାରେ ପ୍ରତିଶେଧକ ବ୍ୟବସ୍ଥା ଗ୍ରହଣ କରାଯିବାରେ ଜିଲାପଣ ଓ ସ୍ୱାସ୍ଥ୍ୟ କର୍ମଚାରୀଙ୍କ ପକ୍ଷରୁ ବିଳମ୍ବରେ ପଦକ୍ଷେପ ନିଆଯାଇଥିବାରୁ ରୋଗ ନିୟନ୍ତ୍ରଣ



ହେବା ପରିବର୍ତ୍ତେ ଅଧିକ ସଙ୍ଗୀନ ସ୍ଥିତିକୁ ଚାଲିଯାଇଥିବା ଅଭିଯୋଗ ହୋଇଛି । ଏହାସହ ରାଜ୍ୟର ସମସ୍ତ ଜିଲ୍ଲାକୁ ହାଇଆଲର୍ଟ ରଖାଯାଇଛି ।

ସେପଟେ ଯାଜପୁର ଜିଲ୍ଲାରେ ଡାଇରିଆ ସ୍ଥିତିର ମୁକାବିଲା ଓ ନିୟନ୍ତ୍ରଣ ନିମନ୍ତେ ଜାତୀୟ ସ୍ୱାସ୍ଥ୍ୟ ମିଶନ(ଏନ୍ଏଚ୍ଏମ୍) ତରଫରୁ ଅଧିକ ଡାକ୍ତର ଏବଂ ଭ୍ରାମ୍ୟମାଣ ସ୍ୱାସ୍ଥ୍ୟ ଟିମ୍ ମୁତୟନ କରାଯାଇଛି । ମିଶନ ନିର୍ଦ୍ଦେଶକ ଡାକ୍ତର ବୃନ୍ଦା ଡି. ଙ୍କ ନିର୍ଦ୍ଦେଶକ୍ରମେ ଜିଲ୍ଲାର ପ୍ରଭାବିତ ଅଞ୍ଚଳ ହସ୍ପିଟାଲମାନଙ୍କରେ ୮ ଜଣ ମେଡିସିନ ସ୍ପେସାଲିଷ୍ଟ ଓ ଅଧିକ ୨୦ଟି ମୋବାଇଲ ହେଲଥ ଟିମ୍ ମୁତୟନ କରାଯାଇଛି । ଏହାଛଡା ପ୍ରଭାବିତ ଅଞ୍ଚଳମାନଙ୍କରେ ୪୫ଟି ଭ୍ରାମ୍ୟମାଣ ସ୍ୱାସ୍ଥ୍ୟ ଶିବିର (ହେଲଥ କ୍ୟାମ୍ପ) ଆୟୋଜନ କରାଯାଇଛି । ଆଦିବାସୀ ଅଧ୍ୟୁଷିତ ଅଞ୍ଚଳରେ ସ୍ୱାସ୍ଥ୍ୟସେବା ସୁବିଧା ଓ ସଚେତନତା ବୃଦ୍ଧି ନିମନ୍ତେ ଏନ୍ଏଚ୍ଏମ୍ ତରଫରୁ ସ୍ୱତନ୍ତ୍ର କ୍ୟାମ୍ପମାନ ଆୟୋଜନ କରାଯାଉଛି । ରୋଗ ସର୍ବେକ୍ଷଣ ଏବଂ ଆଗୁଆ ଚିହ୍ନଟ ଆଦି କାର୍ଯ୍ୟକ୍ରମକୁ ଅଧିକ ଶାଣିତ କରିବାକୁ ଡାକ୍ତର ବୃନ୍ଦା ସମସ୍ତ କ୍ଷେତ୍ରସ୍ତରୀୟ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି ।

ହଇଜାକୁ ଆଶୁ ପ୍ରତିରୋଧ କରିବା ପାଇଁ ବଡଚଣା ଓ ଧର୍ମଶାଳା ଅଞ୍ଚଳର ବିଭିନ୍ନ ସ୍ଥାନରେ ଥିବା ୩ଶହରୁ ଉର୍ଦ୍ଧ୍ୱ (୯ ପୃଷ୍ଠାରେ)

- ସବୁ ଜିଲ୍ଲାକୁ ସତର୍କ ରହିବାକୁ ନିର୍ଦ୍ଦେଶ
- ୩ ଶହରୁ ଉର୍ଦ୍ଧ୍ୱ ହୋଟେଲ, ଜଳଖିଆ ଦୋକାନରେ ତାଲା
- ଯାଜପୁରରେ ଅଧିକ ଡାକ୍ତର, ୪୫ ଭ୍ରାମ୍ୟମାଣ ସ୍ୱାସ୍ଥ୍ୟ ଶିବିର
- ଆଦିବାସୀ ଅଞ୍ଚଳ ଉପରେ ସ୍ୱତନ୍ତ୍ର ଦୃଷ୍ଟି ଦିଆଯିବ

## ଡାଇରିଆ ନେଲାଣି ୧୧ ଜୀବନ

ଭୁବନେଶ୍ୱର, ୧୭।୬ (ସବ୍ୟୁ) : ବର୍ତ୍ତମାନ ସୁଦ୍ଧା ଡାଇରିଆରେ ବିଭିନ୍ନ ଜିଲ୍ଲାରେ ୧୧ ଜଣଙ୍କର ମୃତ୍ୟୁ ହୋଇଥିବା ସରକାରୀ ଭାବେ କୁହାଯାଇଛି । ଆଜି ସକାଳ ସୁଦ୍ଧା କେନ୍ଦୁଝର ଜିଲ୍ଲାରେ ୮୨ , ଯାଜପୁରରେ ୬୪, କଟକରେ ୧୪୫, ଢେଙ୍କାନାଳରେ ୬୫, ଭଦ୍ରକରେ ୭୩କୁ ମିଶାଇ ୪୨୯ ଜଣ ନୂଆ ଡାଇରିଆ ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି । ସଂକ୍ରମିତ ଜଳଉତ୍ସ କିମ୍ବା ସଂକ୍ରମିତ ଖାଦ୍ୟ, ପରିମଳ ବ୍ୟବସ୍ଥାରେ ତ୍ରୁଟି, ଅଧିକ ରୋଗୀ ଦେଖାଯାଇଥିବା ଅଞ୍ଚଳରୁ କିମ୍ବା ଡେରିରେ ପରୀକ୍ଷା ପାଇଁ ରୋଗୀ ଆସୁଥିବା କାରଣରୁ ଏହା ହୋଇଥାଇପାରେ ବୋଲି କୁହାଯାଉଛି । ଡାଇରିଆ ସଂକ୍ରମଣକୁ ରୋକିବା ପାଇଁ ବ୍ୟାପକ ସଚେତନତା, ପ୍ରତିଷେଧକ ବ୍ୟବସ୍ଥା, ଜଳଉତ୍ସର ବିଶୋଧନ ଯୋଗୁ ବିଭିନ୍ନ ଜିଲ୍ଲାରେ ଡାଇରିଆ ସଂଖ୍ୟା କମୁଥବା ପରିଲକ୍ଷିତ ହେଉଛି । (୯ ପୃଷ୍ଠାରେ)

### ସ୍ଥିତି ସମୀକ୍ଷା କଲେ ମୁଖ୍ୟ ସଚିବ

## ଜି-୭ ସମ୍ମିଳନୀ ଲାଗି କାନାଡାରେ ମୋଦି



ନୂଆଦିଲ୍ଲୀ, ୧୭।୬ : କାନାଡ଼ାରେ ହେବାକୁ ଥିବା ଜି-୭ ସମ୍ମିଟି ବୈଠକରେ ଯୋଗ ଦେବାପାଇଁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି କାନାଡ଼ା ଯାଇଛନ୍ତି । ସେ ବୈଠକରେ ଶକ୍ତି ସୁରକ୍ଷାର ଭବିଷ୍ୟତ, ଭିତ୍ତିଭୂମି, ବୈଷୟିକ, ପୁଞ୍ଜି ନିବେଶ ଆଦି ବିଷୟରେ ଆଲୋଚନା କରିବେ । ଜି-୭ ବୈଠକରେ ପ୍ରାୟ ଲଗାତାର ୬ ଥର ମୋଦି ଯୋଗଦେଲେଣି । ଜି-୭ ଦେଶଗୁଡ଼ିକ ସହ ସେ ମତ ବିନିମୟ କରିବା ସହ ବିଭିନ୍ନ ଅନ୍ତର୍ଜାତୀୟ ସଂଗଠନ ସହ ଏବେ ବିଶ୍ୱରେ ଦେଖାଦେଇଥିବା ସମସ୍ୟା ଉପରେ ଆଲୋଚନା କରିବେ । ଅନେକ ରାଷ୍ଟ୍ର ସହ ଦ୍ୱିପାକ୍ଷିକ ବୈଠକ ହେବାର କାର୍ଯ୍ୟକ୍ରମ ରହିଛି । ସେଥି ମଧ୍ୟରେ କାନାଡ଼ା ପ୍ରଧାନମନ୍ତ୍ରୀଙ୍କ ସହ ଆଲୋଚନା ହେବାର ଅଛି । ଇରାନ-ଇସ୍ରାଏଲ, ରୁଷିଆ-ୟୁକ୍ରେନ ବିବାଦ ସମ୍ପର୍କରେ ମଧ୍ୟ ଆଲୋଚନା ହୋଇପାରେ । ପହଲଗାମ ଆତଙ୍କୀ ଆକ୍ରମଣ ଓ ଅପରେସନ ସିନ୍ଦୂର ପରେ ପ୍ରଧାନମନ୍ତ୍ରୀଙ୍କ ଏହି ବିଦେଶ ଗସ୍ତ ଅନେକ ଗୁରୁତ୍ୱ ବହନ କରୁଛି । ଅନେକ ଗୁରୁତ୍ୱପୂର୍ଣ୍ଣ ସମସ୍ୟା ସମ୍ପର୍କରେ ପ୍ରଧାନମନ୍ତ୍ରୀ ଆଲୋଚନା କରିବାର କାର୍ଯ୍ୟକ୍ରମ ରହିଛି ।

## ଲଘୁଚାପ ପ୍ରଭାବରେ ୨୦ ଯାଏଁ ବର୍ଷା

ଭୁବନେଶ୍ୱର, ୧୭।୬ (ସବ୍ୟୁ) : ଉତ୍ତର -ପଶ୍ଚିମ ବଙ୍ଗୋପସାଗର ଅଞ୍ଚଳ ଓ ଦକ୍ଷିଣ-ପଶ୍ଚିମ ବାଂଲାଦେଶ ପାଶ୍ୱର୍ବର୍ତ୍ତୀ ଗାଙ୍ଗେୟ ପଶ୍ଚିମବଙ୍ଗ ଉପତ୍ୟାକା ଅଞ୍ଚଳରେ ଏକ ଲଘୁଚାପ ରହିଛି । ଆସନ୍ତା ୨୪ ଘଣ୍ଟା ମଧ୍ୟରେ ଅଧିକ ଘନୀଭୂତ ହେବାର ସମ୍ଭାବନା ଅଛି । ଏହା ପ୍ରଭାବରେ ରାଜ୍ୟରେ ବିଭିନ୍ନ ଅଞ୍ଚଳରେ ବର୍ଷା ଲାଗି ରହିଛି । ଆସନ୍ତା ୨୦ ତାରିଖ ପର୍ଯ୍ୟନ୍ତ ପ୍ରବଳ ବର୍ଷା ନେଇ ପୂର୍ବାନୁମାନ କରିଛି ପାଣିପାଗ ବିଭାଗ ।

ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ କେନ୍ଦ୍ର କହିବାନୁଯାୟୀ, ମଙ୍ଗଳବାର ସାରା ରାଜ୍ୟକୁ ମୌସୁମୀ ଅଗ୍ରସର ହୋଇଛି । ୧୭ ଦିନ ଧରି ବିରତି ଥିବା ମୌସୁମୀ ଆଜି ସମ୍ପୂର୍ଣ୍ଣ ଅଞ୍ଚଳକୁ ସ୍ପର୍ଶ କରିଛି । ପ୍ରଭାବରେ ସାରା ରାଜ୍ୟରେ ବର୍ଷା ଲାଗି ରହିଛି । ମୌସୁମୀ ଅନ୍ୟ ରାଜ୍ୟକୁ ଅଗ୍ରସର ପାଇଁ ପାଗ ପୂରା ଅନୁକୂଳ ରହିଛି ।

ଆସନ୍ତାକାଲି ବୁଧବାର ମୟୂରଭଞ୍ଜ ଜିଲ୍ଲାକୁ ପ୍ରବଳରୁ ଅତି ପ୍ରବଳ ବର୍ଷା ନେଇ ଅରେଞ୍ଜ୍ ୱାର୍ଣ୍ଣିଂ ଜାରି ହୋଇଛି । ସେହିପରି କେନ୍ଦୁଝର, ସୁନ୍ଦରଗଡ, ସମ୍ବଲପୁର, ବାଲେଶ୍ୱର, ଜଗତସିଂହପୁର, କଟକ ଜିଲ୍ଲାର ସ୍ଥାନେ ଦୁଇ ସ୍ଥାନେ ପ୍ରବଳ ବର୍ଷା ନେଇ ଓ୍ୱାର୍ଣ୍ଣିଂ (୯ ପୃଷ୍ଠାରେ)

## ଏୟାର ଇଣ୍ଡିଆର ୭ ବିମାନ ବାତିଲ

ନୂଆଦିଲ୍ଲୀ, ୧୭।୬ : ଏୟାର ଇଣ୍ଡିଆର ୭ ବିମାନ ଉଡ଼ାଣକୁ ବାତିଲ କରାଯାଇଛି । ଏହା ମଧ୍ୟରେ ୬ ବୋଇଂ ୭୮୭-୮ ଡ୍ରିମ୍ଲାଇନର୍ସ ବିମାନ ରହିଛି । ୭ ବିମାନ ମଧ୍ୟରୁ ୨ଟି ବିମାନକୁ ବୈଷୟିକ ତ୍ରୁଟି କାରଣରୁ ବାତିଲ କରାଯାଇଥିଲାବେଳେ ଯାତ୍ରୀମାନଙ୍କୁ ହୋଟେଲରେ ରଖାଯାଇଛି । ୭ ଏୟାର ଇଣ୍ଡିଆର ଅନ୍ତର୍ଜାତୀୟ ବିମାନ ବିଭିନ୍ନ କାରଣରୁ ବାତିଲ କରାଯାଇଛି । ଅହମ୍ମଦାବାଦ ଭୟାବହ ଦୁର୍ଘଟଣା ପରେ ବୋଇଂ ବିମାନରେ ବ୍ୟାପକ ତଦାରଖ ଚାଲିଛି ।

ବାତିଲ ବିମାନ ମଧ୍ୟରେ ରହିଛି ଦିଲ୍ଲୀରୁ ଦୁବାଇ, ଦିଲ୍ଲୀ-ଭିଏନା, ଦିଲ୍ଲୀ-ପ୍ୟାରିସ, ଅହମ୍ମଦାବାଦ-ଲଣ୍ଡନ, ଲଣ୍ଡନରୁ ଅମୃତସର ଓ ବେଙ୍ଗାଲୁରୁରୁ ଲଣ୍ଡନ । ଏହି ସମସ୍ତ ବିମାନଗୁଡ଼ିକ ହେଉଛି ବି-୭୮୮ ଡ୍ରିମ୍ଲାଇନର୍ସର । ଏହାଛଡ଼ା ମୁମ୍ବାଇରୁ ସାନ୍ଫ୍ରାନ୍ସିସ୍କୋ ଯାଉଥିବା ବି-୭୭୭କୁ ମଧ୍ୟ ବାତିଲ କରାଯାଇଛି । ଏୟାର ଇଣ୍ଡିଆ ପକ୍ଷରୁ କୁହାଯାଇଛି ଯେ ବିମାନ ଉଡ଼ାଣ ପୂର୍ବରୁ ଯେଉଁ ଯାଞ୍ଚ କରାଯାଉଥିଲା, ଏଥିରେ ଅନେକ ବୈଷୟିକ ତ୍ରୁଟି ଦେଖାଦେଇଥିବାରୁ ଏଗୁଡ଼ିକୁ ବାତିଲ (୯ ପୃଷ୍ଠାରେ)

### ବଲାଙ୍ଗୀରରେ ରାଜ୍ୟସ୍ତରୀୟ କୃଷକ ଶକ୍ତି ସମାବେଶ

## ବିକଶିତ ଓଡ଼ିଶା ଲକ୍ଷ୍ୟରେ କୃଷକଙ୍କ ରହିବ ବଳିଷ୍ଠ ଭୂମିକା : ମୁଖ୍ୟମନ୍ତ୍ରୀ

ବଲାଙ୍ଗୀର, ୧୭।୬ (ସବ୍ୟୁ) : ରାଜ୍ୟ ସରକାରଙ୍କ ୧ ବର୍ଷ ପୂର୍ତ୍ତି ପାଳନ ଅବସରରେ ବଲାଙ୍ଗୀର ଠାରେ ଆୟୋଜିତ ରାଜ୍ୟସ୍ତରୀୟ କୃଷକ ଶକ୍ତି ସମାବେଶ କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଥିଲେ ଯେ, ରାଜ୍ୟରେ କୃଷକ ମାନଙ୍କୁ ସଶକ୍ତ କରିବା ପାଇଁ ସରକାର ସମସ୍ତ ପ୍ରକାର ଯାନ୍ତ୍ରିକ ଓ ପ୍ରଯୁକ୍ତିବିଦ୍ୟା ସାହାଯ୍ୟ ଯୋଗାଇଦେବାକୁ ପ୍ରତିଶ୍ରୁତିବଦ୍ଧ । ନିର୍ବାଚନ ସମୟରେ ଆମର ଏକ ମୁଖ୍ୟ ପ୍ରତିଶୃତି ଥିଲା ରାଜ୍ୟର ଲକ୍ଷ ଲକ୍ଷ ଚାଷୀ ଭାଇ ଭଉଣୀମାନଙ୍କୁ ସେମାନଙ୍କ କଠୋର ପରିଶ୍ରମର ପ୍ରକୃତ ମୂଲ୍ୟ ପ୍ରଦାନ କରିବା । ଆଉ ଆଜି ଆମେ ସେହି ଲକ୍ଷ୍ୟ ପୂରାଣ କରିଛୁ । ବଲାଙ୍ଗୀର



ଜିଲ୍ଲାରୁ ଦୁଇଜଣ ମନ୍ତ୍ରୀ ଓଡିଶା ସରକାରରେ ପ୍ରତିନିଧିତ୍ୱ କରୁଛନ୍ତି । ଏବେ ଏଠାରେ ଡବଲ ଇଞ୍ଜିନ ନୁହେଁ, ଟ୍ରିପଲ ଇଞ୍ଜିନ ସରକାର ଚାଲିଛି ଏବଂ ଜିଲ୍ଲାର ବିକାଶ ବି ତିନିଗୁଣ ବେଗରେ ଚାଲୁଛି ଓ ଏହି ପ୍ରକ୍ରିୟା ଆଗାମୀ ଦିନରେ ଜାରି ରହିବ ।

ନିଜ ଅଭିଭାଷଣରେ ମୁଖ୍ୟମନ୍ତ୍ରୀ କହିଥିଲେ ଯେ, ଆଜି ଆମ ଦେଶ ତା'ର ଅନନ୍ୟ କୃଷି ପ୍ରଣାଳୀ ପାଇଁ ସାରା ବିଶ୍ୱରେ ପ୍ରଶଂସିତ । ଆମ ରାଜ୍ୟର ପ୍ରାୟ ୬୦ ପ୍ରତିଶତରୁ ଅଧିକ ଲୋକ କୃଷି ଏବଂ ଆନୁଷଙ୍ଗିକ କୃଷି କାର୍ଯ୍ୟ ଉପରେ ନିର୍ଭରଶୀଳ । ମେ ମାସ ସୁଦ୍ଧା ୭୮ ହଜାର ୬୮୧ କୃଷି ଯନ୍ତ୍ରପାତି ଯୋଗାଣ କରାଯାଇ ସେ ବାବଦକୁ ଡ଼ିବିଟି ମାଧ୍ୟମରେ ୪୫୯.୬୮ କୋଟି ଟଙ୍କାର ରିହାତି ପ୍ରଦାନ କରାଯାଇଛି । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଜୀ ଆମ ଦେଶର କୃଷକ ସମାଜକୁ ବହୁ ସମ୍ମାନ ଦିଅନ୍ତି । ସେମାନଙ୍କୁ ଅନ୍ନଦାତା ଭାବେ ସମ୍ବୋଧନ (୯ ପୃଷ୍ଠାରେ)

## ଗୋପାଳପୁର ବେଳାଭୂମିରେ ଛାତ୍ରୀଙ୍କୁ ଗଣଦୁଷ୍କର୍ମ

# ଡିଜିପିଙ୍କୁ ରିପୋର୍ଟ ମାଗିଲେ ଜାତୀୟ ମହିଳା କମିଶନ

ବ୍ରହ୍ମପୁର/ଭୁବନେଶ୍ୱର, ୧୭।୬ (ସବ୍ୟୁ) : ଗଞ୍ଜାମ ଜିଲ୍ଲା ବ୍ରହ୍ମପୁର ଉପକଣ୍ଠ ଗୋପାଳପୁର ବେଳାଭୂମିରେ ଗତ ରବିବାର ବିଳମ୍ବିତ ସନ୍ଧ୍ୟାରେ ଜଣେ ଯୁବତୀଙ୍କୁ ଗଣଦୁଷ୍କର୍ମ ମାମଲାରେ ଜାତୀୟ ମହିଳା କମିସନ (ଏନ୍ଡବ୍ଲ୍ୟୁ) ହସ୍ତକ୍ଷେପ କରିଛନ୍ତି । ଏହି ଘଟଣା ନେଇ ଜାତୀୟ ମହିଳା କମିସନ୍



ଉଦବେଗ ପ୍ରକାଶ କରିବା ସହ ନିଜ ଆଡୁ ମାମଲା ରୁଜୁ କରିଛନ୍ତି । ଜାତୀୟ ମହିଳା କମିସନ ଦୃଢ଼ କାର୍ଯ୍ୟାନୁଷ୍ଠାନ ପାଇଁ ରାଜ୍ୟ ପୁଲିସ ମହାନିର୍ଦ୍ଦେଶକଙ୍କୁ ନିର୍ଦ୍ଦେଶ ଦେଇଛନ୍ତି । ମାମଲା ସହିତ ଜଡ଼ିତ ବାକି ଅଭିଯୁକ୍ତଙ୍କୁ ତୁରନ୍ତ ଗିରଫ ଦାବି କରାଯାଇଛି । (୯ ପୃଷ୍ଠାରେ)

- କ୍ରାଇମ୍ବ୍ରାଞ୍ଚ ତଦନ୍ତ ନିର୍ଦ୍ଦେଶ ଦେଲେ ଡିଜିପି
- ୧୦ ଅଭିଯୁକ୍ତ ଗିରଫ

### ଦୃଷ୍ଟାନ୍ତମୂଳକ କାର୍ଯ୍ୟାନୁଷ୍ଠାନ ହେବ : ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର, ୧୭।୬ (ସବ୍ୟୁ) : ଗୋପାଳପୁରରେ ଘଟିଥିବା ଗଣଦୁଷ୍କର୍ମ ଘଟଣାରେ ଅପରାଧୀମାନଙ୍କ ବିରୁଦ୍ଧରେ ଦୃଷ୍ଟାନ୍ତମୂଳକ ପଦକ୍ଷେପ ନିଆଯିବ ବୋଲି ମୁଖ୍ୟମନ୍ତ୍ରୀ ଶ୍ରୀ ମୋହନ ଚରଣ ମାଝୀ କହିଛନ୍ତି ।

ଘଟଣାର ଦୃଢ ନିନ୍ଦା କରି, ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, ଏଭଳି ଘଟଣା ଅତ୍ୟନ୍ତ ନିନ୍ଦନୀୟ ଓ ମାନବତା ବିରୁଦ୍ଧରେ ଏକ ଅପରାଧ । ଏ ଘଟଣାରେ ସମ୍ପୃକ୍ତ (୯ ପୃଷ୍ଠାରେ)

## ରାଜଧାନୀରେ ମଦମୃତ୍ୟୁ, ଦୋକାନ ସିଲ୍

ଭୁବନେଶ୍ୱର, ୧୭।୬ (ସବ୍ୟୁ) : ରାଜଧାନୀରେ ମଦମୃତ୍ୟୁକୁ ନେଇ ଲକ୍ଷ୍ମୀସାଗର ଥାନା ଅଞ୍ଚଳରେ ଉତ୍ତେଜନା ପ୍ରକାଶ ପାଇଛି । ଅବକାରୀ ବିଭାଗ ଏହି ମଦମୃତ୍ୟୁ ଖବର ପାଇବା ପରେ ଯେଉଁ ଦୋକାନରୁ ମୃତକ ମଦ ପିଇଥିଲେ ସେହି ଦୋକାନକୁ ସିଲ୍ କରାଯାଇଛି । ସିଲ୍ କରାଯିବା ସହ ମଦ ସାମ୍ପୁଲ ସଂଗ୍ରହ କରି ପରୀକ୍ଷା ପାଇଁ ନେଇଛନ୍ତି । ୪ଦିନରେ ଦୁଇଜଣଙ୍କ ମଦ ପିଇବା ପାଇଁ ମୃତ୍ୟୁ ହୋଇଥିବା ଅଭିଯୋଗ ହେଉଥିବା ବେଳେ ଆଉ ୩ଜଣ ବେସରକାରୀ ହସ୍ପିଟାଲରେ ଜୀବନ ସହ ସଂଘର୍ଷ କରୁଛନ୍ତି ।

୪ଦିନ ତଳେ ଲକ୍ଷ୍ମୀସାଗର ଉପର ସାହିର ୫ଜଣ ଯୁବକ ଭୋଜି କରୁଥିଲେ । ଭୋଜିରେ ମଦ ପିଇବା ପାଇଁ ସେମାନେ ନିଷ୍ପତ୍ତି କରିବା ପରେ ଷ୍ଟେସନ ବଜାର ପାଖ ଲକ୍ଷ୍ମୀସାଗର ଛକ ବିଦେଶୀ ମଦ ଦୋକାନରୁ ଭୋଜି କରୁଥିବା ଯୁବକମାନେ ମଦ କିଣିଥିଲେ । ଭୋଜିରେ ମଦ ପିଇବା ପରେ ସମସ୍ତଙ୍କ ସ୍ୱାସ୍ଥ୍ୟାବସ୍ଥା ବିଗିଡି ଯାଇଥିଲା । ଅବସ୍ଥା ଗୁରୁତର ହେବାରୁ ୫ଜଣଙ୍କୁ ଖଣ୍ଡଗିରି ନିକଟ ଏକ ବେସରକାରୀ ହସ୍ପିଟାଲକୁ ଚିକିତ୍ସା ପାଇଁ ନିଆଯାଇଥିଲା । ଯୁବକଙ୍କ ସ୍ୱାସ୍ଥ୍ୟାବସ୍ଥା ଦେଖିବା ପରେ ତାଙ୍କୁ ଚିକିତ୍ସା ପାଇଁ ଆଇସିୟୁରେ ଭର୍ତ୍ତି କରାଯାଇଥିଲା । ଚିକିତ୍ସା ପାଇଁ ଯିବାର ପ୍ରଥମ ଦିନରେ ସନ୍ତୋଷ ନାୟକ ନାମକ ଜଣେ ଯୁବକଙ୍କ ମୃତ୍ୟୁ ହୋଇଥିବା ବେଳେ ମଙ୍ଗଳବାର ବିଶ୍ୱଜିତ ବେଉରା ନାମକ ଆଉ ଜଣେ ଯୁବକଙ୍କ ମୃତ୍ୟୁ ହୋଇଛି । ଅନ୍ୟ ୩ଜଣ ଗୁରୁତର ଅବସ୍ଥାରେ ଆଇସିୟୁରେ ଚିକିତ୍ସିତ ହେଉଛନ୍ତି । ସନ୍ତୋଷଙ୍କ ମୃତ୍ୟୁ ପରେ ବିଶ୍ୱଜିତଙ୍କ ମୃତ୍ୟୁ ହେବାରୁ ଲକ୍ଷ୍ମୀସାଗର ଥାନା ଅଞ୍ଚଳରେ ଉତ୍ତେଜନା ପ୍ରକାଶ ପାଇଥିଲା । ଯେଉଁ ଦୋକାନରୁ ସେମାନେ ମଦ କିଣିଥିଲେ, ସେହି ଦୋକାନକୁ ସ୍ଥାନୀୟ ଲୋକେ ଘେରାଉ କରିଥିଲେ । ଏଥିସହ ଥାନାରେ ମଧ୍ୟ ହୋହାଲ୍ଲା କରିବାରୁ (୯ ପୃଷ୍ଠାରେ)

## ପୂଣ୍ୟତିଥିରେ ଶ୍ରଦ୍ଧାଞ୍ଜଳି

# ରାଣୀ ଲକ୍ଷ୍ମୀବାଈ



ରାଣୀ ଲକ୍ଷ୍ମୀବାଈ ଭାରତ ଇତିହାସରେ ଏକ ପରିଚିତ ନାଁ । ମରଠା ଶାସିତ ଝାନ୍ସୀ ରାଜ୍ୟର ରାଣୀ ତଥା ଭାରତର ସ୍ୱାଧୀନତା ସଂଗ୍ରାମର ଜଣେ ମହାନ ସଂଗ୍ରାମୀଭାବେ ସେ ପରିଚିତା । ସ୍ୱଦେଶ ଓ ସ୍ୱଜାତିକୁ ପରାଧୀନତାର ବନ୍ଧନରୁ ମୁକ୍ତ କରିବା ପାଇଁ ସେ ସଂଗ୍ରାମ କରିଥିଲେ । ପିଲାଦିନୁ ସେ ଖଡ୍ଗଚାଳନା, ଅଶ୍ୱାରୋହଣ, ବିଭିନ୍ନ ପ୍ରକାର ଶାରୀରିକ ବ୍ୟାୟାମ, ଦୁର୍ଦ୍ଦାନ୍ତ ହସ୍ତୀମାନଙ୍କୁ ଆୟତ କରିବା ଆଦି କଳାରେ ପାରଙ୍ଗମ ଥିଲେ ।

ଲକ୍ଷ୍ମୀବାଈଙ୍କ ଜନ୍ମ ବାରଣାସୀରେ ଏକ ବ୍ରାହ୍ମଣ ପରିବାରରେ ହୋଇଥିଲା । ତାଙ୍କ ପିଲାବେଳର ନାମ ମଣିକର୍ଣ୍ଣିକା ଓ ଡାକ ନାମ ମନୁ ଥିଲା । ତାଙ୍କ ପିତାଙ୍କ ନାମ ମୋରପନ୍ତ ତାମ୍ବେ ଓ ମାତାଙ୍କ ନାମ ଭାଗିରଥୀ ବାଈ ଥିଲା । ମନୁ, ମାତ୍ର ୪ବର୍ଷର ହେଇଥିବା ବେଳେ ତାଙ୍କ ମାତା ମୃତ୍ୟୁବରଣ କରିଥିଲେ । ଲକ୍ଷ୍ମୀବାଈ ଝାନସୀର ରାଜା ଗଙ୍ଗାଧର ରାଓଙ୍କୁ ବିବାହ କରିଥିଲେ । ତାଙ୍କର କୈଣସି ସନ୍ତାନ ନଥିଲେ, ୧୮୫୩ ମସିହାରେ ରାଜା ଗଙ୍ଗାଧରଙ୍କ ମୃତ୍ୟୁ ପରେ ତାଙ୍କର ପୌଷ୍ୟ ସନ୍ତାନ ଦାମୋଦରଙ୍କୁ ଇଂରେଜମାନେ ସ୍ୱୀକାର ନକରି ଝାନସୀକୁ ନିଜ କବଳ ନେଇଥିଲେ । ଏହାକୁ ରାଣୀ ଲକ୍ଷ୍ମୀବାଈ ବିରୋଧ କରିଥିଲେ ଏବଂ ଇଂରେଜଙ୍କ ବିରୋଧରେ ଲଢେଇ ଜାରି ରଖିଥିଲେ । ଏହି ମହାନ ସଂଗ୍ରାମୀଙ୍କର ମୃତ୍ୟୁ ୧୮୫୮ ମସିହା ଜୁନ୍ ୧୮ ତାରିଖରେ ହୋଇଥିଲା । ବର୍ଣ୍ଣନା ରହିଛି କି ରାଣୀଙ୍କର ମୃତ୍ୟୁ ଯୁଦ୍ଧରେ ଲଢିବା ସମୟରେ ହୋଇଥିଲା । ଆଜି ବି ସେ ପ୍ରେରଣାର ଉତ୍ସ ହୋଇ ରହିଛନ୍ତି ।

## ରିପୋର୍ଟ: ମିଛ ଖବର ପ୍ରଚାର କରିବା ଏକ ଅଭ୍ୟାସ

ଅନେକ ସମୟରେ ଅନଲାଇନ୍‌ରେ ବା ସୋସିଆଲ ମିଡିଆରେ ଅନେକ ଖବର ଏଭଳି ବ୍ୟାପିଥାଏ ଯେଉଁଗୁଡିକ ମିଛ ହୋଇଥାଏ । ତେବେ ଏହି ସବୁ ଖବର ବେଳେବେଳେ ଅଜାଣତରେ ମଧ୍ୟ ଲୋକମାନେ ପ୍ରଚାର ପ୍ରସାର କରିଥାଆନ୍ତି । ଏହାର ସୂଚନା ବର୍ତ୍ତମାନ ଏକ ଗବେଷଣାରେ ଜଣା ପଡିଛି । ଏହି ରିପୋର୍ଟ ଅନୁସାରେ ଅନେକ ୟୁଜର୍ସ ଏଭଳି ଥାଆନ୍ତି ଯେଉଁମାନେ ତଥ୍ୟକୁ ନବୁଝି ପ୍ରଚାର କରିଥାଆନ୍ତି । ଏହି ଗବେଷଣାରେ ଅନେକ ଲୋକଙ୍କୁ ସାମିଲ କରାଯାଇଥିଲା । ସେମାନେ ଅନେକ ସମୟରେ ଖବରର ସତ୍ୟାସତ ନଜାଣି ଏହାକୁ ଫରୱାର୍ଡ କରିଥାଆନ୍ତି ବୋଲି ମତ ଦେଇଥିଲେ । ତେବେ କିଛିଜଣଙ୍କର ଏହା ଏକ ପ୍ରକାର ଅଭ୍ୟାସରେ ପରିଣତ ହୋଇଯାଇଥାଏ, ଯେଉଁ କାରଣରୁ ମିଛ ଖବର ଖୁବ ବେଗରେ ପ୍ରସାରିତ ହୋଇଥାଏ । ତେବେ ଏହି ଅଭ୍ୟାସକୁ କମାଇବା ପାଇଁ ଲୋକଙ୍କୁ ସଚେତନ ହେବାର ଆବଶ୍ୟକତା ରହିଛି ।



### ଇତିହାସ

୧୫୭୬– ଆକବର ଏବଂ ମହାରାଣାପ୍ରତାପଙ୍କ ମଧ୍ୟରେ ହଳଦିଘାଟି ଯୁଦ୍ଧ ଆରମ୍ଭ ହେଲା ।

୧୮୧୨– ଆମେରିକା ରାଷ୍ଟ୍ରପତି ଜେମ୍ସ ମେଡିସନ୍ ବ୍ରିଟେନ୍ ବିରୋଧରେ ଯୁଦ୍ଧ ଘୋଷଣା କଲେ ।

୧୯୪୬– ଗୋଆକୁ ପର୍ତ୍ତୁଗାଲ୍‌ମାନଙ୍କ ଠାରୁ ସ୍ୱାଧୀନତା ଦେବା ପାଇଁ ପ୍ରଥମ ସତ୍ୟାଗ୍ରହ ଆନ୍ଦୋଳନ ଆରମ୍ଭ କରାଗଲା ।

୧୯୫୬– ହିନ୍ଦୁ ଉତ୍ତରାଧିକାର ଆଇନ୍ ପାରିତ ହେଲା ।

୧୯୭୨– ବ୍ରିଟିଶ୍ ୟୁରୋପିଆନ୍ ବିମାନ ୫୪୮ ଉଡାଣ ଆରମ୍ଭ କରିବା ପରେ ଦୁର୍ଘଟଣାଗ୍ରସ୍ତ ହେଲା ଏବଂ ଏଥିରେ ୧୧୮ ଜଣ ଯାତ୍ରୀଙ୍କ ମୃତ୍ୟୁ ଘଟିଥିଲା । ।

୧୯୭୯– ଆମେରିକା ଏବଂ ସୋଭିଏତ୍ ସଂଘ ମଧ୍ୟରେ ଅସ୍ତ୍ର ନିୟନ୍ତ୍ରଣ ବୁଝାମଣା ହେଲା ।

୧୯୮୭– ଏମ୍‌ଏସ୍ ସ୍ୱାମୀନାଥନ୍‌ଙ୍କୁ ପ୍ରଥମ ୱାର୍ଲ୍ଡ ଫୁଡ୍ ପୁରସ୍କାର ପ୍ରଦାନ କରାଗଲା ।

୨୦୦୯– ଚନ୍ଦ୍ରରେ ପାଣି ସନ୍ଧାନ ପାଇଁ ନାସା ବିଶେଷ ଯାନ ପଠାଇଲା ।

## ପିତା ହେବ ତ ଏମିତି



ଗତ ୧୫ ତାରିଖରେ ସାରା ବିଶ୍ୱ ଫାଦର୍ସ ଡେ' ପାଳନ କରିଛି । ଏହି ଦିନ ସମସ୍ତେ ନିଜନିଜର ବାପାଙ୍କୁ ଶୁଭେଚ୍ଛା ଜଣାଇଥାଆନ୍ତି । ତେବେ ସବୁ ବାପା ସେମାନଙ୍କୁ ପିଲାଙ୍କ ପାଇଁ ଖୁବ ଗୁରୁତ୍ୱପୂର୍ଣ୍ଣ ହୋଇଥାଆନ୍ତି । ବାପା ସବୁବେଳେ ପରିବାରର କବଚ ହୋଇଥାଆନ୍ତି । କେବଳ ମଣିଷଙ୍କର ନୁହେଁ ପଶୁମାନଙ୍କର ମଧ୍ୟ ବାପାମାନେ ପରିବାରର ମୁଖ୍ୟ ହୋଇଥାଆନ୍ତି, ଯେଉଁମାନେ ସମସ୍ତଙ୍କୁ ସୁରକ୍ଷା ପ୍ରଦାନ କରିଥାଆନ୍ତି । ତେବେ ଏହି ଫାଦର୍ସଡେ ଅବସରରେ ନ୍ୟାସନାଲ ଜିଓଗ୍ରାଫୀ ଚ୍ୟାନେଲ ପକ୍ଷରୁ, 'ଦି ୱାର୍ଲ୍ଡସ ମୋଷ୍ଟ ଡେଡିକେଟେଡ୍ ଡାଡ୍' ନାମରେ ଏକ ଡକୋମେଣ୍ଟାରୀ ପ୍ରସାରିତ କରାଯାଇଛି । ଏହି ସିରିଜ୍‌ରେ ପେଙ୍ଗୁଇନ୍‌ଙ୍କୁ ସବୁଠାରୁ ଡେଡିକେଟେଡ ଡାଡ୍ ଭାବେ ଦର୍ଶାଯାଇଛି । ସେମାନେ ଏତେ ଥଣ୍ଡା ବରଫରେ ମଧ୍ୟ ନିଜ ଛୋଟଛୋଟ ଛୁଆଙ୍କୁ ସୁରକ୍ଷା ପ୍ରଦାନ କରିଥାଆନ୍ତି । ପେଙ୍ଗୁଇନ୍‌ମାନଙ୍କର ଅଣ୍ଡାକୁ ପୁରୁଷ ପେଙ୍ଗୁଇନ ବା ବାପାମାନେ ହିଁ ସୁରକ୍ଷା ଦେଇଥାଆନ୍ତି । ସେମାନେ ଏହାକୁ ଖୁବ ସୁରକ୍ଷିତ ଭାବେ ପାଦରେ ଥୋଇ ଗରମ ରଖିଥାଆନ୍ତି । ସେହିସମୟରେ ମହିଳା ବା ମାଆ ପେଙ୍ଗୁଇନ୍‌ମାନେ ଖାଦ୍ୟ ଖୋଜିବାକୁ ଯାଇଥାଆନ୍ତି । ପାଖାପାଖି ୨ ମାସ ଧରି ସେମାନେ ଏହି ଅଣ୍ଡାଙ୍କୁ ସୁରକ୍ଷିତ ରଖିଥାଆନ୍ତି, ଏହି ସମୟରେ ସେମାନେ ଖୁବ ପରିଶ୍ରମ କରିଥାଆନ୍ତି । ସେମାନେ ଏହି ସମୟରେ ଦଳଦଳ ହୋଇ ରହିଥାଆନ୍ତି ଏବଂ ନିଜନିଜକୁ ସୁରକ୍ଷିତ ରଖିଥାଆନ୍ତି । ଏହି ସମୟରେ ସମସ୍ତେ ସମସ୍ତଙ୍କର ଧ୍ୟାନ ରଖିଥାଆନ୍ତି । ନ୍ୟାସନାଲ ଜିଓଗ୍ରାଫୀ ଚ୍ୟାନେଲର ଏହି ଭିଡିଓଟି ବର୍ତ୍ତମାନ ସୋସିଆଲ ମିଡିଆରେ ଖୁବ ଭାଇରାଲ ହେବାରେ ଲାଗିଛି ।

### ସୋସିଆଲ କୋଟ୍ସ



"ଦୀପିକା ଏବେ ଧୀରେ ଧୀରେ ଠିକ୍ ହେଉଛନ୍ତି । ତାଙ୍କର ଗାଲରେ ଚିହ୍ନ ମଧ୍ୟ ହୋଇଛି । ତାଙ୍କୁ ଏବେ ବି ଯନ୍ତ୍ରଣା ହେଉଛି । ଆପଣଙ୍କ ଭଲପାଇବା ତାଙ୍କ ପାଇଁ ଖୁବ ଗୁରୁତ୍ୱପୂର୍ଣ୍ଣ ।

ସୋଏବ ଇବ୍ରାହିମ୍, ଅଭିନେତା



"ସୁଶାନ୍ତ ମୋର ପ୍ରଥମ କୋ ଷ୍ଟାର ଥିଲେ । ତାଙ୍କ ସହିତ ମୋର ସମ୍ପର୍କ ଖୁବ ସ୍ୱତନ୍ତ୍ର । ତାଙ୍କୁ ମୁଁ କେବେ ବି ଭୁଲିବି ନାହିଁ । ସେ ଜଣେ ଖୁବ ଭଲ ଅଭିନେତା ।

ଅଙ୍କିତା ଲୋଖଣ୍ଡେ, ଅଭିନେତ୍ରୀ



"ଭାଇର ବଞ୍ଚିବାର ଇଚ୍ଛା ସରି ଯାଇଥିଲା । ତାର ମୃତ୍ୟୁର କାରଣ ଡିପ୍ରେସନ ନୁହେଁ, ବରଂ ଖରାପ ଖାଦ୍ୟଶୈଳୀ ।


ରାହୁଲ ଦେବ, ଅଭିନେତା

## ପୁରୁଷମାନେ ବି ହୋଇଥାଆନ୍ତି ନିର୍ଯାତିତ



ଫିଲ୍ମ ଇଣ୍ଡଷ୍ଟ୍ରୀରେ ଅନେକ ସମୟରେ ହିରୋଇନ୍‌ମାନେ କାଷ୍ଟିଂ କାଉଚର ଅଭିଯୋଗ ଆଣନ୍ତି । ହେଲେ ଖୁବ କମ ହିରୋମାନେ ଅଛନ୍ତି ଯେଉଁମାନେ ଏହାର ସାମନା କରିଥାଆନ୍ତି । ଏହି ତାଲିକାରେ ଯୋଡି ହୋଇଛନ୍ତି ରାଜୀବ ଖଣ୍ଡେଲବାଲ, ଯିଏ ଇଣ୍ଡଷ୍ଟ୍ରୀରେ କାଷ୍ଟିଂ କାଉଚ୍‌ର ସାମନା କରିଥିବା ନିକଟରେ ପ୍ରକାଶ କରିଛନ୍ତି । ତାଙ୍କର ଏକ ସାକ୍ଷାତକାର ବର୍ତ୍ତମାନ ଭାଇରାଲ ହେବାରେ ଲାଗିଛି । ନିଜର ଅନୁଭୂତି ବଖାଣିବା ସମୟରେ ଖୁବ ଭାବବିହ୍ୱଳ ହୋଇପଡିଥିଲେ ଏହି ଅଭିନେତା । ଖୁବ କଷ୍ଟରେ ସେହି ପରିସ୍ଥିତିର ସାମନା କରିବା ସହିତ ସେଥିରୁ ବାହାରିଥିଲେ ବୋଲି ମତ ଦେଇଛନ୍ତି । କ୍ୟାରିୟରର ଆରମ୍ଭରେ ତାଙ୍କୁ ଏଭଳି ପରିସ୍ଥିତିର ସାମନା କରିବାକୁ ପଡିଥିଲା । ତେବେ ଏଭଳି ପରିସ୍ଥିତିକୁ ବେଳେବେଳେ ଖୁବ ସହଜରେ ହ୍ୟାଣ୍ଡେଲ କରିହୁଏ କିନ୍ତୁ ବେଳେବେଳେ କଷ୍ଟ ହୋଇଥାଏ । ପ୍ରଥମେ ନିଜକୁ ବୁଝିବାର ଅଛି ଏବଂ ନିଜର ପ୍ରତିଭା ଉପରେ ଭରସା କରିବାର ଅଛି । ଆତ୍ମବିଶ୍ୱାସ ହିଁ ଏଭଳି ପରିସ୍ଥିତିର ସମାଧାନ ହୋଇଥାଏ ବୋଲି ରାଜୀବ ପ୍ରକାଶ କରିଛନ୍ତି । ରାଜୀବଙ୍କୁ ଛୋଟପରଦାରେ ଅନେକ ଧାରାବାହିକରେ ଦେଖିବାକୁ ମିଳିଛି । ଏହାସହିତ ଅନେକ ବଲିଉଡ ଫିଲ୍ମ ଓ ୱେବ୍‌ସିରିଜ୍‌ରେ ତାଙ୍କୁ ଦେଖିବାକୁ ମିଳିଛି ।

## ୧୩୫ ବର୍ଷରେ ସାଜିଲେ ପିତା



୧୩୫ ବର୍ଷରେ ପ୍ରଥମଥର ପାଇଁ ଜଣେ କଇଁଛ ପିତାହେବାର ସୋଭାଗ୍ୟ ଲାଭ କରିଛନ୍ତି, ଯାହା ବର୍ତ୍ତମାନ ସୋସିଆଲ ମିଡିଆରେ ଭାଇରାଲ ହୋଇଥାଏ । ମିଆମିରେ ଥିବା ଗୋଟିଏ ଚିଡିଆଖାନାରେ ନିଜର ପ୍ରଥମ ଫାଦର୍ସଡେ ଏହି କଇଁଛଟି ପାଳିଥିବା ଜଣା ପଡିଛି । ସୂଚନା ଅନୁସାରେ ମିଆମିର ଏହି ଚିଡିଆଖାନାକୁ ସେ ୧୯୮୧ ଜୁଲାଇ ୩୦ରେ ଆସିଥିଲା । ଏହାପରେ ଅନେକ ଥର ତାକୁ ବାପା ହେବାର ସୁଯୋଗ ଦିଆଯାଇଥିଲେ ମଧ୍ୟ ସଫଳ ହୋଇନଥିଲା । ହେଲେ ଚଳିତ ଥର ସେ ସଫଳ ଭାବେ ଏକ ଶିଶୁର ବାପା ହୋଇଛି । ଗାଲାପାଗୋସ ପ୍ରଜାତିର ଏହି କଇଁଛଟି ବିଶ୍ୱର ସବୁଠାରୁ ଅଧିକଦିନ ବଞ୍ଚିପାରୁଥିବା ପ୍ରଜାତିର କଇଁଛ । ଏହି କଇଁଛଙ୍କର ଓଜନ ପାଖାପାଖି ୪୧୭ କେଜି ପର୍ଯ୍ୟନ୍ତ ବଢିପାରିବେ ।


## ମନସୁନ୍‌ରେ ରଖନ୍ତୁ କେଶର ଯତ୍ନ

**ମନସୁନରେ ଆମକୁ ସବୁ ଜିନିଷର କେୟାର ନେବାକୁ ହୋଇଥାଏ । ଏହି ଦିନେ ଆମକୁ ଆମ କେଶର ମଧ୍ୟ ସ୍ୱତନ୍ତ୍ରଭାବେ କେୟାର ନେବାକୁ ପଡିଥାଏ । ଏହି ଦିନେ କେଶରେ ଅନେକ ସମସ୍ୟା ଦେଖିବାକୁ ମିଳିଥାଏ । ସବୁଠାରୁ ଅଧିକ କେଶ ଝଡିବା ସମସ୍ୟା ଦେଖାଯାଇଥାଏ । ତେଣୁ ଆମକୁ ଏହି ସମସ୍ୟାକୁ କମ କରିବା ପାଇଁ ଖାଦ୍ୟର ଧ୍ୟାନ ନେବାକୁ ହେବ । ଆସନ୍ତୁ ଜାଣିବା ଏହିଦିନେ ଖାଦ୍ୟପେୟର କିଭଳି ଧ୍ୟାନ ରଖିବା ।**

**ଅଣ୍ଡା–** ଏହି ଦିନେ ଖାଦ୍ୟରେ ଅଣ୍ଡା ସାମିଲ କରନ୍ତୁ । ଅଣ୍ଡାରେ ସମସ୍ତ ପ୍ରକାରର ପ୍ରୋଟିନ ଭରି ରହିଥାଏ, ଯାହା କେଶ ମୂଳକୁ ଶକ୍ତ କରିଥାଏ । ଏଥିରେ ଥିବା ପୋଷକ ତତ୍ତ୍ୱ କେଶ ବଢିବାରେ ମଧ୍ୟ ସାହାଯ୍ୟ କରିଥାଏ।

**କୋଳି–** ଏହି ଦିନେ କୋଳି ଖାଇବାକୁ ଜମାରୁ ଭୁଲନ୍ତୁ ନାହିଁ । କୋଳିରେ ଥିବା ନ୍ୟୁଟ୍ରିଏଣ୍ଟ୍ କେଶକୁ ମଜଭୁତ କରିଥାଏ । ସେହିଭଳି ଏହା ହେୟାର ଗ୍ରୋଥରେ ମଧ୍ୟ ସହାୟକ ହୋଇଥାଏ । ଏଥିର ଥିବା ଭିଟାମିନ ସି କେଶକୁ ଶକ୍ତ କରିଥାଏ ।

**ପାଳଙ୍ଗ–** ପାଳଙ୍ଗ ଶାଗରେ ଆଇରନ ଓ ଅନ୍ୟ ମିନେରାଲ୍ସ ଭରପୂର ମାତ୍ରାରେ ଥାଏ, ଯାହା କେଶ ଝଡିବାକୁ ଦିଏ ନାହିଁ । ତେଣୁ ମନସୁନ୍‌ରେ ନିଜ ଖାଦ୍ୟରେ ପାଳଙ୍ଗକୁ ସାମିଲ କରନ୍ତୁ । ଏହା ବେଶ ସ୍ୱାସ୍ଥ୍ୟକର ।



# ରଥଯାତ୍ରାକୁ ରାଜ୍ୟପାଳଙ୍କୁ ନିମନ୍ତ୍ରଣ କଲେ ମୁଖ୍ୟ ପ୍ରଶାସକ




ଭୁବନେଶ୍ୱର(ସବ୍ୟୁ): ବିଶ୍ୱ ପ୍ରସିଦ୍ଧ ପୁରୀ ରଥଯାତ୍ରାରେ ଯୋଗ ଦେବା ପାଇଁ ରାଜ୍ୟପାଳ ଡ଼ ହରି ବାବୁ କମ୍ଭମପାଟିଙ୍କୁ ନିମନ୍ତ୍ରଣ କରିଛନ୍ତି ଶ୍ରୀଜଗନ୍ନାଥ ମନ୍ଦିର ପ୍ରଶାସନର ମୁଖ୍ୟ ପ୍ରଶାସକ ଡ଼. ଅରବିନ୍ଦ କୁମାର ପାଢ଼ୀ । ମଙ୍ଗଳବାର ମୁଖ୍ୟ ପ୍ରଶାସକ ଶ୍ରୀ ପାଢ଼ୀ ରାଜଭବନରେ ରାଜ୍ୟପାଳଙ୍କୁ ଭେଟି ପୁରୀରେ ରଥଯାତ୍ରାରେ ଯୋଗ ଦେବାକୁ ନିମନ୍ତ୍ରଣ କରିଥିଲେ ।

ଏହି ଅବସରରେ ଶ୍ରୀ ପାଢ଼ୀ ବିଶ୍ୱ ପ୍ରସିଦ୍ଧ ରଥଯାତ୍ରାର ସୁଗମ ଏବଂ ନିରାପଦ ପରିଚାଳନା ପାଇଁ ଚାଲିଥିବା ବିସ୍ତୃତ ପ୍ରସ୍ତୁତି ବିଷୟରେ ରାଜ୍ୟପାଳଙ୍କୁ ଅବଗତ କରାଇଥିଲେ । ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ପ୍ରସିଦ୍ଧ ରଥଯାତ୍ରା ଦେଖିବା ପାଇଁ ଦେଶ ଓ ବିଦେଶରୁ ଲକ୍ଷଲକ୍ଷ ଶ୍ରଦ୍ଧାଳୁଙ୍କ ଆଗମନ ଦୃଷ୍ଟିରୁ ରଖି ସୁପରିଚାଳନା କରିବା ପାଇଁ ଗ୍ରହଣ କରାଯାଉଥିବା ବ୍ୟାପକ ବ୍ୟବସ୍ଥା ଉପରେ ଆଲୋକପାତ କରିଥିଲେ । ଏ ଦିଗରେ ଶ୍ରୀମନ୍ଦିର ପ୍ରଶାସନର ପ୍ରୟାସକୁ ରାଜ୍ୟପାଳ ପ୍ରଶଂସା କରିଛନ୍ତି । ରଥଯାତ୍ରାର ସଫଳ ଆୟୋଜନ ଏବଂ ଶାନ୍ତିପୂର୍ଣ୍ଣ ପାଳନ ପାଇଁ ଶୁଭକାମନା ଜଣାଇଛନ୍ତି ।

## ଜମି କିସମ ୨ ଅଙ୍କରେ ରହିବ

ଭୁବନେଶ୍ୱର, (ସବ୍ୟୁ) : ରାଜସ୍ୱ ବିଭାଗରେ ସଂସ୍କାର ଅଣାଯାଇ ବ୍ରିଟିଶ ଅମଳରୁ ପ୍ରଚଳିତ ହେଉଥିବା ଜମି କିସମଗୁଡ଼ିକର ପରିବର୍ତ୍ତନ କରାଯିବ । ୩ହଜାର ଜମି କିସମରୁ ଏହାକୁ ହ୍ରାସ କରାଯାଇ ୨ ଅଙ୍କରେ ସୀମିତ ରଖାଯିବ । ୨୭ଟି କିସମ ରଖିବା ପାଇଁ ପଦକ୍ଷେପ ନିଆଯାଉଥିବା ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ କହିଛନ୍ତି । ମନ୍ତ୍ରୀଙ୍କ ସୂଚନା ଅନୁଯାୟୀ ରାଜସ୍ୱ ଆଇନରେ ସତ୍ତ୍ୱ ପରିବର୍ତ୍ତନ କରାଯାଇ ଦୁଇ ଅଙ୍କରେ ସୀମିତ ରଖିବାକୁ ଯୋଜନା ପ୍ରସ୍ତୁତ ହେଉଛି । ଏତେ ପ୍ରକାର ସତ୍ତ୍ୱର କୌଣସି ଆବଶ୍ୟକତା ନାହିଁ । ଆବଶ୍ୟକତା ନଥିବା ସତ୍ତ୍ୱକୁ ସରକାର ଉଚ୍ଛେଦ କରିବେ ବୋଲି ମନ୍ତ୍ରୀ କହିଛନ୍ତି ।

## ହଇଜା ପ୍ରଭାବିତ ଅଞ୍ଚଳକୁ ଗଲେ ୪ ଟିମ୍

# କ୍ଷେତ୍ରସ୍ତରରେ ନିରୀକ୍ଷଣ, ନିରାକରଣ କରିବେ

ଭୁବନେଶ୍ୱର(ସବ୍ୟୁ): ରାଜ୍ୟର କେତେକ ସ୍ଥାନରେ ଦେଖା ଦେଇଥିବା ବର୍ଷାଦିନିଆ ଜଳ ବାହିତ ଡାଇରିଆ ରୋଗର ସ୍ଥିତିରେ ସୁଧାର ଆସୁଥିବା ବେଳେ ଏହାର ନିରାକରଣ ନିମନ୍ତେ ଉଭୟ କେନ୍ଦ୍ର ଓ ରାଜ୍ୟ ରାଜ୍ୟ ସରକାର ମିଳିତ ଉଦ୍ୟମ ଜାରି ରଖିଛନ୍ତି । ଇତି ମଧ୍ୟରେ ପ୍ରଭାବିତ ଅଞ୍ଚଳକୁ ଅଧିକ ଡାକ୍ତର ଚିକିତ୍ସା ସହାୟକ, ଔଷଧ ପତ୍ର ଏବଂ ସଚେତନତା ସୁଚନାପତ୍ର ଆଦି ପଠାଯାଇଥିବା ବେଳେ କ୍ଷେତ୍ରସ୍ତରୀୟ ସଚେତନତା କାର୍ଯ୍ୟକ୍ରମକୁ ଜୋରଦାର କରାଯାଇଛି ।

ମଙ୍ଗଳବାର ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ଶାସନ ସଚିବ ଅଶ୍ୱତୀ ଏସଙ୍କ ନିର୍ଦ୍ଦେଶକ୍ରମେ ୪ଟି ଟିମଙ୍କୁ କ୍ଷେତ୍ରସ୍ତରୀୟ କାର୍ଯ୍ୟାୟନ ଦେଖିବା ପାଇଁ ପଠାଯାଇଛି । ଏହି ଟିମ୍ ଭୁବନ, ବାଙ୍କୀ, ଧର୍ମଶାଳା, ବଡ଼ଚଣା ଓ ଭଣ୍ଡାରପୋଖରୀ ଆଦି ଅଞ୍ଚଳ ଗସ୍ତ କରି କ୍ଷେତ୍ରସ୍ତରୀୟ ଡାଇରିଆ ନିରାକରଣ, ନିରୀକ୍ଷଣ ପୂର୍ବକ କ୍ଷେତ୍ରସ୍ତରରେ କାର୍ଯ୍ୟରତ ବିଭିନ୍ନ ବିଭାଗୀୟ ଟିମମାନଙ୍କ ମଧ୍ୟରେ ସମନ୍ୱୟକୁ ଦୃଢ଼ିଭୁତ କରିବେ । ଜଳ ଉତ୍ସମାନଙ୍କର ବିଶୋଧନ, ଡାଇରିଆ ରୋଗୀଙ୍କୁ ପ୍ରାଥମିକ ଅବସ୍ଥାରୁ ଚିହ୍ନଟ ଓ ପ୍ରାଥମିକ ଚିକିତ୍ସା, ଘରକୁ ଘର ଔଷଧ ଓ ହଲୋଜେନ୍ ବଟିକା ବଣ୍ଟନ, ଜନସଚେତନତା କାର୍ଯ୍ୟକ୍ରମ ଆଦିର ନିରୀକ୍ଷଣ କରି ସେ ସବୁକୁ ଅଧିକ ଲକ୍ଷ୍ୟଭେଦୀ କରିବା ପାଇଁ ଟିମମାନଙ୍କୁ ଆବଶ୍ୟକୀୟ ପରାମର୍ଶ ଓ ସହାୟତା ଦେବେ ।

ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗର ବରିଷ୍ଠ ଅଧିକାରୀ, ବିଶେଷଜ୍ଞ ଓ ପରାମର୍ଶଦାତାଙ୍କୁ ନେଇ ଏହି ଟିମ୍ ଗଠନ କରାଯାଇଛି । ଯୁଗ୍ମ ନିର୍ଦ୍ଦେଶକ ଡାକ୍ତର ଅଶୋକ କୁମାର ପାଇକରାୟ, ପରାମର୍ଶଦାତା ଡାକ୍ତର କଲ୍ଲୋଳ ଦାସ, ଆଇଆରଟି ସଦସ୍ୟ ସୁରଜିତ ଗରାବଡ୍ଡୁ, ଡାକ୍ତର ଅସିତ କୁମାର ମହାନ୍ତି, ଡାକ୍ତର ପ୍ରଭାକର ସାହୁ ଏବଂ ପରାମର୍ଶ ଦାତା ଅନୁପ ପ୍ରମୁଖ ଏହି ଟିମମାନଙ୍କର ସଦସ୍ୟ ଅଛନ୍ତି ।

# ଶାରୀରିକ ସମ୍ପର୍କ ରଖି ବିବାହ ନକରିବାରୁ ଯୁବକ ଗିରଫ

ଭୁବନେଶ୍ୱର, (ସବ୍ୟୁ) : ଶାରୀରିକ ସମ୍ପର୍କ ରଖି ବିବାହ ନକରିବାରୁ ଜଣେ ଯୁବକକୁ ମହିଳା ଥାନା ପୋଲିସ ଗିରଫ କରିଛି । ସେ ଦୀର୍ଘ ୧୫ବର୍ଷ ଯୁବତୀଙ୍କ ସହ ସମ୍ପର୍କ ରଖିବା ପରେ ଅନ୍ୟ ଜଣେ ଝିଅକୁ ବିବାହ ପାଇଁ ଯୋଜନା କରୁଥିବା ଖବର ପାଇବା ପରେ ପ୍ରେମିକା ମହିଳା ଥାନାରେ ଏତଲା କରିଥିଲେ ।

ପ୍ରେମିକାଙ୍କ ଏତଲା ଆଧାରରେ ମହିଳା ଥାନା ପୋଲିସ ସତ୍ୟରଞ୍ଜନ ପ୍ରଧାନ (୩୧)କୁ ଗିରଫ କରିବା ପରେ ଏତଲାକାରୀଙ୍କ ସହ ସମ୍ପର୍କ ଥିବା ସ୍ୱୀକାର କରିଛି । ୨୦୧୬ ମସିହାରୁ ଯୁବତୀଙ୍କ ସହ ଶାରୀରିକ ସମ୍ପର୍କ ରଖି ତାଙ୍କୁ ବିବାହ ପ୍ରତିଶ୍ରୁତି ଦେଇଆସୁଥିଲା ସତ୍ୟରଞ୍ଜନ । ବିବାହ କଥା ପ୍ରେମିକା ପଚାରିଲେ ଆଜିକାଲି କହି ଦିନ ଗଡାଇ ଚାଲୁଥିଲା ଅଭିଯୁକ୍ତ । ଅନ୍ୟ ଜଣେ ଯୁବତୀଙ୍କ ସହ ଅଭିଯୁକ୍ତର ବିବାହ ସ୍ଥିର ହୋଇଥିବା ଅଭିଯୋଗକାରିଣୀ ଖବର ପାଇବା ପରେ ପଚାରିବାରୁ ସେ ବିବାହ କରିବାକୁ ରୋକ୍‌ଠୋକ୍ ମନା କରିଦେଇଥିଲା । ଅଧିକ କିଛି କଲେ ଜୀବନରୁ ମାରିଦେବା ପାଇଁ ଧମକ ଦେଇଥିବା ପୀଡିତା ତାଙ୍କ ଅଭିଯୋଗରେ ଦର୍ଶାଇଛନ୍ତି । ଗିରଫ ପରେ ମଙ୍ଗଳବାର ଅଭିଯୁକ୍ତକୁ କୋର୍ଟଚାଲାଣ କରାଯାଇଥିଲା । ଜାମିନ ନାମଞ୍ଜୁର ହୋଇଯିବାରୁ ତାକୁ ଜେଲ୍ ହାଜତକୁ ପଠାଇ ଦିଆଯାଇଛି ।

# ବଲଙ୍ଗାରେ ରଜ ଉତ୍ସବ

ବଲଙ୍ଗା, (ସବ୍ୟୁ) : ସୋମବାର ବଲଙ୍ଗା ସତ୍ୟବାଦୀ କଳା ସଂସଦ ତରଫରୁ ରଜପର୍ବ ଉପଲକ୍ଷେ ଅନୁଷ୍ଠାନର ପ୍ରଥମ ବାର୍ଷିକ ଉତ୍ସ ସ୍ଥାନୀୟ ଶ୍ରୀ ଶ୍ରୀ କ୍ରେଶ୍ୱର ଦେଙ୍କ ମେଳଣ ପଡିଆରେ ଅନୁଷ୍ଠିତ ହୋଇଯାଇଛି । ଏହି ସମାରୋହରେ ସୁଧାଂଶୁ ମୋହନ ଲେଙ୍କାଙ୍କ ସଭାପତିତ୍ୱ କରିଥିବାବେଳେ ମୁଖ୍ୟ ଅତିଥି ଭାବେ ଲଙ୍କେଶ୍ୱରୀ ମହିଳା ମହାବିଦ୍ୟାଳୟର ଅଧ୍ୟକ୍ଷ ନିରଞ୍ଜନ ମହାପାତ୍ର, ମୁଖ୍ୟବକ୍ତା ଭାବେ ବଲଙ୍ଗା ମହାବିଦ୍ୟାଳୟର ଶିକ୍ଷା ବିଭାଗର ମୁଖ୍ୟ ଅଧ୍ୟାପକ ପ୍ରଦୋଷ କୁମାର ପତି, କୋଠକୁସାଙ୍ଗ ସରପଞ୍ଚ ଜୟନ୍ତୀ ବିଶ୍ୱାଳ, ବଲଙ୍ଗା ମେଳଣ କମିଟିର ସଭାପତି ପ୍ରଫୁଲ୍ଲ କୁମାର ପ୍ରଧାନ ଯୋଗ ଦେଇଥିଲେ । ଗୁରୁ ଭଜମନ ସାହୁଙ୍କ ନିର୍ଦ୍ଦେଶନାରେ ଅନୁଷ୍ଠାନର ଶିଶୁ କଳାକାରମାନେ ଓଡ଼ିଶୀ ନୃତ୍ୟ, ସମ୍ବଲପୁରୀ ନୃତ୍ୟ ଆଧୁନିକ ନୃତ୍ୟ ଓ ଭଜନ ପରିବେଷଣ କରିଥିଲେ । ପରିଶେଷରେ ଅନୁଷ୍ଠାନର ଅଧ୍ୟାପିକା ଆରିସା ମହାପାତ୍ର ଓ ଅନ୍ୟ କୃତି କଳାକାର ମାନଙ୍କୁ ମାନପତ୍ର ଦେଇ ସମ୍ମାନିତ କରାଯାଇଥିଲା । ଅତିଥିମାନେ ଗୁରୁ ଭଜମନ ସାହୁଙ୍କ ପ୍ରଚେଷ୍ଟା ଓ ଉଦ୍ୟମକୁ ଭୂୟସୀ ପ୍ରଶଂସା କରିଥିଲେ ।

## ପ୍ରଧାନମନ୍ତ୍ରୀଙ୍କ ଗସ୍ତ ନେଇ ପ୍ରଶାସନର ପ୍ରସ୍ତୁତି

# ବିମାନବନ୍ଦରରୁ ଜନତା ମୈଦାନ ରୋଡ ଶୋ'

ଭୁବନେଶ୍ୱର(ସବ୍ୟୁ): ଆସନ୍ତା ୨୦ ତାରିଖରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଓଡ଼ିଶା ଗସ୍ତ କାର୍ଯ୍ୟକ୍ରମ ପରିପ୍ରେକ୍ଷୀରେ ପ୍ରଶାସନିକସ୍ତରରେ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଛି । ପ୍ରଧାନମନ୍ତ୍ରୀଙ୍କ ସ୍ୱାଗତ ପାଇଁ ବିମାନବନ୍ଦରରୁ ଏଜି ଛକ ଦେଇ ରାଜଭବନ, କଳିଙ୍ଗ ଷ୍ଟାଡିୟମ ଛକ, ଜୟଦେବବିହାର ଛକ, ଜନତା ମୈଦାନ ମଧ୍ୟରେ ବିଭିନ୍ନ ସ୍ଥାନରେ ସାଂସ୍କୃତିକ କାର୍ଯ୍ୟକ୍ରମ ପାଇଁ ମଞ୍ଚ କରାଯିବ ।

ପ୍ରଧାନମନ୍ତ୍ରୀ ଉତ୍ତରପ୍ରଦେଶସ୍ଥିତ କୁଶୀନଗର ବିମାନବନ୍ଦରରୁ ବାୟୁସେନା ସ୍ୱତନ୍ତ୍ର ବିମାନ ଯୋଗେ ୨୦ ତାରିଖ ଅପରାହ୍ଣ ୨.୦୫ ମିନିଟରେ ବାହାରି ଭୁବନେଶ୍ୱର ବିମାନବନ୍ଦରରେ ଅପରାହ୍ଣ ୩.୪୦ ସମୟରେ ପହଞ୍ଚିବେ । ୩ଟା୪୫ରୁ ବିମାନବନ୍ଦରରୁ ପ୍ରଧାନମନ୍ତ୍ରୀ ଶ୍ରୀ ମୋଦି ଏକ ରୋଡ ଶୋ' କାର୍ଯ୍ୟକ୍ରମ ରହିଛି ।

ଅପରାହ୍ଣ ୪ଟା ୧୫ରେ ଜନତା ମୈଦାନରେ ସେ ପହଞ୍ଚିବେ । ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ନେତୃତ୍ୱରେ ଗଠିତ ଓଡ଼ିଶା ସରକାରଙ୍କ ୧ ବର୍ଷ ପୂର୍ତ୍ତି ଅବସରରେ ରାଜ୍ୟ ସରକାରଙ୍କ ଉଲ୍ଲେଖନୀୟ ଉପଲବ୍ଧି ସଂପର୍କରେ ପ୍ରଧାନମନ୍ତ୍ରୀ ଉଦବୋଧନ ଦେବେ । ଏହା ପରେ ପ୍ରଧାନମନ୍ତ୍ରୀ ସନ୍ଧ୍ୟା ୫ଟା ୩୫ରେ କାର୍ଯ୍ୟକ୍ରମସ୍ଥଳରୁ ପ୍ରତ୍ୟାବର୍ତ୍ତନ କରିବା ସହ ୫.୫୦ରେ ଭୁବନେଶ୍ୱର ବିମାନବନ୍ଦରରୁ ଦିଲ୍ଲୀ ଫେରିଯିବେ ।



ପ୍ରଧାନମନ୍ତ୍ରୀଙ୍କ ଗସ୍ତ କାର୍ଯ୍ୟକ୍ରମ ପରିପ୍ରେକ୍ଷୀରେ ସୁରକ୍ଷା ଠାରୁ ଆରମ୍ଭ କରି ପ୍ରତ୍ୟେକ କାର୍ଯ୍ୟକ୍ରମକୁ ଶୃଙ୍ଖଳିତ ଓ ସୁଚାରୁରୂପେ ସଂପାଦନ କରିବାକୁ ମୁଖ୍ୟ ଶାସନ ସଚିବ ସଂପୃକ୍ତ ସମସ୍ତ ବିଭାଗକୁ ଆବଶ୍ୟକ ନିର୍ଦ୍ଦେଶ ଓ ପରାମର୍ଶ ଦେଇଛନ୍ତି । ଅଗ୍ନିଶମ ସେବା ବିଭାଗ ତରଫରୁ ଆନୁଷଙ୍ଗିକ ପ୍ରସ୍ତୁତି, ପ୍ରେସ ସମନ୍ୱୟ, ଡିସିପିଙ୍କ ପକ୍ଷରୁ କାରକେଡ୍ ପ୍ଲାନ୍, ସ୍ୱାସ୍ଥ୍ୟ ଓ ମେଡିକାଲ କେୟାର ପାଇଁ ସ୍ୱତନ୍ତ୍ର ବ୍ୟବସ୍ଥା, ଆବଶ୍ୟକ ରାସ୍ତା ମରାମତି, ପରିମଳ ବ୍ୟବସ୍ଥା, ସଭାମଞ୍ଚ ପ୍ରସ୍ତୁତି, ଆବଶ୍ୟକ ପାସ୍ ବ୍ୟବସ୍ଥା, ଗଣମାଧ୍ୟମରେ ପ୍ରଚାର ପ୍ରସାର, କାର୍ଯ୍ୟକ୍ରମ ସ୍ଥଳରେ ଇଣ୍ଟରନେଟ୍ ସୁବିଧା କରାଯିବ ।

ବୈଠକରେ ମୁଖ୍ୟ ସଚିବ ମନୋଜ ଆହୁଜା ଅଧ୍ୟକ୍ଷତା କରିଥିବା ବେଳେ ଉନ୍ନୟନ କମିଶନର ତଥା ଅତିରିକ୍ତ ମୁଖ୍ୟ ଶାସନ ସଚିବ ଅନୁ ଗର୍ଗ, ଗୃହ ବିଭାଗ ଅତିରିକ୍ତ ମୁଖ୍ୟ ଶାସନ ସଚିବ ସତ୍ୟବ୍ରତ ସାହୁ, ଅତିରିକ୍ତ ମୁଖ୍ୟ ଶାସନ ସଚିବ ହେମନ୍ତ ଶର୍ମା, ରାଜ୍ୟ ପୁଲିସ ମହା ନିର୍ଦ୍ଦେଶକ ଓ୍ୱାଇବି ଖୁରାନିଆଙ୍କ, ଜିଲ୍ଲାପାଳଙ୍କ ପ୍ରମୁଖ ଉପସ୍ଥିତ ଥିଲେ ।

# ଓଡ଼ିଶା ଭିଜନ୍ ୨୦୩୬ଲାଗି ସମସ୍ତଙ୍କ ସହଯୋଗ ଲୋଡ଼ା : ଆଇନ ମନ୍ତ୍ରୀ


ଭୁବନେଶ୍ୱର(ସବ୍ୟୁ): ସମାଜର ପ୍ରତ୍ୟେକ ବର୍ଗଙ୍କ ସହଯୋଗ ଏବଂ ପରାମର୍ଶରେ ବିକାଶ ପ୍ରକ୍ରିୟା ତ୍ୱରାନ୍ୱିତ ହୋଇପାରିବ । ଏଥି ନିମନ୍ତେ ପ୍ରତ୍ୟେକଙ୍କ ମତାମତକୁ ଗୁରୁତ୍ୱ ଦିଆଯିବାର ଆବଶ୍ୟକତା ରହିଛି । ସମାଜର ବୃହତ୍ତର ସ୍ୱାର୍ଥ ଦୃଷ୍ଟିରୁ ଜିଲ୍ଲାସ୍ତରରେ ପ୍ରତ୍ୟେକ ବର୍ଗର ମତାମତକୁ ବିଚାରକୁ ନିଆଯାଇ ପ୍ରଶାସନିକ ସ୍ତରରେ ସହଯୋଗ ଜାରି ରଖିବାକୁ ହେବ । ଏହା ଦ୍ୱାରା ଓଡ଼ିଶା ଭିଜନ ୨୦୩୬ ଓ ୨୦୪୭ ହାସଲ କରିବାରେ ସହାୟକ ହେବ ବୋଲି ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ କହିଛନ୍ତି ।

ଖୋର୍ଦ୍ଧା ଜିଲ୍ଲା ପ୍ରଶାସନ ପକ୍ଷରୁ ଗୁରୁ କେଲୁଚରଣ ମହାପାତ୍ର ଓଡ଼ିଶୀ ଗବେଷଣା କେନ୍ଦ୍ର ପରିସରରେ ଅନୁଷ୍ଠିତ ବିକଶିତ ଖୋର୍ଦ୍ଧା ପାଇଁ ବିକଶିତ ଓଡ଼ିଶା ପରାମର୍ଶ କର୍ମଶାଳାରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ମନ୍ତ୍ରୀ ଶ୍ରୀ ହରିଚନ୍ଦନ କହିଲେ ଯେ ସାହିତ୍ୟ, ସଂସ୍କୃତି ଓ ଐତିହ୍ୟ ଦୃଷ୍ଟିରୁ ଖୋର୍ଦ୍ଧା ଜିଲ୍ଲାର ସ୍ୱତନ୍ତ୍ରତା ରହିଛି । ଏହାକୁ ପାଥେୟ କରି ଭବିଷ୍ୟତ ପୀଢ଼ି ପାଇଁ ନୂତନ ପରିକଳ୍ପନାର ଆବଶ୍ୟକତା ରହିଛି । ପରିବେଶ ସୁରକ୍ଷା, ବୈଜ୍ଞାନିକ ଜ୍ଞାନକୌଶଳର ଉପଯୋଗ, ଶିଳ୍ପ ଅଭିବୃଦ୍ଧି ଏବଂ ଜୈବିକ କୃଷିକୁ ପ୍ରାଧାନ୍ୟ ଦିଆଯିବ । ଏତଦବ୍ୟତୀତ ପ୍ରତ୍ୟେକ ଯୋଜନା ସଂପର୍କରେ ସଂପୃକ୍ତ ହିତାଧିକାରୀ ଭଲ ଭାବେ ଅବଗତ ହୋଇପାରିଲେ ଅଭିବୃଦ୍ଧି ଲକ୍ଷ୍ୟ ସାଧନ ହୋଇପାରିବ ବୋଲି ସେ କହିଥିଲେ ।

ସେହିଭଳି ସମ୍ମାନିତ ଅତିଥି ଭାବେ ସମବାୟ, ହସ୍ତତନ୍ତ, ବୟନ ଓ ହସ୍ତଶିଳ୍ପ ମନ୍ତ୍ରୀ ପ୍ରଦୀପ ବଳସାମନ୍ତ ଯୋଗ ଦେଇ ଓଡ଼ିଶା ଭିଜନ ଲକ୍ଷ୍ୟ




ହାସଲ ପାଇଁ ସରକାରଙ୍କ ଉଦ୍ୟମର ଭୂୟସୀ ପ୍ରଶଂସା କରିଥିଲେ । ଖୋର୍ଦ୍ଧା ଜିଲ୍ଲାର ପ୍ରଭାରୀ ମନ୍ତ୍ରୀ ଭାବେ ଜିଲ୍ଲାକୁ ପ୍ରଗତିର ଶିଖରରେ ପହଞ୍ଚାଇବାକୁ ସମସ୍ତଙ୍କ ସହଯୋଗ ଲୋଡ଼ିବା ସହ ତୃଣମୂଳସ୍ତରରେ ବିକାଶର ସୁଫଳ ପହଞ୍ଚାଇବା ଉପରେ ସେ ଗୁରୁତ୍ୱାରୋପ କରିଥିଲେ । ସେହିଭଳି ଖୋର୍ଦ୍ଧା ଜିଲ୍ଲାପାଳ ଚଞ୍ଚଳ ରାଣା ଓଡ଼ିଶା ଭିଜନରେ ଖୋର୍ଦ୍ଧା ଜିଲ୍ଲାର ଭାଗୀଦାରିତା ଉପରେ ମତବ୍ୟକ୍ତ କରିଥିଲେ । ସମସ୍ତଙ୍କ ପାଇଁ ସମାନ ସୁବିଧା ଉପଲବ୍ଧ କରାଇବା ସହ ସହଯୋଗୀ ବିକାଶ ବର୍ତ୍ତମାନର ନିତାନ୍ତ ଆବଶ୍ୟକ ବୋଲି ସେ ଉଲ୍ଲେଖ କରିଥିଲେ । ଏହି କର୍ମଶାଳାରେ ପ୍ରଥମ ପର୍ଯ୍ୟାୟ ଆଲୋଚନା ଚକ୍ରରେ ଶିକ୍ଷା, ଦକ୍ଷତା ବିକାଶ ଶିକ୍ଷା ଓ ଜୀବିକାକୁ ନେଇ ଗୋଷ୍ଠୀ ସଶକ୍ତିକରଣ ଉପରେ ଆଲୋଚନା ହୋଇଥିଲା । ଏଥିରେ ସିଓ୍ୱାଇଏସଡି ଅଧ୍ୟକ୍ଷ ଜଗଦାନନ୍ଦ, ଏନସିଆରଟିର ପୂର୍ବତନ ପ୍ରଫେସର ପ୍ରଫେସର ପି.କେ. ଦାସ, ଉତ୍କଳ ବିଶ୍ୱବିଦ୍ୟାଳୟର ପୂର୍ବତନ ପ୍ରଫେସର ଅନୁପ ଦାସ, ଓପିଏସିର ପୂର୍ବତନ ଅଧ୍ୟକ୍ଷ ବ୍ରିଗେଡ଼ିଅର ଡ. ଏଲ୍.ସି. ପଟ୍ଟନାୟକ, ତାମିଲନାଡୁ କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟର ପୂର୍ବତନ କୁଳପତି ପଦ୍ମଶ୍ରୀ ଏପି ଦାସ, ଭାରତୀୟ ପର୍ଯ୍ୟଟନ ଓ ଭ୍ରମଣ ପରିଚାଳନା ସଂସ୍ଥାର ପୂର୍ବତନ ନିର୍ଦ୍ଦେଶକ ପ୍ରଫେସର ସୀତାକାନ୍ତ ମିଶ୍ର ପ୍ରମୁଖ ଯୋଗଦେଇ ସୁଚିନ୍ତିତ ମତାମତ ରଖିବା ସହ ବିଭିନ୍ନ ପ୍ରଶ୍ନର ଉତ୍ତର ମଧ୍ୟ ଦେଇଥିଲେ ।



### ପୂର୍ବତନ ବିଧାୟକ ସ୍ୱର୍ଗତ ମଦନ ମୋହନ ଦତ୍ତଙ୍କ ପ୍ରତିମୂର୍ତ୍ତି

# ବିକଶିତ ଓଡ଼ିଶାର ମୁଖଶାଳା ହେଉଛି ବାଲେଶ୍ୱର : ଧର୍ମେନ୍ଦ୍ର



ଭୁବନେଶ୍ୱର, (ସବ୍ୟୁ): ବାଲେଶ୍ୱରର ବର୍ଷୀୟାନ ଜନନେତା, ପୂର୍ବତନ ବିଧାୟକ ସ୍ୱର୍ଗତ ମଦନ ମୋହନ ଦତ୍ତ ତଥା ମଙ୍ଗୁ ଭାଇ ଭାରତୀୟ ଜନତା ପାର୍ଟି ଓ ବିଚାରଧାରାର ବଡ଼ ସ୍ତମ୍ଭ ଥିଲେ । ସମାଜର ସାଧାରଣ ଓ ନିମ୍ନ ଶ୍ରେଣୀର ଲୋକମାନଙ୍କ ସେବାକୁ ସେ ଜୀବନର ବ୍ରତ କରିଥିଲେ । ବାଲେଶ୍ୱର ଏକ ଉଦ୍ଦୀପନା, ଉଜ୍ଜ୍ୱଳ ଆଲୋକ, ବିକଶିତ ଓଡ଼ିଶାର ମୁଖଶାଳା ବୋଲି ବୋଲି କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ କହିଛନ୍ତି ।

ମଙ୍ଗଳବାର ବାଲେଶ୍ୱର ଠାରେ ତାଙ୍କର ପଞ୍ଚମ ଶ୍ରାଦ୍ଧବାର୍ଷିକୀ ଅବସରରେ ସ୍ମୃତିସଭାରେ ଯୋଗଦେବା ପୂର୍ବରୁ ଶ୍ରୀ ପ୍ରଧାନ ଷ୍ଟେସନ ଛକ ଠାରେ ସ୍ୱର୍ଗତ ଦତ୍ତଙ୍କ ଏକ ପୂର୍ଣ୍ଣାବୟବ ପ୍ରତିମୂର୍ତ୍ତି ଅନାବରଣ କରିଥିଲେ । ତାଙ୍କ ସ୍ମୃତିରେ ଆୟୋଜିତ ରକ୍ତଦାନ ଶିବିର ଉଦଘାଟନ କରିବା ସହ ବୃକ୍ଷରୋପଣ କରିଥିଲେ । ସ୍ଥାନୀୟ ଅଞ୍ଚଳର ଦିବ୍ୟାଙ୍ଗମାନଙ୍କୁ ସହାୟକ ଉପକରଣ, ଗରିବ ଓ ମେଧାବୀ ଛାତ୍ରଛାତ୍ରୀଙ୍କୁ ସହାୟତା ପ୍ରଦାନ ସହ ସ୍ୱେଚ୍ଛାସେବୀଙ୍କୁ ସମ୍ବର୍ଦ୍ଧନା କରିଥିଲେ କେନ୍ଦ୍ରମନ୍ତ୍ରୀ । "ମଙ୍ଗୁ ଭାଇ ସ୍ମୃତି କମିଟି, ବାଲେଶ୍ୱର' ପକ୍ଷରୁ ଆୟୋଜିତ ସ୍ମୃତିସଭାରେ ଶ୍ରୀ ପ୍ରଧାନ ଶ୍ରଦ୍ଧାଞ୍ଜଳି ଅର୍ପଣ କରିବା ସହ ତାଙ୍କ ସହ ଥିବା ସ୍ମୃତିକୁ ମନେପକାଇଥିଲେ ।

ଏହି ଅବସରରେ ଶ୍ରୀ ପ୍ରଧାନ କହିଥିଲେ, ବାଲେଶ୍ୱରରେ ତାଙ୍କ ସ୍ମୃତିରେ ପ୍ରତିମୂର୍ତ୍ତି ସ୍ଥାପନ ଜଣେ ସଫଳ ନେତୃତ୍ୱ ପ୍ରତି ଉଚିତ ଶ୍ରଦ୍ଧାଞ୍ଜଳି । ବାଲେଶ୍ୱର ମାଟି ହେଉଛି ସାହିତ୍ୟ, ସଂସ୍କୃତି ଓ ସଂଗ୍ରାମର ମାଟି । ବାଲେଶ୍ୱରରେ ଜନ୍ମ ଗ୍ରହଣ କରିଥିବା ମହାନ କବି, ଲେଖକ ଫକୀର ମୋହନ ସେନାପତି ଓଡ଼ିଆ ଭାଷା ଓ ଅସ୍ମିତା ଲଢେଇ ପାଇଁ ସର୍ବସ୍ୱ ତ୍ୟାଗ କରିଥିଲେ । ଏଠାରେ ଜନ୍ମଗ୍ରହଣ କରିଥିବା ବିପ୍ଲବୀ, କ୍ରାନ୍ତିବୀର ବାଘାଯତୀନ ରାଷ୍ଟ୍ରପ୍ରେମର ଏକ ଅଲିଭା ଦୀପ । ସ୍ୱତନ୍ତ୍ର ଓଡ଼ିଶା ସ୍ୱାଭିମାନୀ ପ୍ରଦେଶ ତିଆରି କରିବାରେ ବାଲେଶ୍ୱର ନୀଳଗିରିର ବହୁତ ବଡ ଭୂମିକା ଅଛି । ବିକଶିତ ବାଲେଶ୍ୱରର ସ୍ୱପ୍ନକୁ ସାକାର କରି ବିକଶିତ ଓଡ଼ିଶା ଗଠନର ଅପେକ୍ଷାକୁ ପୂରା କରିବା ବୋଲି କେନ୍ଦ୍ରମନ୍ତ୍ରୀ ଶ୍ରୀ ପ୍ରଧାନ କହିଛନ୍ତି । ଏହି ଗସ୍ତ କାଳରେ ଭଦ୍ରକ ଓ ବାଲେଶ୍ୱରର ବିଭିନ୍ନ ସ୍ଥାନରେ ଶ୍ରୀ ପ୍ରଧାନଙ୍କୁ କାର୍ଯ୍ୟକର୍ତ୍ତାମାନେ ସ୍ୱାଗତ ସମ୍ବର୍ଦ୍ଧନା ଜଣାଇଥିଲେ ।

## ଯୌତୁକ ନିର୍ଯାତନ ସ୍ୱାମୀ ଗିରଫ

ବଳଙ୍ଗା, (ସବ୍ୟୁ) : ବଳଙ୍ଗା ଥାନା ଅନ୍ତର୍ଗତ କେତକୀ ପାଟଣା ଗ୍ରାମରେ ଅଧିକ ଯୌତୁକ ଦାବିରେ ମହିଳାଙ୍କୁ ଶାରୀରିକ ଓ ମାନସିକ ନିର୍ଯାତନା ଦେଇଥିବା ନେଇ ସ୍ଥାନୀୟ ଥାନାରେ ଅଭିଯୋଗ ହୋଇଛି ।। ପୋଲିସ ଅଭିଯୋଗ ପାଇବା ପରେ ଅଭିଯୁକ୍ତ ସ୍ୱାମୀକୁ ଗିରଫ କରି ମଙ୍ଗଳବାର ଦିନ କୋର୍ଟ ଚାଲାଣ କରଛି । ଗିରଫ ସ୍ୱାମୀ ଜଣଙ୍କ କେତକୀ ପାଟଣା ଗ୍ରାମର ସର୍ବେଶ୍ୱର ବେହେରାଙ୍କ ପୁଅ କାହ୍ନୁ । ଚରଣ ବେହେରା ବୋଲି ଜଣାଯାଇଛି । ସେ ତାଙ୍କ ବାପା ଓ ମାଆଙ୍କ ସହ ମିଶି ଲକ୍ଷେ ଟଙ୍କା ଯୌତୁକ ଦାବିରେ ମାନସିକ ଓ ଶାରିରୀକ ନିର୍ଯାତନା ଦେଉଥିଲେ ବୋଲି ତାଙ୍କ ସ୍ତ୍ରୀ ସୁଜାତା ଦଳାଇ ବଳଙ୍ଗା ଥାନାରେ ଅଭିଯୋଗ କରିଥିଲେ ।

# ନବୀନଙ୍କୁ ରଥଯାତ୍ରାକୁ ଆମନ୍ତ୍ରଣ କଲେ ଛତିଶା ନିଯୋଗ



ଭୁବନେଶ୍ୱର (ସବ୍ୟୁ) : ପୁରୀ ଛତିଶା ନିଯୋଗ ସେବାୟତମାନଙ୍କର ଏକ ପ୍ରତିନିଧି ଦଳ ଆଜି ସନ୍ଧ୍ୟାରେ ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକଙ୍କୁ ନବୀନ ନିବାସରେ ଭେଟିଥିଲେ । ଏହି ସାକ୍ଷାତ ସମୟରେ ସେମାନେ ଶ୍ରୀମନ୍ଦିରର ତଥା ପୁରୀ ସହରର ବିକାଶ ପାଇଁ ଶ୍ରୀ ପଟ୍ଟନାୟକ ସରକାର ସମୟରେ ହୋଇଥିବା ବିଭିନ୍ନ କାର୍ଯ୍ୟ ପାଇଁ ତାଙ୍କୁ ଧନ୍ୟବାଦ ଜଣାଇଥିଲେ । ରଥଯାତ୍ରା ପାଇଁ ସେବାୟତମାନେ ଶ୍ରୀ ପଟ୍ଟନାୟକଙ୍କୁ ଆମନ୍ତ୍ରଣ କରିଥିଲେ ।

ଚଳିତମାସ ୨୭ ତାରିଖରେ ମହାପ୍ରଭୁଙ୍କ ବିଶ୍ୱ ପ୍ରସିଦ୍ଧ ରଥଯାତ୍ରାକୁ ଶୃଙ୍ଖଳିତ ଭାବରେ ପାଳନ କରିବା ପାଇଁ ଶ୍ରୀ ପଟ୍ଟନାୟକ ସେବାୟତମାନଙ୍କୁ ପରାମର୍ଶ ଦେଇଥିଲେ । ଏହି ସାକ୍ଷାତ ସମୟରେ ସାଂସଦ ଶୁଭାଶୀଷ ଖୁଣ୍ଟିଆ ଉପସ୍ଥିତ ଥିଲେ । ଅନମାନଙ୍କ ମଧ୍ୟରେ ସାଇନା ଖୁଣ୍ଟିଆ, ଗୌରହରି ପ୍ରଧାନ, ଲୋକନାଥ ମହାସୁଆର, ରବିଶଙ୍କର ପଢିଆରୀ, କାଶୀନାଥ ମହାସୁଆର, ଦାମୋଦର ପ୍ରତିହାରୀ, ହରିଆ ସୁଆର, ଅସିତ ମେକାପ, କୃଷ୍ଣଚନ୍ଦ୍ର ଗୋଚ୍ଛିକାର ଓ ଜମେଶ୍ୱର ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ ।

# ହେରିଟେଜ୍ ଅଡିଟୋରିୟମରେ ବିଶ୍ୱ ରକ୍ତଦାତା ଦିବସ




କଟକ, (ସ୍ୱପ୍ର): ଶ୍ରୀରାମ ଚନ୍ଦ୍ର ଭଞ୍ଜ ଭେଷଜ ମହବିଦ୍ୟାଳୟ ଓ ଚିକିତ୍ସାଳୟ, କଟକ ଅନ୍ତର୍ଗତ ରକ୍ତ ସଞ୍ଚାରଣ ବିଭାଗ ଓ ରକ୍ତ ଭଣ୍ଡାର ପକ୍ଷରୁ ବିଶ୍ୱ ରକ୍ତଦାତା ଦିବସ ହେରିଟେଜ୍ ଅଡିଟୋରିୟମରେ ପାଳିତ ହୋଇଯାଇଛି । ସ୍ୱଇଚ୍ଛାରେ ରକ୍ତଦାନ କରୁଥିବା ରକ୍ତଦାତାମାନଙ୍କୁ ସମ୍ମାନ ଦେବା ଓ ରକ୍ତଦାନ ଅବଶ୍ୟକତା ସମ୍ପର୍କରେ ସଚେତନତା ବୃଦ୍ଧି କରିବା ଏହି କାର୍ଯ୍ୟକ୍ରମର ଉଦ୍ଦେଶ୍ୟ । ପ୍ରାରମ୍ଭରେ ଅତିଥିମାନଙ୍କ ଦ୍ୱାରା ପ୍ରଦୀପ ପ୍ରଜ୍ୱଳନ କରାଯାଇ କାର୍ଯ୍ୟକ୍ରମର ଶୁଭାରମ୍ଭ ହୋଇଥିଲା । ପ୍ରଫେସର ଡା. ସ୍ମିତା ମହାପାତ୍ରଙ୍କ ଅତିଥିମାନଙ୍କୁ ସ୍ୱାଗତ ଜଣାଇଥିଲେ । ଏଥିରେ ମୁଖ୍ୟଅତିଥି ଭାବେ ପ୍ରଫେସର ଡା. ଲୁସି ଦାସ, (ଅଧ୍ୟକ୍ଷ) ସମ୍ମାନୀତ ଅତିଥି ଭାବେ ପ୍ରଫେସର ଡା. ଗୌତମ ଶତପଥୀ, (ଅଧିକ୍ଷକ) ଓ ମୁଖ୍ୟବକ୍ତା ଭାବେ ଡା. ପ୍ରଦୀପ କୁମାର ପାତ୍ର ଯୋଗଦେଇ ବକ୍ତବ୍ୟ ରଖିଥିଲେ । ଏଥିରେ ସ୍ୱେଚ୍ଛାକୃତ ରକ୍ତଦାତା, ପ୍ଲେଟଲେଟ ଦାତା ଓ ରକ୍ତଦାନ ଶିବିର ଆୟୋଜକ ମାନଙ୍କୁ ସ୍ମୃତିଚିହ୍ନ ଓ ମାନପତ୍ର ପ୍ରଦାନ କରାଯାଇ ସମ୍ମାନୀତ କରାଯାଇଥିଲା । କାର୍ଯ୍ୟକ୍ରମ ପରେ ରକ୍ତଦାନ ଉପରେ ସଚେତନତା ସୃଷ୍ଟି କରିବା ଉଦ୍ଦେଶ୍ୟରେ ରକ୍ତ ଭଣ୍ଡାର କର୍ମଚାରୀ, ପ୍ଲେଟଲେଟ ଦାତା ଓ ରକ୍ତଦାନ ଶିବିର ଆୟୋଜକମାନଙ୍କ ଦ୍ୱାରା ଏକ ରାଲୀ ଆୟୋଜିତ ହୋଇଥିଲା । ଡା. ସୁସ୍ମିତା ବେହେରା ଧନ୍ୟବାଦ ଜ୍ଞାପନ କରିଥିଲେ ।

### କସ୍‌ମସ୍ ବାର୍ ବୋମାମାଡ ମାମଲା

# ମୁଖ୍ୟ ଅଭିଯୁକ୍ତ ଘରେ ସମ୍ପତ୍ତି ନିଲାମ ନୋଟିସ୍

ଭୁବନେଶ୍ୱର, (ସବ୍ୟୁ) : ଡମଣା ଛକ କସ୍‌ମସ୍ ବାର୍ ବୋମାମାଡ ଘଟଣାର ମୁଖ୍ୟ ଅଭିଯୁକ୍ତ ଦୀର୍ଘଦିନ ହେବ ଫେରାର ଥିବାରୁ ତା'ବିରୋଧରେ ପୋଲିସ ସମ୍ପତ୍ତି ନିଲାମ ପଦକ୍ଷେପ ନେଇଛି । ମୁଖ୍ୟ ଅଭିଯୁକ୍ତ ରଶ୍ମି ବାରିକ ଘରେ ମଙ୍ଗଳବାର ପୋଲିସ ନୋଟିସ୍ ସହ ଲଟ୍‌କା ଝୁଲାଇବା ସହ ଡେଙ୍ଗୁରା ମଧ ପିଟିଛି । ମାସକ ମଧ୍ୟରେ କୋର୍ଟରେ ହାଜର ନହେଲେ ସମ୍ପତ୍ତି ନିଲାମ କରାଯିବ ବୋଲି ନୋଟିସ୍‌ରେ ସ୍ପଷ୍ଟ ଭାବେ କୁହାଯାଇଛି ।

କସ୍‌ମସ୍ ବାର୍‌ରେ ବିଳମ୍ବିତ ରାତି ପର୍ଯ୍ୟନ୍ତ ମଦ ପିଇବାକୁ ଅଭିଯୁକ୍ତମାନେ ଦାବି କରିଥିଲେ । ବାର୍‌ର ସୁରକ୍ଷା କର୍ମୀ ମନା କରିବାରୁ ସେମାନେ ଉତ୍କ୍ଷିପ୍ତ ହୋଇ ତାଙ୍କ ଉପରକୁ ଗୁଳି ଚଳାଇ ଖସିଯାଇଥିଲେ । କିଛି ସମୟ ପରେ ଆସି ବାର୍ ଉପରକୁ ବୋମାମାଡ କଲେ । ଏ ସମ୍ପର୍କରେ ଚନ୍ଦ୍ରଶେଖରପୁର ଥାନାରେ ଅଭିଯୋଗ ହେବା ପରେ ପୋଲିସ ଅଭିଯୁକ୍ତ ଗ୍ୟାଙ୍ଗକୁ ଗିରଫ କରି କୋର୍ଟଚାଲାଣ କରିଛି । ସେହି ମାମଲାର ମୁଖ୍ୟ ଅଭିଯୁକ୍ତ ଫେରାର ଥିବାରୁ ତାକୁ ବାରମ୍ବାର ନୋଟିସ୍ କରାଯାଇଥିଲା । ସେ ପୋଲିସରେ ହାଜର ନହେବାରୁ କୋର୍ଟକୁ କାଗଜ ପଠାଇ ଦିଆଯାଇଛି । କୋର୍ଟଙ୍କ ପକ୍ଷରୁ ଓ୍ୱାରେଣ୍ଟ ଜାରି ହୋଇଥିଲେ ମଧ ରଶ୍ମି ବାରିକକୁ ପୋଲିସ ନପାଇବାରୁ ସମ୍ପତ୍ତି ନିଲାମ ନୋଟିସ୍ ତା'ଘର ପାଖରେ ଲଗାଯାଇଛି । ମାସକ ଭିତରେ କୋର୍ଟରେ ହାଜର ହେଲେ ସମ୍ପତ୍ତି ନିଲାମ ହେବନାହିଁ । ଯଦି ସେ ନୋଟିସ୍‌କୁ ବେଖାତିର କରି ହାଜର ନହୁଏ, ତେବେ ସମ୍ପତ୍ତି ନିଲାମ ହେବା ନିଶ୍ଚିତ ବୋଲି ପୋଲିସ କହିଛି ।

# ଅନ୍‌ଲାଇନ୍‌ରେ ଆତ୍ମହତ୍ୟା

ଭୁବନେଶ୍ୱର, (ସବ୍ୟୁ) : ପ୍ରେମିକାକୁ ଅନ୍‌ଲାଇନ୍‌ରେ ରଖି ଜଣେ ରେଷ୍ଟୁରାଫ କର୍ମଚାରୀ ଆତ୍ମହତ୍ୟା କରିବା ଘଟଣା ୮ ନମ୍ବର ଅଞ୍ଚଳରେ ଚର୍ଚ୍ଚା ହେଉଛି । ପୋଲିସ ଶବ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇ ତଦନ୍ତ କରୁଛି । ପୋଲିସ କହିବାନୁଯାୟୀ ବ୍ୟବଚ୍ଛେଦ ରିପୋର୍ଟ ମିଳିଲେ ଅଭିରାମ ଆତ୍ମହତ୍ୟା କରିଛନ୍ତି ନା ତାଙ୍କୁ ହତ୍ୟା କରି ପ୍ରେମଜନିତ ଆତ୍ମହତ୍ୟା ବୋଲି ରୂପ ଦିଆଯାଉଛି ତାହା ସ୍ପଷ୍ଟ ହେବ ।

ନୂଆପଲ୍ଲୀ ଥାନା ଅନ୍ତର୍ଗତ ୮ ନମ୍ବର ଅଞ୍ଚଳରେ ଥିବା ଏକ ରେଷ୍ଟୁରାଣ୍ଟରେ ଅଭିରାମ ଦୀର୍ଘଦିନ ହେବ କାମ କରୁଥିଲେ । ସେ ଜଣେ ଯୁବତୀଙ୍କୁ ପ୍ରେମ କରୁଥିବା ରେଷ୍ଟୁରାଣ୍ଟ ଅନ୍ୟ କର୍ମଚାରୀ କହିଛନ୍ତି । ପ୍ରେମରେ ବିଫଳ ହେବାରୁ ସେ ଏପରି ପଦକ୍ଷେପ ନେଇଥିବା ସେମାନେ କହିଛନ୍ତି । କର୍ମଚାରୀଙ୍କ କଥାକୁ ପୋଲିସ ସହଜରେ ବିଶ୍ୱାସ କରୁନାହିଁ । ଅଭିରାମ ହୋଟେଲ ପଛ ପାଖରେ ବେକରେ ରଶି ଲଗାଇ ଆତ୍ମହତ୍ୟା କରିବାର ଦୃଶ୍ୟ ଭିଡିଓ କଲ୍‌ରେ ପ୍ରେମିକାକୁ ଦେଖାଇଥିବା କୁହାଯାଉଛି । ତଦନ୍ତ ଆଗକୁ ବଢିବା ସହ ଅଭିରାମ ମୋବାଇଲ ପରୀକ୍ଷା କରାଗଲେ ମୃତ୍ୟୁ ରହସ୍ୟ ଜଣାପଡିବ ବୋଲି ପୋଲିସ କହିଛି । ରେଷ୍ଟୁରାଣ୍ଟରୁ ଖବର ପାଇବା ପରେ ପୋଲିସ ଶବ ଜବତ କରି ପରିବାର ଲୋକଙ୍କୁ ଖବର ଦେଇଥିଲା ବ୍ୟବଚ୍ଛେଦ ପାଇଁ । ଅପମୃତ୍ୟୁ ମାମଲା ରୁଜୁ କରି ପୋଲିସ ତଦନ୍ତ କରୁଛି ।

### ଶ୍ରୀଲିଙ୍ଗରାଜଙ୍କ ସେବାପୂଜା ସମ୍ପର୍କିତ ସ୍ୱତ୍ୱଲିପି ଲାଗି ସମିତି ଗଠିତ

# ଅନୁଧ୍ୟାନ ପରେ ରାଜ୍ୟ ସରକାରଙ୍କୁ ରିପୋର୍ଟ ଦେବ ସମିତି

ଭୁବନେଶ୍ୱର (ସବ୍ୟୁ) : ଶ୍ରୀଲିଙ୍ଗରାଜ ମନ୍ଦିରରେ ନିଯୁକ୍ତ ବିଭିନ୍ନ ନିଯୋଗମାନଙ୍କ ଦ୍ୱାରା କରାଯାଉଥିବା ସେବାପୂଜା ସମ୍ପର୍କିତ ରେକର୍ଡ ଅଫ୍ ରାଇଟ୍ସ(ସତ୍ତ୍ୱ ଲିପି)ର ସମୀକ୍ଷା କରିବା ସହ ଅନ୍ତିମ ରୂପ ଦେବା ପାଇଁ ରାଜ୍ୟ ସରକାର ଓଡ଼ିଶା ଉଚ୍ଚ ନ୍ୟାୟଳୟର ଅବସରପ୍ରାପ୍ତ ନ୍ୟାୟମୂର୍ତ୍ତି ଡଃ. ଦୁର୍ଗା ପ୍ରସନ୍ନ ଚୌଧୁରୀଙ୍କ ଅଧ୍ୟକ୍ଷତାରେ ଏକ ଦୁଇଜଣ ସଦସ୍ୟ ବିଶିଷ୍ଟ ସମିତି ଗଠନ କରିଛନ୍ତି ।

ମଙ୍ଗଳବାର ଭୁବନେଶ୍ୱରସ୍ଥିତ ସ୍ୱତନ୍ତ୍ର ସର୍କିଟ ହାଉସରେ ସମିତିର କାର୍ଯ୍ୟାଳୟ ଅଧ୍ୟକ୍ଷ ନ୍ୟାୟମୂର୍ତ୍ତି ଡଃ. ଦୁର୍ଗା ପ୍ରସନ୍ନ ଚୌଧୁରୀଙ୍କ ଦ୍ୱାରା ଉଧଘାଟିତ ହୋଇଯାଇଛି । ଏହି ଅବସରରେ ସମିତିର ଅଧ୍ୟକ୍ଷଙ୍କ ସମେତ ସଦସ୍ୟ ପ୍ରଫେସର ପ୍ରଫୁଲ୍ଲ କୁମାର ମିଶ୍ର ଓ ବିଧି ବିଭାଗର, ବିଧି ଚେତକ ତଥା ସ୍ୱତନ୍ତ୍ର ଶାସନ ସଚିବ ପ୍ରଣବ କୁମାର ପାତ୍ର, ଦ୍ୱିତୀୟ ଅତିରିକ୍ତ ବିଧି ଚେତକ ତଥା ଅତିରିକ୍ତ ଶାସନ ସଚିବ, ଅରୁଣ କୁମାର ସାହୁ ଏବଂ ଅତିରିକ୍ତ ଶାସନ ସଚିବ (ନ୍ୟାୟିକ) ଶିବ ପ୍ରସାଦ ମହାପାତ୍ର ପ୍ରମୁଖ ଉପସ୍ଥିତି ରହି କମିଟିର କାର୍ଯ୍ୟପଦ୍ଧତି ବିଷୟରେ ଆଲୋଚନା କରିଥିଲେ । ଏହି ସମିତି ଲିଙ୍ଗରାଜ ମନ୍ଦିରର ବିଭିନ୍ନ ସେବାପୂଜା, ନିଯୋଗମାନଙ୍କ ଦାୟିତ୍ୱ ଓ ଅଧିକାର ସମ୍ପର୍କରେ ଅନୁଧ୍ୟାନ କରି ରାଜ୍ୟ ସରକାରଙ୍କୁ ରିପୋର୍ଟ ପ୍ରଦାନ କରିବ । ଏହି କ୍ରମରେ ଖୋର୍ଦ୍ଧା ଜିଲ୍ଲାପାଳଙ୍କୁ ଲିଙ୍ଗରାଜ ମହାପ୍ରଭୁଙ୍କ ଦୈନନ୍ଦିନ ନିୟମିତ ନୀତି ବିଧି ସମ୍ପର୍କିତ ଦଲିଲପତ୍ର ପ୍ରଦାନ କରିବାକୁ ସମିତି ପକ୍ଷରୁ ଅନୁରୋଧ କରାଯାଇଅଛି ।

# ଟାଟା ପାୱାର ପକ୍ଷରୁ ସୋଲାର୍ ରୁଫ୍‌ଟପ୍ ସମାଧାନର ଶୁଭାରମ୍ଭ

ଭୁବନେଶ୍ୱର(ସବ୍ୟୁ): ଟାଟା ପାଓ୍ୱାରର ସମ୍ପୂର୍ଣ୍ଣ ସହାୟକ ସଂସ୍ଥା ତଥା ଭାରତର ଅଗ୍ରଣୀ ରୁଫ୍‌ଟପ୍ ସୋଲାର କମ୍ପାନି ଟାଟା ପାଓ୍ୱାରରିନୁଏବଲ୍ ଏନର୍ଜି ଲିମିଟେଡ୍ (ଟିପିଆର୍‌ଇଏଲ୍) ପକ୍ଷରୁ ଏହାର "ଘର ଘର ସୋଲାର' ଅଭିଯାନ ଅଧୀନରେ ଓଡ଼ିଶାର ଭୁବନେଶ୍ୱରରେ ଭାରତର ସବୁଠୁ ସୁଲଭ ରୁଫଟପ୍ ସୋଲାର ସମାଧାନର ଶୁଭାରମ୍ଭ କରାଯାଇଛି । କମ୍ପାନିର ଗ୍ରାହକ କୈନ୍ଦ୍ରୀକ ଫାଇନାନ୍ସ ମଡେଲ୍ ଓଡ଼ିଶା ଜନସଂଖ୍ୟାର ବ୍ୟାପକ ବର୍ଗ ପାଇଁ ରୁଫ୍‌ଟପ୍ ସୋଲାରକୁ ସୁଲଭ କରିପାରିଛି । ରାଜ୍ୟର ବାସିନ୍ଦାମାନେ ୧ କିଲୋଓ୍ୱାଟ୍ ପାଇଁ ୨୪୯୯ ଟଙ୍କା, ୨ କିଲୋଓ୍ୱାଟ୍ ପାଇଁ ୪,୯୯୯ ଟଙ୍କା ଓ ୩ କିଲୋଓ୍ୱାଟ୍ ପାଇଁ୭୯୯୯ ଟଙ୍କାର ସର୍ବନିମ୍ନ ଅପ୍‌ଫ୍ରଣ୍ଟ୍ ନିବେଶ ରାଶି ପ୍ରଦାନ କରି ସୋଲାର ବ୍ୟବସ୍ଥା ସ୍ଥାପନ କରିପାରିବେ । ଏହି ଅଭିଯାନସୋଲାର ଗ୍ରହଣୀୟତାକୁ ଏକ ଆକାଂକ୍ଷାରୁ ଅର୍ଥନୈତିକ ଦୃଷ୍ଟିରୁ ହାସଲଯୋଗ୍ୟ ବିକଳ୍ପରେ ପରିଣତ କରିପାରିଛି । ଏହି ଅଭିଯାନରେଗ୍ରାହକମାନଙ୍କୁ ମୋଟ ରାଶିର ମାତ୍ର ଏକ ତୃତୀୟାଂଶ ପ୍ରଦାନ କରିବାକୁ ପଡୁଥିବାରୁ ଏହା ଆବାସିକ ରୁଫଟପ ସୋଲାର ଗ୍ରହଣୀୟତାକୁ ତ୍ୱରାନ୍ୱିତ କରିବା ସହିତ, ସୌର ଶକ୍ତିକୁ ସୁଲଭ ମୂଲ୍ୟରେ ଲୋକମାନଙ୍କ ପାଖରେ ପହଂଚାଇବ । ପିଏମ୍ ସୂର୍ଯ୍ୟଘର ମୁଫ୍‌ତ ବିଜିଳି ଯୋଜନା ଜରିଆରେ ଓଡ଼ିଶାର ଗ୍ରାହକମାନେ ଉଲ୍ଲେଖନୀୟ ଆର୍ଥିକ ସୁବିଧା ପାଇପାରିବେ । ଏଥିରେ୩ କିଲୋଓ୍ୱାଟ୍ ପର୍ଯ୍ୟନ୍ତ ସୋଲାର ବ୍ୟବସ୍ଥା ପାଇଁ ୭୮,୦୦୦ ଟଙ୍କା ପର୍ଯ୍ୟନ୍ତ ସବ୍‌ସିଡି ପ୍ରଦାନ କରାଯାଉଛି ଯାହା ସ୍ଥାପନା ଖର୍ଚ୍ଚରପ୍ରାୟ ୪୦ ପ୍ରତିଶତ ଭରଣା କରୁଛି । ଏଥି ସହିତ ୧ କିଲୋଓ୍ୱାଟ୍ ବ୍ୟବସ୍ଥା ପାଇଁ ରାଜ୍ୟ ସରକାର ପ୍ରଦାନ କରୁଥିବା ଅତିରିକ୍ତ ୨୫ହଜାର ଟଙ୍କାର




ସବ୍‌ସିଡି, ୨ କିଲୋଓ୍ୱାଟ୍ ବ୍ୟବସ୍ଥା ପାଇଁ ୫୦୦୦୦ ଟଙ୍କା ଓ ୩ କିଲୋଓ୍ୱାଟ୍ କିମ୍ବା ତା'ଠାରୁ ଅଧିକ ବ୍ୟବସ୍ଥା ପାଇଁ୬୦ହଜାର ଟଙ୍କାର ସବ୍‌ସିଡି ଏହି ଅଭିଯାନକୁ ଆହୁରି ଦୃଢ଼ କରିପାରିଛି । ଏହି ଆର୍ଥିକ ସହାୟତା ରୁଫଟପ୍ ସୋଲାର ଗ୍ରହଣୀୟତାକୁଉଲ୍ଲେଖନୀୟ ଭାବେ ସମର୍ଥନ କରିବା ସହ ରାଜ୍ୟର ପ୍ରତି ପରିବାର ପାଖରେ ସ୍ୱଚ୍ଛ ଶକ୍ତି ସମାଧାନକୁ ପହଂଚାଇପାରିଛି ।ବ୍ୟବସ୍ଥା ଦକ୍ଷତା (କିଲୋଓ୍ୱାଟ୍) ୧ କିଲୋଓ୍ୱାଟ୍ ୨ କିଲୋୱାଟ୍ ୩ କିଲୋୱାଟ୍ ସବ୍‌ସିଡି ଗ୍ରାହକମାନଙ୍କ ଆବଶ୍ୟକତା ପୂରଣ କରିବା ଲାଗି ଟାଟା ପାଓ୍ୱାର ପକ୍ଷରୁ ଆବାସିକ ଗ୍ରାହକମାନଙ୍କ ପାଇଁ ଦୁଇଟି ଜୀବନଶୈଳୀସମାଧାନର ଶୁଭାରମ୍ଭ କରାଯାଇଛି: ମାଇଁସାଇନ - ନିରବଚ୍ଛିନ୍ନ ବିଦ୍ୟୁତ୍ ଯୋଗାଣ ପାଇଁ ଏକ ଛୋଟ, ବୁଦ୍ଧିମାନ ସୋଲାର ଓ ବ୍ୟାଟେରି ବ୍ୟାକ୍‌ଅପ୍ ବ୍ୟବସ୍ଥା ଚ ସୋଲାର ଡିଜାଇନ ସ୍ପେସେସ୍ - ସ୍ଥାୟିତ୍ୱ ସହିତ ଷ୍ଟାଇଲର ମିଶ୍ରଣ କରି ୨୫ ଟି ସୁନ୍ଦର ରୁଫଟପ୍ ସୋଲାର ବ୍ୟବସ୍ଥାର ଏକ ବର୍ଣ୍ଣମାଳାଘର ଘର ସୋଲାର ଅଭିଯାନ ଜରିଆରେ ବୃଦ୍ଧି ପାଉଥିବା ସଚେତନତା କାରଣରୁ ଓଡ଼ିଶାରେ ସୋଲାର ଗ୍ରହଣୀୟତାରେ ଉଲ୍ଲେଖନୀୟବୃଦ୍ଧି ଦେଖିବାକୁ ମିଳିଛି । ଓଡ଼ିଶାରେ ବାଣିଜିକ ଓ ଶିଳ୍ପ (ସିଆଣ୍ଡ୍‌ଆଇ) ବର୍ଗରେ ମଧ୍ୟ ନିରନ୍ତର ବୃଦ୍ଧି ଘଟିଛି, ଯେଉଁଥିରେ ୨୦୨୩-୨୪ରେ ୫୬ ଗ୍ରାହକ ସାମିଲହୋଇଥିବା ବେଳେ ୨୦୨୪-୨୫ରେ ୭୬ ଗ୍ରାହକ ସାମିଲ ହୋଇଛନ୍ତି ।୧୦ ବର୍ଷ ଧରି ଏକ ନମ୍ବର ସ୍ଥାନରେ ରହିଥିବା ରୁଫଟପ ସୋଲାର କମ୍ପାନି ଟିପିଆର୍‌ଇଏଲ୍ ସୋଲାର ରୁଫଟପ ଗ୍ରାହକଙ୍କୁ ମଡ୍ୟୁଲଉପରେ ୨୫ ବର୍ଷ ଓ୍ୱାରେଂଟି, ବିଶ୍ୱସନୀୟ ଗୁଣାତ୍ମକ ମାନର ପ୍ରତିଶ୍ରୁତି, ୪୫୦ରୁ ଅଧିକ ଜିଲ୍ଲାରେ ସ୍ୱତନ୍ତ୍ର ବିକ୍ରି ଓ ସର୍ଭିସ, ସାରାଭାରତରେ ଜୀବନବ୍ୟାପୀ ସେବା ଓ ବିକ୍ରି ପରବର୍ତୀ ସହାୟତା, ସହଜ ଫାଇନାନ୍ସ ବିକଳ୍ପ ଓ ରୁଫଟପ ସୋଲାର ବ୍ୟବସ୍ଥା ପାଇଁ ବୀମାଭଳି ବ୍ୟାପକ ଲାଭ ପ୍ରଦାନ କରୁଛି ।

# ଉତ୍କୃଷ୍ଟ ଶିକ୍ଷାଗତ ପ୍ରଦର୍ଶନକାରୀଙ୍କୁ ସମ୍ମାନିତ କଲା ବେଦାନ୍ତ

ଭୁବେନେଶ୍ୱର (ସବ୍ୟୁ): ଭାରତର ସର୍ବବୃହତ ଆଲୁମିନିୟମ୍ ଉତ୍ପାଦକ ବେଦାନ୍ତ ଆଲୁମିନିୟମ୍, ଚଳିତ ବର୍ଷ ଏହାର ଛାତ୍ରଛାତ୍ରୀଙ୍କ ସାମଗ୍ରିକ ଶିକ୍ଷାଗତ ପ୍ରଦର୍ଶନରେ ଏକ ଉଲ୍ଲେଖନୀୟ ମାଇଲଖୁଂଟ ହାସଲ କରିବାରେ ଝାରସୁଗୁଡ଼ାକୁ ସାହାଯ୍ୟ କରିଛି । ବାର୍ଷିକ ହାଇସ୍କୁଲ ସାର୍ଟିଫିକେଟ୍ ପରୀକ୍ଷାରେ ସର୍ବାଧିକ ପାସ୍ ପ୍ରତିଶତ (୯୭.୮୭%) ଦୃଷ୍ଟିରୁ ଜିଲ୍ଲାଟି ଓଡ଼ିଶାର ୩୦ଟି ଜିଲ୍ଲା ମଧ୍ୟରେ ତୃତୀୟ ସ୍ଥାନରେ ରହିଛି, ଯେଉଁଥିରେ ୩୩ ଜଣ ଛାତ୍ରଛାତ୍ରୀ ଏ୧ ଗ୍ରେଡ୍ ହାସଲ କରିଛନ୍ତି । ଏମାନଙ୍କ ମଧ୍ୟରୁ ୨୬ ଜଣ ଛାତ୍ରଛାତ୍ରୀ ପ୍ରୋଜେକ୍ଟ ବିଦ୍ୟାଗ୍ରହରେ ନାମ ଲେଖାଇଛନ୍ତି, ଯାହାକି ବେଦାନ୍ତ ଆଲୁମିନିୟମ୍‌ର ଅନନ୍ୟ ଡିଜିଟାଲ୍ ଲର୍ଣ୍ଣିଂ ଇନିସିଏଟିଭ୍ ପଦକ୍ଷେପ ଅଟେ ଏବଂ ଗୁଣାତ୍ମକ ଶିକ୍ଷା ପ୍ରତି ସମ୍ପ୍ରଦାୟର ପ୍ରବେଶକୁ ପରିବର୍ତ୍ତନ କରିଛି । ଦୁର୍ଗମ ଅଂଚଳରେ, ଗୁଣାତ୍ମକ ଶିକ୍ଷା ପାଇବା ପାଇଁ ବିକଳ୍ପଗୁଡ଼ିକ ବହୁତ ସୀମିତ ହୋଇପାରେ, ପ୍ରାୟତଃ ଭୌଗୋଳିକ ଏବଂ ଭିତିଭୂମି ସୀମାବଦ୍ଧତା ଉଭୟ ହେତୁ । ଏହାର ଜବାବରେ,



ବେଦାନ୍ତ ଆଲୁମିନିୟମ ବିଦ୍ୟାଗ୍ରହ ପ୍ଲାଟଫର୍ମ ବିକଶିତ କରିଛି, ଯାହା ଛାତ୍ରଛାତ୍ରୀମାନଙ୍କୁ ବିଭିନ୍ନ ବିଷୟକୁ ନେଇ ରେକର୍ଡ ହୋଇଥିବା ବକ୍ତୃତାଗୁଡ଼ିକର ଏକ ଲାଇବ୍ରେରୀ ଉପଲବ୍ଧ କରାଇଥାଏ । ଏହା ଛାତ୍ରଛାତ୍ରୀଙ୍କ ଶ୍ରେଣୀଗୃହ-ଭିତିକ ଶିକ୍ଷାକୁ ଅତିରିକ୍ତ ସମ୍ବଳ ସହିତ ବୃଦ୍ଧି କରିଥାଏ ଯାହାକି ସେମାନଙ୍କୁ ପାଠ ସଂଶୋଧନ କରିବାରେ ଏବଂ ଏକ ଆକର୍ଷଣୀୟ ଉପାୟରେ ସୂଚନା ଗ୍ରହଣ କରିବାରେ ସାହାଯ୍ୟ କରେ ।

ସମ୍ମାନିତ କାର୍ଯ୍ୟକ୍ରମରେ ଝାରସୁଗୁଡାର ମାନ୍ୟବର ବିଧାୟକ ଶ୍ରୀ ଟଙ୍କଧର ତ୍ରିପାଠି ଏବଂ ଝାରସୁଗୁଡାର ଜିଲ୍ଲା ଶିକ୍ଷା ଅଧିକାରୀ ରାଧାକାନ୍ତ ଗର୍ତିଆ ଯୋଗ ଦେଇଥିଲେ, ଯେଉଁମାନେ ଜିଲ୍ଲାର ଛାତ୍ରଛାତ୍ରୀମାନଙ୍କ ପାଇଁ ଏକ ପରିବର୍ତନକାରୀ ଶିକ୍ଷା ଅଭିଜ୍ଞତା ଆଣିବା ପାଇଁ ବେଦାନ୍ତର ପ୍ରୟାସକୁ ପ୍ରଶଂସା କରିଥିଲେ । କମ୍ପାନୀ ଛାତ୍ରଛାତ୍ରୀମାନଙ୍କ ପ୍ରଦର୍ଶନରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥିବା ପ୍ରଧାନ ଶିକ୍ଷକ ଏବଂ ଶିକ୍ଷଇତ୍ରୀମାନଙ୍କୁ ମଧ୍ୟ ସମ୍ମାନିତ କରିଛି । ଏହି ପଦକ୍ଷେପର ପ୍ରଭାବ ବିଷୟରେ କହି, ବେଦାନ୍ତ ଆଲୁମିନିୟମର ସିଓଓ ସୁନୀଲ ଗୁପ୍ତା କହିଛନ୍ତି, "ବେଦାନ୍ତରେ, ଆମେ ବିଶ୍ୱାସ କରୁ ଯେ ଗୁଣାତ୍ମକ ଶିକ୍ଷା ଆମ ସମ୍ପ୍ରଦାୟର ଦୀର୍ଘକାଳୀନ ବିକାଶ ପାଇଁ ଏକ ମୌଳିକ ପାହାଚ । ପ୍ରକଳ୍ପ ବିଦ୍ୟାଗ୍ରହ ଅଭିନବ ଶିକ୍ଷା ଏବଂ ବିକାଶ ପଥଗୁଡ଼ିକୁ ସହଜ କରି ଛାତ୍ରଛାତ୍ରୀଙ୍କ ଶୈକ୍ଷିକ ପ୍ରଗତିରେ ଅବଦାନ ଦେବାର ଲକ୍ଷ୍ୟ ରଖିଛି । ଆମେ ବର୍ତମାନ ଉତ୍କୃଷ୍ଟ ଛାତ୍ରଛାତ୍ରୀମାନଙ୍କୁ ସେମାନଙ୍କର ନିରନ୍ତର ଶୈକ୍ଷିକ ଯାତ୍ରାରେ ଆମର ସମର୍ଥନ ବିସ୍ତାର କରିବାର ଅଧିକ ଉପାୟ ଅନୁସନ୍ଧାନ କରୁଛୁ ।" ବେଦାନ୍ତ ଆଲୁମିନିୟମର ପ୍ରୟାସକୁ ପ୍ରଶଂସା କରି, ଝାରସୁଗୁଡାର ବିଧାୟକ ଟଙ୍କଧର ତ୍ରିପାଠି କହିଛନ୍ତି, "ବେଦାନ୍ତ ଆଲୁମିନିୟମ ଝାରସୁଗୁଡାର ଅଭିବୃଦ୍ଧି ଏବଂ ବିକାଶରେ ଏକ ପ୍ରତିବଦ୍ଧ ସହଯୋଗୀ ହୋଇଛି ।

## ଯାଞ୍ଚ ହେଲା ଖାଦ୍ୟ ସାମଗ୍ରୀ

ବାଲିପାଟଣା ,(ସବ୍ୟୁ) : ଖୋର୍ଦ୍ଧା ଜିଲ୍ଲାପାଳଙ୍କ ନିର୍ଦ୍ଦେଶକ୍ରମେ ବାଲିପାଟଣା ବ୍ଲକର ବିଭିନ୍ନ ସ୍ଥାନରେ ବ୍ଲକ ପ୍ରଶାସନ ପକ୍ଷରୁ ଖାଦ୍ୟ ଗୁଣବତା ଯାଞ୍ଚ ପ୍ରକ୍ରିୟା ଜୋରଦାର ଆରମ୍ଭ ହୋଇଛି ।ସୋମବାର ଦିନ ଦିନ ବାଲିପାଟଣା ବ୍ଲକର ବିଡ଼ିଓ ଦାୟିତ୍ୱରେ ଥିବା ତହସିଲଦାର କଳ୍ପନା ଦାଶ ଓ ଯୋଗାଣ ଅଧିକାରୀ ନେତ୍ରାନନ୍ଦ ବେହେରା ବନମାଳିପୁର ବଜାର, ଧାନହରା ବଜାର, ବାଲିପାଟଣା ଛକ ଓ ବାଲିପାଟଣା ହାଟର ୧୦ରୁ ଉର୍ଦ୍ଧ୍ୱର୍ ହୋଟେଲ ଓ ଜଳଖିଆ ଦୋକାନ ଯାଞ୍ଚ କରି ଖାଦ୍ୟ ଓ ଜଳଖିଆ ମାନ ପରୀକ୍ଷାକରିଥିଲେ । ଯେଉଁ ଦୋକାନ ମାନଙ୍କରେ ଗୁଣବତା ନଥିବା ଅନୁଭବ କରିଥିଲେ । ସେ ଖାଦ୍ୟଗୁଡିକୁ ବାହାରେ ନିଜ ଉପସ୍ଥିତରେ ପୋତିଦେଇଥିଲେ । ଭବିଷ୍ୟତରେ ଏହି ପ୍ରକ୍ରିୟା ଜାରି ରହିବ । ଯେଉଁ ଦୋକାନୀଙ୍କ ପାଖରେ ଅଖାଦ୍ୟ ଥିବା ଅନୁଭବ କରାଯିବ ସେମାନଙ୍କ ପ୍ରସ୍ତୁତ ଖାଦ୍ୟ ପରୀକ୍ଷା ନିରୀକ୍ଷା ପରେ ତାଙ୍କ ବିରୋଧରେ ଦୃଢ଼ ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ବିଡ଼ିଓ କଳ୍ପନା ଦାସ କହିଛନ୍ତି ।

# କପିଳେଶ୍ୱରପୁର ୪ର୍ଥ ଶହ ଠାରେ ରଜ ମହୋତ୍ସବ

ପୁରୀ (ସବ୍ୟୁ) : ବ୍ରହ୍ମଗିରି ବ୍ଲକ ଅନ୍ତର୍ଗତ କପିଳେଶ୍ୱରପୁର ୪ର୍ଥ ଶହ ଠାରେ ରଜ ଉତ୍ସବ ପାଳିତ ହୋଇଯାଇଛି । ସ୍ୱାମୀ ବିବେକାନନ୍ଦ ଆଂଗ୍ଲୋ ବୈଦିକ ଏଜୁକେସନାଲ ଓ ଚାରିଟେବୁଲ ଟ୍ରଷ୍ଟ ପକ୍ଷରୁ ଏହି ୪ ଦିନିଆ ରାଜ୍ୟ ସ୍ତରୀୟ ରଜପର୍ବ ଆୟୋଜିତ ହୋଇ ଥିଲା । ଏହି ଉତ୍ସବରେ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ସୂଚନା ଓ ଲୋକ ସମ୍ପର୍କ ଉପ ନିର୍ଦ୍ଦେଶକ ସନ୍ତୋଷ କୁମାର ସେଠୀ ରଜ ଆମ ସଂସ୍କୃତି, ଐତିହ୍ୟ ଓ ପରମ୍ପରା ର ଏକ ମହାପର୍ବ ବୋଲି କହିଥିଲେ । ଋତୁ ଭିତ୍ତିକ ଏହି ଗଣପର୍ବ କେବଳ ଓଡିଶା ରେ ହିଁ ପାଳନ ହୁଏ । ଘରେ ଓ ଗାଁ ଗାଁରେ ପାରମ୍ପରିକ ପୋଡ ପିଠା, ଦୋଳି, ଝୋଟି, ମୁରୁଜ, କବାଡି, ତାସ ଖେଳରେ ସମସ୍ତେ ମସଗୁଲ ହୋଇଥାନ୍ତି ।କୃଷି ଭିତ୍ତିକ ଏହି ପର୍ବରେ ବସୁମତୀଙ୍କୁ ପୂଜା ସହ ପ୍ରକୃତିର ବନ୍ଦନା ହିଁ ଏହାର ଶ୍ରେଷ୍ଠ ଆଧାର ବୋଲି ସେ ମତ ଦେଇଥିଲେ ।ମୁଖ୍ୟ ବକ୍ତା ଭାବେ ପ୍ରାକ୍ତନ ପ୍ରାଧ୍ୟାପକ ସୁକାନ୍ତ କୁମାର ମହାନ୍ତି ରଜ ପର୍ବର ମହତ୍ତ୍ୱ ସମ୍ପର୍କରେ ଆଲୋକପାତ କରି ଆଜିର



ଯୁବ ସମାଜ ଆମ ମହାନ ପରମ୍ପରା ପ୍ରତି ଅନୁରକ୍ତ ହେବାକୁ ଆହ୍ୱାନ ଦେବା ସହ ଅନୁଷ୍ଠାନର ଉଦ୍ୟମ କୁ ପ୍ରଶଂସା କରିଥିଲେ ।ପଦ୍ମନାଭ ତ୍ରିପାଠୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମ ରେ କୃଷ୍ଣ ପ୍ରସାଦ ବ୍ଲକ ର ଭାରପ୍ରାପ୍ତ ଅଧ୍ୟକ୍ଷ ନବ କିଶୋର ଜେନା, ବିରଞ୍ଚି ନାରାୟଣ ପ୍ରଧାନ, ଗଦାଧର ନାୟକ ଓ ବିଦ୍ୟାଳୟ ର ଅଧ୍ୟକ୍ଷ ସରସ୍ୱତୀ ନାୟକ ଯୋଗ ଦେଇ ରଜ ପର୍ବ ସମ୍ପର୍କରେ ଆଲୋକପାତ କରିଥିଲେ । ଅନୁଷ୍ଠାନ ପକ୍ଷରୁ ଏହି ଅବସରରେ ଆୟୋଜିତ ବିଭିନ୍ନ ପ୍ରତିଯୋଗିତାର କୃତି ପ୍ରତିଯୋଗୀ ଓ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିବା କଳାକାର ମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା ।ଶେଷରେ କୁନି କୁନି କଳାକାର ମାନେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ ।

## ରାଜ୍ୟ ସରକାରଙ୍କ ଏକ ବର୍ଷ ପୂର୍ତ୍ତି ପାଳନ ଅବସରରେ

# ଜିଲ୍ଲାସ୍ତରୀୟ ଉତ୍ସବର ଦ୍ୱିତୀୟ ଦିବସ କାର୍ଯ୍ୟକ୍ରମ



ବାରିପଦା, (ସବ୍ୟୁ) : ରାଜ୍ୟ ସରକାରଙ୍କ ଏକ ବର୍ଷ ପୂର୍ତ୍ତି ପାଳନ ଅବସରରେ ବିକାଶ ମେଳା-୨୦୨୫ ଉପଲକ୍ଷେ ଆଜି ଜିଲ୍ଲାସ୍ତରୀୟ ଉତ୍ସବର ଦ୍ୱିତୀୟ ଦିବସ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଆଜି ଏହି ବର୍ଷ ପୂର୍ତ୍ତି ପାଳନ କ୍ରମରେ ବାରିପଦା ସ୍ଥିତ କଲେଜ ପଡିଆ ଠାରେ ଜିଲ୍ଲାପାଳ ହେମକାନ୍ତ ସୟଙ୍କ ସଭାପତିତ୍ୱରେ ଜିଲ୍ଲାସ୍ତରୀୟ ଉତ୍ସବର ଦ୍ୱିତୀୟ ଦିବସ କାର୍ଯ୍ୟକ୍ରମ ଏକ ବର୍ଣ୍ଣାଢ୍ୟ ପରିବେଶ ମଧ୍ୟରେ ଆୟୋଜିତ ହୋଇଯାଇଛି। ଉକ୍ତ ଜିଲ୍ଲାସ୍ତରୀୟ ଉତ୍ସବ ଆଜି ଦ୍ୱିତୀୟ ଦିବସରେ ମୟୂରଭଞ୍ଜ ଜିଲ୍ଲାର ପ୍ରଭାରୀ ତଥା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ମୁଖ୍ୟଅତିଥି ଭାବେ ଯୋଗଦାନ କରିଥିଲେ। ସମ୍ମାନିତ ଅତିଥି ଭାବେ ମନ୍ତ୍ରୀ ଡଃ କୃଷ୍ଣଚନ୍ଦ୍ର ମହାପାତ୍ର, ବିଧାୟକ ଭାସ୍କର ମଡ଼େଇ, ବିଧାୟକ ପ୍ରକାଶ ସୋରେନ, ବିଧାୟକ ଭାବେ ହାଁସଦାଃ, ଜିଲ୍ଲା ଆରକ୍ଷୀ ଅଧିକ୍ଷକ ବରୁଣ ଗୁଣ୍ଟୁପାଲ୍ଲୀ, ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ଧର୍ମାନନ୍ଦ ବେହେରା ପ୍ରମୁଖ ଯୋଗ ଦେଇଥିଲେ। ପ୍ରାରମ୍ଭରେ ମୁଖ୍ୟଅତିଥି ଅନ୍ୟାନ୍ୟ ନିମନ୍ତ୍ରିତ ଅତିଥିବୃନ୍ଦଙ୍କ ସହ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଶ୍ରୀଚରଣରେ ଭକ୍ତିପୁଷ୍ପ ଅର୍ପଣ ସହ ପ୍ରଦୀପ ପ୍ରଜ୍ଜ୍ୱଳନ କରି କାର୍ଯ୍ୟକ୍ରମ ଶୁଭାରମ୍ଭ କରିଥିଲେ। ବାରିପଦା ବିଧାୟକ ଶ୍ରୀ ସୋରେନ ସ୍ୱାଗତ ଭାଷଣ ପ୍ରଦାନ କରିବା ସହ ଏହି କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ଓ ଆଭିମୁଖ୍ୟ ସମ୍ପର୍କରେ ଉଲ୍ଲେଖ କରିଥିଲେ ଏବଂ ସରକାରଙ୍କ ବିଭିନ୍ନ ଜନକଲ୍ୟାଣକାରୀ ଯୋଜନାର ଓ ଉନ୍ନୟନ ମୂଳକ ପ୍ରକଳ୍ପର ସଫଳତା ଓ ଉପଲବ୍ଧିର ଉଲ୍ଲେଖ କରିଥିଲେ। ଏହି ଅବସରରେ ମୁଖ୍ୟ ଅତିଥି କହିଥିଲେ ଯେ, କେନ୍ଦ୍ର ସରକାରଙ୍କ ୧୧ବର୍ଷ ଓ ରାଜ୍ୟ ସରକାରଙ୍କ ଏକ ବର୍ଷ ପୂର୍ତ୍ତିରେ ଲୋକଙ୍କ ସେବାରେ ସମର୍ପିତ ଆମ ସରକାରଙ୍କ ରାଜ୍ୟରେ ଏଇ ଏକ ବର୍ଷ ମଧ୍ୟରେ ଅନେକ ଉନ୍ନୟନ ମୂଳକ ପ୍ରକଳ୍ପ କାର୍ଯ୍ୟରେ ସଫଳତା ଉପଲବ୍ଧି ମିଳିଛି ଏବଂ ଓଡ଼ିଶା ଏକ ନିରନ୍ତର ବିକାଶ ଧାରାରେ ଅଗ୍ରଗତି କରୁଛି। ସେହିପରି ବିଭିନ୍ନ ବିଭାଗ ଅଧୀନରେ କାର୍ଯ୍ୟକାରୀ ହେଉଥିବା ଗରିବ ସାଧାରଣ ଲୋକଙ୍କ ପାଇଁ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ବିଭିନ୍ନ ଜନକଲ୍ୟାଣକାରୀ ଯୋଜନା ଗୁଡିକ ଲୋକଙ୍କ ପାଖରେ ପହଞ୍ଚାଇ ସେମାନଙ୍କ ଉପକୃତ କରାଇବାରେ ସକ୍ଷମ ହୋଇଛୁ ଯଦ୍ୱାରା ଲୋକଙ୍କ ନିକଟରେ ହେବା ସହ ଲୋକଙ୍କ ବିଶ୍ୱାସ ଭାଜନ ହୋଇ ପାରିଛୁ। ସମ୍ମାନିତ ଅତିଥି ମନ୍ତ୍ରୀ ଡଃ କୃଷ୍ଣଚନ୍ଦ୍ର ମହାପାତ୍ର ସରକାରଙ୍କ ବିଭିନ୍ନ ଯୋଜନା ଯଥା ଶିକ୍ଷା, ସ୍ୱାସ୍ଥ୍ୟ, କୃଷି ଗମନାଗମନ, ସୁଭଦ୍ରା, ନିଯୁକ୍ତି ଇତ୍ୟାଦି ବିଭିନ୍ନ କ୍ଷେତ୍ରରେ ଯୋଜନା ମାଧ୍ୟମରେ କିଭଳି ବିକାଶର ପରିବର୍ତ୍ତନ ଆସିଛି ସେ ବିଷୟରେ ଉଲ୍ଲେଖ କରିଥିଲେ। ଅନ୍ୟାନ୍ୟ ନିମନ୍ତ୍ରିତ ଅତିଥିମାନେ ମଧ୍ୟ ସରକାରଙ୍କ ବିଭିନ୍ନ ଜନକଲ୍ୟାଣକାରୀ ଯୋଜନା ବିଷୟରେ ବିସ୍ତୃତ ଭାବେ ଉଲ୍ଲେଖ କରିବା ସହ 'ବର୍ଷ ଏକ -ଉପଲବ୍ଧି ଅନେକ କଥା ଦେଇ କଥା ରଖିଲେ ଲୋକଙ୍କ ସରକାରର ଯଥାର୍ଥତା ପ୍ରତିପାଦନ କରିଥିଲେ। ଏତଦ୍ ବ୍ୟତୀତ ଜିଲ୍ଲାର ବିଭିନ୍ନ ବିଭାଗର ଅଧିକାରୀମାନେ ନିଜ ନିଜ ବିଭାଗର ବିଭିନ୍ନ ଯୋଜନା ଓ ବାର୍ଷିକ ଉପଲବ୍ଧି ସମ୍ବନ୍ଧରେ ଉପସ୍ଥାପନ କରିଥିଲେ। ଏହି ଅବସରରେ ମୁଖ୍ୟଅତିଥି ରାଣୀ ମୁର୍ମୁଙ୍କ ମତ୍ସ୍ୟ ଚାଷ ପାଇଁ ୭ଲକ୍ଷ ଟଙ୍କା ସବସିଡି, ପ୍ରତିମା ପୃଷ୍ଟିଙ୍କୁ ୭୦ହଜାର ଟଙ୍କା ସବସିଡି, ସାମାଜିକ ସୁରକ୍ଷା ଅଧୀନରେ ନବିନୀ ଚନ୍ଦ୍ର ଧୀର ଓ ପଦ୍ମିନୀ ଧଳଙ୍କୁ ୨ଲକ୍ଷ ୫୦ହଜାର ବିବାହ ପ୍ରୋତ୍ସାହନ ରାଶି, ଅଭିଜିତ ମିଶ୍ରଙ୍କୁ ୫୦ହଜାର ଟଙ୍କା ଛାତ୍ର ବୃତ୍ତି, ମିଶନ ଶକ୍ତି ଋଣପତ୍ର ଖାଦ୍ୟ ଉତ୍ସବ ପ୍ରତିଯୋଗିତାରେ ଖାଦ୍ୟ ପ୍ରସ୍ତୁତ କରି ଉତ୍ତମ ପ୍ରଦର୍ଶନ କରିଥିବା ମା' ଧନ କ୍ଷେତ୍ର ପାଳ ଏସଏଚଜିଙ୍କୁ ୧୦ହଜାର, ମାଆ ଭୈରବୀ ଏସଏଚଜିଙ୍କୁ ୮ହଜାର, ମାଆ ଗୋଲବାୟାଣୀ ଏସଏଚଜି କୁ ୬ହଜାର ଟଙ୍କା ପୁରସ୍କାର ରାଶି ଏବଂ ସୁପର ଓଡିଶା ଏବଂ କିଙ୍ଗଡମ ଭାରତ ପ୍ରତିଯୋଗିତାର ଗ୍ରୁପ-ଏର କୃତୀ ଛାତ୍ରି ବିଦ୍ୟୁତ୍ ସ୍ମିତା ସାହୁଙ୍କୁ ୫ହଜାର, ରୀତିକା ପ୍ରିୟ ଦର୍ଶିନୀଙ୍କୁ ୩ ହଜାର ଗ୍ରୁପ-ବିର କୃତି ଛାତ୍ରୀ ଶୁଭଶ୍ରୀ ଦୀକ୍ଷିତଙ୍କୁ ୫ହଜାର ଓ ସ୍ୱୟଂସିଦ୍ଧ ପରିଡାଙ୍କୁ ୩ହଜାର ଟଙ୍କା ପୁରସ୍କାର ରାଶି ପ୍ରଦାନ କରିଥିଲେ। ଏହି ଅବସରରେ ଶାମାଖୁଣ୍ଟାର ମୁଣ୍ଡା ଆଦିବାସୀ ଯୁବକ ସଙ୍ଘ ଦ୍ୱାରା ପାରମ୍ପରିକ ଆଦିବାସୀ ଝୁମର ନୃତ୍ୟ, କପ୍ତିପଦାର ମାଉଙ୍ଗକୁରୁ ପାର୍ଟି ତରଫ ଧର୍ମ ପାର୍ଟି ଦ୍ୱାରା କଳସ ନୃତ୍ୟ, ଶାମାଖୁଣ୍ଟାର ଶ୍ରୀ ଜଗନ୍ନାଥ କଳା ସଂସ୍କୃତି ଅନୁଷ୍ଠାନ ଦ୍ୱାରା ଝୁମର ନୃତ୍ୟ ପରିବେଷଣ କରାଯିବା ସହ ସଂଗୀତ ଦଳଙ୍କ ସୁମଧୁର ସଂଗୀତ ପରିବେଷଣ କରିଥିଲେ। କାର୍ଯ୍ୟକ୍ରମ ଶେଷରେ ବିଧାୟକ ଭାବେ ହାଁସଦାଃ ଧନ୍ୟବାଦ ଅର୍ପଣ କରିଥିଲେ। କାର୍ଯ୍ୟକ୍ରମରେ ବିଭିନ୍ନ ବିଭାଗୀୟ ପଦାଧିକାରୀ, ଜିଲ୍ଲାର ବିଭିନ୍ନ ପ୍ରାନ୍ତରରୁ ଆସିଥିବା ସ୍ୱୟଂସହାୟକ ଗୋଷ୍ଠୀର ସଦସ୍ୟା, ବିଭିନ୍ନ ଯୋଜନାର ହିତାଧିକାରୀ, ଉଦ୍ୟୋଗୀ ଓ ଗଣମାଧ୍ୟମର ପ୍ରତିନିଧି ମାନେ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମକୁ ଉପଜିଲ୍ଲାପାଳ ଡଃ ଦୟାସିନ୍ଧୁ ପରିଡା ପରିଚାଳନା କରିଥିଲେ।

## ରେଳଧାରଣା ଯୁବକଙ୍କ ମୃତଦେହ ଜବତ, ପରିଚୟ ଅସ୍ପଷ୍ଟ

ବ୍ରହ୍ମପୁର, (ସବ୍ୟୁ) : ସରକାରୀ ରେଳବାଇ ଥାନା (ଜିଆରପି)ଅନ୍ତର୍ଗତ ଆଙ୍କୁଲି ଓଭରବ୍ରିଜ ନିକଟ ରେଳଧାରଣାରୁ ଜଣେ ଯୁବକଙ୍କ ମୃତଦେହ ଜବତ ହୋଇଛି। ମୃତଙ୍କ ପରିଚୟ ମିଳିପାରିନାହିଁ। ତାଙ୍କ ବୟସ ପାଖାପାଖି ୩୫ ବର୍ଷ ହେବ ବୋଲି ଅନୁମାନ କରାଯାଉଛି। କୌଣସି ଚଳନ୍ତା ଟ୍ରେନ ସଂସ୍ପର୍ଶରେ ଆସି ତାଙ୍କର ମୃତ୍ୟୁ ହୋଇଥାଇଥିବା ପୋଲିସ ପ୍ରାଥମିକ ତଦନ୍ତରୁ ସନ୍ଦେହ କରୁଛି। ଏନେଇ ଜିଆରପିରେ ୫୭/୨୫ ରେ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇଛି। ମଙ୍ଗଳବାର ପୂର୍ବାହ୍ନରେ ଆଙ୍କୁଲି ଓଭରବ୍ରିଜ ତଳ ରେଳଧାରଣା ଓ ବ୍ରହ୍ମପୁର ରେଲ ନିକଟ ରେଳ ଧାରଣା ମଝିରେ ଜଣେ ଯୁବକଙ୍କ ମୃତଦେହ ପଡ଼ିଥିବା ଜିଆରପି ଥାନାକୁ ଖବର ମିଳିବା ପରେ ପୋଲିସ ପହଞ୍ଚି ତଦନ୍ତ କରିଥିଲା। ତେବେ ଯୁବକଙ୍କ ନିକଟରୁ କୌଣସି ପରିଚୟ ପତ୍ର କିମ୍ବା ସାମଗ୍ରୀ ମିଳିନଥିବାରୁ ତାଙ୍କ ଠିକଣା ଅଣଜଣାଥିଲା। ପୋଲିସ ମୃତଦେହ ଉଦ୍ଧାର କରି ବ୍ୟବଚ୍ଛେଦ ପାଇଁ ଏମକେସିଜିକୁ ପଠାଇଥିଲା। ପରିଚୟ ମିଳିନଥିବାରୁ ଯୁବକଙ୍କ ମୃତଦେହକୁ ଏମକେସିଜିର ମୃତଦେହ ସଂରକ୍ଷଣ ଗୃହରେ ସଂରକ୍ଷିତ କରି ରଖିଛି। କୌଣସି ମାନସିକ ଚାପରୁ ଯୁବକ ଜଣଙ୍କ ଟ୍ରେନ ସମ୍ମୁଖକୁ ଡେଇଁ ଆତ୍ମହତ୍ୟା କରିଥାଇପାରନ୍ତି ବୋଲି ଅନୁମାନ କରାଯାଉଛି।

## ଗାଡି ଯାଞ୍ଚ କଡାକଡି, ଧରା ପଡିଲେ ଦୁଇ ନାବାଳକ

### ୨୦ ଜଣଙ୍କ ଠାରୁ ୨.୧୫ ଲକ୍ଷ ଜୋରିମନା

ଛତ୍ରପୁର, (ସବ୍ୟୁ): ଛତ୍ରପୁରରେ ସଡକରେ ବେଆଇନ ଭାବେ ଗାଡି ଚଳାଇବା ଦ୍ୱାରା ଦୁର୍ଘଟଣା ଘଟୁଛି। ବିଶେଷକରି ଦ୍ରୁତ ଗତିରେ ଗାଡି ଚଳାଇବା ଦ୍ୱାରା ଦୁର୍ଘଟଣା ହୋଇଥାଏ। ଏନେଇ ଆଜି ଗଞ୍ଜାମ ପରିବହନ ବିଭାଗ ଓ ଛତ୍ରପୁର ପୁଲିସ ପକ୍ଷରୁ ମିଳିତ ଭାବେ ଛତ୍ରପୁର ସହରରେ ବିଭିନ୍ନ ସ୍ଥାନରେ ଗାଡି ଯାଞ୍ଚ କଡାକଡି କରାଯାଇଥିଲା। ଏହି ଗାଡି ଯାଞ୍ଚ ବେଳେ ୨୦ ଜଣ ଧରାପଡିଥିଲେ। ସେଥିରୁ ଦୁଇ ଜଣ ନାବାଳକ ଗାଡି ଚଳାଉଥିବା ବେଳେ ଧରାପଡିଥିଲେ। ସିଟ ବ୍ୟାଲେଟ ନପିନ୍ଧି ୨ଜଣ, ମାଲବୁହା ଗାଡିରେ ଲୋକନେବା ବେଳେ ୨ଜଣ, ବିନା ହେଲିମେଟ ଗାଡି ଚଳାଇବା ବେଳେ ୧୦ ଜଣ ଓ ଅନ୍ୟାନ୍ୟ ୪ଜଣ ଧରାପଡିଥିବା ଏମଭିଆଇ ଇ.ରବିନ୍ଦ୍ର ନାଥ ଜେନା ସୂଚନା ଦେଇଛନ୍ତି। ଏମାନଙ୍କୁ ୨ ଲକ୍ଷ୧୫ ହଜାର ଟଙ୍କା ଜୋରିମାନା ପଡାଯାଇଛି। ବିଶେଷକରି ଦୁଇ ନାବଳକ ସେମାନଙ୍କ ଗାଡିକୁ ୨୫ ହଜାର ଲେଖାଏଁ ଜୋରିମାନା ପକାଯିବା ସହ ଚାଲାଣ କଟାଯାଇଛି। ଆଗାମୀ ଦିନରେ ମଧ୍ୟ ଏହି ଗାଡି ଯାଞ୍ଚ ଜାରି ରହିବ ବୋଲି କୁହାଯାଇଛି। ସୂଚନା ଥାଉକି ଛତ୍ରପୁର ସହରରେ ଏବେ ରୋଡ ରୋମିଓ ମାନେ ଅତ୍ୟାଧିକ ବେଗରେ ଗାଡି ଚଳାଉଥିବା ବେଳେ ଦୁର୍ଘଟଣା ଘଟି ଲୋକଙ୍କ ମୃତ୍ୟୁ ହେଉଥିବା ବେଳେ ଛୋଟଛୋଟ ପିଲାମାନେ ଗାଡି ଚଳାଇବା, ମଦ୍ୟପାନ କରି ଗାଡି ଚଳାଇବା ଦ୍ୱାରା ସଡକ ଦୁର୍ଘଟଣା ବୃଦ୍ଧି ହେଉଛି। ଏହି ଅମାନିଆ ମାନଙ୍କୁ ସାବଡ କରିବା ପାଇଁ ଗାଡି ଯାଞ୍ଚକୁ ଏବେ କଡାକଡି କରାଯାଉଛି।

# ମାଲ ପରିବହନ କାର୍ଯ୍ୟରେ ନିୟୋଜିତ କରାଯାଉ : ଟ୍ରକ୍ ମାଲିକ ସଂଘ



ଛତ୍ରପୁର, (ସବ୍ୟୁ): ଆମେ ସ୍ଥାନୀୟ ଅଂଚଳର ଲୋକେ ଆମକୁ ଗୋପାଳପୁର ବନ୍ଦରରେ ମାଲ ପରିବହନ କ୍ଷେତ୍ରରେ ଅଣଦେଖା କରାଯାଇ ଟ୍ରାନ୍ସପୋର୍ଟର ମାନେ ଅନ୍ୟ ଅଂଚଳରେ ଟ୍ରକ ଗୁଡିକୁ ପରିବହନ କ୍ଷେତ୍ରରେ ନିୟୋଜିତ କରୁଛନ୍ତି। ଯାହାଦ୍ୱାରା ସେମାନଙ୍କ ପରିବାର ଚଳାଇବା ଟା ସେମାନେ ପକ୍ଷରୁ କଷ୍ଟସାଧ ହେଲାଣି। ଲକ୍ଷଲକ୍ଷ ଟଙ୍କା ଦେଇ ଗାଡି ଗୁଡିକୁ ଆଣି ବିନା ପରିବହନରେ ପଡି ରହି ଖତ ହେଉଛି ବୋଲି ଏପରି ଅଭିଯୋଗ ଆଣିଛନ୍ତି। ଗୋପାଳପୁର ପୋର୍ଟ ଟ୍ରକ ମାଲିକ ସଂଘ, ମା ଦକ୍ଷିଣକାଳୀ ମାଲିକ ସଂଘ ଓ ଗଞ୍ଜାମ ଟ୍ରକ ମାଲିକ ସଂଘର କର୍ମକର୍ତ୍ତା। ଏନେଇ ଛତ୍ରପୁର ଠାରେ ୩ଟି ସଂଘ ପକ୍ଷରୁ ଏକ ସାମ୍ବାଦିକ ସମ୍ମିଳନୀରେ ସୂଚନା ଦେଇଛନ୍ତି। ବିଶେଷକରି ଟ୍ରାନ୍ସପୋଟର ମାନେ ଅଂଚଳର ଟ୍ରକ ମାଲିକମାନଙ୍କୁ ଜାଣିଶୁଣି ଅଣଦେଖା କରୁଥିବା ବେଳେ ପ୍ରଶାସନ ନିରବ ଦ୍ରଷ୍ଟା ସାଜିଛି ବୋଲି କହିଥିଲେ। ମାଲ ପରିବହନରେ ସଂଘର ମାଲିକ ମାନଙ୍କ ଗାଡି ଗୁଡିକୁ ନିୟୋଜିତ ନକରି ଅନ୍ୟ ଜିଲ୍ଲା ଏବଂ ଅନ୍ୟ ଅଂଚଳ ଗାଡିମାନଙ୍କୁ ମାଲ ପରିବହନ ନିମନ୍ତେ ଦିଆଯାଉଛି। ଯାହା ଫଳରେ ସେମାନେ ବିଭିନ୍ନ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ହଜାରହଜାର ଟ୍ରକ ବିନା ପରିବହନରେ ପଡି ରହିଛି। ଏହା ଦ୍ୱାରା ସେମାନଙ୍କ ଗାଡି ଫାଇନାନ୍ସ ବାନ୍ଧିବାରେ ସେମାନଙ୍କୁ ଅସୁବିଧା ହେଉଥିବା ସହ ସେମାନଙ୍କ ପରିବାର ପ୍ରତିପୋଷଣ କରିବାରେ ଅସହାୟ ହେଉଛନ୍ତି। କେତକ ଗାଡି ଗୁଡିକ ମାଲିକ ମାନେ ଇଏମଆଇ ବାନ୍ଧି ପାରୁ ନଥିବାରୁ ଫାଇନାନ୍ସକମ୍ପାନୀ ମାନେ ନେବାକୁ ବସିଲେଣି। ଏନେଇ ସେମାନେ ପୂର୍ବରୁ ଜିଲ୍ଲାପ୍ରଶାସନ ଓ ବନ୍ଦର କର୍ତ୍ତୃପକ୍ଷଙ୍କୁ ଜଣାଇଥିଲେ ମଧ୍ୟ ସେମାନଙ୍କ ସମସ୍ୟା ସମାଧାନ ହୋଇ ନାହିଁ। ଫଳରେ ୩ ଟି ଟ୍ରକ ମାଲିକ ସଂଘ ଛତ୍ରପୁର ବିଧାୟକଙ୍କୁ ଭେଟି ସେମାନଙ୍କ ସମସ୍ୟା ସମ୍ପର୍କରେ ଅବଗତ କରାଇଛନ୍ତି। ବିଧାୟକ ସେମାନଙ୍କ ସମସ୍ୟାର ସମାଧାନ କରିବା ନିମନ୍ତେ ଆଶ୍ୱସନା ଦେଇଛନ୍ତି ବୋଲି ମଧ୍ୟ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ କର୍ମକର୍ତ୍ତା ସୂଚନା ଦେଇଛନ୍ତି। ଏହା ସହ ୩ ଟି ଟ୍ରକ ମାଲିକ ସଂଘରେ ନଥାଇ କିଛି କୁଚକ୍ରି ଗୋଷ୍ଠୀର ମାଲିକ ମାନେ ଫେଡେରେସନ ନାମ ନେଇ ନିଜ କାମ ହାସଲ କରିବା ନିମନ୍ତେ ଭାଇରାଲ କରୁଛନ୍ତି, ତାହାକୁ ୩ଟି ଟ୍ରକ ମାଲିକ ସଂଘ ପକ୍ଷରୁ ଦୃଢ ନିନ୍ଦା କରାଯାଉଛି। ସେମାନେ ସ୍ଥାନୀୟ ଅଂଚଳର ବନ୍ଦର ପରିସରରେ ଦାୟିତ୍ୱ ଥିବା ଟ୍ରାନ୍ସପୋର୍ଟର ସେମାନଙ୍କୁ ମାଲ ପରିବହନ ନିମନ୍ତେ ଦିଆଯାଉ ବୋଲି କର୍ମକର୍ତ୍ତା ମାନେ ଦାବୀ କରିଛନ୍ତ। ଯେ ପର୍ଯ୍ୟନ୍ତ ସେମାନଙ୍କୁ ଧାର୍ଯ୍ୟ ପରିମାଣ ନମିଳିଛି ସେତେ ସମୟ ପର୍ଯ୍ୟନ୍ତ ବାହାର ସମସ୍ତ ଆସୁଥିବା ଗାଡି ଗୁଡିକୁ ଲୋଡ଼ ନଦେବାକୁ ମଧ୍ୟ ସେମାନେ ଦାବୀ କରିଛନ୍ତି। ନଚେତ ଆଗାମୀ ଦିନରେ ନିଜନିଜ ପରିବାର ଚଳାଇବାର ଅସୁବିଧା ସହିତ ଆତ୍ମହତ୍ୟା କରିବା ନିମନ୍ତେ ବାଧ୍ୟ ହେବେ ବୋଲି ମଧ୍ୟ ବହୁ ମାଲିକ ମାନେ କହିଥିଲେ। ଜିଲ୍ଲାପ୍ରଶାସନ ଏବଂ ବନ୍ଦର କର୍ତ୍ତୃପକ୍ଷ ସେମାନେ କଥା ଗୁରୁତ୍ୱ ସହ ନେଇ ନିର୍ଦ୍ଧାରିତ ଦର ଧାର୍ଯ୍ୟ ଓ ମାଲ ପରିବହନ କାର୍ଯ୍ୟରେ ନିୟୋଜିତ କରିବା ନିମନ୍ତେ ଅନୁରୋଧ କରିଛନ୍ତି। ଏହି ସାମ୍ବାଦିକ ସମ୍ମିଳନୀରେ ଗୋପାଳପୁର ପୋର୍ଟ ଟ୍ରକ ମାଲିକ ସଂଘର ସାଧାରଣ ସମ୍ପାଦକ ଜି. ଭାସ୍କର ରେଡ୍ଡୀ, ମା ଦକ୍ଷିଣକାଳୀ ମାଲିକ ସଂଘର କୋଷାଧ୍ୟକ୍ଷ ଅଙ୍ଗଦ ବିଶ୍ୱାଳ, ଗଞ୍ଜାମ ଟ୍ରକ ମାଲିକ ସଂଘର କାର୍ଯ୍ୟକାରୀ ସଭାପତି ନିରଞ୍ଜନ ଜେନା ଓ ଉପସଭାପତି କାଳୀ ଚରଣ ସ୍ୱାଇଁଙ୍କ ସମେତ ବହୁ ଟ୍ରକ ମାଲିକ ମାନେ ଉପସ୍ଥିତ ଥିଲେ।

## ସାହାଣୀ କପ ଫୁଟବଲ ଟୁର୍ଣ୍ଣାମେଣ୍ଟ ପାଇଁ ଖେଳାଳି ଚୟନ

ବାରିପଦା, (ସବ୍ୟୁ) : ଓଡିଶା ଫୁଟବଲ ଏସୋସିଏସନ ଆନୁକୂଲ୍ୟରେ ରାଜ୍ୟସ୍ତରୀୟ ଆନ୍ତଃ ଜିଲ୍ଲା ସିନିୟର ଉଭୟ ପୁରୁଷ ଓ ମହିଳା ଫୁଟବଲ ଟୁର୍ଣ୍ଣାମେଣ୍ଟ ଜୁଲାଇ ମାସରେ ଅନୁଷ୍ଠିତ ହେବାକୁ ଯାଉଅଛି। ସେଥିପାଇଁ ମୟୂରଭଞ୍ଜ ଏଥଲେଟିକ ଏସୋସିଏସନ ଆନୁକୂଲ୍ୟରେ ମୟୂରଭଞ୍ଜ ଜିଲ୍ଲାର ଉଭୟ ପୁରୁଷ ଓ ମହିଳା ଦଳ ପାଇଁ ଚୟନ ପ୍ରକ୍ରିୟା ଚଳିତ ମାସ ୨୫ତାରିଖ ଠାରୁ ବାରିପଦା ଷ୍ଟାଡିୟମରେ ଅନୁଷ୍ଠିତ ହେବ ବୋଲି ସାଧାରଣ ସମ୍ପାଦକ ବିଜୟ କୁମାର ଦାସ ଜଣାଇଛନ୍ତି। ଆଗ୍ରହୀ ଖେଳାଳି ମାନେ ନିଜ ନିଜର ଜନ୍ମ ପ୍ରମାଣ ପତ୍ର ବା ହାଇସ୍କୁଲ ସାର୍ଟିଫିକେଟ, ଆଧାର କାର୍ଡ ଓ ଗୋଟିଏ ପାସପୋର୍ଟ ଫୋଟୋ ସହ ବାରିପଦା ଷ୍ଟାଡିୟମ ଅଫିସରେ ଚଳିତ ମାସ ୨୩ତାରିଖ ସୁଦ୍ଧା ନାମ ପଞ୍ଜିକରଣ କରିପାରିବେ ବୋଲି ଫୁଟବଲ ସମ୍ପାଦକ ଅମର କୁମାର ସେଠି ଜଣାଇଛନ୍ତି।

## ମହିଳାଙ୍କ ବେକରୁ ସୁନାହାର ଲୁଟ୍ ଘଟଣାରେ ପୋଲିସ ହାତ ଖାଲି

ବୁଗୁଡା, (ସବ୍ୟୁ): ଗତ ମେ ୩୦ ତାରିଖ ଦିନ ପ୍ରାତଃ ଭ୍ରମଣରେ ଯାଇଥିବା ସ୍ଥାନୀୟ ଶକ୍ତିନଗର ନିବାସିନୀ ମହିଳା ସୁକାନ୍ତି ସାହୁଙ୍କ ବେକରୁ ୧୦ ଭରି ଓଜନର କାଟା ଚେନ୍ ଓ ୩ ଭରି ଓଜନର ମଙ୍ଗଳସୂତ୍ର ଲୁଟ୍ ଘଟଣାର ୧୯ ଦିନ ବିତିଯାଇଥିଲେ ପୋଲିସ ହାତ ଖାଲି। ଏପର୍ଯ୍ୟନ୍ତ ପୋଲିସ ଅନ୍ଧାରରେ ବାଡି ବୁଲାଉଥିବାକୁ ନେଇ ସାଧାରଣରେ ସମାଲୋଚନା ହେଉଛି। ଏହି ଲୁଟ୍ ଘଟଣା ଘଟାଇ ଦୁଇ ଦୁର୍ବୃତ୍ତ ବାଇକରେ ଷୋଳମଇଲି ଅଭିମୁଖେ ଦ୍ରୁତଗତିରେ ପଳାୟନ କରୁଥିବା ଦୃଶ୍ୟ ସିସିଟିଭି କ୍ୟାମେରାରେ କଏଦ ହୋଇଥିଲେ ହେଁ ପୋଲିସ ଏଥିରୁ କୌଣସି ଫାଇଦା ପାଉନାହିଁ। ଯାହା ପୋଲିସର କାର୍ଯ୍ୟଦକ୍ଷତା ନେଇ ଜନମାନସରେ ପ୍ରଶ୍ନବାଚୀ ସୃଷ୍ଟି କରିଛି। ଏହି ଲୁଟ୍ ଘଟଣାକୁ ନେଇ ସମ୍ପୃକ୍ତ ମହିଳାଙ୍କ ଅଭିଯୋଗ କ୍ରମେ ପୋଲିସ କେସ୍ ନଂ ୩୫୩/୨୫ରେ ଏକ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିଲେ ହେଁ ଅଦ୍ୟାବଧି କୌଣସି ସୁଫଳ ମିଳିପାରିନଥିବା ଜଣାଯାଇଛି। ଏହି ବହୁ ଚର୍ଚ୍ଚିତ ଲୁଟ୍ ଘଟଣା ସହ ସଂପୃକ୍ତି ସନ୍ଦେହରେ ସ୍ଥାନୀୟ ଶକ୍ତିନଗର ଅଞ୍ଚଳର ଦୁଇ ଜଣଙ୍କୁ ଉଠାଇ ଆଣି ଘନଘନ ଜେରା କରିଥିଲେ ମଧ୍ୟ ଫଳ ଶୂନ ମିଳିଛି। ଫଳରେ ପୋଲିସ ଲୋକଙ୍କ ଆସ୍ଥାଭାଜନ ହୋଇପାରୁନି। ଏଣୁ ପୋଲିସ ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷ ଏ ଲୁଟ୍ ଘଟଣାର ଅଭିଯୁକ୍ତଙ୍କୁ ଗିରଫ କରିବା ଦିଗରେ ପଦକ୍ଷେପ ଗ୍ରହଣ କରିବାକୁ ସାଧାରଣରେ ଦାବି ହେଉଛି।

## ରଥଯାତ୍ରା ଓ ବାହୁଡା ଯାତ୍ରା ପାଇଁ ପ୍ରସ୍ତୁତି ବୈଠକ

ଫୁଲବାଣୀ, (ସବ୍ୟୁ) : କନ୍ଧମାଳ ଜିଲ୍ଲା ସଦର ମହକୁମା ଫୁଲବାଣୀ ଠାରେ ଚଳିତ ବର୍ଷ ରଥ ଯାତ୍ରା ଓ ବାହୁଡ଼ା ଯାତ୍ରାକୁ ସୁଶୃଙ୍ଖଳିତ ଭାବେ ସମାପନ କରିବା ପାଇଁ ଜିଲ୍ଲାପାଳଙ୍କ ଅଧକ୍ଷତାରେ ଏକ ପ୍ରସ୍ତୁତି ବୈଠକ ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥା, ଫୁଲବାଣୀର ସମ୍ମୀଳନୀ କକ୍ଷରେ ଆୟୋଜିତ ହୋଇଯାଇଛି। ପୂର୍ବ ବର୍ଷମାନଙ୍କ ପରି ଚଳିତ ବର୍ଷ ମଧ୍ୟ ରଥ ଯାତ୍ରା ଓ ବାହୁଡ଼ା ଯାତ୍ରା ପାଇଁ ଜିଲ୍ଲା ପ୍ରଶାସନର ସମସ୍ତ ପ୍ରକାର ସହଯୋଗ ରହିବ ବୋଲି ଜିଲ୍ଲାପାଳ ପ୍ରକାଶ କରିଥିଲେ। ବିଶେଷକରି ରାସ୍ତା ଓ କୋଠାବାଡ଼ି, ପୋଲିସ, ପୌର ପରିଷଦ, ଟାଟା ପାୱାର, ଜନ ସ୍ୱାସ୍ଥ୍ୟ, ଅବକାରୀ, ଉଦ୍ୟାନ କୃଷି, ସଂସ୍କୃତି ଆଦି ବିଭାଗ ତରଫରୁ ମିଳୁଥିବା ସହଯୋଗ ଉପରେ ଜିଲ୍ଲାପାଳ ଆଲୋଚନା କରିଥିଲେ। ଯେହେତୁ ମାଉଷୀ ମାଆ ମନ୍ଦିର ଟିକେ ଦୂରରେ ଅଛି, ଯଦି ସନ୍ଧ୍ୟା ସୁଦ୍ଧା ରଥ ମନ୍ଦିରକୁ ନପହଞ୍ଚେ, ତେବେ ରଥ ଟଣା କାର୍ଯ୍ୟକ୍ରମ ସନ୍ଧ୍ୟା ପରେ ନକରି ରଥ ଯେଉଁ ସ୍ଥାନକୁ ପହଞ୍ଚିଛି ସେ ସ୍ଥାନରେ ରହି ତା ପରଦିନ ରଥ ଟଣା କାର୍ଯ୍ୟକ୍ରମକୁ ଚାଲୁ କରିବା ପାଇଁ ବୈଠକରେ ନିଷ୍ପତ୍ତି ନିଆଯାଇଛି। ପ୍ରାରମ୍ଭରେ, ବୈଠକର ଆବାହକ ତଥା ଫୁଲବାଣୀ ଉପ-ଜିଲ୍ଲାପାଳ ଭିକାରୀ ସାହୁ ସମସ୍ତଙ୍କୁ ସ୍ୱାଗତ କରିଥିଲେ। ଶ୍ରୀ ଜଗନ୍ନାଥ ମନ୍ଦିର ପରିଚାଳନା କମିଟିର ସମ୍ପାଦକଙ୍କ ଆଲୋଚନାରୁ, ପ୍ରକାଶ ଯେ ତା ୨୬.୦୬.୨୦୨୫ ପ୍ରାତଃ ଘ. ୭.୦୦ମି.ରେ ନେତ୍ରୋତ୍ସବ ପୂଜା ଆରମ୍ଭ, ଦିବା ଘ. ୧୦.୩୦ ମି.ରେ ନବଯୌବନ ଦର୍ଶନ, ଦିବା ଘ. ୧୧.୦୦ ମି. ରେ ରଥ ପ୍ରତିଷ୍ଠା, ତା. ୨୭.୦୬.୨୦୨୫ ରିଖ ପ୍ରାତଃ ଘ.୪.୩୦ ମି. ଠାରୁ ଦିବା ଘ.୧୨.୩୦ ମି. ପର୍ଯ୍ୟନ୍ତ ମଙ୍ଗଳ ଆଳତୀ, ରୋଷଘର ହୋମ, ମଇଲମ ତଡ଼ପଲାଗି, ସୂର୍ଯ୍ୟ ପୂଜା, ଦ୍ୱାରପାଳଙ୍କ ପୂଜା, ଅବକାଶ,ରାଜଙ୍କୁ ନିମନ୍ତ୍ରଣ, ପୂଜା ଓ ମଙ୍ଗଳାର୍ପଣ, ପହଣ୍ଡି ଆରମ୍ଭ, ଛେରା ପହଁରା, ପ୍ରସାଦ ସେବନ ଇତ୍ୟାଦି ସମସ୍ତ ପୂଜାବିଧି ପରେ ଦିବା ଘ.୧.୩୦ମି. ସମୟରେ ରଥ ଟଣା କାର୍ଯ୍ୟ ଆରମ୍ଭ ହେବ। ସେହିପରି ଭାବରେ ତା.୦୫.୦୭.୨୦୨୫ ରିଖ ପ୍ରାତଃ ଘ.୪.୩୦ ମି. ଠାରୁ ଦିବା ଘ.୧୨.୩୦ ମି. ପର୍ଯ୍ୟନ୍ତ ମଙ୍ଗଳ ଆରତୀ, ମଇଲମ ଓ ତଡ଼ପଲାଗି, ଅବକାଶ, ସ୍ନାନ ଓ ବେଶ, ସୂର୍ଯ୍ୟ ପୂଜା, ଦ୍ୱାରପାଳଙ୍କ ପୂଜା, ରାଜଙ୍କୁ ନିମନ୍ତ୍ରଣ, ରଥ ଶୁଦ୍ଧିକରଣ, ମଙ୍ଗଳାର୍ପଣ, ଠାକୁରଙ୍କ ପହଣ୍ଡି ଆରମ୍ଭ, ଛେରା ପହଁରା ଓ ଆଳତୀ, ପ୍ରସାଦ ସେବନ ଇତ୍ୟାଦି କାର୍ଯ୍ୟ ପରେ ଦିବା ଘ.୧.୩୦ମି. ସମୟରେ ବାହୁଡ଼ା ଯାତ୍ରା ପାଇଁ ରଥ ଟଣା କାର୍ଯ୍ୟ ଆରମ୍ଭ ହେବ। ତା.୦୬.୦୭.୨୦୨୫ ରିଖ ରବିବାର ସନ୍ଧ୍ୟା ଘ.୫.୦୦ ମି.ଠାରୁ ସୁନାବେଶ, ତା.୦୭.୦୭.୨୦୨୫ ରିଖ ସୋମବାର ରାତ୍ରି ଘ.୭.୩୦ ମି. ଗତେ ଠାକୁରଙ୍କର ଅଧରପଣା ଭୋଗ, ତା.୦୮.୦୭.୨୦୨୫ ରିଖ ମଙ୍ଗଳବାର ସନ୍ଧ୍ୟା ଘ.୭.୩୦ ମି. ଗତେ ଶ୍ରୀ ଜୀଉଙ୍କର ନୀଳାଦ୍ରୀ ବିଜେ ଉତ୍ସବ ହେବ।

## ବିନା ଅନୁମତିରେ ଚାଲିଛି ପେଟ୍ରୋଲ ପମ୍ପ, ଏନ୍ଏସି ପକ୍ଷରୁ ନୋଟିସ

ଛତ୍ରପୁର, (ସବ୍ୟୁ): ଛତ୍ରପୁର ଅରବିନ୍ଦ ସ୍କୁଲ ରୋଡ ସ୍ଥିତ ଓପିଡିସି ପେଟ୍ରୋଲ ପମ୍ପକୁ ଛତ୍ରପୁର ଏନଏସି ପକ୍ଷରୁ ନୋଟିସ ଜାରି କରାଯାଇଛି। ନୋଟିସର ସାତ ଦିନ ମଧ୍ୟରେ ଏଠାରେ ପେଟ୍ରୋଲ ପମ୍ପ ସ୍ଥାନ ଖାଲି କରିବେ ନଚେତ ଛତ୍ରପୁର ଏନଏସି ସହିତ ଯୋଗାଯୋଗ କରି ଅନୁମତି ପାଇଁ ପଦକ୍ଷେପ ନେବାକୁ କୁହାଯାଇଛି। ସୂଚନା ଥାଉକି ଉକ୍ତ ପେଟ୍ରୋଲ ପମ୍ପଟି ଓଡିଶା ପିସି କଲଚର ଡେଭେଲପମେଣ୍ଟ କର୍ପୋରେସନ ଲିମିଟେଡ ଭୁବନେଶ୍ୱର ସଂସ୍ଥା ଦ୍ୱାରା ପରିଚାଳିତ। ଏହି ପମ୍ପ ଆଜିକୁ ପ୍ରାୟ ୨୦ ବର୍ଷ ୭ ମାସ ୭ ଦିନ ହେଲା ଛତ୍ରପୁର ଏନଏସି ଅଚଂଳ ଜାଗାରେ ଜବର ଦଖଲ ଭାବେ ଏହି ପେଟ୍ରୋଲ ପମ୍ପ ଚଳାଉଛନ୍ତି ନୋଟିସରେ ଉଲ୍ଲେଖ ରହିଛି। ଏନେଇ ଛତ୍ରପୁର ଏନଏସି ପ୍ରଶାସନ ପକ୍ଷରୁ ଉକ୍ତ ପେଟ୍ରୋଲ ପମ୍ପକୁ ଯାଇ ସେଠାରେ ଦାୟିତ୍ୱରେ ଥିବା ଅଧିକାରୀ ଏହି ବିଷୟରେ କୁହାଯିବା ସହ ଏକ ନୋଟିସ ସେଠାରେ ଲଗାଯାଇଥିବା ଏନଏସି ନିର୍ବାହି ଅଧିକାରୀ ପ୍ରସନ୍ନ କୁମାର ଦାଶ ସୂଚନା ଦେଇଛନ୍ତି। ୭ଦିନ ମଧ୍ୟରେ ନୋଟିସକୁ ବେଖାତିର କଲେ ଏହି ପେଟ୍ରୋଲ ପମ୍ପକୁ ଏନଏସି ପକ୍ଷରୁ ଉଛେଦ କରାଯିବା ପାଇଁ ଆବଶ୍ୟକ ପଦକ୍ଷେପ ନିଆଯିବ। ଏଥିରେ କୌଣସି କ୍ଷତି ପାଇଁ ଏନଏସି କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ। ଏହି ପମ୍ପକୁ ପରିଷଦ ସ୍ଥାନରୁ ଉଛେଦ ପାଇଁ ଯାହା ଖର୍ଚ୍ଚ ହେବ ମ୍ୟାନେଜିଂ ଡାରେକ୍ଟର ଓଡିଶା ପିସି କଲଚର ଡେଭେଲପମେଣ୍ଟ କର୍ପୋରେସନ ଲିମିଟେଡ ଭୁବନେଶ୍ୱର କମ୍ପାନୀ କର୍ତ୍ତୃପକ୍ଷଙ୍କ ଠାରୁ ଆଦାୟ କରାଯିବ ବୋଲି ନୋଟିସରେ ଉଲ୍ଲେଖ ଥିବା ଏନଏସି ନିର୍ବାହି ଅଧିକାରୀ ଶ୍ରୀ ଦାଶ କହିଛନ୍ତି। ଏହି ପେଟ୍ରୋଲ ପମ୍ପ ଏନଏସି ଜାଗାରେ ରହିଆସୁଥିବା ବେଳେ କୌଣସି ଭଡା କିମ୍ବା ଏନଏସିର ଠାରୁ କୌଣସି ଅନୁମତି ନନେଇ ସେଠାରେ ଖୋଲିଛି।

## ପଞ୍ଚାୟତ କାର୍ଯ୍ୟକୁ ନେଇ ଦୁଇ ଗୋଷ୍ଠୀ ଗଣ୍ଡଗୋଳ, ଉଭୟ ପକ୍ଷରୁ ୩ ଗିରଫ

ବ୍ରହ୍ମପୁର, (ସବ୍ୟୁ): ବ୍ରହ୍ମପୁର ସଦର ଥାନା ଅନ୍ତର୍ଗତ ମସିହାଖାଲି ପଞ୍ଚାୟତ କାର୍ଯ୍ୟକୁ ନେଇ କୃପାସିନ୍ଧୁପୁର ଗ୍ରାମେର ୨ ଗୋଷ୍ଠୀ ମଧ୍ୟରେ ଗଣ୍ଡାଗୋଳ ହୋଇଛି। ଏନେଇ ଉଭୟ ପକ୍ଷରୁ ଥାନାରେ ମାମଲା ରୁଜୁ ପରେ ପୋଲିସ ୩ ଜଣଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତମାନେ ହେଲେ ଗ୍ରାମର ଗୋଟିଏ ଗୋଷ୍ଠୀର କୁନାଲ ଦାସ ଓରଫ କାହ୍ନା(୨୬) ଏବଂ ବିପକ୍ଷ ଗୋଷ୍ଠୀର କିଶୋର ଦାସ(୪୮) ଓ ଜଳେନ୍ଦ୍ର ଦାସ(୪୫)। ସେମାନଙ୍କୁ ମଙ୍ଗଳବାର କୋର୍ଟ ଚାଲାଣ କରାଯାଇଛି। ପ୍ରକାଶଥାଉକି, ଗତ ରଜ ସଂକ୍ରାନ୍ତିରେ କୃପାସିନ୍ଧୁପର ଗ୍ରାମ ଦାସ ସାହିରେ ଏକ ବୈଠକ ବସି ପଞ୍ଚାୟତରେ ଚାଲିଥିବା ବିଭିନ୍ନ କାର୍ଯ୍ୟକୁ ନେଇ ଆଲୋଚନା ହୋଇଥିଲା। କୁନାଲ ଦାସ, ତାଙ୍କ ଭାଇ କାଳିଆ ଦାସ ଓ ଟୁନା ଦାସ ପଞ୍ଚାୟତର ବିଭିନ୍ନ ନିର୍ମାଣ କାର୍ଯ୍ୟ କରୁଥିବାରୁ ବୈଠକରେ କିଶୋର ଓ ତାଙ୍କ ସହଯୋଗୀମାନେ ବିଭିନ୍ନ ପ୍ରଶ୍ନ କରୁଥିଲେ। ତେବେ ସାହିରେ କାହିଁକି ଡ୍ରେନର ମରାମତି କରାଯାଉନାହିଁ କିଶୋର ଗୋଷ୍ଠୀ ପ୍ରଶ୍ନ କରିବା ପରେ ବିପକ୍ଷ ଗୋଷ୍ଠୀ ପକ୍ଷରୁ ଏହାର ପ୍ରତିବାଦ କରାଯାଇଥିଲା। ତେବେ ଏବିଷୟରେ ମସିହାଖାଲି ସରପଞ୍ଚଙ୍କୁ ପ୍ରଶ୍ନ ପଚାର ବୋଲି ବିପକ୍ଷ ଗୋଷ୍ଠୀ ପକ୍ଷରୁ କୁହାଯାଇଥିଲା। ବୈଠକ ଶେଷ ହେବା ପରେ ଯିଏ ଯାହା ବାଟରେ ଚାଲି ଯାଇଥିଲେ। ସନ୍ଧ୍ୟାରେ କିଶୋର ଦାସ ନିଜ ଘର ସମ୍ମୁଖରେ ଛିଡା ହୋଇଥିବା ବେଳେ ଅଭିଯୁକ୍ତ କୁନାଲ ଦାସ ତାଙ୍କ ଭାଇ କାଳିଆ ଓ ଟୁନା ସେଠାରେ ପହଞ୍ଚି ବୈଠକରେ ସେମାନଙ୍କୁ କାହିଁକି ଅପମାନିତ କଲେ ବୋଲି କିଶୋରଙ୍କୁ ପଚାରିଥିଲେ। ଏହାକୁ ନେଇ ଉଭୟ ପକ୍ଷ ମଧ୍ୟରେ ଗାଳିଗୁଲଜ ଓ ଗଣ୍ଡଗୋଳ ହୋଇଥିଲା। କିଶୋର ଓ ତାଙ୍କ ପୁତ୍ରରା ଜଳେନ୍ଦ୍ର ଦାସ ମିଳିତ ଭାବେ ଠେଙ୍ଗା ଓ ଲୁହା ବଳାରେ ଆକ୍ରମଣ କରିଥିଲେ। ପ୍ରତିବାଦରେ କୁନାଲ ଦାସ ଓ ତାଙ୍କ ସହଯୋଗୀମାନେ ମଧ୍ୟ ପାଲଟା ଆକ୍ରମଣ କରିଥିଲେ। ଏହି ଆକ୍ରମଣ ଓ ପ୍ରତି ଆକ୍ରମଣରେ ଉଭୟ ଗୋଷ୍ଠୀର ଏକାଧିକ ଆହତ ହୋଇଥିଲେ। ଖବର ପାଇ ପୋଲିସ ଘଟଣା ସ୍ଥଳରେ ପହଞ୍ଚି ଉଭୟ ଗୋଷ୍ଠୀର ଆହତଙ୍କୁ ଉଦ୍ଧାର କରି ଚିକିତ୍ସା ପାଇଁ ଏମକେସିଜିକୁ ପଠାଇଥିଲା। କାଳିଆଙ୍କ ଅଭିଯୋଗ ପ୍ରକାରେ ପୋଲିସ କିଶୋର ଓ ଜଳେନ୍ଦ୍ରଙ୍କୁ ଗିରଫ କରିଥିଲା। ସେହିପରି କିଶୋରଙ୍କ ସ୍ତ୍ରୀ ଲକ୍ଷ୍ମୀଙ୍କ ଅଭିଯୋଗ ପ୍ରକାରେ ପୋଲିସ କୁନାଲଙ୍କୁ ଗିରଫ କରିଥିଲା।

## ପାଲେଷ୍ଟାଇନ୍ ସଂହତି ଦିବସ ପାଳିତ

ବାରିପଦା, (ସବ୍ୟୁ) : ଯୁଦ୍ଧ ଖୋର ଇସ୍ରାଏଲ ପାଲେଷ୍ଟାଇନ୍ ଉପରେ ଅମାନବୀୟ ଆକ୍ରମଣ କରି ଚଳାଇଥିବା ନରସଂହାରକୁ ବିଶ୍ୱ ବ୍ୟାପୀ ବାମପନ୍ଥୀମାନେ ତୀବ୍ର ନିନ୍ଦା କରିବା ସହିତ ପ୍ରତିବାଦ ସ୍ୱରୂପ ଆଜି ଦେଶବ୍ୟାପୀ ପାଲେଷ୍ଟାଇନ ପ୍ରତି ସଂହତି ପ୍ରଦର୍ଶନ କରିଛନ୍ତି। ଘୋର ଉଦବେଗର ବିଷୟ, ଭାରତର ବୈଦେଶିକ ନୀତି ଅନୁସାରେ ପାଲେଷ୍ଟାଇନ୍ ସପକ୍ଷରେ ଭାରତ ରହି ଆସିଥିବାବେଳେ, ଯୁଦ୍ଧଖୋର ଓ ଅସ୍ତ୍ର ବେପାରୀ ସାମ୍ରାଜ୍ୟବାଦୀ ଆମେରିକା ସାହାଯ୍ୟରେ ଭାରତରେ ସାମ୍ପ୍ରଦାୟିକ ମୋଦି ସରକାର କୋମଳମତି ଶିଶୁ, ମହିଳା, ଆବାଳ ବୃଦ୍ଧ ବନିତାଙ୍କ ଗଣହତ୍ୟା ଓ ବର୍ବର ନରସଂହାର ବିରୋଧରେ ମିଳିତ ଜାତିସଂଘରେ ପ୍ରତିବାଦ ନକରିବା ବା ଇସ୍ରାଏଲ ଯୁଦ୍ଧ ଓ ନରସଂହାର ପ୍ରସଙ୍ଗରେ ମତ ନଦେଇ ବିରତ ରହିବା ଅତ୍ୟନ୍ତ ନିନ୍ଦନୀୟ ଓ ଅମାନବୀୟ। ଏହି ପରିସ୍ଥିତିରେ ବାମପନ୍ଥୀ ଦଳମାନଙ୍କ ଦେଶବ୍ୟାପୀ ପ୍ରତିବାଦର ଅଂଶବିଶେଷ ଭାବେ ଆଜି ଭାରତୀୟ କମ୍ୟୁନିଷ୍ଟ ପାର୍ଟି, ମୟୂରଭଞ୍ଜ ପକ୍ଷରୁ ସ୍ଥାନୀୟ ପାଲବଣି ଠାରେ ଜିଲ୍ଲା ସମ୍ପାଦକ ସାଥୀ ଜଗବନ୍ଧୁ ମିଶ୍ରଙ୍କ ନେତୃତ୍ୱରେ ଗଣ ପ୍ରତିବାଦ ଅନୁଷ୍ଠିତ ହୋଇ ଇସ୍ରାଏଲ ଆକ୍ରମଣ ବିରୋଧରେ, ପାଲେଷ୍ଟାଇନର ସାର୍ବଭୌମତ୍ୱ, ମାନବାଧିକାର ସପକ୍ଷରେ ସଂହତି ପ୍ରଦର୍ଶନ କରିବା ସହ ପଶ୍ଚିମ ଏସିଆ ସମେତ ମଧ୍ୟ ପ୍ରାଚ୍ୟରେ ଯୁଦ୍ଧ ନୁହେଁ, ଶାନ୍ତି ସହ ମୁକ୍ତ ପାଲେଷ୍ଟାଇନ୍ ଦାବି କରାଯାଇଥିଲା ବେଳେ, ଆଗାମୀ ତୃତୀୟ ବିଶ୍ୱ ଯୁଦ୍ଧକୁ ଏଡାଇ ସମଗ୍ର ବିଶ୍ୱର ଜନଗଣଙ୍କୁ ଶାନ୍ତି ମୈତ୍ରୀର ଡୋରିରେ ରଖିବାକୁ ଦାବି କରାଯାଇଛି।

## ରଜ ମହୋତ୍ସବ ପ୍ରତିଯୋଗୀଙ୍କୁ ପ୍ରମାଣ ପତ୍ର ଓ ପୁରସ୍କାର ବିତରଣ

ଛତ୍ରପୁର, (ସବ୍ୟୁ): ଛତ୍ରପୁର ବ୍ଲକ ଅନ୍ତର୍ଗତ କେରାଣ୍ଡିତୋଳା ନାରାୟଣପୁର ଗ୍ରାମର ବରିଷ୍ଠ ନାଗରିକ ମଞ୍ଚ ଆନୁକୂଲ୍ୟରେ ପରଚାଳିତ ରଜ ମହୋତ୍ସବ ଉଦ୍ଦେଶ୍ୟରେ ଆୟୋଜିତ ବିଭିନ୍ନ ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିବା କୁନିକୁନି କନ୍ୟାମାନଙ୍କୁ ମଞ୍ଚ ତରଫରୁ ପୁରସ୍କାର ଓ ପ୍ରମାଣପତ୍ର ବିତରଣ ହୋଇ ଯାଇଛି। ମଞ୍ଚର ସଭାପତି ନରହରି ପ୍ରଧାନଙ୍କ ସଭାପତିତ୍ୱରେ ଆୟୋଜିତ ଏହି ଉତ୍ସବରେ ବ୍ରହ୍ମପୁରର ଲକ୍ଷ୍ମି ଫାଉଣ୍ଡେସନର ଚେୟାରମ୍ୟାନ ତଥା ଗଞ୍ଜାମ ଜିଲ୍ଲା ଶୌଣ୍ଡିକ ସମାଜର ସଭାପତି ନିରଞ୍ଜନ ସାହୁ ମୁଖ୍ୟ ଅତିଥି ରୂପେ ଯୋଗଦେଇ ଗଂଜାମ ଜିଲ୍ଲାର ଏକ ଗ୍ରାମାଞ୍ଚଳରେ ଏହି ଭଳି ଉତ୍ସବ ଆୟୋଜନ କରାଯାଉଥିବାରୁ ବରିଷ୍ଠ ନାଗରିକ ମଞ୍ଚର କର୍ମକର୍ତ୍ତାଙ୍କୁ ସାଧୁବାଦ ଜଣାଇଥିଲେ। ଅନ୍ୟତମ ଅତିଥି ରୂପେ ଗାଁ ସଭାପତି ଅମରେଶ୍ୱର ସାହୁ ଯୋଗଦେଇ ଆଗାମୀବର୍ଷ ରଜ ମହୋତ୍ସବକୁ ଅଧିକ ଆକର୍ଷଣୀୟ କରାଯିବ ବୋଲି କହିଥିଲେ। ଉପଦେଷ୍ଟା କୋରା ମହାରଣା ରଜ ପର୍ବର ଆଭିମୁଖ୍ୟ ଉପରେ ବକ୍ତବ୍ୟ ରଖିଥିଲେ। ମଞ୍ଚର ସଂଯୋଜକ କାମରାଜୁ ମହାରଣା ମଞ୍ଚ ଆନୁକୂଲ୍ୟରେ ଦୀର୍ଘ ସାତ ବର୍ଷ ଧରି ପରିଚାଳିତ ଏଇ ଉତ୍ସବର ବିବରଣୀ ପ୍ରଦାନ କରିଥିଲେ। କୋଷାଧ୍ୟକ୍ଷ ପ୍ରକାଶ ଚନ୍ଦ୍ର ପାଣିଗ୍ରାହୀ ମଞ୍ଚ ସଂଯୋଜନା କରିଥିବା ବେଳେ ବିଜୟ ଚନ୍ଦ୍ର ଚୌଧୁରୀ, ବାବୁଲା ପ୍ରଧାନ, ଦୁର୍ଯ୍ୟୋଧନ ପ୍ରଧାନ, ଗୋପାଳ ଚନ୍ଦ୍ର ମହାରଣା, ସନ୍ତୋଷ କୁମାର ମହାରଣା, ଗଜେନ୍ଦ୍ର ସାହୁ, ନାରାୟଣ ପ୍ରଧାନ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ସଂପାଦକ ଗଗନ ବିହାରୀ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

# ଯୁବଶକ୍ତି ହେଉଛନ୍ତି ଆମ ବିକାଶ ରଥର ସାରଥି

ବ୍ରହ୍ମପୁର, (ସବ୍ୟୁ): ଯୁବଶକ୍ତି ହେଉଛନ୍ତି ଆମ ବିକାଶ ରଥର ସାରଥି। ଯୁବଶକ୍ତିଙ୍କ ମଧ୍ୟରେ ଥିବା ଶକ୍ତି, ସାମର୍ଥ୍ୟ ଓ ଉତ୍ସାହକୁ ରାଜ୍ୟର ବିକାଶ ସହିତ ସମାଜ କଲ୍ୟାଣରେ ଉପଯୋଗ କରିବା ପାଇଁ ରାଜ୍ୟ ସରକାର ପ୍ରାଧାନ୍ୟ ଦେଇଛନ୍ତି। ରାଜ୍ୟରେ ବିଜେପି ସରକାର ଆସିବା ଦିନଠାରୁ ଉଭୟ ସରକାରୀ ଓ ବେସରକାରୀ କ୍ଷେତ୍ରରେ ରୋଜଗାର ସୃଷ୍ଟିକୁ ଗୁରୁତ୍ୱ ଦିଆଯାଇଛି। ପାଞ୍ଚବର୍ଷ ମଧ୍ୟରେ ଦେଢ଼ ଲକ୍ଷ ସରକାରୀ ପଦବୀ ପୂରଣ କରିବା ରାଜ୍ୟ ସରକାର ମୋହନ ଚରଣ ମାଝିଙ୍କ ଲକ୍ଷ୍ୟ ରହିଛି। ନିଯୁକ୍ତି ପ୍ରକ୍ରିୟାରେ ସ୍ୱଚ୍ଛତା ଆଣିବା ପାଇଁ ବିଧାନସଭାରେ ବିଲ୍ ପ୍ରାରିତ କରି ରାଜ୍ୟ ସରକାର ନୀତି ପ୍ରଣୟନ କରିଛନ୍ତି ଓ ନିଯୁକ୍ତି କ୍ଷେତ୍ରରେ ସମ୍ପୂର୍ଣ୍ଣ ସ୍ୱଚ୍ଛତା ଅବଲମ୍ବନ କରିଛନ୍ତି। ଏହା ସହ ସରକାରୀ ଚାକିରୀରେ ଆବେଦନ ପାଇଁ ବୟସ ସୀମାକୁ ୩୨ ରୁ ୪୨ ବର୍ଷକୁ ବୃଦ୍ଧି କରାଯାଇଛି। ଯାହା ଓଡ଼ିଶା ପାଇଁ ଏକ ଐତିହାସିକ ପଦକ୍ଷେପ। ଆମ ସରକାର ବିଜେପି ସରକାର ପ୍ରଧାନମନ୍ତ୍ରୀଙ୍କ ଦ୍ୱାରା ପ୍ରେରିତ ହୋଇ ଓଡ଼ିଶାର ଯୁବଶକ୍ତିଙ୍କ ପାଇଁ ଅନେକ ଯୋଜନା ଆରମ୍ଭ କରିଛନ୍ତି। ଯୁବଶକ୍ତିଙ୍କୁ ନିଯୁକ୍ତି ଦେବା ଓ ସେମାନଙ୍କ ପାଇଁ ନିଯୁକ୍ତି ସୁଯୋଗ ସୃଷ୍ଟି କରିବା ଅଭିଯାନ କ୍ରମାଗତ ଭାବେ ଆଗେଇ ଚାଲିଛି। କେବଳ ସରକାରୀ କ୍ଷେତ୍ରରେ ନୁହେଁ, ଶିଳ୍ପାୟନ ମାଧ୍ୟମରେ ମଧ୍ୟ ରାଜ୍ୟ ସରକାର ଯୁବଶକ୍ତିଙ୍କ ପାଇଁ ବିପୁଳ ନିଯୁକ୍ତି ସୁଯୋଗ କାର୍ଯ୍ୟକାରୀ କରିଛନ୍ତି। ମୁଖ୍ୟମନ୍ତ୍ରୀ ୨୦୨୫ ଆୟୋଜନରେ ରାଜ୍ୟରେ ପ୍ରାୟ ୧୭ ଲକ୍ଷ କୋଟି ପୁଞ୍ଜି ନିବେଶ ସହ ପ୍ରାୟ ୧୩ ଲକ୍ଷ



ନିଯୁକ୍ତି ସୁଯୋଗ ସୃଷ୍ଟି କରିଛି। ଉତ୍କର୍ଷ ଓଡ଼ିଶା ଆୟୋଜନର ମାତ୍ର ୫ ମାସ ମଧ୍ୟରେ ୧.୭୮ ଲକ୍ଷ କୋଟି ମୂଲ୍ୟର ୫୬ଟି ବିଭିନ୍ନ ଶିଳ୍ପାନୁଷ୍ଠାନର ଉଦଘାଟନ ଓ ଭିତ୍ତିପ୍ରସ୍ତର ସ୍ଥାପନ ହୋଇଛି। ରାଜ୍ୟ ସରକାର ମୁଖ୍ୟମନ୍ତ୍ରୀ ଏହି ବର୍ଷର ପ୍ରଥମ ଦିନରେ ଅର୍ଥାତ ୧ ଜାନୁୟାରୀ ୨୦୨୫ ଦିନ ସବୁ ଚୟନ ସଂସ୍ଥାର ମୁଖ୍ୟ ଓ ଉଚ୍ଚପଦସ୍ଥ ଅଧିକାରୀମାନଙ୍କୁ ନେଇ ଏକ ସମୀକ୍ଷା କରି ଖାଲିଥିବା ପଦବୀକୁ ଚିହ୍ନଟ କରି ନିଯୁକ୍ତି ପ୍ରକ୍ରିୟାକୁ ତ୍ୱରାନ୍ୱିତ କରିବା ପାଇଁ ନିର୍ଦ୍ଦେଶ ଦେଇଥିଲେ। ପ୍ରଥମ ଦୁଇ ବର୍ଷରେ ୬୫ ହଜାର ପଦବୀ ପୂରଣ ଆମ ରାଜ୍ୟ ସରକାର ଲକ୍ଷ୍ୟ ରଖିଥିଲେ। ପ୍ରଥମ ବର୍ଷରେ ରାଜ୍ୟ ସରକାର ୯ଟି ପର୍ଯ୍ୟାୟରେ ପ୍ରାୟ ୨୮,୦୦୦ରୁ ଅଧିକ ପଦବୀ ପୂରଣ କରିଛନ୍ତି। ଦ୍ୱିତୀୟ ବର୍ଷରେ ପ୍ରାୟ ୪୦,୦୦୦ ପଦବୀ ପୂରଣ କରାଯିବ ବୋଲି ରାଜ୍ୟ ସରକାର ପ୍ରତିଶ୍ରୁତି ଦେଇଛନ୍ତି। ଆଜି ରାଜ୍ୟ ସରକାର ୫ ଟି ବିଭାଗରେ ଏକକାଳୀନ ୯୬୪ ଜଣଙ୍କୁ ନିଯୁକ୍ତି ଦେଇଛନ୍ତି। ରାଜ୍ୟ ସରକାର ଯୁବପିଢ଼ୀଙ୍କ ପାଇଁ ବିପୁଳ ନିଯୁକ୍ତି ସୁଯୋଗ କରିବା ସହିତ ସ୍ୱାବଲମ୍ବୀ କରିବା ଦିଗରେ ଅଗ୍ରସର ହୋଇଛନ୍ତି। ରାଜ୍ୟ ସରକାର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝିଙ୍କ ଏହି ପଦକ୍ଷେପକୁ ଆଜି ଭାରତୀୟ ଜନତା ଯୁବମୋର୍ଚ୍ଚା ବ୍ରହ୍ମପୁର ଗାନ୍ଧୀନଗର ଠାରେ ଧନ୍ୟବାଦ ଶୋଭାଯାତ୍ରା ଆୟୋଜନ ହୋଇଯାଇଛି। ଆଗାମୀ ଦିନରେ ଓଡ଼ିଶା ଏହି ଭଳି ବିକାଶ ଦିଗରେ ଆଗେଇ ଚାଲିବ ବୋଲି ଯୁବମୋର୍ଚ୍ଚା ରାଜ୍ୟ ସଭାପତି ଅଭିଲାଷ ପଣ୍ଡା କହିଛନ୍ତି। ଏହି ଧନ୍ୟବାଦ୍ ଶୋଭାଯାତ୍ରାରେ ଯୁବମୋର୍ଚ୍ଚା ରାଜ୍ୟ ସମ୍ପାଦକ ତୁତୁନ ପାତ୍ର, ଜିଲ୍ଲା ସଭାପତି ଶିବଶଙ୍କର ନାୟକ, ଜିଲ୍ଲା ସାଧାରଣ ସମ୍ପାଦକ ରବି ରାଓ, ସୋମନାଥ ପାତ୍ର, ଜିଲ୍ଲା ସମ୍ପାଦକ କମଳ ପାତ୍ର, କିଶୋର ସାହୁ, ବିଜୟ ପାତ୍ର ଓ ମଣ୍ଡଳ ସଭାପତି ସୁମିତ୍ ପାତ୍ର, ଶକ୍ତି ପଟ୍ଟନାୟକ, ଅଖିଳ ବେହେରା, ଆମରସାହୁ, ଶିରିଡ଼ି ବିକ୍ରମ, ଦେବୁନ୍ ପଟ୍ଟନାୟକ, ନାରାୟଣ ଶରାବ, ନାରାୟଣ ରେଡ୍ଡୀ, କୃଷ୍ଣ ପୋଲାଇ, ସୁଧୀର ପାଲୋ, ମନୋଜ ପଟ୍ଟନାୟକ, ମନୋଜ ମହାରଣା ଆଦି ପ୍ରମୁଖ କାର୍ଯ୍ୟକର୍ତ୍ତା ଉପସ୍ଥିତ ଥିଲେ।

## ମହାପୁରୁଷଙ୍କ ପ୍ରତି ଏ କି ସମ୍ମାନ ?




ବଲାଙ୍ଗିର– ପାଟଣାଗଡ଼ ରାସ୍ତାରେ ଭୀମଭୋଇ ମେଡିକାଲ କଲେଜ ଓ ଡ଼ାକ୍ତରଖାନାର ତୋରଣରେ ଲାଗିଥିବା ନାମ ଫଳକରୁ ଭୀମ ଭୋଇ ଗାଏବ୍ ।

# ଘାରିଲାଣି ଝାଡାବାନ୍ତି ଭୟ : ଉଠାହୋଟେଲ ଉପରେ ନଜର

ହରଭଙ୍ଗା,(ସବ୍ୟୁ): ଯାଜପୁର ଜିଲ୍ଲାରୁ ଆରମ୍ଭ ହୋଇଥିବା ଝାଡାବାନ୍ତି ସମ୍ପ୍ରତି ରାଜ୍ୟର ବିଭିନ୍ନ ଜିଲ୍ଲାକୁ ବ୍ୟାପିଲାଣି । ଅନ୍ୟ ପକ୍ଷରେ ଆସନ୍ତା ୨୦ ତାରିଖ ରାଜ୍ୟରେ ସମସ୍ତ ସ୍କୁଲଗୁଡିକ ଖୋଲିବା ନେଇ ସରକାର ଘୋଷଣା କରିଛନ୍ତି । । ସ୍କୁଲ ଖୋଲିବା ପୂର୍ବରୁ ବିଭିନ୍ନ ଜିଲ୍ଲାରେ ବ୍ୟାପୁଥିବା ଝାଡାବାନ୍ତି ଏବେ ସାଧାରଣ ଲୋକଙ୍କ ମନରେ ଭୟ ଘାରିଲାଣି । ଏହାକୁ ଦୃଷ୍ଟିରେ ରଖି ରାଜ୍ୟ ସରକାରଙ୍କ ପକ୍ଷରୁ ସମସ୍ତ ଜିଲ୍ଲାର ଜିଲ୍ଲାପାଳଙ୍କୁ ସର୍ତକ ରହିବାକୁ ପରାମର୍ଶ ଦିଆଯାଇଛି । ରାଜ୍ୟ ସରକାରଙ୍କ ନିର୍ଦ୍ଦେଶ ପରେ ବୌଦ୍ଧ ଜିଲ୍ଲାରେ ମଧ ସର୍ତକତା ଅବଲମ୍ବନ ପାଇଁ ଏବେ ସ୍ୱଛତା,ଶୁଦ୍ଧ ପାନୀୟଜଳ ବ୍ୟବହାର ସାଙ୍ଗକୁ ନିରାପତ୍ତାକୁ ଗୁରୁତ୍ୱ ଦିଆଯାଉଛି।

ବିଶେଷକରି ଖାଦ୍ୟ ସୁରକ୍ଷା ଏବଂ ନିରାପତ୍ତା ବିଭାଗ ପକ୍ଷରୁ ଗୁପଚୁପ ଦୋକାନୀ , ହୋଟେଲ,ରେଷ୍ଟୁରାଣ୍ଟ ଗୁଡିକ ଉପରେ କଡା ନଜର ରଖାଯାଉଛି । ପ୍ରାଥମିକତା ସୁରକ୍ଷା ଦୃଷ୍ଟିରୁ ସିଲ ପାଣି ବୋତଲ ,ଶୁଦ୍ଧ ପାନୀୟ ଜଳ ବ୍ୟବହାର ପାଇଁ ହୋଟେଲ ମାନଙ୍କୁ କଡାନିର୍ଦ୍ଦେଶ ଦିଆଯାଇଛି । ଏହା ସହିତ ଗୁପଚୁପ୍ ଦୋକାନୀ ମାନଙ୍କୁ ଗୁପଚୁପ୍ ପାଇଁ ବ୍ୟବହାର ହେଉଥିବା ଖଟାପାଣିକୁ ବିଶୁଦ୍ଧ ପାଣିକୁ ଫୁଟାଇ ବ୍ୟବହାର ପାଇଁ ନର୍ଦ୍ଦେଶ ଦିଆଯାଇଛି । ଏପରିକି ଫାଷ୍ଟଫୁଡ ଚାଟ,ଅନ୍ୟାନ୍ୟ ଦୋକାନଗୁଡିକ ଉପରେ ମଧ କଡା ନଜର ରଖାଯାଇଛି । ବିଶେଷକରି ଜିଲ୍ଲାରେ ଥିବା ତିନୋଟି ବେସରକାରୀ ପାନୀୟଜଳ ପ୍ରସ୍ତୁତ ୟୁନିଟି ଉପରେ ମଧ କଡା ନଜର ରଖାଯାଉଛି । ପାନୀୟଜଳ ପାଉଚ୍ ଏବଂ ବୋତଲ ଗୁଡିକର ପ୍ରସ୍ତୁତ ତାରିଖ ଏବଂ ଉତ୍ପାଦନ ୟୁନିଟିର ସ୍ୱଚ୍ଛତା ଉପରେ ଗୁରୁତ୍ୱ ଦିଆଯାଉଛି । ଜିଲ୍ଲାରେ ରହିଥିବା ପାଇପ୍ ଜଳ ଯୋଗାଣ ପ୍ରକଳ୍ପ ଠାରୁ ଆରମ୍ଭ କରି ନଳକୂପ ଏବଂ ଖୋଲାକୂଅଗୁଡିକରେ ବ୍ଲିଚିଂ ପାଉଡର ଦ୍ୱାରା ବିଶୁଦ୍ଧ କାର୍ଯ୍ୟ ଜଳ ଓ ପରିମଳ ବିଭାଗ ପକ୍ଷରୁ ଆରମ୍ଭ ହୋଇଯାଇଛି । ଅନ୍ୟପଟେ



ଗୋଟିଏ ଜିଲ୍ଲାରୁ ବିଭିନ୍ନ ଜିଲ୍ଲାକୁ ଝାଡା/ବାନ୍ତି ବ୍ୟାପୁଥିବାରୁ ଆଗକୁ କଡାକାର୍ଯ୍ୟାନୁଷ୍ଠାନ ଗ୍ରହଣ ପାଇଁ ପଦକ୍ଷେପ ଗ୍ରହଣ କରାଯିବ ବୋଲି ସୂଚନା ମିଳିଛି । ଝାଡାବାନ୍ତି ବ୍ୟାପୁଥିବା ଘଟଣାକୁ ଦୃଷ୍ଟିରେ ରଖି ବୌଦ୍ଧ ଜିଲ୍ଲା ପ୍ରଶାସନ ପକ୍ଷରୁ ଖାଦ୍ୟ ସୁରକ୍ଷା ନିରାପତ୍ତା ବିଭାଗ,ଜଳ ଓ ପରିମଳ ବିଭାଗ ଏବଂ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ପ୍ରାଥମିକ ପଦକ୍ଷେପ ଉପରେ କଡାଦୃଷ୍ଟି ଦିଆଯାଉଛି ।

ଏ ସର୍ମ୍ପକରେ ବୌଦ୍ଧ ଖାଦ୍ୟ ସୁରକ୍ଷା ତଥା ନିରାପତା ଅଧିକାରୀ ଧରଣୀଧର ନାୟକଙ୍କୁ ପଚାରିବାରୁ ଝାଡାବାନ୍ତି ବ୍ୟାପୁଥିବା ଘଟଣାକୁ ଦୃଷ୍ଟିରେ ରଖି ବିଶୁଦ୍ଧ ପାନୀୟଜଳ ,ସ୍ୱଛତା ଏବଂ ନିରାପତ୍ତାକୁ ପ୍ରାଥମିକତା ଦିଆଯାଉଛିବୋଲି କହିଛନ୍ତି । ଏଥିପାଇଁ ଆମେ ସମସ୍ତ ହୋଟେଲ ,ଗୁପ୍ଚୁପ୍ ଦୋକାନୀମାନଙ୍କୁ ବିଶୁଦ୍ଧ ପାନୀୟଜଳ ତଥା ସିଲ ଓାଟର ବୋତଲ ବ୍ୟବହାର ପାଇଁ ନିର୍ଦ୍ଦେଶ ଦେଇଛୁ । ଏହା ସହିତ ଜିଲ୍ଲାରେ ରହିଥିବା ବେସରକାରୀ ପାନୀୟଜଳ ୟୁନିଟି ଗୁଡିକ ଉପରେ କଡା ଦୃଷ୍ଟି ଦେବା ସହିତ ବୋତଲ ପ୍ରସ୍ତୁତ ତାରିଖ ଏବଂ ସ୍ୱଛତା ଉପରେ ପଦକ୍ଷେପ ଗ୍ରହଣ କରାଯାଇଛି । ଏ ସର୍ମ୍ପକରେ ବୌଦ୍ଧ ସିଡିଏମଓ ଡା . ମଦନମୋହନ ପ୍ରଧାନଙ୍କୁ ପଚାରିବାରୁ ସ୍ୱଚ୍ଛତା ସହିତ ବିଭିନ୍ନ ଓାଟର ପଏଣ୍ଟ ଗୁଡିକୁ ବିଶୁଦ୍ଧ ପାଇଁ ଜଳ ଓ ପରିମଳ ବିଭାଗ ସହିତ ଆମ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ପଦକ୍ଷେପ ଆରମ୍ଭ ହୋଇଯାଇଛି । ଏଥିପାଇଁ ଆମ ବିଭାଗ ପକ୍ଷରୁ ତୀକ୍ଷ୍ଣ ଦୃଷ୍ଟି ଦିଆଯାଉଛି । ଏ ସର୍ମ୍ପକରେ ହରଭଙ୍ଗା ଜଳ ଓ ପରିମଳ ବିଭାଗ ଯନ୍ତ୍ରୀ ଜୀବନ ପଟ୍ଟନାୟକଙ୍କୁ ପଚାରିବାରୁ ଖୋଲାକୂଅ ଠାରୁ ଆରମ୍ଭକରି ସମସ୍ତ ନଳକୂପ ଏବଂ ବୋରେଓଲ ଗୁଡିକୁ ବ୍ଲିଚିଂ ଦ୍ୱାରା ବିଶୁଦ୍ଧିକରଣ ପ୍ରକିୟା ଆମ ବିଭାଗ ପକ୍ଷରୁ ଆରମ୍ଭ ହୋଇଯାଇଛି ବୋଲି କହିଥିଲେ ।

# ଯୋଜନା ସର୍ମ୍ପକରେ ସଚେତନତା ସୃଷ୍ଟି ଉପରେ ମନ୍ତ୍ରୀଙ୍କ ଗୁରୁତ୍ୱାରୋପ

ଝାରସୁଗୁଡ଼ା,(ସବ୍ୟୁ): ରାଜ୍ୟ ମତ୍ସ୍ୟ ଓ ପଶୁ ସମ୍ପଦ ବିକାଶ , ସୂକ୍ଷ୍ମ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ ବିଭାଗ ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକ ଦିନିକିଆ ଗସ୍ତରେ ଝାରସୁଗୁଡ଼ା ଜିଲ୍ଲା କାର୍ଯ୍ୟାଳୟସ୍ଥିତ ଜିଲ୍ଲା ଖଣିଜ ପାଣ୍ଠି ସମ୍ମିଳନୀ କକ୍ଷରେ ସମୀକ୍ଷା ବୈଠକରେ ଯୋଗଦେଇଥିଲେ । ଅଧିକାରୀମାନେ ତଳସ୍ତରକୁ ଯିବା ଓ ସମସ୍ତ ସରକାରୀ ଯୋଜନାର ସୁଫଳ କିପରି ଲୋକମାନଙ୍କ ପାଖରେ ପହଞ୍ଚି ପାରିବ ସେ ଦିଗରେ ଯତ୍ନବାନ ହୋଇ କାର୍ଯ୍ୟ କରିବାକୁ ପରାମର୍ଶ ଦେବା ସହିତ ଯୋଜନା ସର୍ମ୍ପକରେ ହିତାଧିକାରୀମାନଙ୍କୁ ସଚେତନ କରାଇବା ଉପରେ ଗୁରୁତ୍ୱାରୋପ କରିଥିଲେ । ସମୀକ୍ଷା ବୈଠକରେ ମନ୍ତ୍ରୀ ଶ୍ରୀ ମଲ୍ଲିକ ବିଭିନ୍ନ ଯୋଜନାରେ ସଠିକ ହିତାଧିକାରୀ ଚୟନ କରିବାକୁ ପରାମର୍ଶ ଦେଇଥିଲେ। ଗୋପାଳନ, କୁକୁଡ଼ା, ମଈଁଷି, ଘୁଷୁରୀ, ମାଛ ଇତ୍ୟାଦି ଚାଷ ଦ୍ୱାରା ହିତାଧିକାରୀମାନେ କିପରି ଯୋଜନା ଅନୁସାରେ ଲାଭାନ୍ୱିତ ହେବେ ସେଥିପାଇଁ ବିଭାଗୀୟ ଅଧିକାରୀମାନେ କାର୍ଯ୍ୟ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ସ୍ଥାନୀୟ ବିଧାୟକଙ୍କୁ ବିଭିନ୍ନ ଯୋଜନା ସର୍ମ୍ପକରେ ସୂଚିତ କରିବା ସହ ଗ୍ରହଣ କରାଯାଉଥିବା କାର୍ଯ୍ୟକ୍ରମରେ ସାମିଲ କରିବା ପାଇଁ ବିଭାଗୀୟ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଜିଲ୍ଲାରେ ଦୁଗ୍ଧ , ମତ୍ସ୍ୟ ଉତ୍ପାଦନ କିପରି ବୃଦ୍ଧି ପାଇବ ଓ ହିତାଧିକାରୀମାନେ କିପରି ଆର୍ôଥିକ ଦୃଷ୍ଟିକୋଣରୁ ସ୍ୱାବଲମ୍ବୀ ହେବେ ସେ ଦିଗରେ ଧ୍ୟାନ ଦେବାକୁ କହିଥିଲେ। ଗାଈ,କୁକୁଡ଼ା,ଘୁଷୁରୀ ଓ ମଈଁଷି ପାଳନ ସହ ହିତାଧିକାରୀମାନେ ବୀମାଭୁକ୍ତ କରାଇବା ଓ ସବସିଡିର ଲାଭ ଉଠାଇବାକୁ ପରାମର୍ଶ ଦେଇଥିଲେ। ମିଳିତ କୃଷିର ଲାଭ ଉଠାଇବା ଓ ହିତାଧିକାରୀମାନଙ୍କୁ ଯୋଜନା ସର୍ମ୍ପକରେ ସଚେତନ କରାଇବା ପାଇଁ ତ୍ରୟ ମାସିକ କର୍ମଶାଳାର ଆୟୋଜନ ପାଇଁ ମନ୍ତ୍ରୀ ପରାମର୍ଶ ଦେଇଥିଲେ। ବିଧାୟକ ଟଙ୍କଧର ତ୍ରିପାଠୀ କ୍ଷେତ୍ରିୟ କର୍ମଚାରୀମାନେ ନିଜ ନିଜ ଭିତରେ ସମନ୍ୱୟ ରକ୍ଷା କରି କାର୍ଯ୍ୟ କରିବାକୁ ପରାମର୍ଶ ଦେଇଥିଲେ। ସରକାରୀ ଅଧିକାରୀମାନେ ଯୋଜନା ସମୂହକୁ ନେଇ ସଜାଗ ରହିବା ଓ ପ୍ରଚାର ପ୍ରସାର ପାଇଁ ଆନୁସଙ୍ଗିକ ସଚେତନତା ସୃଷ୍ଟି ପାଇଁ ପରାମର୍ଶ ଦେଇଥିଲେ। ହିତାଧିକାରୀମାନେ କିପରି ଉଦ୍ୟୋଗୀ ମନୋଭାବ ନେଇ କାର୍ଯ୍ୟ କରିବେ ସେ ଦିଗରେ ଅଧିକାରୀମାନେ ହିତାଧିକାରୀମାନଙ୍କୁ ପ୍ରୋତ୍ସାହିତ କରିବାକୁ କହିଥିଲେ। ଅଧିକାରୀମାନେ କ୍ଷେତ୍ର ପରିଦର୍ଶନରେ ଯିବା ସହ ଯୋଜନା ସର୍ମ୍ପକରେ ଲୋକମାନଙ୍କୁ ଅବଗତ କରାଇବା ଉପରେ ଗୁରୁତ୍ୱାରୋପ କରିଥିଲେ। ଜିଲ୍ଲାରେ ଗୋଶାଳା ଗୁଡ଼ିକର କିପରି ଉନ୍ନତି ଆସି ପାରିବ ସେ ସର୍ମ୍ପକରେ ମନ୍ତ୍ରୀଙ୍କର ଦୃଷ୍ଟି ଆକର୍ଷଣ କରିଥିଲେ। ଧାର୍ଯ୍ୟ ଲକ୍ଷ୍ୟର ସଫଳତା ପାଇଁ ବିଭାଗୀୟ ଅଧିକାରୀ ମାନେ ଯତ୍ନବାନ ହେବାକୁ ବିଧାୟକ ପରାମର୍ଶ ଦେଇଥିଲେ। ଜିଲ୍ଲାରେ ଥିବା ବିଭିନ୍ନ ବଡ଼ ବଡ଼ ଶିଳ୍ପାନୁଷ୍ଠାନ ଗୁଡିକ ପାଇଁ ଆବଶ୍ୟକ ହେଉଥିବା ଆନୁସଙ୍ଗିକ ଯନ୍ତ୍ରାଦି ସକାଶେ କ୍ଷୁଦ୍ର ଓ ଲଘୁ ଶିଳ୍ପ ପ୍ରତିଷ୍ଠାନ ପ୍ରତିଷ୍ଠା କରାଯିବା ଦିଗରେ ବିଧାୟକ ମନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ଜିଲ୍ଲାପାଳ ଅବୋଲି ସୁନୀଲ ନରୱଣେ ବିଭିନ୍ନ ବିଭାଗୀୟ କାର୍ଯ୍ୟ ଅଗ୍ରଗତି ସର୍ମ୍ପକରେ ସୂଚନା ଦେଇଥିଲେ। ବିଭାଗୀୟ ଅଧିକାରୀ ତର୍ଜମା ପୂର୍ବକ ଏ ଦିଗରେ ତ୍ୱରିତ ପଦକ୍ଷେପ ନେବାକୁ ମନ୍ତ୍ରୀ ନିର୍ଦ୍ଦେଶ ଦେଇଥିଲେ। ବୈଠକରେ ମତ୍ସ୍ୟ ବିଭାଗ,ଜିଲ୍ଲା ଶିଳ୍ପ କେନ୍ଦ୍ର ଓ ପ୍ରାଣୀଧନ ବିଭାଗ ବିଭାଗ ଅଧିକାରୀଙ୍କ ସମେତ ବିଭିନ୍ନ ବିଭାଗୀୟ ଅଧିକାରୀ ଉପସ୍ଥିତ ଥିଲେ।

## ରନ୍ଧା ମଦ ସହ ଜଣେ ମହିଳା ମଦ ବିକ୍ରେତା ଗିରଫ

ପଦ୍ମପୁର,(ସବ୍ୟୁ): ପଦ୍ମପୁର ଅବକାରୀ ଥାନା ଇନ୍ସପେକ୍ଟର ପଦ୍ମପୁର ଅଂଚଳରେ ଚୋରା ମଦ ଚାଲାଣ ରୋକିବା ପାଇଁ ବିଭିନ୍ନ ସମୟରେ ଚଢାଉ କରୁଛନ୍ତି । ରନ୍ଧାମଦ ବିକ୍ରି କରୁଥିବା ବିଶ୍ୱସ୍ତ ସୂତ୍ରରୁ ଖବର ପାଇଁ ପଦ୍ମପୁର ଅବକାରୀ ଥାନା ଇନ୍ସପେକ୍ଟର ସମରଜିତ ଦାଶଙ୍କ ନିର୍ଦ୍ଦେଶକ୍ରମେ ପଦ୍ମପୁର ଅବକାରୀ ଥାନା ଅଧିକାରୀ ଲକ୍ଷ୍ମୀଧର ମାଝୀଙ୍କ ନେତୃତ୍ୱରେ ଗୋଟିଏ ଟିମ ଗାଇସିଲାଟ ଥାନା ରାଇସଲପଦର ଗାଁ ରେ ଚଢାଉ କରିଥିଲେ । ଚଢାଉରେ ରାଇସଲପଦର ଗାଁ ର ରିଙ୍କି ସାହୁଙ୍କ ଠାରୁ ୭୦ ଲିଟର ରନ୍ଧାମଦ ଜବତ କରିଥିଲେ । ଏ ସଂକ୍ରାନ୍ତରେ ପଦ୍ମପୁର ଅବକାରୀ ଥାନାରେ ଏକ ମାମଲା ରୁଜୁ କରି ରିଙ୍କି ସାହୁଙ୍କୁ କୋର୍ଟ ଚାଲାଣ କରାଯାଇଥିବା ପଦ୍ମପୁର ଅବକାରୀ ଥାନା ଇନ୍ସପେକ୍ଟର ସମରଜିତ ଦାଶ ସୂଚନା ଦେଇଛନ୍ତି ।

## ଜିଲ୍ଲାସ୍ତରୀୟ ଓଡ଼ିଶା ଭିଜନ ୨୦୩୬ ଓ ୨୦୪୭
## ବିକଶିତ ଓଡ଼ିଶା ପାଇଁ ବିକଶିତ ଜିଲ୍ଲା ପରାମର୍ଶ କର୍ମଶାଳା

ବଲାଙ୍ଗିର,(ସବ୍ୟୁ): ମଙ୍ଗଳବାର ଅପରାହ୍ନରେ ସ୍ଥାନୀୟ ଭୀମଭୋଇ ମେଡିକାଲ କଲେଜ ପ୍ରେକ୍ଷାଳୟରେ ଜିଲ୍ଲାସ୍ତରୀୟ ଓଡ଼ିଶା ଭିଜନ ୨୦୩୬ ଓ ୨୦୪୭, ବିକଶିତ ଓଡ଼ିଶା ପାଇଁ ବିକଶିତ ଜିଲ୍ଲା ପରାମର୍ଶ କର୍ମଶାଳା ଆୟୋଜିତ ହୋଇଛି । କର୍ମଶାଳାରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଜିଲ୍ଲାପାଳ ଗୌରୱ ଶୀୱାଜୀ ଈସାଲୱାର ସରକାରଙ୍କ ଉନ୍ନୟନ ମୂଳକ କାର୍ଯ୍ୟକ୍ରମ ଦ୍ୱାରା ଆଜି ରାଜ୍ୟ ସହ ଜିଲ୍ଲାର ବିକାଶ ଘଟୁଛି ଏବଂ ବୁଦ୍ଧିଜୀବୀଙ୍କ ଉପଦେଶରେ ଅଧିକ ଆକାରରେ ଭିଜନକୁ ସାକାର କରିହେବ ବୋଲି କହିଥିଲେ। ତୃଣମୂଳ ସ୍ତରରୁ ବିକାଶ ହେଲେ ଯାଇ ସାମଗ୍ରିକ ବିକାଶ ସମ୍ଭବ ବୋଲି ସେ କହିଥିଲେ। ସମ୍ମାନିତ ଅତିଥି ଭାବେ ଯୋଗଦେଇ ଜିଲ୍ଲାପରିଷଦ ମୁଖ୍ୟ ନିର୍ବାହୀ ଅଧିକାରୀ ପ୍ରଭାତ ମହାପାତ୍ର ବିକାଶର ମୂଳଦୁଆ ଗ୍ରାମୀଣ କ୍ଷେତ୍ରରୁ ହୋଇଥାଏ ବୋଲି ମତ ରଖିଥିଲେ। ଗ୍ରାମ ରେ କୃଷି, ଶିକ୍ଷା, ସ୍ୱାସ୍ଥ୍ୟ, ଗମନାଗମନ ବ୍ୟବସ୍ଥା ଆଦିର ଉନ୍ନତି ହେଲେ ଜିଲ୍ଲାର ଉନ୍ନତି ସମ୍ଭବ ବୋଲି କହିଥିଲେ। ସଭାରେ ଉପସ୍ଥିତ ମୁଖ୍ୟ କୃଷି ଅଧିକାରୀ ବାବୁଲି ଚରଣ ସେଠି ଜିଲ୍ଲା ରେ କୃଷି, ଶିଳ୍ପ, ମତ୍ସ୍ୟ ଆଦି କ୍ଷେତ୍ରରେ ଥିବା ସମ୍ଭାବ୍ୟ ଉନ୍ନତି ବିଷୟରେ ଆଲୋକପାତ କରିଥିଲେ। ବିକଶିତ ଓଡ଼ିଶା ପାଇଁ ବିକଶିତ ଜିଲ୍ଲା ତଥା ବିକଶିତ ଗ୍ରାମର ଭାଗିଦାରୀ ବିଷୟରେ ମତ ପ୍ରକାଶ କରିଥିଲେ। ଜିଲ୍ଲା ଶିକ୍ଷାଧିକାରୀ ପ୍ରଦୀପ ନାଗ ଜିଲ୍ଲାର ବିକାଶ ପାଇଁ ଶିକ୍ଷା ବିଭାଗ ଅଧିକ ତତ୍ପର ଏବଂ ଆଗକୁ ଶିକ୍ଷା କ୍ଷେତ୍ର ନୂତନ ଶିକ୍ଷା ପଲିସୀ ଦ୍ୱାରା ଅଧିକ ଉନ୍ନତ ହେବ । ଏହା ପରେ ବିଭିନ୍ନ ବର୍ଗର ବୁଦ୍ଧିଜୀବୀ ମାନଙ୍କ ଦ୍ୱାରା ବିକାଶ ଓ ଓଡ଼ିଶାର ଭବିଷ୍ୟତ ବିଷୟରେ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା। ଆରମ୍ଭରୁ ଡେପୁଟି ଡାଇରେକ୍ଟର ପ୍ଲାନିଂ ସ୍ୱାଗତ ଦେଇଥିଲେ । ଆସିଷ୍ଟାଣ୍ଟ ଡାଇରେକ୍ଟର ସଞ୍ଜୟ ଦୀପ କର୍ମଶାଳାକୁ ସଂଯୋଜନା କରିଥିଲେ ।

## ପଟ୍ଟା ଜମିରେ ସରକାରୀ ପ୍ରକଳ୍ପ କାହା ସ୍ୱାର୍ଥରେ ?

ହରଭଙ୍ଗା,(ସବ୍ୟୁ): ବୌଦ୍ଧ ଜିଲ୍ଲା ହରଭଙ୍ଗା ବ୍ଲକର ଉପାନ୍ତ ଅଞ୍ଚଳ ଭାବେ ଜଣାଶୁଣା ତଳଗାଁ ପଞ୍ଚାୟତର ରାଣୀସାହି ଗ୍ରାମରେ ଜନୈକ ବ୍ୟକ୍ତିଙ୍କ ପଟ୍ଟା ଜମିରେ ସରକାରୀ ଅନୁଦାନରେ ଏକ ଗ୍ରାମଦେବତୀ ପୀଠ ପ୍ରକଳ୍ପ ନିର୍ମାଣ ହୋଇଥିବା ଗ୍ରାମବାସୀଙ୍କ ପକ୍ଷରୁ ଜିଲ୍ଲାପାଳଙ୍କ ନିକଟରେ ଅଭିଯୋଗ ହୋଇଛି । ଅଭିଯୋଗ ଅନୁସାରେ ବ୍ଲକ ପକ୍ଷରୁ ଏସ.ଡି.ସି ଯୋଜନାରେ ଗତ ୨୦୨୩-୨୪ ଆର୍ôଥିକ ବର୍ଷରେ ରାଣୀସାହୀ ଗ୍ରାମଦେବତୀ ପୀଠ ନିର୍ମାଣ ପାଇଁ ଏକଲକ୍ଷ ଟଙ୍କା ସରକାରୀ ଅନୁଦାନ ଯୋଗାଇ ଦିଆଯାଇଥିଲା । ମାତ୍ର ଉକ୍ତ ପ୍ରକଳ୍ପଟିକୁ ଗ୍ରାମଦେବୀ ପୀଠରେ କରାଯିବା ପରିବର୍ତ୍ତେ ଗ୍ରାମର ବାନାମ୍ବର ଯାନୀ ନାମକ ଜନୈକ ବ୍ୟକ୍ତିଙ୍କ ପଟ୍ଟା ଜମିରେ ନିର୍ମାଣ କରାଯାଇଥିବା ଗ୍ରାମବାସୀ ଅଭିଯୋଗ ଉଠାଇଛନ୍ତି । ପଟ୍ଟା ଜମିରେ ସରକାରୀ ପ୍ରକଳ୍ପ ନିର୍ମାଣ କିପରି କରାଗଲା ଏବଂ ଦାୟିତ୍ୱରେ ଥିବା ଯନ୍ତ୍ରୀଙ୍କ ଜାଣତରେ କି ଅଜାଣତରେ ପ୍ରକଳ୍ପ ନିର୍ମାଣ ହୋଇଛି ଏହାର ତଦନ୍ତ କରାଯିବାକୁ ଗ୍ରାମବାସୀ ଦାବୀ କରିଛନ୍ତି । ଏହା ସହିତ ପ୍ରକଳ୍ପ ନିର୍ମାଣ ବିଲ ପଇଠକୁ ବନ୍ଦ କରିବା ସହିତ ଉକ୍ତ ପ୍ରକଳ୍ପକୁ ଗ୍ରାମଦେବୀ ପୀଠରେ କରାଯିବାକୁ ସେମାନେ ଜିଲ୍ଲାପାଳଙ୍କୁ ଲିଖିତଭାବେ ଜଣାଇଛନ୍ତି । ଏହାର ଉଚ୍ଚସ୍ତରୀୟ ତଦନ୍ତ କରି ଆବଶ୍ୟକୀୟ କାର୍ଯ୍ୟାନୁଷ୍ଠାନ ଗ୍ରହଣ ପାଇଁ ଗ୍ରାମବାସୀ ଜଳେଶ୍ୱର ମଲ୍ଲିକ,ସୁରଥ ଯାନୀ,ପ୍ରାଣବନ୍ଧୁ ନାୟକ,ଗୌରାଙ୍ଗ ଯାନୀ,ପିତାମ୍ବର କହଁର ,ଓାର୍ଡ ସଭ୍ୟ ରବିନ୍ଦ୍ର ନାୟକ,ଅମର ଯାନୀ ପ୍ରମୁଖ ଗ୍ରାମବାସୀ ଦାବୀ କରିଛନ୍ତି ।

## ଟ୍ରକ ଧକ୍କାରେ ବୃଦ୍ଧ ମୃତ ଅଟୋ ଚାଳକ ଗୁରୁତର

ଜୁନାଗଡ଼/ଭବାନୀପାଟଣା,(ସବ୍ୟୁ): କଳାହାଣ୍ଡି ଜିଲ୍ଲା ଜୁନାଗଡ଼ ଥାନା ଜୁନାଗଡ଼ ସହର ରେଳ ଷ୍ଟେସନ ଛକ ନିକଟରେ ଟ୍ରକ ଧକ୍କାରେ ବାଇକ ଆରୋହୀ ଗୁରୁତର ହୋଇଥିବା ବେଳେ ଜଣେ ବୃଦ୍ଧଙ୍କ ଘଟଣାସ୍ଥଳରେ ଶୋଚନୀୟ ମୃତ୍ୟୁ ହୋଇଛି। ବଲଦିଆମାଳ ରାସ୍ତାରୁ ଭବାନୀପାଟଣା ଯାଉଥିବା ଟ୍ରକ ଟି ରାସ୍ତାରେ ଯାଉଥିବା ବାଇକ ଆରୋହୀ ବୃଦ୍ଧ ଓ ଅଟୋ ଚାଳକଙ୍କୁ ସାମ୍ନା ପଟରୁ ଧକ୍କା ଦେଇଥିଲା । ଘଟଣା ସ୍ଥଳରେ ବାଇକ ଆରୋହୀ ବୃଦ୍ଧଙ୍କ ମୃତ୍ୟୁ ହୋଇଥିବା ବେଳେ ଅଟୋ ଚାଳକ ଗୁରୁତର ହୋଇଥିଲେ। ଅଟୋ ଚାଳକଙ୍କୁ ସ୍ଥାନୀୟ ଲୋକେ ଉଦ୍ଧାର କରି ଜୁନାଗଡ଼ ହସ୍ପିଟାଲକୁ ନେଇଥିଲେ। ମୃତ ବୃଦ୍ଧ ଓ ଗୁରୁତର ଅଟୋ ଚାଳକଙ୍କ ପରିଚୟ ସ୍ପଷ୍ଟ ହୋଇନାହିଁ। ଘଟଣା ଘଟାଇଥିବା ଟ୍ରକ ଚାଳକ ଟ୍ରକ ଛାଡି ଚମ୍ପଟ ମାରିଥିବା ସୂଚନା ମିଳିଛି। ଜୁନାଗଡ଼ ପୁଲିସ ଘଟଣାର ତଦନ୍ତ ଜାରି ରଖିଛି ।

## ଗଛ ସହ ଧକ୍କା ହେଲା ବାଇକ, ଦୁଇ ମୃତ

ଭବାନୀପାଟଣା,(ସବ୍ୟୁ): ସୋମବାର ରାତିରେ କଳମପୁର ଜୁନାଗଡ ମୁଖ୍ୟ ରାସ୍ତା ଦେପୁର ନିକଟରେ ଘଟିଛି ଏକ ମର୍ମନ୍ତୁଦ ଦୁର୍ଘଟଣା । ଏଥିରେ ଦୁଇ ଜଣ ଯୁବକଙ୍କ ଶୋଚନୀୟ ମୃତ୍ୟୁ ଘଟିଥିବା ବେଳେ ଜଣେ ନାବାଳକକୁ ଗୁରୁତର ଅବସ୍ଥାରେ ଭୋର ୫ଟା ବେଳେ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତରିତ କରାଯାଇଛି । ସୂଚନା ଅନୁସାରେ ପରୁଆଗୁଡା ଗ୍ରାମର ରୋହିତ ପଟେଲ ନାମକ ଜନୈକ ଯୁବକଙ୍କ ସହ ଜୁନାଗଡ ଥାନା ଅଧୀନସ୍ଥ ମୁଣ୍ଡୁରାଗୁଡା ମହୁଲପଡାର ଅଜୟ ମାଝୀ ଏବଂ ଲକ୍ଷ୍ମୀକାନ୍ତ ମାଝୀ ଓରଫ ଛୋଟୁ ନାମକ ୧୪ ବର୍ଷୀୟ ନାବାଳକ ଓ.ଡି ୦୮ ଏମ ୬୭୨୪ ନମ୍ବର ବାଇକ ଯୋଗେ ବିଳମ୍ବିତ ରାତିରେ କଳମପୁର ଜୁନାଗଡ ମୁଖ୍ୟ ରାସ୍ତା ଦେଇ ମୁଣ୍ଡୁରାଗୁଡା ଗ୍ରାମକୁ ଯାଉଥିବା ବେଳେ ଦେପୁର ନିକଟରେ ବାଇକ ଷ୍ଟଳକ ଭାରସାମ୍ୟ ହରାଇ ରାସ୍ତାକଡରେ ଥିବା ଏକ ଗଛ ସହ ଧକ୍କା କରିଥିଲେ। ଫଳରେ ଘଟଣାସ୍ଥଳରେ ରୋହିତ ଏବଂ ଅଜୟର ମୃତ୍ୟୁ ଘଟିଥିବା ବେଳେ ଗୁରୁତର ଲକ୍ଷ୍ମୀକାନ୍ତକୁ କଳମପୁର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ପ୍ରାଥମିକ ଚିକିତ୍ସା କରାଯିବା ପରେ ଅଧିକ ଚିକିତ୍ସା ପାଇଁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତରିତ କରାଯାଇଛି । ମୃତ ଦୁଇ ଜଣଙ୍କ ଶବ କଳମପୁର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ରଖାଯାଇଛି ।

## ବିଦ୍ୟୁତ ଖୁଣ୍ଟକୁ ପିଟିଲା ବାଇକ, ଦୁଇ ମୃତ

ରେଢ଼ାଖୋଲ,(ସବ୍ୟୁ): ସମ୍ବଲପୁର ଜିଲ୍ଲା ନାକଟିଦେଉଳ ଥାନା ପେଣ୍ଡବବାହାଲ ନିକଟରେ ବିଦ୍ୟୁତ ଖୁଣ୍ଟରେ ପିଟି ହୋଇ ୨ ବାଇକ ଆରୋହୀ ଘଟଣା ସ୍ଥଳରେ ମୃତ୍ୟୁ ବରଣ କରିଛନ୍ତି । ଖବରରୁ ପ୍ରକାଶ ଯେ, ସମ୍ବଲପୁର ଜିଲ୍ଲା ନାକଟିଦେଉଳ ଥାନା ପେଣ୍ଡବାହାଲ ନିକଟରେ ରେଢ଼ାଖୋଲ ପଟୁ ନାକଟିଦେଉଳକୁ ଆସୁଥିବା ୨ ଜଣ ବାଇକ ଆରୋହୀ ବିଦ୍ୟୁତ ଖୁଣ୍ଟରେ ପିଟି ହୋଇ ଯାଇଥିଲେ । ଘଟଣା ସ୍ଥଳରେ ରେଢ଼ାଖୋଲ ଥାନା ଘୋଷରାମାଲ ଗ୍ରାମର ସୁମନ ଡ଼ଙ୍ଗୀ (୨୫) ରିଆମାଳ ଥାନା କୁମାଳ ଗ୍ରାମର ଶୁଭମ ନାଏକ (୨୪)ଙ୍କର ମୃତ୍ୟୁ ହୋଇଛି । ପୋଲିସ ଘଟଣା ସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି । ପୋଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରିଛି । ଶବ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯିବ ବୋଲି ଜଣାପଡ଼ିଛି ।

# ବିଜୁ ଏକ୍ସପ୍ରେସ ୱେ ସାଜିଛି ଗାଈ ଗୋଠ



ପଦ୍ମପୁର,(ସବ୍ୟୁ): ବିଜୁ ଏକ୍ସପ୍ରେସ ୱେ ସାଜିଛି ଗାଈ ଗୋଠ । ପଦ୍ମପୁର ସହର ଦେଇ ବିଜୁ ଏକ୍ସପ୍ରେସ ୱେ ଯାଇଛି । ଯାହାକି ଗାଈ ଗୋଠ ହୋଇଯାଇଛି । ପଦ୍ମପୁର ସହରର ବୁଲା ଗାଈଗୋରୁଙ୍କ ଆଶ୍ରୟସ୍ଥଳୀ ପାଲଟିଛି । ଗାଈ ରାସ୍ତା ଉପରେ ପଡିରହିଥିବା କାରଣରୁ ବିଭିନ୍ନ ସମୟରେ ଲୋକେ ଦୁର୍ଘଟଣାର ଶିକାର ହେବା ସହ ଧନ ଜୀବନ ନଷ୍ଟ ହେଉଛି । ଗାଈଗୋରୁ ମାନଙ୍କ ପାଇଁ ଅଧିକ ସମୟ ଅସୁବିଧା ମଧ ଅହେତି ରହୁଛି । ପଦ୍ମପୁର ସାଧାରଣ ଜନତା ଗାଈଗୋରୁ ପାଳନ କରି କେବଳ ଖୀର ଧୋଇବା ସମୟରେ ଗାଈକୁ ଗୁହାଳରେ ବାନ୍ଧୁଛନ୍ତି ଏବଂ ପରେ ଗାଈକୁ ଛାଡି ଦେଉଛନ୍ତି । ଗାଈଗୋରୁ ରାସ୍ତା ଉପରେ ଗୋଠ କରିବା ଯୋଗୁଁ କେବଳ ସାଧାରଣ ଜନତା ନୁହେଁ ଗାଈଗୋରୁ ମାନେ ମଧ ଦୁର୍ଘଟଣାର ଶିକାର ହୋଇ ମୃତ୍ୟୁ ବରଣ କରୁଛନ୍ତି । ଏ ନେଇ ପଦ୍ମପୁର ପ୍ରଶାସନ ପଦକ୍ଷେପ ନେବା ସହ ଗାଈଗୋରୁ କିଭଳି ସୁରକ୍ଷିତ ରହିବେ ସେଥିପ୍ରତି ଧ୍ୟାନ ଦେବାକୁ ସାଧାରଣରେ ଦାବି ହେଉଛି ।

## ଭରସା ପରିବାର ପକ୍ଷରୁ ୩୦ ୟୁନିଟ୍ ରକ୍ତ ସଂଗ୍ରହ

ସମ୍ବଲପୁର,(ସବ୍ୟୁ): ବୁର୍ଲା ଭିମସାର ରକ୍ତଭଣ୍ଡାର ଠାରେ ଭରସା ପରିବାର ପକ୍ଷରୁ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି । ଜିଲ୍ଲା ରେଡକ୍ରସ ସୋସାଇଟି ସମ୍ପାଦକ ରୋଜାଲିନ ତିର୍କି ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଏହାର ଶୁଭ ଉଦ୍ଘାଟନ କରିଥିଲେ । ଏହି ଅବସରରେ ମୋଟ ୩୦ୟୁନିଟ୍ ରକ୍ତ ସଂଗ୍ରହ ହୋଇଥିଲା । ସ୍ୱେଚ୍ଛାକୃତ ରକ୍ତଦାତାଙ୍କୁ ମାନପତ୍ର ଦେଇ ସମ୍ମାନିତ କରାଯାଇଥିଲା । ଭରସା ପରିବାରର ସଭାପତି ନିହାଲ ସିଂଙ୍କ ତତ୍ତ୍ୱାବଧାନରେ ଶିବିର ହୋଇଥିଲା । ଏଥିରେ ଜିଲ୍ଲା ରେଡକ୍ରସ ସୋସାଇଟିର କ୍ଷେତ୍ର ପରିଚାଳିକା ପ୍ରମିଳା ବେହେରା, ବିନାୟକ ଦ୍ୱାରୀ, ଭାଗିରଥି ପଣ୍ଡା, ହାସ୍ୟ ଅଭିନେତା ବିନ୍ଦୁ ଉପସ୍ଥିତ ରହି ରକ୍ତଦାତାଙ୍କୁ ଉତ୍ସାହିତ କରିଥିଲେ ।

## ‘ଗୁଦନି’ର ଶୁଭ ମହୁରତ
## ପଶ୍ଚିମ ଓଡିଶାର କଳାକୁ ପ୍ରୋତ୍ସାହନ ପାଇଁ ‘ପଶ୍ଚିମ’ ତତ୍ପର



ସୋନପୁର, (ସବ୍ୟୁ): ପଶ୍ଚିମ ଓଡିଶାର ଲୁକ୍କାୟିତ କଳା ଓ କଳାକାରଙ୍କୁ ପ୍ରୋତ୍ସାହନ ଦେବା ପାଇଁ ପଶ୍ଚିମ ମିଡିଆ ନେଟୱାର୍କ ପ୍ରାଇଭେଟ ଲିମିଟେଡ୍ ପକ୍ଷରୁ ନିର୍ମାଣ ହେବାକୁ ଥିବା ପ୍ରଥମ ୱେବ୍ସିରିଜ୍ ‘ଗୁଦନି’ର ଶୁଭ ମହୁରତ ସୁରେଶ୍ୱରୀ ମନ୍ଦିର ପରିସରରେ ଅନୁଷ୍ଠିତ ହୋଇଯାଇଛି । ଏହି ଅବସରରେ ଅନୁଷ୍ଠିତ ଏକ ସାମ୍ବାଦିକ ସମ୍ମିଳନୀରେ ସଂସ୍ଥାର ଅଧ୍ୟକ୍ଷ ଶୁଭାଶିଷ ରଥଙ୍କ ସହ କମ୍ପାନୀ ନିର୍ଦ୍ଦେଶକ ଶିବରାମ ମହାପାତ୍ର, ଧରଣୀଧର ମିଶ୍ର ଓ ଗଣପତି ବାଘ ଉପସ୍ଥିତ ରହି ‘ପଶ୍ଚିମ’ ଆଭିମୁଖ୍ୟ ସଂପର୍କରେ ଆଲୋକପାତ କରିଥିଲେ । ତେବେ ପଶ୍ଚିମ ରାଜ୍ୟର ପ୍ରଥମ ଏବଂ ଏକମାତ୍ର ଓଟିଟି ପ୍ଲାଟଫର୍ମ ଯେଉଁଥିରେ ମନୋରଞ୍ଜନ କାର୍ଯ୍ୟକ୍ରମ ସହ ନ୍ୟୁଜ ମଧ ପ୍ରସାରଣ ହେବ ବୋଲି ଶୁଭାଶିଷ ସୂଚନା ଦେଇଥିଲେ । ୱେବ୍ସିରିଜ ‘ଗୁଦନି’ର ନିର୍ଦ୍ଦେଶକ ଅଛନ୍ତି ନାଟ୍ୟଶ୍ରୀ ଗଦାଧର ବାରିକ । ‘ଗୁଦନି’ ଜନଜାତିଙ୍କ ଲୁକ୍କାୟିତ କଳା ଓ ଜୀବନଦର୍ଶନ ଉପରେ ଆଧାରିତ ବୋଲି ନିର୍ଦ୍ଦେଶକ କହିଥିଲେ । ପଶ୍ଚିମ ଓଡିଶାର ୫୦ ଜଣ କଳାକାର ଏଥିରେ ଅଭିନୟ କରୁଛନ୍ତି ବୋଲି ସେ ସୂଚନା ଦେଇଥିଲେ । ‘ଗୁଦନି’ର ମୁଖ୍ୟ ଆକର୍ଷଣ ହେଉଛନ୍ତି ବଲିଉଡ ଅଭିନେତା ଜଗନ୍ନାଥ ସେଠ । ପଶ୍ଚିମ ଓଡିଶାର ଗାଁ ଗହଳିର କଳାକାରଙ୍କ ପାଇଁ ସୁଯୋଗ ସୃଷ୍ଟି କରିଥିବାରୁ ସେ ପଶ୍ଚିମ ମିଡିଆ ନେଟୱାର୍କ ପ୍ରାଇଭେଟ ଲିମିଟେଡର ଉଦ୍ୟମକୁ ଖୁବ୍ ପ୍ରଶଂସା କରିଥିଲେ । ସକାରାତ୍ମକ ମନରେ କାମ କଲେ ସଫଳତା ନିଶ୍ଚୟ ମିଳିବ ବୋଲି ଶିକ୍ଷାବିତ୍ ଗତିକୃଷ୍ଣ ମିଶ୍ର ତାଙ୍କ ଅଭିଭାଷଣରେ କହିଥିଲେ । ଏହି ୱେବସିରିଜର ସଂଳାପ ବବଲୁ ବାଘ ଲେଖିଥିବା ବେଳେ ଡିଓପି ଗୋପାଳ ପ୍ରଧାନ ରହିଛନ୍ତି । ସଂଗୀତ ନିର୍ଦ୍ଦେଶକ ପଙ୍କଜ ଜାଲଙ୍କ ନିର୍ଦ୍ଦେଶନାରେ ଗୀତ ଗୁଡିକ ଖୁବ୍ ମନଛୁଆଁ ହୋଇଛି । ଏକ ପ୍ରମୁଖ ଭୂମିକାରେ କଂସ ମହାରାଜ ସୁଶୀଳ ମେହେର ମଧ ଅଭିନୟ କରୁଛନ୍ତି । ପଶ୍ଚିମ ଓଡିଶାର ଆଦିବାସୀ ଅଧୁଷିତ ଅଞ୍ଚଳରେ ମଙ୍ଗଳବାର ସନ୍ଧ୍ୟାରୁ ସୁଟିଂ ଆରମ୍ଭ ହୋଇଛି । ତେବେ ଆଉ ଏକ ମେଗା ୱେବସିରିଜ, ସର୍ଟ ଫିଲ୍ମ, ଡକ୍ୟୁମେଣ୍ଟାରୀ ଏବଂ ରିଅଲିଟି ସୋ’ର ନିର୍ମାଣ ଆରମ୍ଭ ହୋଇଛି ବୋଲି ପ୍ରଯୋଜନା ସଂସ୍ଥା ପକ୍ଷରୁ ସୂଚନା ଦିଆଯାଇଛି ।

# ବଲାଙ୍ଗିର ଜିଲ୍ଲା ପ୍ରତି ରାଜ୍ୟ ସରକାରଙ୍କ ବୈମାତୃକ ମନୋଭାବ : ବିଜେଡି




ବଲାଙ୍ଗିର,(ସବ୍ୟୁ): ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝିଙ୍କ ବଲାଙ୍ଗିର ଗସ୍ତକୁ ପ୍ରତିବାଦ କରି ବିଜେଡି ପକ୍ଷରୁ ସ୍ଥାନୀୟ ସାମ୍ବାଦିକ ଭବନରେ ସାମ୍ବାଦିକ ସମ୍ମିଳନୀ ଅନୁଷ୍ଠିତ ହୋଇଥିଲା । ଜିଲ୍ଲା ସଭାପତି ସରୋଜ ମେହେରଙ୍କ ସଭାପତିତ୍ୱ ରେ ଅନୁଷ୍ଠିତ ସାମ୍ବାଦିକ ସମ୍ମିଳନୀରେ ବିଜେଡି ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କ ଗସ୍ତକୁ ଅର୍ଥହୀନ ବୋଲି କହିଛନ୍ତି। ଯାହା ପ୍ରତିଶ୍ରୁତି ନେଇ ବିଜେପି ସରକାର କ୍ଷମତାକୁ ଆସିଥିଲା ତାହା ପୂରଣ କରିବାରେ ବିଫଳ ହୋଇଛି ବୋଲି ଅଭିଯୋଗ କରାଯାଇଛି । ଜିଲ୍ଲାବାସୀଙ୍କ ଦାବି ଅନୁସାରେ ଦେଓଗାଁ ନିକଟ ସାଗରପାଲି ଠାରେ ଅଚଳ ହୋଇ ପଡ଼ିରହିଥିବା ବିଜୟାନନ୍ଦ ଚିନିକଳ ପୁଣି କାର୍ଯ୍ୟକ୍ଷମ ଦାବି ହେଉଥିବା ବେଳେ କୃଷି ବିଶ୍ୱ ବିଦ୍ୟାଳୟ ସ୍ଥାପନ କରିବା ପାଇଁ ଦାବି କରିଥିଲେ । ଏନେଇ କିଛି ଘୋଷଣା କରିବାର ଆଶା ରହିଥିଲା କିନ୍ତୁ ସେ କ୍ଷେତ୍ର ରେ ମଧ ସରକାର ବିଫଳ ହୋଇଛନ୍ତି । ଧଳା ସୁନାର ଅଞ୍ଚଳ ବଲାଙ୍ଗିର ଜିଲ୍ଲାରେ ଟେକ୍ସଟାଇଲ ମିଲ ସ୍ଥାପନ କରିବା ପାଇଁ ଦାବି ହେଉଥିବା ବେଳେ ସେ ନେଇ ମଧ ମୁଖ୍ୟମନ୍ତ୍ରୀ ମୁହଁ ନ ଖୋଲିବା ଦୁର୍ଭାଗ୍ୟଜନକ ବୋଲି ବିଜେଡି କହିଛି । ଜିଲ୍ଲାର ବିକାଶ ବର୍ଷକ ପୂର୍ବରୁ ଯେଉଁଠି ଥିଲା ସେଠାରେ ହିଁ ଅଟକିଥିବା ବିଜେଡି କହିଛି । ଜିଲ୍ଲା ପାଇଁ ମଞ୍ଜୁର ହୋଇଥିବା ପାଞ୍ଚଟି ଭୂତଳ ଜଳ ସଂରକ୍ଷଣ ପ୍ରକଳ୍ପ ବାତିଲ କରିବାର କାରଣ କଣ ବୋଲି ପୂର୍ବତନ ଜଳସେଚନ ମନ୍ତ୍ରୀ ଟୁକୁନି ସାହୁ ମୁଖ୍ୟମନ୍ତ୍ରୀଙ୍କୁ ଟାର୍ଗେଟ କରିଥିଲେ । ସାମ୍ବାଦିକ ସମ୍ମିଳନୀରେ ଜିଲ୍ଲାପରିଷଦ ସଭାପତି ଦେବକୀ ସାହୁ ଉପସ୍ଥିତ ରହି କହିଥିଲେ ଯେ ବିଜେଡି ରାଜ୍ୟସଭା ସାଂସଦ ନିରଞ୍ଜନ ବିଶି, ବଲାଙ୍ଗିର ବିଧାୟକ ଓ ଜିଲ୍ଲା ପରିଷଦ ସଭାପତିଙ୍କୁ ରାଜନୈତିକ ଉଦ୍ଦେଶ୍ୟ ନେଇ ମୁଖ୍ୟମନ୍ତ୍ରୀଙ୍କ ସଭାସ୍ଥଳକୁ ଡକା ନଯିବାକୁ ନାପସନ୍ଦ କରିଛନ୍ତି । ଆଗକୁ ବିଜେଡି ଦଳ ଲୋକଙ୍କ ପାଇଁ ଲଢେଇ କରିବ ଓ ଘର ଘର ଯାଇ ବିଜେପି ସରକାରର ବିଫଳତା କହିବ ବୋଲି ବିଜେଡି ନେତା ମାନେ ମତ ରଖିଥିଲେ। ସାମ୍ବାଦିକ ସମ୍ମିଳନୀ ରେ ପୌରା ପରିଷଦ ଅଧ୍ୟକ୍ଷା ଲିକା ସାହୁ, ସଦର ବ୍ଲକ ଅଧ୍ୟକ୍ଷା ସରିତା ବାଗ, ପୂର୍ବତନ ବିଧାୟକ ଆୟୁବ ଖାଁ, ସୁରେନ୍ଦ୍ର ସିଂଭୋଇ, ଅଜୟ ଦାସ, ନିହାର ରଞ୍ଜନ ବେହେରା, ବରିଷ୍ଠ ନେତା ଲକ୍ଷ୍ମଣ କୁମାର ମେହେର, ଜିଲ୍ଲା ବିଜେଡି ମହିଳା ସଭାନେତ୍ରୀ ଦମୟନ୍ତୀ ବାଗ, ବରିଷ୍ଠ ନେତା ପ୍ରଭାଷ ପାଣିଗ୍ରାହୀ ଓ ବିଜେଡି ଛାତ୍ର ନେତା ସୁମନ ନନ୍ଦ ଉପସ୍ଥିତ ଥିଲେ।

## ଜିଲ୍ଲାସ୍ତରୀୟ ବିକାଶ ମେଳାରେ ଯୋଗଦେଲେ ଯୋଗାଣ ମନ୍ତ୍ରୀ



ସମ୍ବଲପୁର,(ସବ୍ୟୁ): ସ୍ଥାନୀୟ ଧନକଉଡା ବ୍ଲକ ପଡିଆ ଠାରେ ଆୟୋଜିତ ଜିଲ୍ଲାସ୍ତରୀୟ ବିକାଶ ମେଳାରେ ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ, ବିଜ୍ଞାନ ଓ ପ୍ରଯୁକ୍ତି ବିଭାଗର ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ରାଜ୍ୟ ସରକାରଙ୍କ ୧ବର୍ଷର ଉପଲବ୍ଧି ସମ୍ପର୍କରେ ଆଲୋକପାତ କରିଥିଲେ । ଏଥିସହ ସୁଲ୍ଦ୍ରା ଶକ୍ତି ପାରମ୍ପରିକ ଖାଦ୍ୟ ମେଳା ପରିଦର୍ଶନ କରିଥିଲେ । ଏହି ଅବସରରେ ଜିଲ୍ଲାସ୍ତରରେ ବିଭିନ୍ନ ଯୋଜନା ଅନ୍ତର୍ଗତ ଉତ୍କୃଷ୍ଟ କାର୍ଯ୍ୟ କରୁଥିବା କର୍ମଚାରୀ ଓ ସଂସ୍ଥା ଗୁଡିକୁ ସମ୍ମାନିତ କରାଯାଇଥିଲା । ମନରେଗା ପାଇଁ ବାମରା ବ୍ଲକର ସୁଚରିତା ପରିଡା, ଗ୍ରାମୀଣ ଘର ନିର୍ମାଣରେ ଧନକଉଡାର ବନ୍ଦନା କୁମାରୀ, କୁଚିଣ୍ଡା ବିଡିଓ ଜୟନ୍ତ କୁମାର ସାହୁ, ମିଶନ ଶକ୍ତିରେ ଧନକଉଡା ସିଡିପିଓ ପୁଷ୍ପାଞ୍ଜଳି ମିଶ୍ର, ସର୍ବୋଚ୍ଚ ବିକ୍ରି କୁଚିଣ୍ଡାର ସିବିବିଓ କୃଷକ ଉତ୍ପାଦକ ସଂଘ, ଲକ୍ଷପତି ଦିଦି ସୃଷ୍ଟି ଜମନକିରା ବିଡିଓ ରବିନ୍ଦ୍ର କୁମାର ସେଠୀ ଆଦିଙ୍କୁ ପୁରସ୍କୃତ କରାଯାଇଥିଲା । କାର୍ଯ୍ୟକ୍ରମରେ ସମ୍ବଲପୁର ବିଧାୟକ ଜୟନାରାୟଣ ମିଶ୍ର, ମହାନଗର କମିଶନର ବେଦଭୂଷଣ, ଜିଲ୍ଲା ମୁଖ୍ୟ ଉନ୍ନୟନ ଅଧିକାରୀ ପ୍ରସନ୍ନ ପାତ୍ର ଅତିଥି ଭାବେ ଯୋଗ ଦେଇଥିଲେ । ଜିଲ୍ଲାପାଳ ସିଦ୍ଧେଶ୍ୱର ବଳିରାମ ବୋନ୍ଦର ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ ।

### ଆଶା କର୍ମୀଙ୍କୁ ଦୁଷ୍କର୍ମ ଉଦ୍ୟମ, ପୁଲିସର କାର୍ଯ୍ୟାନୁଷ୍ଠାନ ଶୂନ

## ପ୍ରତିବାଦରେ ରାସ୍ତାକୁ ଓହ୍ଲାଇଲା ଜିଲ୍ଲା ଆଶା ସଂଘ

କୋକସରା,(ସବ୍ୟୁ): କଳାହାଣ୍ଡି ଜିଲ୍ଲା କୋକସରା ବ୍ଲକରେ କାର୍ଯ୍ୟରତ ଜୈନିକା ଆଶା କର୍ମୀଙ୍କୁ ଗତ ୨ ତାରିଖରେ କୋକସରା ସିଏଚସିର ମହିଳା ଶୌଚାଳୟରେ ସିଏଚସିରେ ସ୍ୱିପର ଥିବା ସୁନ୍ଦର ନାଏକ ନାମକ କର୍ମଚାରୀଙ୍କ ପୁଅ କୁଶ ନାଏକ (ସାନ) ଶୌଚାଳୟରେ ପଶି ଦୁଷ୍କର୍ମ ଉଦ୍ୟମ କରିଥିଲା। ଏନେଇ ପୀଡିତା ଆଶା କର୍ମୀ ଗତ ୪ ତାରିଖରେ କୋକସରା ଥାନାରେ ଅଭିଯୋଗ କରିଛନ୍ତି। ତେବେ କୋକସରା ଥାନା ଅଧିକାରିଣୀ ସ୍ମିତା ରାଣି ସୁନା ଅଭିଯୋଗର ୧୨ ଦିନ ପରେ ମଧ୍ୟ ଅଭିଯୁକ୍ତଙ୍କୁ ଗିରଫ କରିବାରେ କୌଣସି ଠୋସ ପଦକ୍ଷେପ ଗ୍ରହଣ କରିନଥିବା ବେଳେ ଗତ ୧୩ ତାରିଖରେ ପୁଣିଥରେ ବ୍ଲକ ଆଶା ସଂଘ ପକ୍ଷରୁ ଥାନା ଆଇଆଇସିଙ୍କୁ ଭେଟି ଜଣେ ମହିଳା ଥାନା ଅଧିକାରୀ ହୋଇ ଜଣେ ପୀଡିତା ମହିଳାଙ୍କୁ ନ୍ୟାୟ ପ୍ରଦାନରେ ଟାଳଟୁଳ ନୀତିକୁ ବିରୋଧ କରିବା ସହ ଶୀଘ୍ର ଅଭିଯୁକ୍ତଙ୍କୁ ଗିରଫ କରିବା ପାଇଁ ଦାବି କରିଥିଲେ। ତେବେ ଅଭିଯୋଗର ୧୨ ଦିନ ପରେ ମଧ୍ୟ ଥାନା ଅଧିକାରିଣୀ ସ୍ମିତାରାଣୀ ସୁନା ଆଜି ପର୍ଯ୍ୟନ୍ତ ଅଭିଯୁକ୍ତ ଯୁବକଙ୍କୁ ଗିରଫ କରିବାରେ ଅସମର୍ଥ ହୋଇଥିବା ବେଳେ ଆଶା କର୍ମୀ ଓ ସଂଘ ମଧ୍ୟରେ ତୀବ୍ର ଅସନ୍ତୋଷ ଦେଖାଦେଇଛି। ଆଶା କର୍ମୀ ସଂଘର ଅଭିଯୋଗ ଓ ଗଣମାଧ୍ୟମରେ ଖବର ପ୍ରକାଶିତ ହେବାପରେ ସୋମବାର ଜିଲ୍ଲା ଆଶା କର୍ମୀ ସଙ୍ଘର ସଭାନେତ୍ରୀ ଓ ସ୍ୱେଚ୍ଛାସେବୀ ସଙ୍ଗଠନ ଭାରତୀୟ ମାନବ ଅଧିକାର କାଉନ୍ସିଲ ପକ୍ଷରୁ କୋକସରା ସିଏଚସି ଇନଚାର୍ଜ ଡ଼. ତତ୍ୱଦର୍ଶୀ ଦାସଙ୍କୁ ଭେଟିଥିଲେ । ଆଶାକର୍ମୀଙ୍କ ସୁରକ୍ଷା ପାଇଁ ଦାବି କରିବା ସହ ଡାକ୍ତରଖାନା ମଧ୍ୟରେ ଏମିତି ମହିଳାଙ୍କୁ ଅସଦାଚରଣ ଘଟଣାକୁ ନିନ୍ଦା କରିବା ସହ ସିକ୍ୟୁରିଟି ଗାର୍ଡ ମୁତୟନ ଥାଇ ମଧ୍ୟ ଡାକ୍ତରଖାନା ମଧ୍ୟରେ ଅସାମାଜିକ ଯୁବକ ଅବାଧ ପ୍ରବେଶ କରି ଜଣେ କାର୍ଯ୍ୟରତ ଆଶା କର୍ମୀଙ୍କୁ ଦୁଷ୍କର୍ମ ଉଦ୍ୟମ ଘଟଣା ସମ୍ପର୍କରେ ଅବଗତ ଥାଇ ମଧ୍ୟ ସିଏଚସି ଇନଚାର୍ଜ କାହିଁକି ଚୁପ ରହିଛନ୍ତି, ମହିଳାଙ୍କ ସୁରକ୍ଷା ପାଇଁ କାହିଁକି ପଦକ୍ଷେପ ନେଉ ନାହାନ୍ତି ବୋଲି ଅଭିଯୋଗ କରିଛନ୍ତି। ତେବେ



ଜିଲ୍ଲା ସଙ୍ଘ କର୍ମକର୍ତ୍ତା କୋକସରା ଥାନାକୁ ଯାଇଥିବା ବେଳେ ଥାନା ଆଇଆଇସି ଅନୁପସ୍ଥିତ ଥିବା କହିଛନ୍ତି। ଜିଲ୍ଲା ଆଶା ସଙ୍ଘ ସଭାନେତ୍ରୀ ସୂର୍ଯ୍ୟକାନ୍ତି ନାଏକ ସହ ଭାରତୀୟ ମାନବ ଅଧିକାର କାଉନ୍ସିଲର ରାଜ୍ୟ ସଭାପତି ମହମ୍ମଦ ମୁସ୍ତାଫା, ଜିଲ୍ଲା ସଭାପତି ଅନୀଲ କୁମାର ସାହୁ, ଧବଳେଶ୍ୱର ପାନ, ବ୍ଲକ ଆଶା ସଙ୍ଘର କର୍ମକର୍ତ୍ତା ପ୍ରମୁଖ ସିଏଚସି ଇନଚାର୍ଜ ଡ଼. ଦାସ ଓ ଆଇଆଇସି ଅନୁପସ୍ଥିତରେ ଦାୟିତ୍ୱରେ ଥିବା ପୁଲିସ ଅଧିକାରୀକୁ ଭେଟି କାର୍ଯ୍ୟାନୁଷ୍ଠାନ ଗ୍ରହଣ ପାଇଁ ଚେତାବନୀ ଦେଇଛନ୍ତି। ନ୍ୟାୟ ପାଇବା ଦାବିରେ କଳାହାଣ୍ଡି ଏସ.ପିଙ୍କୁ ଭେଟି କାର୍ଯ୍ୟାନୁଷ୍ଠାନ ନିମନ୍ତେ ଦାବି କରାଯିବ ବୋଲି ପ୍ରତିକ୍ରିୟା ପ୍ରକାଶ କରିଛନ୍ତି।

## ବୃଦ୍ଧ ଅତ୍ୟାଚାର ବିରୋଧୀ ସଚେତନତା

ରାୟଗଡା,(ସବ୍ୟୁ): ଜିଲ୍ଲା ଆଇନ୍ ସେବା ପ୍ରାଧିକରଣ ପକ୍ଷରୁ ଜିଲ୍ଲା ଆଇନ୍ ସେବା ପ୍ରାଧିକରଣର ଅଧ୍ୟକ୍ଷ ତଥା ଜିଲ୍ଲା ଦୌରା ଜଜ୍ ସତ୍ୟନାରାୟଣ ଷଡଙ୍ଗୀଙ୍କ ପୌରହିତ୍ୟରେ ଏବଂ ସଚିବ ସୁବ୍ରତ ଆଚାର୍ଯ୍ୟଙ୍କ ତତ୍ତ୍ୱାବଧାନରେ ସ୍ଥାନୀୟ ଜିଲ୍ଲା ବରିଷ୍ଠ ନାଗରିକ ମଙ୍ଗଳ ସଂଘ , ରାୟଗଡା ପରିସରରେ ଜାତୀୟ ବୃଦ୍ଧ ଅତ୍ୟାଚାର ବିରୋଧୀ ସଚେତନତା ଦିବସ ପାଳିତ ହୋଇଯାଇଛି । ଅନ୍ୟ ପ୍ରମୁଖ ଅତିଥି ମାନଙ୍କ ମଧ୍ୟରେ ମହିଳା କୋର୍ଟର ବିଚାରପତି ସସ୍ମିତା ମିଶ୍ର, ଜେଏମ୍ଏଫ୍‌ସି ରିଚିମିଲନ ପାତ୍ର, ବରିଷ୍ଠ ନାଗରିକ ମଙ୍ଗଳ ସଂଘର ସଭାପତି ବିନୋଦ ଚନ୍ଦ୍ର ପଣ୍ଡା, ବରିଷ୍ଠ ନାଗରିକ ମଙ୍ଗଳ ସଂଘର ସଚିବ ଦ୍ୱାରିକା ନାଥ ଦାସ, ବରିଷ୍ଠ ନାଗରିକ ମଙ୍ଗଳ ସଂଘର ଅନେକ ବରିଷ୍ଠ ନାଗରିକ ପ୍ରମୁଖ ଉପସ୍ଥିତ ଥିଲେ । ଅତିଥିମାନେ ନିଜ ନିଜର ବକ୍ତବ୍ୟରେ ଜାତୀୟ ବୃଦ୍ଧ ଅତ୍ୟାଚାର ବିରୋଧୀ ସଚେତନତା ଦିବସ ପାଳନର ଉଦ୍ଦେଶ୍ୟ, ଆଭିମୁଖ୍ୟ, ବରିଷ୍ଠ ନାଗରିକ ମାନଙ୍କ ପାଇଁ ନ୍ୟାୟିକ ବ୍ୟବସ୍ଥା ଓ ସେମାନଙ୍କ ପାଇଁ ଆଇନରେ ଉଦ୍ଦିଷ୍ଟ ଥିବା ବିଭିନ୍ନ ଧାରା ଉପରେ ଆଲୋକପାତ କରିଥିଲେ । କାର୍ଯ୍ୟକ୍ରମରେ ଉପସ୍ଥିତ ଥିବା ସମସ୍ତ ବରିଷ୍ଠ ନାଗରିକ ଓ ଅତିଥି ମାନଙ୍କର ଉପସ୍ଥିତି ଏବଂ ଜିଲ୍ଲା ଆଇନ ସେବା ପ୍ରାଧିକରଣର ସଚିବ ସୁବ୍ରତ ଆଚାର୍ଯ୍ୟଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ କାର୍ଯ୍ୟକ୍ରମ ସମାପ୍ତ ହୋଇଥିଲା ।

### ଜଳବାୟୁ ସ୍ଥିରତା ପାଇଁ ଅନୁକୂଳନ କାର୍ଯ୍ୟକ୍ରମ

## ଦେଶର ତିନୋଟି ଜିଲ୍ଲା ମଧ୍ୟରେ ନୂଆପଡ଼ା



ନୂଆପଡ଼ା,(ସବ୍ୟୁ): ନୂଆପଡ଼ା ଜିଲ୍ଲାରେ ମିଳିତ ଜାତିସଂଘ ଅନ୍ତର୍ଗତ ବିଶ୍ୱ ଖାଦ୍ୟ କାର୍ଯ୍ୟକ୍ରମ ଡବ୍ଲ୍ୟୁଏଫପି ପକ୍ଷରୁ ଜଳବାୟୁ ସ୍ଥିରତା ପାଇଁ ଅନୁକୂଳନ ଏଡିଏପିଟିଆର କର୍ମଶାଳା ଅନୁଷ୍ଠିତ ହୋଇଯାଇଛି । ଦେଶର ତିନୋଟି ଜିଲ୍ଲା କାଡପା, ରାମନାଥପୁରମ ଓ ନୂଆପଡ଼ାରେ ଏହା ପ୍ରଥମେ କାର୍ଯ୍ୟକାରୀ ହେବ । ଜଳବାୟୁ ପରିବର୍ତ୍ତନ ସହ ତାଳ ମିଳେଇବା ପାଇଁ କ୍ଷୁଦ୍ର ଓ ନାମମାତ୍ର ଚାଷୀ ମାନଙ୍କ ଦକ୍ଷତା ବୃଦ୍ଧି କରିବା ଏହାର ଉଦ୍ଦେଶ୍ୟ । ସ୍ଥାନୀୟ ସଦଭାବନା ସଭାଗୃହରେ ଅନୁଷ୍ଠିତ ଏହି ସଭାରେ ଜିଲ୍ଲାପାଳ ମଧୁସୂଦନ ଦାଶ ଅଧ୍ୟକ୍ଷତା କରିଥିଲେ । ବନଖଣ୍ଡ ଅଧିକାରୀ ଅଜିଜ ଖାନ୍, ଜିଲ୍ଲା ନୋଡାଲ ଅଧିକାରୀ ଭାବରେ ସମସ୍ତଙ୍କୁ ସ୍ୱାଗତ କରି କର୍ମଶାଳାର ଉଦ୍ଦେଶ୍ୟ ଓ ଏହାଦ୍ୱାରା ଜିଲ୍ଲା କିଭଳି ଉପକୃତ ହୋଇପାରିବ କହିଥିଲେ । ବୋଡ଼େନ ଓ ଖଡିଆଳ ବ୍ଲକର ଦୁଇଟି ଲେଖାଏଁ ଗ୍ରାମପଞ୍ଚାୟତର ୨୦ ଟି ଗାଁ ରେ ଏହି କାର୍ଯ୍ୟକ୍ରମ ଚାଲିବ । ଜିଲ୍ଲାପାଳ କହିଲେ ସମଗ୍ର ଦେଶର ତିନୋଟି ଜିଲ୍ଲା ଭିତରେ ନୂଆପଡ଼ା ଚୟନ ହେବା ଆମ ଜିଲ୍ଲା ପାଇଁ ସୌଭାଗ୍ୟ ଓ ଗର୍ବର ବିଷୟ । ପରିବେଶ ପରିବର୍ତ୍ତନକୁ କିପରି ଆମେ ସହ୍ୟ କରି ପାରିବା ସେଥିପାଇଁ ବିଭିନ୍ନ ବିଭାଗକୁ ନେଇ ସମନ୍ୱିତ ଭାବରେ ଆମେ କାମ କରିବା । ଜନସାଧାରଣଙ୍କ ସହଯୋଗରେ ଆମ ଜିଲ୍ଲାକୁ ଆମେ ଏଥିରେ ଏକ ନମ୍ବରରେ ରଖିବାକୁ ପ୍ରୟାସ କରିବା । ବିଶ୍ୱ ଖାଦ୍ୟ କାର୍ଯ୍ୟକ୍ରମ ଓଡିଶା ମୁଖ୍ୟ ହିମାଂଶୁ ବଳ କହିଲେ ଯେ ଏହା କେବଳ ଶ୍ରୀଲଙ୍କା ଓ ଭାରତରେ ଏବେ ଆରମ୍ଭ ହେବ । ଏହାଦ୍ୱାରା କ୍ଷୁଦ୍ର ଓ ନାମ ମାତ୍ର ଚାଷୀ ସମୁହ ଜଳବାୟୁ ପରିବର୍ତ୍ତନ ସହିତ ଖାପ ଖୁଆଇ ନିଜର ସ୍ଥିତିର ଉନ୍ନତି କରିପାରିବେ । କାର୍ଯ୍ୟକ୍ରମର ନେସନାଲ ପ୍ରୋଜେକ୍ଟ କୋଅର୍ଡିନେଟର ବାଲାଜୀ ତ୍ରିପାଠୀ, ରାଜ୍ୟ ପ୍ରୋଗ୍ରାମ ପରିଚାଳକ ତୁଷାରକାନ୍ତ ଦାଶ ଓ ପ୍ରୋଜେକ୍ଟ ମ୍ୟାନେଜର ସୁଦେଷ୍ନା ସେନ୍ ପାୱାର ପଏଣ୍ଟ ମାଧ୍ୟମରେ ଉପସ୍ଥିତ ସମସ୍ତ ଅଧିକାରୀ ଓ ହିତାଧିକାରୀ ମାନଙ୍କୁ ପ୍ରୋଜେକ୍ଟ ବିଷୟରେ ବିଶଦ ଭାବରେ ବୁଝାଇଥିଲେ । କର୍ମଶାଳାରେ ଜିଲ୍ଲା ମୁଖ୍ୟ ଉନ୍ନୟନ ଅଧିକାରୀ ଲମ୍ବୋଦର ଧରୁଆ, ଉପ ଜିଲ୍ଲାପାଳ ଯୋଗେନ୍ଦ୍ର ମାଝୀ, କୃଷି, ଉଦ୍ୟାନ କୃଷି, ପ୍ରାଣୀ ସମ୍ପଦ, ମତ୍ସ୍ୟ, ମିଶନଶକ୍ତି, ପ୍ଲାନିଂ , କେ ଭି କେ ଇତ୍ୟାଦି ବିଭାଗର ଜିଲ୍ଲାସ୍ତରୀୟ ଅଧିକାରୀ, ସମ୍ପୃକ୍ତ ବିଡିଓ, ସରପଞ୍ଚ ଯୋଗ ଦେଇଥିଲେ । ହିତାଧିକାରୀ ମହିଳା ପ୍ରତିନିଧିଙ୍କ ସହ ସ୍ୱେଚ୍ଛାସେବୀ ସଂଗଠନରୁ ମହେନ୍ଦ୍ର ଯୋଶୀ, ପଲ୍ଲୀ ବିକାଶରୁ ସୁରେଶ ରାଉତ, ଲୋକଦୃଷ୍ଟିରୁ ଭୁବନେଶ୍ୱର ରାଉତ ପ୍ରମୁଖ ଉପସ୍ଥିତ ଥିଲେ । ଏହି ଦ୍ୱି ଦିବସୀୟ କର୍ମଶାଳା କ୍ଷୁଦ୍ର, ନାମ ମାତ୍ର ଚାଷୀ ଓ ମହିଳା ମାନଙ୍କ ଜଳବାୟୁ ପରିବର୍ତ୍ତନ ସହିତ ଖାପ ଖୁଆଇବା ସାମର୍ଥ୍ୟ ବୃଦ୍ଧିକରି ସେମାନଙ୍କ ଜୀବନ ଜିବିକାକୁ ଉନ୍ନତ, ବହୁ ମୁଖୀ ଓ ଜଳବାୟୁ ସହଣୀ କରିବ ।

## ଆମପାଣି ମଣ୍ଡଳସ୍ତରୀୟ ବିକଶିତ ଓଡିଶା ସଂକଳ୍ପ ସଭା

କୋକସରା,(ସବ୍ୟୁ): କୋକସରା ବ୍ଲକ ବିଜେପି ପକ୍ଷରୁ ଆମପାଣି ମଣ୍ଡଳସ୍ତରୀୟ ବିକଶିତ ଓଡିଶା ସଂକଳ୍ପ ସଭା ଅନୁଷ୍ଠିତ ହୋଇଯାଇଛି। ଆମପାଣି ଧାନ ମଣ୍ଡିରେ ଆୟୋଜିତ ସଂକଳ୍ପ ସଭା କାର୍ଯ୍ୟକ୍ରମରେ ଆମପାଣି ମଣ୍ଡଳ ସଭାପତି ମଧୁବନ ପାତ୍ରଙ୍କ ସଭାପତିତ୍ୱରେ ଧର୍ମଗଡ଼ ବିଧାୟକ ସୁଧୀର ରଞ୍ଜନ ପାଟଯୋଶୀ, ସମ୍ମାନିତ ଅତିଥି ବରିଷ୍ଠ ବିଜେପି ନେତା ଲକ୍ଷ୍ମୀକାନ୍ତ ବାଗ,ଗୋପିଚନ ନାଏକ, ଅପ୍ରେସ ସ୍ୱାଇଁ, ହିମାଂଶୁ ପଣ୍ଡା,ତ୍ରିନାଥ ଶବର,ଘନଶ୍ୟାମ ନାଏକ, ଅର୍ଜୁନ ଭାଟି, ଆମପାଣି ସରପଞ୍ଚ ରୁକ୍ମଣୀ ବାଣୁଆ, ବରାଡ଼ଙ୍ଗା ସରପଞ୍ଚ ନିରୂପମା ସେଠି ପ୍ରମୁଖ ଉପସ୍ଥିତ ରହି କେନ୍ଦ୍ର ସରକାରଙ୍କ ୧୧ ବର୍ଷ ପୂର୍ତ୍ତି ଓ ରାଜ୍ୟ ସରକାରଙ୍କ ୧ ବର୍ଷ ପୂର୍ତ୍ତିକୁ ଲୋକଙ୍କ ସରକାର ମୁଖ୍ୟମନ୍ତ୍ରୀ ମୋହନ ମାଝୀଙ୍କ ନେତୃତ୍ୱରେ ଆଜି ବିକଶିତ ଓଡିଶାର ସ୍ୱପ୍ନକୁ ବାସ୍ତବିକତା ରୂପ ନେଇଛି। ନିର୍ବାଚନ ପୂର୍ବରୁ ବିଜେପି ସରକାର ଯେଉଁ ପ୍ରତିଶ୍ରୁତି ଦେଇଥିଲେ ତାହା ଆଜି ପୂରଣ କରିଛନ୍ତି ବୋଲି ଉପସ୍ଥିତ ଅତିଥିମାନେ ମତ ପ୍ରକାଶ କରିଥିଲେ। ସମସ୍ତ କର୍ମକର୍ତ୍ତା ଲୋକଙ୍କ ସମସ୍ୟା ପ୍ରତି ଯତ୍ନବାନ ହେବାକୁ କର୍ମୀଙ୍କୁ ପରାମର୍ଶ ଦେଇଥିଲେ। ସଭାକୁ ନକୁଲ ନାଏକ ଓ ସନ୍ତୋଷ କୁମାର ମାଝୀ ପରିଚାଳନା କରିଥିଲେ।

## ଡୋକରିଚଞ୍ଚରା ସୁରକ୍ଷା ପାଇଁ ୨୦ରେ ଜନ ସଚେତନତା ଯାତ୍ରା

କୋକସରା,(ସବ୍ୟୁ): କଳାହାଣ୍ଡି ଜିଲ୍ଲାର ନୈସର୍ଗିକ ପ୍ରାକୃତିକ ସୌନ୍ଦର୍ଯ୍ୟରେ ଭରପୁର କୋକସରା ବ୍ଲକ ଡୁଡୁକାଠେଙ୍ଗା ପଞ୍ଚାୟତ ଅନ୍ତର୍ଗତ ସାହାଜଖୋଲ ଜଙ୍ଗଲ ମଧ୍ୟରେ ଅବସ୍ଥିତ ପର୍ଯ୍ୟଟନସ୍ଥଳୀ ଗୁଡ଼ହାଣ୍ଡି ଡୋକରିଚଞ୍ଚରା ପରିଚାଳନା ନେଇ ବିଗତ ଶ୍ରୀରାମ ନବମୀ ମହୋତ୍ସବ ପୂର୍ବରୁ କମିଟି ଗଠନକୁ ନେଇ ଦୁଇ କମିଟି ମଧ୍ୟରେ ବିବାଦ ଉପୁଜିଥିଲା । ପୂର୍ବରୁ ଥିବା ଉନ୍ନୟନ କମିଟିକୁ ଜଙ୍ଗଲ ବିଭାଗ ପକ୍ଷରୁ ନିଲମ୍ବନ କରି ଇଟିସି କମିଟିକୁ ମହୋତ୍ସବ ପାଳନ ଓ ଜଙ୍ଗଲ ସୁରକ୍ଷା ପାଇଁ ନୂତନ ଭାବେ ଦାୟିତ୍ୱ ହସ୍ତାନ୍ତର କରିଥିଲେ। ଏହି ଘଟଣା ପରେ ଗୁଡ଼ହାଣ୍ଡି ଡୋକରିଚଞ୍ଚରା ବଞ୍ଚାଓ କମିଟି ପକ୍ଷରୁ ଏକ ବୈଠକ ଗତ ମେ ମାସ ୪ ତାରିଖରେ ଟେମରା ଗ୍ରାମ ଠାରେ ଅନୁଷ୍ଠିତ ହୋଇ ନୂତନ ଭାବେ ଗଠିତ କମିଟିର ସଭାପତି ଭାବେ ରାଜେନ୍ଦ୍ର ନାଏକଙ୍କୁ ମନୋନୀତ କରି ଡୋକରି ଚଞ୍ଚରା ସୁରକ୍ଷା ଓ ବ୍ଲକସ୍ତରୀୟ କମିଟି ଗଠନ ପାଇଁ ଦାୟିତ୍ୱ ହସ୍ତାନ୍ତର କରାଯାଇଛି । ଏହି କମିଟି ସଭାପତି ଶ୍ରୀ ନାଏକଙ୍କ ନେତୃତ୍ୱରେ ଆସନ୍ତା ୨୦ ତାରିଖ ଶୁକ୍ରବାର ଦିନ ଡୋକରିଚଞ୍ଚରା ବଞ୍ଚାଓ ଆନ୍ଦୋଳନ ସଚେତନ ଯାତ୍ରା କରିବା ପାଇଁ ନିଷ୍ପତ୍ତି ନିଆଯାଇଛି। ପର୍ଯ୍ୟଟନ ସ୍ଥଳୀକୁ ଗୋଟିଏ ପଞ୍ଚାୟତରେ ସୀମିତ ନ ରଖି ୨୨ ପଞ୍ଚାୟତର ପ୍ରତିନିଧିଙ୍କୁ ନେଇ ଏକ ବ୍ଲକ ସ୍ତରୀୟ କମିଟି ଗଠନ କରିବା ସହ ଇକୋ ଟୁରିଜମ ମାନ୍ୟତା, ପ୍ରାଗ ଐତିହାସିକ ଗୁଡ଼ହାଣ୍ଡି ଶିଳାଲିପିର ସଂରକ୍ଷଣ, ସରକାରୀ ଅନୁଦାନର ଭିଜିଲାନ୍ସ ତଦନ୍ତ, ବିଶୁଦ୍ଧ ପାନୀୟ ଜଳ ବ୍ୟବସ୍ଥା, ଶୌଚାଳୟ ନିର୍ମାଣ, ସାହାଜଖୋଲ ଜଙ୍ଗଲ ସୁରକ୍ଷା, ବନୀକରଣ, ସଂରକ୍ଷିତ ଜଙ୍ଗଲରେ ମକା ମାଫିଆଙ୍କ ଦମନ ନେଇ ସଚେତନତା ସୃଷ୍ଟି ଅଭିଯାନରେ ସଚେତନ ଯାତ୍ରା କରିବା ନେଇ ଗୁଡ଼ହାଣ୍ଡି ଡୋକରିଚଞ୍ଚରା ବଞ୍ଚାଓ କମିଟି ସଭାପତି ରାଜେନ୍ଦ୍ର ନାଏକ ସୂଚନା ଦେଇଛନ୍ତି।

## ସମ୍ବଲପୁରୀ ନାଟକ ବୀର ସୁରେନ୍ଦ୍ର ସାଏ ପ୍ରଦର୍ଶିତ

ସମ୍ବଲପୁର,(ସବ୍ୟୁ): ଶ୍ରୀ କଲଚରାଲ ଆସୋସିଏସନ୍ ଦ୍ୱାରା ସମ୍ବଲପୁରୀ ନାଟକ ବୀର ସୁରେନ୍ଦ୍ର ସାଏ ପ୍ରଦର୍ଶିତ ହୋଇଯାଇଛି । ୧୮୨୭ରୁ ୧୮୮୪ ମଧ୍ୟରେ ସୁରେନ୍ଦ୍ର ସାଏଙ୍କ ବୀରତ୍ୱ, ବିଦ୍ରୋହ ଓ ବଳିଦାନ ଆଦି ବିଭିନ୍ନ ଘଟଣାବଳୀକୁ ନେଇ ନାଟକ ପରିବେଷିତ ହୋଇଥିଲା । ନାଟ୍ୟକାର ଓ ନିର୍ଦ୍ଦେଶକ ସତ୍ୟରଞ୍ଜନ ବେହେରା, ସଙ୍ଗୀତ ନିର୍ଦ୍ଦେଶନା ସୌମ୍ୟଜିତ୍ ବଡପଣ୍ଡା, ରାକେଶ ଶତପଥି ଆଲୋକ ବିନ୍ୟାସ କରିଥିଲେ । ସଙ୍ଗୀତା ସାହୁ ନୃତ୍ୟ ସଂଯୋଜନା, ଗୁରୁ ସତ୍ୟନାରାୟଣ ବହିଦାର ଓ ପଦ୍ମଶ୍ରୀ ହଳଧର ନାଗ ଗୀତ ରଚନା କରିଥିଲେ । ଓଡିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ଆନୁକୂଲ୍ୟରେ ଓଡିଶା ସଙ୍ଗୀତ ନାଟକ ଏକାଡେମୀ ପକ୍ଷରୁ ରବୀନ୍ଦ୍ର ମଣ୍ଡପ ଠାରେ ବରପୁତ୍ରଙ୍କ ଜୀବନୀ ଆଧାରିତ ନାଟକ ମହୋତ୍ସବର ୩ୟ ସଂନ୍ଧ୍ୟାରେ ଏହି ନାଟକ ପ୍ରଦର୍ଶିତ ହୋଇଥିଲା । ସଚିବ ଡ. ଚନ୍ଦ୍ରଶେଖର ହୋତା ଅତିଥି ଭାବେ ଯୋଗ ଦେଇ କଳାକାରଙ୍କୁ ସମ୍ବର୍ଦ୍ଧିତ କରିଥିଲେ ।

### ରଥ ନିର୍ମାଣ କାର୍ଯ୍ୟ ବିଳମ୍ବ

## ଉପଜିଲ୍ଲାପାଳଙ୍କୁ ଭେଟିଲେ ସହରବାସୀ

ସୋନପୁର,(ସବ୍ୟୁ): ସୁବର୍ଣ୍ଣପୁର ସହର ଏକ ମନ୍ଦିର ମାଳିନୀ ସହର ଭାବରେ ଦେଶ ବିଦେଶରେ ପରିଚିତ। କାହିଁ ରାଜ ରାଜୁଡା ଅମଳରୁ ପବିତ୍ର ରଥଯାତ୍ରା ହୋଇ ଆସୁଥିବା ବେଳେ ସହର ଆଖ ପାଖ ଗ୍ରାମରୁ ରଥ ଦେଖିବାକୁ ଆସନ୍ତି ଶ୍ରଦ୍ଧାଳୁ। ଚଳିତ ବର୍ଷ ଏହାର ବ୍ୟତିକ୍ରମ ଦେଖା ଦେଇଥିବା ଅଭିଯୋଗ ହୋଇଛି । ପ୍ରଶାସନିକ ଅବହେଳାରୁ ରଥ ନିର୍ମାଣ କାର୍ଯ୍ୟ ଆଜି ପର୍ଯ୍ୟନ୍ତ ଆରମ୍ଭ ହୋଇ ନ ଥିବାରୁ ଜନ ଅସନ୍ତୋଷ ବଢିବାରେ ଲାଗିଛି। ସହରର ବୁଦ୍ଧଜୀବୀଙ୍କ ସହ ରଥଯାତ୍ରା କମିଟି ସଦସ୍ୟ ମଙ୍ଗଳବାର ଉପଜିଲ୍ଲାପାଳ ସୌମ୍ୟ ରୂପା ରଥଙ୍କୁ ଭେଟି ଶୀଘ୍ର ରଥ କାମ ତ୍ୱରାନ୍ୱିତ କରିବା ପାଇଁ ଦାବି କରିଛନ୍ତି । ସ୍ଥାନୀୟ ବୁଦ୍ଧିଜୀବୀଙ୍କ ମଧ୍ୟରେ ଦୀପକ କୁମାର ମହାପାତ୍ର, ପୁରୋଷୋତ୍ତମ ପାଣିଗ୍ରାହି, କାଉନସିଲର ଗଙ୍ଗା ତରିଆ, କାଉନସିଲର ସୁକାନ୍ତ ସାହୁ, ପୂର୍ବତନ କାଉନସିଲର ତାପସ ବେହୁରା, ଅରକ୍ଷିତ ବାଘ୍, ସୁରେଶ ବିଶ୍ୱାଳ, ଦାଶରଥି ମେହେର, ଜ୍ୟୋତି ମଙ୍ଗଳ ସାହୁ, କୁନୁ, ଲଡୁ କିଶୋର୍ ମଲ୍ଲିକ, ବେଣୁଧର ତରୀଆ, ଶେଷ ମେହେର, ଦିବ୍ୟଂଶ ସାହୁ ପ୍ରମୁଖ ଉପ ଜିଲ୍ଲାପାଳଙ୍କୁ ଭେଟି ରଥ କାମ ଶୀଘ୍ର ଆରମ୍ଭ କରିବା ସହ ଜାକଜକମରେ କରିବାକୁ କହିଥିଲେ ।

### ଚିକିତ୍ସାରେ ଅବହେଳାରୁ ଶିଶୁ କନ୍ୟାର ମୃତ୍ୟୁ!

## ହସ୍ପିଟାଲରେ ଉତ୍ତେଜନା

ସମ୍ବଲପୁର, (ସବ୍ୟୁ) : ୫ ବର୍ଷର ଶିଶୁକନ୍ୟା ଖେଳିବା ସମୟରେ ପଡିଯାଇ ମୁଣ୍ଡରେ ଆଘାତ ଲାଗିଥିବା ବେଳେ ୪.୪୫ ସମୟରେ ମୁଖ୍ୟ ଜିଲ୍ଲା ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା । ମାତ୍ର ଡାକ୍ତର ବିଳମ୍ବରେ ପହଞ୍ଚିବା ଫଳରେ କନ୍ୟାଟି ମୃତ୍ୟୁ ବରଣ କରିଥିଲା। ଫଳରେ ଲୋକମାନେ ଉତ୍ତେଜିତ ହୋଇ ଭଙ୍ଗାରୁଜା କରିବା ସହିତ ଡାକ୍ତରଙ୍କୁ ମାଡ ମାରିଥିବା କୁହାଯାଉଛି।

ଘଟଣାରୁ ପ୍ରକାଶ ଯେ ମାଲକାନଗିରି ସଦର ମହକୁମା ସ୍ଥିତ ଟିଣା ଗ୍ୟାରେଜ ସାହିରେ ରହୁଥିବା ଲଳିତ ପାତ୍ରଙ୍କ ୫ ବର୍ଷର ଶିଶୁକନ୍ୟା ଆରାଧ୍ୟା ରବିବାର ଅପରାହ୍ନରେ ଖେଳୁ ଖେଳୁ ପଡିଯିବା ଫଳରେ ଏକ ଲୁହାଗ୍ରିଲ ସହ ମୁଣ୍ଡଟି ଧକ୍କା ହୋଇ ରକ୍ତ ସ୍ରାବ ହୋଇଥିଲା। ଫଳରେ ପରିବାର ଲୋକେ ୪ ଟା ୪୫ ମିନିଟରେ ତୁରନ୍ତ ମୁଖ୍ୟ ଜିଲ୍ଲା ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ। ଝିଅର ଅବସ୍ଥା ଭଲ ନଥିବାରୁ ଅସ୍ତ୍ରୋପଚାର ବିଶେଷଜ୍ଞ ଡାକ୍ତର ସପନ କୁମାର ଡିଣ୍ଡାକୁ ବାରମ୍ବାର ମୋବାଇଲ୍ ଯୋଗେ ଯୋଗାଯୋଗ କରାଯାଇଥିଲା। ମାତ୍ର ସେ ମୋବାଇଲ୍ କୁ ଉଠାଇ ନଥିଲେ। ସାଢ଼େ ଦୁଇ ଘଣ୍ଟା ବିଳମ୍ବରେ ଆସି ହସ୍ପିଟାଲରେ ଆହାତ ଶିଶୁ କନ୍ୟାଟିକୁ ଦେଖି ଗୋଟିଏ ଇଞ୍ଜେକସନ ଦେଇ କହିଥିଲେ ଯେ କିଛି ହେବ ନାହିଁ ଅଧଘଣ୍ଟା ପରେ ଠିକ୍ ହୋଇ ଯିବ। ଶିଶୁ କନ୍ୟାର ବାପା ଭଲ ଭାବରେ ଦେଖିବା ପାଇଁ ଅନୁରୋଧ କରିଥିଲେ ମଧ୍ୟ ଏହାକୁ ସପନ କୁମାର ଡିଣ୍ଡା ଗୁରୁତ୍ୱ ଦେଇ ନଥିଲେ। ସେ ପ୍ରାଇଭେଟ୍ କ୍ଲିନିକ୍ ଯିବାକୁ ବିଳମ୍ବ ହୋଇ ଯିବ ବୋଲି କହିଥିଲେ । ଇତି ମଧ୍ୟରେ ଶିଶୁକନ୍ୟାଟି ମୃତ୍ୟୁ ବରଣ କରିଥିଲା। ଫଳରେ ଲୋକମାନେ ଉତ୍ତେଜିତ ହୋଇ ଡାକ୍ତର ସପନ କୁମାର ଡିଣ୍ଡାକୁ ମୁଥ ଓ ଚାପୁଡା ମାରିଥିଲେ। ସେ ତରବର ଏକ ପ୍ରକୋଷ୍ଠରେ କବାଟ କିଳି ଆତ୍ମରକ୍ଷା କରିଥିଲେ। ଉତ୍ୟକ୍ତ ଲୋକମାନେ ମେଡ଼ିକାଲର ଜିନିଷ ପତ୍ର ଭଙ୍ଗାରୁଜା କରିଥିଲେ। ଖବର ପାଇ ମାଲକାନଗିରି ପୋଲିସ, ଉପଜିଲ୍ଲାପାଳ ଦୁର୍ଯ୍ୟୋଧନ ଭୋଇ ଏବଂ ସିଡିଏମଓ ବ୍ରଜବନ୍ଧୁ ଦାଶ ଉତ୍ୟକ୍ତ ଲୋକମାନଙ୍କୁ ବୁଝାସୁଝା କରିଥିଲେ। ମୃତ ଶିଶୁ କନ୍ୟାର ପିତା ଲଳିତ ପାତ୍ର ଡାକ୍ତର ସପନ କୁମାର ଡିଣ୍ଡାଙ୍କ ବଦଳି କରିବା ସହ ଉପଯୁକ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଦାବି କରିଥିଲେ। ତେବେ ଏସଂପର୍କରେ ତଦନ୍ତ କରାଯାଇ ଉପଯୁକ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ମୁଖ୍ୟ ଚିକିତ୍ସାଧିକାରୀ ବ୍ରଜବନ୍ଧୁ ଦାଶ କହିପାରେ ଏବଂ ପୋଲିସ ଓ ଉପଜିଲ୍ଲାପାଳ ଲୋକମାନଙ୍କୁ ବୁଝାସୁଝା ପରେ ଉତ୍ତେଜନା ଶାନ୍ତ ପଡ଼ିଥିଲା।

## କବି ଚଣ୍ଡିଚରଣ ବିଶି ଜୟନ୍ତୀ ପାଳିତ

ସିନାପାଲି,(ସବ୍ୟୁ): ଓଡ଼ିଶା-ଛତିଶଗଡ଼ ସୀମାରେ ରହି ଜୀବନ ତମାମ ସାହିତ୍ୟ ସାଧନା ମାଧ୍ୟମରେ ଓଡ଼ିଆ ଭାଷା ସୁରକ୍ଷା ଦିଗରେ ମହତ୍ୱପୂର୍ଣ୍ଣ ଅବଦାନ ଦେଇଥିବା କବି ଚଣ୍ଡିଚରଣ ବିଶିଙ୍କ ଜୟନ୍ତୀ କବିଗ୍ରାମ ସିଙ୍ଗାରରେ ମଙ୍ଗଳବାର ପାଳିତ ହୋଇଯାଇଛି । ସିନାପାଲି ଗଙ୍ଗାଧର ସାରସ୍ୱତ ସମିତି ପକ୍ଷରୁ ସିଙ୍ଗାର ହାଇସ୍କୁଲ ପରିସରରେ ଆୟୋଜିତ ଜୟନ୍ତୀ ସଭାରେ ସମିତିର ସଭାପତି ବୈଷ୍ଣବ ମେହେର ଅଧ୍ୟକ୍ଷତା କରିଥିବା ବେଳେ ମୁଖ୍ୟ ଅତିଥି ଭାବରେ ସରପଞ୍ଚ କହଁଲ ସିଂ ବାଗ ଓ ସମ୍ମାନିତ ଅତିଥି ଆଇନଜୀବୀ ବୈଶମ୍ପାୟନ ମେହେର, କବିପୁତ୍ର ଉମାକାନ୍ତ ବିଶି, ପ୍ରଧାନଶିକ୍ଷକ ଭୁବନେଶ୍ୱର ମାଝୀ ମଞ୍ଚାସୀନ ଥିଲେ । ଆଲୋଚକ ଭାବରେ ବରିଷ୍ଠ କବି ବିଜୟ କୁମାର ଯୋଷୀ ଓ ଯୁବକବି ପ୍ରଦ୍ୟୁମ୍ନ କୁମାର ସିଂହ ଚିନ୍ଦା ପ୍ରମୁଖ ଉପସ୍ଥିତ ଥିଲେ । ସଭା ପ୍ରାରମ୍ଭରେ ଗୌତମ ମେହେର ସ୍ୱାଗତ କରିଥିଲେ । କବିଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ ପରେ କଣ୍ଠଶିଳ୍ପୀ ନିକୁଞ୍ଜ ବିହାରୀ ସା କବିଙ୍କ ରଚିତ ସଙ୍ଗୀତ ଗାନ କରିଥିଲେ । କାର୍ଯ୍ୟକ୍ରମରେ ସମିତିର ସମ୍ପାଦକ ତରୁଣ କୁମାର ମେହେରଙ୍କ ସହ ରବିନ୍ଦ୍ରନାଥ ଯୋଷୀ, ଲଳିତ ସୁନାରୀ, ପଙ୍କଜ ପାତ୍ର, ମୁରଲୀଧର ସା, ଗୌରଚନ୍ଦ୍ର ଦଣ୍ଡସେନା, ସତ୍ୟବ୍ରତ ଗହୀର, କ୍ଷମାନିଧି ନିଆଲ, ରାକେଶ ମିଶ୍ର, କନକ ବର୍ଦ୍ଧନ ସାହୁ, ବଂଶୀଧର ଜଗତ, କୁମୁଦବନ୍ଧୁ ଯୋଷୀ, ପ୍ରେମାନନ୍ଦ ମେହେର, ତ୍ରିନାଥ ମେହେର, ଡିସମ୍ବର ମେହେର, ଲୋଚନ ମେହେର, ହରେକଷ୍ଣ ମେହେର, ଶତ୍ରୁଘ୍ନ ପ୍ରଧାନ, ପ୍ରଣବ ଦଣ୍ଡସେନା, ଗିରିଶକାନ୍ତ ନିଆଲ, ହରେଶ ନାଏକ, ଅନୁପ ସିଂ ବୈଠାରୁ, ଅଫୁଆ ମାଝୀ, ଯତରାମ ନାୟକ, ମଧୁରାମ ନାଏକ, ଡମ୍ବରୁଧର ବୈଠାରୁ, କିଶୋର ଚନ୍ଦ୍ର ମାଝୀ, ତ୍ରିଲୋଚନ ସଲମା, ଶ୍ରାବଣୀ ବୈଠାରୁ, ମେଘା ବାରିକ, ନୀଳେନ୍ଦ୍ରି ନାଏକ, କଳ୍ପନା ନାଏକ, କ୍ଷୀରେଶ୍ୱରୀ ବୈଠାରୁ, ଜୟଶ୍ରୀ ରାଉତ ପ୍ରମୁଖ ସାହିତ୍ୟ ପ୍ରେମୀ ଉପସ୍ଥିତ ଥିଲେ । ପରେଶନାଥ ପାଣିଗ୍ରାହୀ ଧନ୍ୟବାଦ ଦେଇଥିଲେ ।

## ଜମିପଟ୍ଟା ବାଣ୍ଟିଲେ ବିଧାୟକ



ଝାରସୁଗୁଡ଼ା,(ସବ୍ୟୁ): ସରକାରଙ୍କ ବସୁନ୍ଧରା ଯୋଜନାରେ ଝାରସୁଗୁଡ଼ା ଜିଲ୍ଲା କୋଲାବିରା ବ୍ଲକର ୨୬ଜଣ ହିତାଧିକାରୀଙ୍କୁ ବିଧାୟକ ଟଙ୍କଧର ତ୍ରିପାଠୀ ସୋମବାର ଘରଡିହ ପଟ୍ଟା ବଣ୍ଟନ କରିଥିଲେ। ବ୍ଲକ କାର୍ଯ୍ୟାଳୟ ପରିସରରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ବିଧାୟକ ଶ୍ରୀ ତ୍ରିପାଠୀ ମୁଖ୍ୟଅତିଥି ଭାବେ ଯୋଗ ଦେଇ ପଟ୍ଟାବଣ୍ଟନ କରିବା ସହ ଘରଡିହ ଅଞ୍ଚଳର ଶୁନ୍ୟ ହିତାଧିକାରୀ ମାନେ ଏବେ ନିଜ ଜମିର ଅଧିକାରୀ ବୋଲି କହିଥିଲେ । ଏହା କେବଳ ଜମି ନୁହେଁ , ଏହା ଗରିବ ଏବଂ ଶୁନ୍ୟ ହିତାଧିକାରୀ ପରିବାର ମାନଙ୍କ ପାଇଁ ସମ୍ମାନ, ସ୍ୱାଭିମାନ ଓ ନିଜ ଚାଷୀ ଅସ୍ତିତ୍ୱର ପ୍ରମାଣ। ଏଣୁ ବସୁନ୍ଧରା ଯୋଜନା ଏକ ଜମି ନୁହେଁ ବରଂ ଜନତାଙ୍କ ପାଇଁ ଜୀବନର ଅଧିକାର ବୋଲି ନିଜ ଭାଷଣରେ ବର୍ଣ୍ଣନା କରିଥିଲେ। ଅନୁଷ୍ଠିତ କାର୍ଯ୍ୟକ୍ରମରେ ଜିଲ୍ଲାପାଳ ଅବୋଲି ସୁନୀଲ ନରୱଣେ, ଏସପି.ବି.ସ୍ମିଥ ପରମାର, ସିଡିଓ ବିଶ୍ୱରଞ୍ଜନ ନାୟକ, ବିଡିଓ ଅଶୋକ ମାଝି, ତହସିଲଦାର ଏମ.ପି.କୁଜୁର, କୋଲାବିରା ବିଜେପି ମଣ୍ଡଳ ସଭାପତି ରାଜେନ୍ଦ୍ର ଦାସ,ସଂଜୟ ପୁଜାରୀ, ସମରେନ୍ଦ୍ର ରାୟ ପ୍ରମୁଖଙ୍କ ସମେତ ଅନ୍ୟ ଅଧିକାରୀ,କର୍ମଚାରୀ ଓ ଜନସାଧାରଣ ଯୋଗଦେଇଥିଲେ।

ଲଇକେରା ବ୍ଲକ ସାହାସପୁର ଗ୍ରାମପଞ୍ଚାୟତ କାର୍ଯ୍ୟାଳୟରେ ମଧ ବିଧାୟକ ୨୮ଜଣ ହିତାଧିକାରୀଙ୍କ ବସୁନ୍ଧରା ଯୋଜନାରେ ଘରଡିହ ପଟ୍ଟା ବଂଟନ କରିଥିଲେ। ଏହାସହ ୮୦ ବର୍ଷରୁ ଉର୍ଦ୍ଧ ବୃଦ୍ଧ ବୃଦ୍ଧାଙ୍କୁ ୩୫୦୦ ଟଙ୍କା ଭତ୍ତା ବଣ୍ଟନ କରିଥିଲେ। କାର୍ଯ୍ୟକ୍ରମରେ ସାହାସପୁର ସରପଞ୍ଚ ସୁକାନ୍ତି ଜୟପୁରିଆ,ବିଡିଓ ଜର୍ଜ ଡୁଙ୍ଗଡୁଙ୍ଗ, ତହସିଲଦାର ଲଇକେରା, ଲଇକେରା ମଣ୍ଡଳ ସଭାପତି ଦୁତିଆ ଓରାମ, ପାକେଲପଡ଼ା ମଣ୍ଡଳ ସଭାପତି କୁଳମଣି କିସାନ, ମୌଜିଲାଲ ଦଣ୍ଡସେନା,ଟିକେଶ୍ୱର ପୃଷେଠ ପ୍ରମୁଖ ଉପସ୍ଥିତ ଥିଲେ। ଠିକ ସେହପରି କିର୍ମିରା ବ୍ଲକ ସୁଲାହି ଗ୍ରାମ ପଂଚାୟତ କାର୍ଯ୍ୟାଳୟ ପରିସରରେ ବିଧାୟକ ମଧ ୨୪ ଜଣ ହିତାଧିକାରୀଙ୍କୁ ଜମି ପଟ୍ଟା ବଂଟନ କରିଥିଲେ। ଏହାସହ ଶ୍ରମିକଙ୍କୁ ନିର୍ମାଣ ଶ୍ରମିକ କାର୍ଡ ଓ ବୃଦ୍ଧ ବୃଦ୍ଧାଙ୍କୁ ଭତ୍ତା ବଣ୍ଟନ କରିଥିଲେ। କାର୍ଯ୍ୟକ୍ରମରେ ବିଡିଓ ଅବିନାଶ ଲାକ୍ରା, ତହସିଲଦାର ସନ୍ଦୀପ କୁମାର କୁଲୁ, ସୁଲାହୀ ସରପଞ୍ଚ ସଙ୍ଗୀତା ପଟେଲ ,କିର୍ମିରା ମଣ୍ଡଳ ସଭାପତି ଉଦ୍ଧବ ସିଂ ନାଏକ, ବିଜୟ ଶର୍ମା ଝସକେତନ ପ୍ରଧାନ ପ୍ରମୁଖଙ୍କ ସମେତ ବହୁ ସଂଖ୍ୟାରେ ଜନସାଧାରଣ ଯୋଗଦେଇଥିଲେ।

## ଗ୍ରେଟର ସମ୍ବଲପୁର ରିଂ-ରୋଡର ପାଇଁ ଖୁବ୍‌ଶୀଘ୍ର ଭୂମିପୂଜା

ସମ୍ବଲପୁର,(ସବ୍ୟୁ): କ୍ରମବର୍ଦ୍ଧିଷ୍ଣୁ ସମ୍ବଲପୁର ସହର ଏବଂ ଉପକଣ୍ଠରେ ଯାନବାହନ ଭିଡ଼କୁ ହ୍ରାସ କରିବା, ସ୍ୱାଭାବିକ ପରିବହନ ସୁବିଧା ଓ ଟ୍ରାଫିକ୍ ବ୍ୟବସ୍ଥାକୁ ଉନ୍ନତ କରିବା ପାଇଁ ଗ୍ରେଟର ସମ୍ବଲପୁର ରିଂରୋଡ ପ୍ରକଳ୍ପର ପରିକଳ୍ପନା କରାଯାଇଛି । ୨୦୧୬ରେ କେନ୍ଦ୍ର ସରକାରଙ୍କ ଭାରତମାଳା ଯୋଜନାରେ ସାମିଲ ସମ୍ବଲପୁରର ଗ୍ରେଟର ବା ନେକ୍‌ଲେସ୍ ରିଂ ରୋଡ ପ୍ରକଳ୍ପ ପାଇଁ ଖୁବ୍‌ଶୀଘ୍ର ଭୂମିପୂଜା କରାଯିବ । ପ୍ରାୟ ୧ମାସ ମଧ୍ୟରେ ଭୂମିପୂଜା ବା ଶିଳାନ୍ୟାସ କରାଯିବ ବୋଲି ସମ୍ବଲପୁର ବିଧାୟକ ଜୟନାରାୟଣ ମିଶ୍ର ସୂଚନା ଦେଇଛନ୍ତି । ଏହା ପରେ ରିଂରୋଡର ନିର୍ମାଣ କାର୍ଯ୍ୟ ଆରମ୍ଭ ହେବ । କେନ୍ଦ୍ର ସରକାରଙ୍କ ଭାରତମାଳା ଯୋଜନାର କିଛି ବର୍ଷ ପୂର୍ବରୁ ଅନୁମୋଦିତ ରାସ୍ତା ପ୍ରକଳ୍ପ ଗୁଡିକ ମଧ୍ୟରେ ଚାରି ଲେନ୍ ବିଶିଷ୍ଟ ୩୫.୩୮ କିଲୋମିଟର ଦୈର୍ଘ୍ୟର ସମ୍ବଲପୁର ରିଂରୋଡ ପ୍ରକଳ୍ପ ସ୍ଥାନ ପାଇଛି । ଏଥିପାଇଁ ୧୩୩୩ କୋଟି ଟଙ୍କାର ବ୍ୟୟ ଅଟକଳ କରାଯାଇଛି । ପ୍ରକଳ୍ପ ପାଇଁ ଆବଶ୍ୟକ ଜମି ଅଧିଗ୍ରହଣ ସକାଶେ ମୂଲ୍ୟ ନିର୍ଦ୍ଧାରିତ ହୋଇଥିବା ବେଳେ ଜମିର ମାଲିକାନା ଜାତୀୟ ରାଜପଥ ପ୍ରାଧିକରଣ ଏନ୍‌ଏଚ୍‌ଏଆଇକୁ ହସ୍ତାନ୍ତର କରାଯାଇଛି । ମୂଳ ସମନ୍ୱିତ ପ୍ରକଳ୍ପ ରିପୋର୍ଟ-ଡିପିଆର୍ ଏବଂ ସର୍ଭେ ଅନୁଯାୟୀ ଆସନ୍ତା ଅଗଷ୍ଟ ଆରମ୍ଭରୁ ପ୍ରକଳ୍ପର ନିର୍ମାଣ କାର୍ଯ୍ୟ ଆରମ୍ଭ ହେବ । ସମ୍ବଲପୁର ସହର ଉପକଣ୍ଠ ବୁର୍ଲା। ନିକଟସ୍ଥ କଳାମାଟି ଗ୍ରାମରୁ ଗୁଣ୍ଡେରପୁର, ମାନେଶ୍ୱର, ଜୟନ୍ତପୁର ପ୍ରଭୃତି ୨୭ଟି ଗ୍ରାମ ଦେଇ ପ୍ରକଳ୍ପିତ ରାସ୍ତା ୧୦ ନମ୍ବର ରାଜ୍ୟ ରାଜପଥର ଶାସନକୁ ସଂଯୋଗ କରିବ । ଏହା ଦୁଇଟି କରି ଜାତୀୟ ରାଜପଥ ଓ ରାଜ୍ୟ ରାଜପଥକୁ ସଂଯୋଗ କରିବ । କିଛି ବର୍ଷ ପୂର୍ବରୁ ଏହି ପ୍ରକଳ୍ପ ପାଇଁ ଉପଗ୍ରହ ଚିତ୍ର ଜରିଆରେ ଜମି ଚିହ୍ନଟ କରାଯାଇଥିଲା । ଏହି ପ୍ରକଳ୍ପ ସଂପୂର୍ଣ୍ଣ ହେଲେ ସମ୍ବଲପୁର-ସୋନପୁର, ସମ୍ବଲପୁର-ରାଉରକେଲା ରାଜ୍ୟ ରାଜପଥ, ସମ୍ବଲପୁର-ଅନୁଗୁଳ, ସମ୍ବଲପୁର-ମୁମ୍ବାଇ ଓ ସମ୍ବଲପୁର-କୋଲକାତା ଜାତୀୟ ରାଜପଥ ଦେଇ ଆସୁଥିବା ଭାରିଯାନକୁ ଆଉ ସହର ମଧ୍ୟରେ ପ୍ରବେଶ କରିବାକୁ ପଡ଼ିବ ନାହିଁ । ଫଳରେ ଟ୍ରାଫିକ ସମସ୍ୟା ଅନେକାଂଶରେ ଦୂର ହୋଇପାରିବ ।

ସୂଚନାଯୋଗ୍ୟ, ଏହି ୪ ଥାକିଆ ସଡକ ପାଇଁ ୨୪ଟି ଗ୍ରାମର ୩୭୦ ଏକଡ଼ ଘରୋଇ, ୭୫ ଏକଡ଼ ସରକାରୀ ଓ ୩୩ ଏକଡ଼ ଜଙ୍ଗଲ ଜମିକୁ ମିଶାଇ ୫୮୦ ଏକଡ଼ ଜମି ପ୍ରକଳ୍ପ ପାଇଁ ଅଧିଗ୍ରହଣ କରାଯିବ । ପ୍ରକଳ୍ପ ପାଇଁ ୧ ହଜାର କୋଟିରୁ ଉର୍ଦ୍ଧ୍ୱ ଟଙ୍କା ବ୍ୟୟ ଅଟକଳ ଅନୁମାନ କରାଯାଉଛି । ଏହା ବୈଜାମୁଣ୍ଡା ମୌଜାର ଗୋଶାଳା ଛକ ବାବୁବନ୍ଧ ଠାରୁ ବାହାରି ସାନସିଂହାରୀ, ଜାମପାଲି, ବରମପୁରା, ମାନେଶ୍ୱର, ଜୟନ୍ତପୁର, ତବଲା, ସଡ଼ାସିଂହା, ଦେଦର ନୂଆପାଲି ହୋଇ ୧୦ ନମ୍ବର ରାଜ୍ୟ ରାଜପଥର ଅଜିତପୁର ଶାସନକୁ ସଂଯୋଗ କରିବ । ଏଥିପାଇଁ ବ୍ରହ୍ମପୁରା ଠାରେ ଆଉ ଏକ ମହାନଦୀ ସେତୁ ସହ ୨ଟି ରେଲୱେ ଓଭରବ୍ରିଜ, ହରଡ଼ ସହିତ ବିଭିନ୍ନ ଜୋର ଓ କେନାଲ ଉପରେ ମଧ୍ୟ ବିଭିନ୍ନ ଉଚ୍ଚତାର ସେତୁ ନିର୍ମାଣ କରାଯିବ । ଏଥିସହ ଜାତୀୟ ରାଜପଥ ଉପରେ ଫ୍ଲାଏଓଭର ଯୋଜନା କରାଯାଇଛି ।

(ଶ୍ରୀମଦ୍ଭଗବଦ୍ ଗୀତା ୧୬/୧୯)
-ଦୈବାସୁରସମ୍ପଦ୍ବିଭାଗ-
(ଶ୍ରୀଭଗବାନୁବାଚ)

**ତାନହଂ ଦ୍ୱିଷତଃ କ୍ରୂରାନ୍ ସଂସାରେଷୁ ନରାଧମାନ୍ ।**
**କ୍ଷିପାମ୍ୟଜସ୍ରମଶୁଭାନାସୁରୀଷ୍ୱେବ ଯୋନିଷୁ ।।୧୯।।**

ମୋର ବିଦ୍ୱେଷୀ ସେହି ସବୁ କ୍ରୂରପ୍ରକୃତି ଅମଙ୍ଗଳକାରୀ ନରାଧମଙ୍କୁ ମୁଁ ସଂସାରରେ ଆସୁରୀଯୋନିରେ (ଅତିକ୍ରୂରପ୍ରକୃତି ବ୍ୟାଘ୍ରସର୍ପାଦି ଯୋନିରେ) ସର୍ବଦା ନିକ୍ଷେପ କରେ (ଅର୍ଥାତ୍ ସେହି ପାପକର୍ମୀମାନଙ୍କୁ ସେହିପରି ଫଳ ପ୍ରଦାନ କରେ ।।୧୯।।

# ଭାରତରେ ଜନଗଣନା

**ସମ୍ପାଦକୀୟ**

ଆସନ୍ତା ୨୦୨୭ ମାର୍ଚ୍ଚ ପହିଲାରୁ ଡିଜିଟାଲ ମୋଡ୍‌ରେ ଭାରତର ଜନଗଣନା ଆରମ୍ଭ କରାଯିବାକୁ ପ୍ରକ୍ରିୟା ଆରମ୍ଭ ହୋଇଛି । ଏହା ଦୁଇଟି ପର୍ଯ୍ୟାୟରେ ହେବ । ଗୃହ ମନ୍ତ୍ରଣାଳୟ ପକ୍ଷରୁ ଏଥିପାଇଁ ଗେଜେଟ ବିଜ୍ଞପ୍ତି ଜାରି ହୋଇଛି । ଗତ ୩୦୨୧ରେ ଏହି ଦଶବର୍ଷିଆ ଜନଗଣନା ଆରମ୍ଭ ହୋଇଥା'ନ୍ତା । ମାତ୍ର କରୋନା କାରଣରୁ ଏହା ବିଳମ୍ବିତ ହୋଇଥିଲା । ୨୦୨୭ରେ ଭାରତରେ ଜାତୀୟ ଜନସଂଖ୍ୟା ଗଣନା ରେଜିଷ୍ଟ୍ରେସନର ସଦ୍ୟତମ କାର୍ଯ୍ୟ ମଧ ହୋଇଥା'ନ୍ତା । କିନ୍ତୁ ଜନଗଣନା ସହ ସମାନ୍ତରାଳ ଭାବେ ଏହି କାର୍ଯ୍ୟ ହୋଇନପାରେ ବୋଲି କୁହାଯାଉଛି । ଏହି ଜନଗଣନାର ଆଧାର ତାରିଖ (Reference Date) ୨୦୨୭ ମାର୍ଚ୍ଚ ୧ ମଧରାତ୍ରର ଶୂନ କାଳରେ ହେବ । ମାତ୍ର ଲଦାଖ ପରି କେନ୍ଦ୍ରଶାସିତ ଅଞ୍ଚଳ ଏବଂ ଜାମ୍ମୁ ଓ କାଶ୍ମୀର, ହିମାଚଳ ପ୍ରଦେଶ ପ୍ରଭୃତି ବରଫାବୃତ ସ୍ଥାନଗୁଡ଼ିକର ଆଧାର ଦିବସ ଛଅ ମାସ ପୂର୍ବରୁ, ଅର୍ଥାତ ଅକ୍ଟୋବର ପହିଲାରୁ (୨୦୨୬) ମଧରାତ୍ରରେ ପ୍ରଥମ ପର୍ଯ୍ୟାୟରେ ସଂପତ୍ତି, ଆୟ, ଗୃହ ସଂକ୍ରାନ୍ତୀୟ ତଥ୍ୟ ଜନଗଣନା ଆଧାରରେ ସଂଗ୍ରହ କରାଯିବ ଏବଂ ଦ୍ୱିତୀୟ ପର୍ଯ୍ୟାୟରେ ଜନସଂଖ୍ୟା, ସାମାଜିକ, ଅର୍ଥନୀତିକ ଓ ସାଂସ୍କୃତିକ ବିବରଣୀ ସମେତ ଜାତି ବିଷୟରେ ସୂଚନା ସଂଗ୍ରହ କରାଯିବ । ସ୍ୱାଧୀନତାର ୭୭ ବର୍ଷ ପରେ ପ୍ରଥମଥର ଲାଗି ଜାତିଗତ ଜନଗଣନା କାର୍ଯ୍ୟ ଆରମ୍ଭ ହେବାକୁ ଯାଉଛି । ସୀମା ନିର୍ଦ୍ଧାରଣ ତଥା ବିଧାନସଭା ପ୍ରଭୃତିରେ ମହିଳାମାନଙ୍କର ସ୍ଥାନ ସଂରକ୍ଷଣ ଯାହା ୨୦୨୯ ସାଧାରଣ ନିର୍ବାଚନ ବେଳେ ହୋଇଥା'ନ୍ତା, ଲୋକସଭା ଓ ବିଧାନସଭାର ସଂଖ୍ୟା ବୃଦ୍ଧି ହୋଇଥା'ନ୍ତା ସେ ସବୁକୁ ଆଗକୁ ନେବାରେ ଏହି ପ୍ରକ୍ରିୟା ସାହାଯ୍ୟ କରିବ ।

ଯେଉଁ ଦୁଇଗୋଟି ପର୍ଯ୍ୟାୟରେ ଏହି ଜନଗଣନା କରାଯିବ, ପ୍ରଥମ ପର୍ଯ୍ୟାୟରେ ଘରର ତାଲିକା ଅଭିଯାନ ଏପ୍ରିଲ ୨୦୨୬ରୁ ଏବଂ ସେପ୍ଟେମ୍ବର ୨୦୨୬ ଯାଏଁ କରାଯିବ । ଏହା ପରେ ଜନସଂଖ୍ୟା ଗଣନା ୨୦୨୭ ଫେବୃଆରୀ ୯ରୁ ୨୮ ପର୍ଯ୍ୟନ୍ତ କରାଯିବ । କେନ୍ଦ୍ର ସରକାର ଚାହୁଁଛନ୍ତି ଯେ ଏହି ଜନଗଣନା କାର୍ଯ୍ୟକୁ ଜନଗଣନା ବିଭାଗ ଏକାକୀ ଦାୟିତ୍ୱ ନେଇ କରିବ । ଜାତୀୟ ଜନସଂଖ୍ୟା ରେଜିଷ୍ଟ୍ରରଙ୍କ ସହ ମିଳିମିଶି ଏ କାର୍ଯ୍ୟ ଜନଗଣନା ଅଧିକାରୀ ଓ କର୍ମଚାରୀମାନେ କରିବେ ନାହିଁ । ଗତ ୨୦୨୧ ଜନଗଣନାରେ ସେମାନେ ଏକତ୍ର କାର୍ଯ୍ୟ କରିବାର ଥିଲା । ଏଥିପାଇଁ ବିଜ୍ଞପ୍ତି ମଧ ୨୦୧୯ରେ ପ୍ରକାଶ ପାଇଥିଲା, ମାତ୍ର ଏଥର ସେପରି ହେବ ନାହିଁ ।

ଜାତିଗତ ଜନଗଣନା ପାଇଁ ବିରୋଧୀ କଂଗ୍ରେସ ଦଳ ଦାବି କରି ଆସୁଥିଲା । କେନ୍ଦ୍ରର ଜାତୀୟ ଗଣତାନ୍ତ୍ରିକ ମେଣ୍ଟର ସରକାର ଏହା କରିବାକୁ ସମ୍ମତି ପ୍ରଦାନ କରିଥିଲେ । ରାଜନୀତିକ ବ୍ୟାପାର କ୍ୟାବିନେଟ କମିଟି ଯାହା ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଅଧକ୍ଷତାରେ ଗଠିତ ହୋଇଥିଲା, ସେଥିରେ ନିଷ୍ପତ୍ତି ନିଆଯାଇଥିଲା ଯେ ଆଗାମୀ ଜନଗଣନା କାର୍ଯ୍ୟକ୍ରମରେ ଜାତି ଗଣନାକୁ ଅନ୍ତର୍ଭୁକ୍ତ କରାଯିବ ।

ପ୍ରକୃତରେ ଏହି ଜାତି ଗଣନାକୁ ଜନଗଣନାର ଅନ୍ତର୍ଭୁକ୍ତ କରାଗଲେ, ସମାଜର ନିମ୍ନ ସ୍ତରରେ ଥିବା ଲୋକମାନେ ଚିହ୍ନଟ ହେବା ପରେ ଉପକୃତ ହୋଇ ପାରିବେ । ଭାରତରେ ୧୯୩୧ ମସିହାରେ ବ୍ରିଟିଶ ସରକାରଙ୍କ ଅମଳରେ ଏହି ଜାତିଗତ ଜନଗଣନା ଆରମ୍ଭ ହୋଇଥିଲା । ମାତ୍ର ଏହି ଦଶବର୍ଷିଆ ଜନଗଣନାରେ ଅନୁସୂଚିତ ଜାତି ଓ ଉପଜାତିଙ୍କର ତଥ୍ୟ ସଂଗ୍ରହ କରାଯାଉଥିଲା । ପଛୁଆବର୍ଗ ବା ଅନ୍ୟ ଜାତିମାନଙ୍କର ତଥ୍ୟ ପ୍ରାୟ ସଂଗ୍ରହ କରାଯାଉ ନଥିଲା । ଗତ ୨୦୧୧ର ଜନଗଣନା ସମୟରେ ସାମାଜିକ-ଆର୍ଥିକ ତଥା ଜାତି ଭିତ୍ତିକ ତଥ୍ୟ ସଂଗ୍ରହ କରାଯିବାକୁ ଉଦ୍ୟମ ହୋଇଥିଲା । ମାତ୍ର ସେଥିରେ ଠିକ୍ ତଥ୍ୟ ନଥିବାରୁ ସମ୍ଭବତଃ ତାହା ସରକାରୀ ଭାବେ ପ୍ରକାଶ କରାଯାଇ ନଥିଲା । କେନ୍ଦ୍ର ସରକାରଙ୍କ ବିଜ୍ଞପ୍ତି ଏହି ଜନଗଣନା ସଂକ୍ରାନ୍ତରେ ପ୍ରକାଶ ପାଇବା ପରେ, ରାଜ୍ୟରେ ଏହାର ସଫଳ ପରିଯୋଜନା ପାଇଁ ଅଫିସର ଓ କର୍ମଚାରୀଙ୍କ ମଧ୍ୟରେ ତତ୍ପରତା ପ୍ରକାଶ ପାଇଛି । ରାଜ୍ୟରେ ଠିକ୍ ଭାବରେ ଏହି କାର୍ଯ୍ୟ କରାଯାଉ ।

ଜଣାଯାଇଛି ଯେ, ଜନଗଣନାରେ ପ୍ରତ୍ୟେକ ଘର ବୁଲି ବୁଲି ତଥ୍ୟ ସଂଗ୍ରହ କରାଗଲା ବେଳେ ପ୍ରତ୍ୟେକ ପରିବାରର ଆସବାବପତ୍ର, ଘରର ପ୍ରକାର, ଘରର ସଦସ୍ୟମାନଙ୍କ ଉପାର୍ଜନ ପ୍ରଭୃତି ବିଷୟରେ ତଥ୍ୟମାନ ସଂଗ୍ରହ କରାଯିବ । ପର୍ଯ୍ୟାୟକ୍ରମେ ଘରେ ରହୁଥିବା ସଦସ୍ୟମାନଙ୍କର ସାମାଜିକ ଓ ଆର୍ଥିକ ସ୍ଥିତି, ସଂସ୍କୃତି, ଜାତି ଓ ଧର୍ମ ବିଷୟରେ ମଧ ସୂଚନା ସଂଗ୍ରହ କରାଯିବ ।

ସେ ଯାହା ହେଉ, ଜାତିଗତ ଜନଗଣନା ବିଭିନ୍ନ ଦୃଷ୍ଟିରୁ ଗୁରୁତ୍ୱପୂର୍ଣ୍ଣ ବୋଲି ମନେ ହୋଇଥାଏ ।

## ସଙ୍କଳ୍ପ

**ମିଶୁ ମୋର ଦେହ ଏ ଦେଶ ମାଟିରେ,**
**ଦେଶବାସୀ ଚାଲିଯାଆନ୍ତୁ ପିଠିରେ ।**
**ଦେଶର ସ୍ୱରାଜ୍ୟ ପଥେ ଯେତେ ଗାଡ଼,**
**ପୂରୁ ତହିଁ ପଡ଼ି, ମୋର ମାଂସ ହାଡ଼ ।**

**ଗୋପବନ୍ଧୁ ଦାସ**

ସମ୍ପାଦକୀୟ ପୃଷ୍ଠାପାଇଁ ଆଲେଖ୍ୟ ଏବଂ ସମ୍ପାଦକଙ୍କୁ ପତ୍ର, ଆପଣ ଆମକୁ ନିମ୍ନ ଇ-ମେଲ୍‌ରେ ପଠାଇପାରିବେ ।
(ସମସ୍ତ ଲେଖାରେ ଲେଖକଙ୍କ ସମ୍ପୂର୍ଣ୍ଣ ଠିକଣା ସହ ମୋବାଇଲ ନମ୍ବର ଏବଂ ଫଟୋ ରହିବା ଆବଶ୍ୟକ)
samayaeditorial2021@gmail.com

**ଏହି ପୃଷ୍ଠାରେ ସ୍ଥାନିତ ଆଲେଖ୍ୟଗୁଡ଼ିକର ତଥ୍ୟ, ମତାମତ ଆଦି ଲେଖକଙ୍କ ଏକାନ୍ତ ନିଜସ୍ୱ । ଏଥିପାଇଁ 'ସମୟ' କର୍ତ୍ତୃପକ୍ଷ ଦାୟୀ ନୁହଁନ୍ତି ।**

# ପ୍ଲାଷ୍ଟିକ୍ ବର୍ଜନ ସୁସ୍ଥ ଜୀବନ



**ଚିତ୍ତରଞ୍ଜନ ପୃଷ୍ଟି**

ମଣିଷ ଏକ ସାମାଜିକ ପ୍ରାଣୀ । ମଣିଷ ବଞ୍ଚିରହିବା ପାଇଁ ଖାଦ୍ୟ, ବସ୍ତ୍ର, ବାସଗୃହ ପରି ସ୍ୱଚ୍ଛ ଏବଂ ସୁସ୍ଥ ପରିବେଶ ଆବଶ୍ୟକ କରିଥାଏ । ପରିବେଶ ମଣିଷ ଜୀବନକୁ ସରସ ସୁନ୍ଦର ଆଉ ନୀରୋଗ କରି ଗଢିତୋଳି ଥାଏ । ମାତ୍ର ସହରୀ ସଭ୍ୟତା,ସୂକ୍ଷ୍ମ ଜୀବନଯାପନ ପ୍ରଣାଳୀ ପରିବେଶକୁ କଲା ପ୍ରଦୂଷିତ । ଗାଁ ଠାରୁ ସହର ପର୍ଯ୍ୟନ୍ତ କୁଢ଼ କୁଢ଼ ପ୍ଲାଷ୍ଟିକ୍ ଆବର୍ଜନା ଅସ୍ୱାସ୍ଥ୍ୟକର ପରିବେଶ ସୃଷ୍ଟି କରୁଅଛି ।

ମାଟିରୁ ପାଣି ଏବଂ ପବନ ଯାଏ ବ୍ୟାପୁଛି ଏହାର ବିଷାକ୍ତ ସ୍ପର୍ଶ । ପ୍ଲାଷ୍ଟିକ୍ ପ୍ରଦୂଷଣ ସାରା ବିଶ୍ୱ ପାଇଁ ଚିନ୍ତାର କାରଣ ହେଲାଣି । ଜଳ, ସ୍ଥଳ, ଆକାଶ ସବୁଠି ପ୍ଲାଷ୍ଟିକ୍ ପ୍ରଦୂଷଣର ଭୟାବହତା । ଯୁଆଡ଼େ ଚାହିଁଲେ କୁଢ଼ କୁଢ଼ ପ୍ଲାଷ୍ଟିକ୍ ଆବର୍ଜନା । ପ୍ଲାଷ୍ଟିକ୍ ବ୍ୟବହାର କମାଇବା ପାଇଁ ଏବେ ବିଶ୍ୱବ୍ୟାପୀ ଆରମ୍ଭ ହୋଇଛି ଅଭିଯାନ । ଅନେକ ଦେଶ ଏକକ ବ୍ୟବହାର ପ୍ଲାଷ୍ଟିକର ଉତ୍ପାଦନ, ସଂରକ୍ଷଣ, ବିକ୍ରୟ ଏବଂ ବ୍ୟବହାର ଉପରେ ସମ୍ପୂର୍ଣ୍ଣ ପ୍ରତିବନ୍ଧକ ଲଗାଇଛନ୍ତି । ବୃଦ୍ଧି ପାଉଥିବା ପ୍ଲାଷ୍ଟିକ୍ ପ୍ରଦୂଷଣକୁ ରୋକିବାରେ ଏହା ସହାୟକ ହେବ । ମିଳିତ ଜାତିସଂଘର ପରିବେଶ କାର୍ଯ୍ୟକ୍ରମ ଅନୁଯାୟୀ ୧୯୫୦ରେ ପ୍ଲାଷ୍ଟିକ୍ ପ୍ରଦୂଷଣର ପରିମାଣ ୨୦ ଲକ୍ଷ ଟନ୍ ଥିବାବେଳେ ୨୦୧୭ରେ ଏହା ବୃଦ୍ଧି ପାଇ ୩୫ କୋଟି ଟନ୍‌ରେ ପହଞ୍ଚିଥିଲା । ଆଗାମୀ ଦୁଇ ଦଶନ୍ଧିରେ ଏହା ଦ୍ୱିଗୁଣିତ ହେବାର ସମ୍ଭାବନା ରହିଛି । ଯେଉଁ ପ୍ଲାଷ୍ଟିକ୍ ମାନବ ଜୀବନକୁ ସହଜ କରିବା ପାଇଁ ଉଦ୍ଭାବିତ ହୋଇଥିଲା, ତାହା ଆଜି ପୃଥିବୀ ତଥା ମନୁଷ୍ୟଙ୍କ ସମେତ ସମସ୍ତ ଜୀବଜନ୍ତୁ ଏବଂ ଉଦ୍‌ଭିଦଙ୍କ ପାଇଁ ବିପର୍ଯ୍ୟୟ ଆଣିଦେଇଛି ।

ବର୍ତ୍ତମାନ ସମୟରେ ପ୍ଲାଷ୍ଟିକ୍ ଏକ ନିତ୍ୟ ବ୍ୟବହୃତ ହେଉଥିବା ଜିନଷ । ଦୈନନ୍ଦିନ ଜୀବନରେ ଏହା ବହୁଳ ପରିମାଣରେ ବ୍ୟବହାର କରାଯାଉଛି । ସକାଳ ଟିଫିନ୍ ,ପରିବା କିଣା ହେଉ ଅବା ରାସନ୍, ମନ୍ଦିର ଭୋଗ ହେଉ କି କୁଣିଆ ଘରକୁ ମିଠା ନେବା ଏପରିକି ଘରର ଅଳିଆକୁ ବି ଆମେ ପ୍ଲାଷ୍ଟିକ୍ ବ୍ୟାଗରେ ଭରି କରି ବାହାରକୁ ନେଉଛୁ । ଏହି କିଛି ବର୍ଷ ହେବ ପ୍ଲାଷ୍ଟିକର ବ୍ୟବହାର ବହୁଳ ମାତ୍ରାରେ ବଢିଯାଇଛି, ଯାହାର ଫଳସ୍ୱରୁପ ସ୍ଥଳଭାଗ ହେଉ ବା ଜଳଭାଗ ସବୁଠି ପ୍ଲାଷ୍ଟିକର ଅଳିଆ । ପଲିଥିନ ଓ ପ୍ଲାଷ୍ଟିକ୍ ବ୍ୟବହାର ଏଭଳି ହୁ ହୁ ହୋଇ ବଢି ଚାଲିଛି ଯେ, କେବଳ ସ୍ଥଳଭାଗ ନୁହେଁ ଜଳଭାଗ ଅର୍ଥାତ ସମୁଦ୍ର ମଧରେ ବି ତା'ର କାୟା ବଢିଗଲାଣି । ଅନେକ ସମୟରେ ସାମୁଦ୍ରିକ ଜୀବମାନେ ଏହାକୁ ଖାଦ୍ୟ ଭାବି ଖାଇ ମୃତ୍ୟୁ ମୁଖରେ ପଡୁଛନ୍ତି । ପ୍ଲାଷ୍ଟିକ୍ ଏଭଳି ଏକ ଜିନଷ ଯାହା ସହଜରେ ନଷ୍ଟ ହୋଇନଥାଏ । ଏହା ନଷ୍ଟ ହେବାକୁ ହଜାର ହଜାରବର୍ଷ ସମୟ ନେଇଥାଏ । ପ୍ଲାଷ୍ଟିକ୍ ଓ ପଲିଥିନକୁ ନଷ୍ଟ କରିବାପାଇଁ ତାକୁ ପୋଡିଲେ ମଧ ଯେଉଁ ବାୟୁ ପ୍ରଦୂଷଣର ଆଶଙ୍କା ରହିଛି ତାହା ଆହୁରି ସାଙ୍ଘାତିକ । ଏହା ପୁଣି ମାଟିରେ ମିଶିବା ସହଜ ନୁହେଁ । ଯଦି ଆକଳନ କରାଯାଏ ତାହେଲେ ବିଶ୍ୱରେ ପ୍ରତ୍ୟେକ ବର୍ଷ ପ୍ରାୟ ୬୫ କୋଟି ଟନ ପ୍ଲାଷ୍ଟିକ୍ ଉତ୍ପାଦନ ହେଉଛି । ଏହି ଉତ୍ପାଦିତ ସାମଗ୍ରୀର ବ୍ୟବହାର ସରିବାପରେ ଅତି ନଗଣ୍ୟ ଅଂଶ ପ୍ରକ୍ରିୟାକରଣ ହେଉଛି ଅବଶିଷ୍ଟ ବର୍ଜ୍ୟବସ୍ତୁ ଆକାରରେ ବିଶ୍ୱ ପରିବେଶ ପାଇଁ ବିରାଟ ବିପଦ ସୃଷ୍ଟିକରିଛି ।

ପ୍ଲାଷ୍ଟିକ୍ ଯୋଗୁଁ ଜଳବାୟୁ ପରିବର୍ତ୍ତନର ସଙ୍କଟ, ପ୍ରକୃତି, ଭୂମି ଏବଂ ଜୈବ ବିବିଧତା କ୍ଷତିର ସଙ୍କଟ, ଏବଂ ପ୍ରଦୂଷଣ ଏବଂ ଅପଚୟର ସଙ୍କଟ ଦେଖାଦେଇଛି । ପ୍ଲାଷ୍ଟିକ୍ ଏପରି ପ୍ରଦୂଷକ, ଯାହା ଜଳ, ସ୍ଥଳ ଏବଂ ବାୟୁମଣ୍ଡଳର ପ୍ରଦୂଷଣ ପାଇଁ ଦାୟୀ । ଯେହେତୁ ପ୍ଲାଷ୍ଟିକ୍ ନଷ୍ଟ ହୁଏ ନାହିଁ, ତେଣୁ ଥରେ ତିଆରି ହୋଇଗଲେ ଏହା ପୃଥିବୀରେ କୌଣସି ନା କୌଣସି ରୂପରେ ଉପସ୍ଥିତ ରହିଥାଏ । ଏହି ପ୍ଲାଷ୍ଟିକ୍ ନଦୀ, ମୃତ୍ତିକା ଏବଂ ମହାସାଗରରେ ମିଶି ଖାଦ୍ୟ ଶୃଙ୍ଖଳ ମାଧମରେ ଆମ ଶରୀର ମଧକୁ ପ୍ରବେଶ କରି ଧୀରେ ଧୀରେ ଆମକୁ ମୃତ୍ୟୁ ମୁଖକୁ ଟାଣି ନେଉଛି । ଏହା ମାଟିର ଉର୍ବରତା ଏବଂ ଜଳ ଧାରଣ କ୍ଷମତାକୁ ହ୍ରାସ କରୁଛି, ଯେଉଁଥିପାଇଁ ଖାଦ୍ୟ ଉତ୍ପାଦନ ମଧ ପ୍ରଭାବିତ ହେଉଛି । ପୁଣି ଉତ୍ପାଦିତ ଖାଦ୍ୟକୁ ବିଷାକ୍ତ କରୁଛି । ସମଗ୍ର ପୃଥିବୀରେ ପ୍ରତିବର୍ଷ ପ୍ରାୟ ୧.୪ କୋଟି ଟନ୍ ପ୍ଲାଷ୍ଟିକ୍ ସମୁଦ୍ରରେ ପହଞ୍ଚୁଛି, ଯାହାର ଗମ୍ଭୀର ପ୍ରଭାବ ସାମୁଦ୍ରିକ ଜୀବମାନଙ୍କ ଉପରେ ପଡୁଛି । ସମୁଦ୍ରରେ ପ୍ଲାଷ୍ଟିକ ପ୍ରଦୂଷଣ ଯୋଗୁଁ ପ୍ରତି ବର୍ଷ ପ୍ରାୟ ୧ ଲକ୍ଷ ସାମୁଦ୍ରିକ ପକ୍ଷୀଙ୍କ ମୃତ୍ୟୁ ଘଟୁଛି । ଅନ୍ୟ ଏକ ଆକଳନରୁ ଜଣାଯାଏ ଯେ, ଏହି ଧାରା ଅବ୍ୟାହତ ରହିଲେ ଆଗାମୀ ୨୦୫୦ ମସିହା ବେଳକୁ ସମୁଦ୍ରରେ ବିସର୍ଜିତ ମୋଟ ପ୍ଲାଷ୍ଟିକର ଓଜନ ସମୁଦାୟ ମାଛଙ୍କ ଓଜନକୁ ମଧ ଟପିଯିବ ! ପ୍ଲାଷ୍ଟିକ୍ ଦ୍ୱାରା କେବଳ ବାରିମଣ୍ଡଳ ନୁହେଁ, ଅଶ୍ମମଣ୍ଡଳ ଓ ବାୟୁମଣ୍ଡଳ ମଧ ପ୍ରଭାବିତ । ଏହାର କୁପ୍ରଭାବ ମଣିଷ ସମାଜ ଉପରେ ପଡ଼ିଲାଣି । ଗାଁ ଓ ସହରରେ ଥିବା ନାଳ ନର୍ଦ୍ଦମା ମାନଙ୍କରେ ପ୍ଲାଷ୍ଟିକ ଜରି,ବୋତଲ ଓ ଡବା ପଡି ରହି ଜମାହେବା ଫଳରେ ପାଣି ନଯାଇ ପାରି କୃତ୍ରିମ ବନ୍ୟା ସୃଷ୍ଟି ହେଉଛି, ଯାହାଫଳରେ ଲୋକମାନେ ଅନେକ ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ଅନେକ ସମୟରେ ଗାଈଗୋରୁ ମାନେ ଚରିବା ସମୟରେ ପ୍ଲାଷ୍ଟିକ ଜରି ଖାଇ ଅଜଣାତରେ ମୃତ୍ୟୁ ବରଣ କରୁଛନ୍ତି । ପ୍ଲାଷ୍ଟିକ ବୋତଲରେ ବହୁ ସମୟ ଧରି ପାଣି ରହିବା ଦ୍ୱାରା ରାସାୟନିକ ପ୍ରକ୍ରିୟା ଘଟି ପ୍ଲାଷ୍ଟିକର କିଛି ପରିମାଣ ଜଳ ସହିତ ମିଶିଯାଏ । ତାହା ଶରୀରକୁ ପ୍ରବେଶ କରିବା ଦ୍ୱାରା ପେଟଜନିତ ସମସ୍ୟା, ଲିଭର, କିଡ୍‌ନୀ ଏବଂ ରକ୍ତ କଣିକାରେ ମିଶି କର୍କଟ ରୋଗ, ଶାରୀରିକ ଅକ୍ଷମତା, ରୋଗ ପ୍ରତିରୋଧକ ଶକ୍ତି ହ୍ରାସ କରାଇବା ସହ ବିଭିନ୍ନ ମାରାତ୍ମକ ରୋଗ ଶରୀରରେ ସୃଷ୍ଟି କରିଥାଏ ବୋଲି ସ୍ୱାସ୍ଥ୍ୟ ବିଶେଷଜ୍ଞମାନେ ମତପୋଷଣ କରିଛନ୍ତି । ଉକ୍ତ ପ୍ଲାଷ୍ଟିକ ବର୍ଜ୍ୟବସ୍ତୁଗୁଡ଼ିକ ମାଟି ତଳେ ପୋତି ହୋଇ ରହିବା ଦ୍ୱାରା ଭୂପୃଷ୍ଠର ଜଳସ୍ତର ସନ୍ତୁଳନରେ ପ୍ରତିବନ୍ଧକ ସାଜିଥାଏ । ଯଦ୍ୱାରା ବିଭିନ୍ନ ଫସଲ ଓ ବୃକ୍ଷ ବୃଦ୍ଧି ପାଇବାରେ ପ୍ରତିବନ୍ଧକ ହୋଇଥାଏ । ପ୍ଲାଷ୍ଟିକ ସାମଗ୍ରୀର ଏସବୁ ଖରାପ ପ୍ରଭାବ ଆମ ପୃଥିବୀର ପ୍ରକୃତି ଓ ପରିବେଶ ସୁରକ୍ଷାରେ ସମସ୍ୟା ସୃଷ୍ଟି କରିଥାଏ । ପ୍ଲାଷ୍ଟିକ ଓ ପଲିଥିନ ସାମଗ୍ରୀ ନିତ୍ୟ ବ୍ୟବହାର୍ଯ୍ୟ ନିମନ୍ତେ ଉପଯୋଗୀ ହେଉଥିଲେ ସୁଦ୍ଧା ଏହା ବିଘଟନ ହୋଇପାରି ନ ଥାଏ । ଏହାର ବର୍ଜ୍ୟବସ୍ତୁ ମଣିଷ ସମାଜ ପାଇଁ ଯଥେଷ୍ଟ କ୍ଷତିକାରକ ସାଜିଛି ।

ବିଶ୍ୱ ଜଳବାୟୁ ପରିବର୍ତ୍ତନରେ ମଧ ପ୍ଲାଷ୍ଟିକ ପ୍ରଦୂଷଣର ପ୍ରଚ୍ଛନ୍ନ ହାତ ରହିଛି । ଅଶୋଧିତ ପେଟ୍ରୋଲିୟମ୍‌ରୁ ପ୍ଲାଷ୍ଟିକ ଉତ୍ପାଦନ କରିବାକୁ ହେଲେ ଯେଉଁ ରାସାୟନିକ ପଦ୍ଧତି ଅବଲମ୍ବନ କରାଯାଏ ସେଥିରୁ ଅନେକ ବିଷାକ୍ତ ଓ ସବୁଜଘର ଗ୍ୟାସ୍ ଉତ୍ପନ୍ନ ହୋଇ ପରିବେଶକୁ ନିର୍ଗମନ ଘଟେ । ପୁଣି, ପ୍ଲାଷ୍ଟିକ ପଦାର୍ଥକୁ ଭସ୍ମୀକରଣ ପ୍ରକ୍ରିୟାରେ ପୋଡ଼ି ନଷ୍ଟ କରାଯିବା ଦ୍ୱାରା ମଧ ଅନେକ ସବୁଜଘର ଗ୍ୟାସ ବାୟୁମଣ୍ଡଳକୁ ନିର୍ଗତ ହୁଏ । ଗତ ୨୦୧୯ ମସିହାରେ ପ୍ରକାଶିତ ଏକ ରିପୋର୍ଟରୁ ଜଣାଯାଏ ଯେ, ପ୍ଲାଷ୍ଟିକ ଉତ୍ପାଦନ ଓ ଭସ୍ମୀକରଣ ପ୍ରକ୍ରିୟା ଯୋଗୁଁ ବାୟୁମଣ୍ଡଳକୁ ସମୁଦାୟ ୮୫୦ ମିଲିୟନ ଟନ୍ ସବୁଜଘର ଗ୍ୟାସ ଉତ୍ସର୍ଜିତ ହୋଇଛି । ଆଗାମୀ ୨୦୫୦ ମସିହା ବେଳକୁ ଏହା ଆଶାତୀତ ବୃଦ୍ଧି ପାଇ କେବଳ ପ୍ଲାଷ୍ଟିକ ଯୋଗୁଁ ଉତ୍ସର୍ଜିତ ସବୁଜଘର ଗ୍ୟାସର ପରିମାଣ ସମୁଦାୟ ବିଶ୍ୱ ଉତ୍ସର୍ଜନର ୧୪ ପ୍ରତିଶତ ମାତ୍ରାରେ ପହଞ୍ଚିବ ବୋଲି ଆଶଙ୍କା ପ୍ରକାଶ କରାଯାଏ । ଏହା ଦ୍ୱାରା ବିପୁଳ ସବୁଜଘର ଗ୍ୟାସ୍ ଯେ ଭବିଷ୍ୟତରେ ବିଶ୍ୱତାପନ ପ୍ରକ୍ରିୟାରେ ସହାୟକ ହୋଇ ବିଶ୍ୱ ଜଳବାୟୁ ପରିବର୍ତ୍ତନର ଧାରାକୁ ଅଧିକ ତ୍ୱରାନ୍ୱିତ କରିବ ।

ବିଶ୍ୱ ପରିବେଶ ଦିବସରେ ଚଳିତ ବର୍ଷର ବିଷୟବସ୍ତୁ ରହିଥିଲା-ପ୍ଲାଷ୍ଟିକ୍ ପ୍ରଦୂଷଣ ସମାପ୍ତ କରିବା । ବିଶ୍ୱ ପରିବେଶ ଦିବସରେ ପ୍ଲାଷ୍ଟିକ ପ୍ରଦୂଷଣ ସମାପ୍ତ କରିବା ଲକ୍ଷ୍ୟରେ ପ୍ଲାଷ୍ଟିକ୍ ବ୍ୟବହାରକୁ ହ୍ରାସ କରିବା, ପୁନଃବ୍ୟବହାର କରିବା, ପୁନଃଚକ୍ରୀକରଣ କରିବା ପାଇଁ ବିଶ୍ୱବ୍ୟାପୀ ସଚେତନତା ସୃଷ୍ଟି କରିବା ଥିଲା ମୂଳ ମନ୍ତ୍ର । ସୁସ୍ଥ ଓ ସୁନିଶ୍ଚିତ ଭବିଷ୍ୟତ ସୃଷ୍ଟି କରିବା ପାଇଁ ସମସ୍ତେ ପ୍ଲାଷ୍ଟିକ୍ ବ୍ୟବହାର ହ୍ରାସ କରିବା ଏବଂ ବର୍ଜ୍ୟବସ୍ତୁ ପରିଚାଳନାରେ ଉନ୍ନତି ଆଣିବାପାଇଁ କାର୍ଯ୍ୟ କରିବାକୁ ଆଗେଇ ଆସିବା ଦରକାର । ଆମ ସମସ୍ତଙ୍କୁ ପ୍ଲାଷ୍ଟିକ୍ ବ୍ୟାଗ୍ ବ୍ୟବହାରରୁ ଦୂରେଇ ରହି ପରିବେଶ ସୁରକ୍ଷାକୁ ପ୍ରୋତ୍ସାହିତ କରିବା ଆବଶ୍ୟକ । ଆମେ ପ୍ଲାଷ୍ଟିକ୍ ବ୍ୟାଗ ବଦଳରେ କାଗଜ କିମ୍ବା କପଡା ବ୍ୟାଗ୍ ସମେତ ପରିବେଶ ଅନୁକୂଳ ସାମଗ୍ରୀର ବ୍ୟବହାର କରିବା ଉଚିତ । ଏହାଦ୍ୱାରା ଆମେ ସମସ୍ତେ ପ୍ଲାଷ୍ଟିକ୍ ବ୍ୟାଗ୍ ବ୍ୟବହାରକୁ ଦୂର କରିପାରିବା । ଏକକ ପ୍ଲାଷ୍ଟିକକୁ ବନ୍ଦ କରିବା ସହ ପୁନଃଚକ୍ରଣ ଯୋଗ୍ୟ ପ୍ଲାଷ୍ଟିକ୍ ବ୍ୟବହାର କରିବା ଏବଂ ପ୍ଲାଷ୍ଟିକ୍‌ର ବିକଳ୍ପ ଖୋଜିବାରେ ବିଶ୍ୱ ସମୁଦାୟ କାମ କରିବାର ଆବଶ୍ୟକତା ରହିଛି ।

ପ୍ଲାଷ୍ଟିକରୁ ସୃଷ୍ଟି ହେଉଥିବା ଆବର୍ଜନାର ଭୟାବହତାକୁ ନେଇ ଏବେ ସାରା ବିଶ୍ୱବାସୀ ଚିନ୍ତାରେ ପଡ଼ିଛନ୍ତି । ପ୍ଲାଷ୍ଟିକ୍ ଆବର୍ଜନାରୁ ଦୂରେଇ ରହିବା ପାଇଁ ବିଭିନ୍ନ ସ୍ତରରେ ସଚେତନତା କରାଯାଉଥିଲେ ବି କିଛି ବିଶେଷ ସୁଫଳ ମିଳିପାରୁନି । ଏତେସବୁ ବିପଦ ଜାଣିବି ଯଦି ଆମେ ସଚେତନ ନହେବା, ତେବେ ସମାଜକୁ ସୁରକ୍ଷିତ କରିବା କିପରି ? ସୁତରାଂ ଏବେ ସମୟ ଆସିଛ, ଆମକୁ ପ୍ଲାଷ୍ଟିକର ଭୟାବହତା ସମ୍ପର୍କରେ ଚିନ୍ତା କରିବାର । ବେଳ ଥାଉ ଥାଉ ସାବଧାନ ନହେଲେ ଏ ପ୍ରାଣୀଜଗତ ଧରାପୃଷ୍ଠରୁ ବିଲୁପ୍ତ ହୋଇଯିବ । ପ୍ଲାଷ୍ଟିକଠାରୁ ଦୂରେଇ ରହି ପ୍ଲାଷ୍ଟିକମୁକ୍ତ ଅଞ୍ଚଳ ତଥା ସୁସ୍ଥ ବାତାବରଣ ସୃଷ୍ଟି କରିବା ସମଗ୍ର ମଣିଷ ସମାଜ ପାଇଁ ଏକ ଆହ୍ୱାନ, ଯଦ୍ୱାରା ପ୍ରକୃତି, ପରିବେଶ ସନ୍ତୁଳିତ ହେବାସହ ଆମେ ବିଭିନ୍ନ ମାରାତ୍ମକ ରୋଗରୁ ଦୂରେଇ ରହିପାରିବା ଏବଂ ସୁସ୍ଥ ଜୀବନଯାପନ କରିପାରିବା ।

**ନିମାପଡା, ପୁରୀ,**
**ମୋ-୯୭୭୮୧୭୭୫୦୧**

# ଡ଼ଙ୍ଗରିଆ କନ୍ଧଙ୍କ ସୁନା ଝିଅ ଟିମି ପୁଷିକା



**ସତ୍ୟ ସୁନ୍ଦର ଭଞ୍ଜ**

ବନ ପାହାଡ଼ ଜଙ୍ଗଲ ଘେରା ବିଶ୍ୱର ସବୁଠାରୁ ଉତ୍କୃଷ୍ଟ ଭୂସମ୍ପଦ ନିୟମଗିରି ପାହାଡ଼ ପାଦଦେଶ ତଥା ରାୟଗଡ଼ା ଜିଲ୍ଲା ବିଷମକଟକ ଅଞ୍ଚଳରେ ବସବାସ କରନ୍ତି ଆଦିମ ଜନଜାତି ଡଙ୍ଗରିଆ କନ୍ଧ । ଡ଼ଙ୍ଗରିଆ ଜନଜାତିର ସାହସୀ ଯୁବତୀ ହେଉଛନ୍ତି ଟିମି ପୁଷିକା । ତାଙ୍କ ପାଖରେ ରହିଛି ବିରଳ ପ୍ରତିଭା । ଅନେକ ସାହାସିକତାର ପରିଚୟ ସୃଷ୍ଟି କହିଛନ୍ତି ଟିମି ପୁଷିକା। ତାଙ୍କ ବୃତ୍ତି ହେଲା ପାହାଡ଼ ଉପରେ ସମ୍ପୂର୍ଣ୍ଣ ଜୈବିକ ପଦ୍ଧତିରେ ସପୁରୀ, ଅଦା, ହଳଦୀ ଏବଂ ମାଣ୍ଡିଆ ଚାଷ କରିବା ।

ଚାଷ କରି ଉତ୍ପାଦିତ କୃଷିଜାତ ଦ୍ରବ୍ୟକୁ ନିକଟ ହାଟରେ ବିକ୍ରୀ କରନ୍ତି ସେ । ତାଙ୍କର ଭାଇ ଓ ଭାଉଜକୁ ପନିପରିବା ଚାଷ କରିବା ପାଇଁ ପ୍ରବର୍ତ୍ତାଇ ନିଜେ ଟିମି ମଧ୍ୟ ସେମାନଙ୍କୁ ସହଯୋଗ କରିଥାନ୍ତି । ସମ୍ପୂର୍ଣ୍ଣ ଜୈବିକ ପଦ୍ଧତିରେ ନିଜ ଘର ପାଖ ଜମିରେ କରୁଥିବା ଚାଷରୁ ସେମାନେ ବି ଭଲ ଦି ପଇସା ରୋଜଗାର କରିଥାନ୍ତି । ଜଣେ ଯୁବକ ଯେଭଳି କାମ କରିପାରେ ତାର ସମକ୍ଷକ ବା ତାଠୁ ଅଧିକ କାମ କରିପାରନ୍ତି ଟିମି । ଏପରିକି ଗଛ ଚଢ଼ିବାରେ ମଧ୍ୟ ଟିମି ଧୁରନ୍ଧର । ଏହା ସହିତ ଅଙ୍ଗନବାଡ଼ି କେନ୍ଦ୍ରରେ ରୋଷେଇ କରି ମାସିକ ୧୫ଶହ ଟଙ୍କା ରୋଜଗାର କରି ଗୁଜୁରାଣ ମେଣ୍ଟାଇବା ।

ବିଶ୍ୱର ସବୁଠାରୁ ଉତ୍କୃଷ୍ଟ ଭୂସମ୍ପଦର ନିୟମଗିରି ପାହାଡ଼ ଭୂଗର୍ଭରେ ପର୍ଯ୍ୟାପ୍ତ ସମ୍ପଦ ରହିଥିବା ବେଳେ ସେହି ପାହାଡ଼ ଭିତରେ ୧୦୨ ଖଣ୍ଡ ଜନବସତି ଗଢି ଉଠିଥିବା ବିଲୁପ୍ତ ଆଦିମ ଜନଜାତି ସମ୍ପ୍ରଦାୟରେ ମହିଳା ଟିମି ଜଣେ ପରିବେଶପ୍ରେମୀ । ଜଙ୍ଗଲ ମାଫିଆଙ୍କୁ କାଠ ଚୋରକୁ ଅନେକ ବାର ରୋକି ଜଙ୍ଗଲକୁ ସୁରକ୍ଷା ଦେଇଛନ୍ତି । ଟିମି କହନ୍ତି ନିୟମଗିରି ପାହାଡ଼ (ଜଙ୍ଗଲ) ଯେତେଦିନ ବଞ୍ଚିଛି ସେତେଦିନ ପର୍ଯ୍ୟନ୍ତ ଆମେ ବଞ୍ଚିଥିବୁ । ପ୍ରକୃତି ବଞ୍ଚିଲେ ଆମ ଆଦିମ ଜନଜାତିଙ୍କ ପରିଚୟ ରହିଥିବ ବୋଲି ଆମ ସମାଜର ଛାତ୍ରଛାତ୍ରୀଙ୍କୁ ବୁଝାଇଥାଏ ବୋଲି କହିଛନ୍ତି । ତାଙ୍କର ଠିକଣା ହେଲା ବିଷମକଟକ ନିକଟସ୍ଥ ଚାଞ୍ଚଡାଗୁଡା ଗ୍ରାମ ପଞ୍ଚାୟତ ବାଲାପାଇ ଗ୍ରାମ। ତାଙ୍କ ବାପା ଆଦି ପୁଷିକା ଓ ମା' କୋନେ ପୁଷିକା । କୁଇ ଭାଷାରେ ଠିକଠାକ କଥା କହିପାରୁଥିବା ବେଳେ ଓଡିଆରେ ଖନେଇ ଖନେଇ କଥାବାର୍ତ୍ତା କରନ୍ତି ଟିମି । ସେ କେବେ ସ୍କୁଲ ବାରଣ୍ଡା ମାଡ଼ିନାହାନ୍ତି । କିନ୍ତୁ ଇଣ୍ଟରନେଟରେ ବ୍ୟବହାର ଜାଣିଛନ୍ତି। ସରକାରଙ୍କ ଅନେକ ଗ୍ରାମୀଣ ଯୋଜନା ସମ୍ପର୍କରେ ଜାଣିଛନ୍ତି।

***ସେ କେବେ ସ୍କୁଲ ବାରଣ୍ଡା ମାଡ଼ିନାହାନ୍ତି । କିନ୍ତୁ ଇଣ୍ଟରନେଟରେ ବ୍ୟବହାର ଜାଣିଛନ୍ତି। ସରକାରଙ୍କ ଅନେକ ଗ୍ରାମୀଣ ଯୋଜନା ସମ୍ପର୍କରେ ଜାଣିଛନ୍ତି।***

ଗାଁର ଧରଣୀ ମାଆର ମଣ୍ଡପ ପାଇଁ ସେ ସର୍ବଦା ବ୍ୟାକୁଳ ହୋଇ ଉଠନ୍ତି । ଏହି ସଂପ୍ରଦାୟଙ୍କ ପାଇଁ ସରକାର ବିଶୁଦ୍ଧ ପାନୀୟ ଜଳ ଯୋଗାଇ ପାରିନାହାଁନ୍ତି । କେବଳ ପ୍ରକୃତିର ଝରଣା ପାଣି ହିଁ ଏକ ମାତ୍ର ସାହା ଭରଷା । ଏଥିସହିତ ଟିମି ପୋଡୁ ଚାଷକୁ ବିରୋଧ କରିବା ସହ ତାଙ୍କ ଆଖପାଖରେ ଥିବା ଲୋକମାନଙ୍କୁ ଜଙ୍ଗଲରେ ନିଆଁ ନ ଲଗେଇବା ପାଇଁ ସଚେତନ କରୁଥିବା ଭଳି କାମ ମଧ ତାଙ୍କ ଅନ୍ୟତମ ପରିଚୟ । ପାଖରେ ଦେଖିବାକୁ ମିଳିଛି। ଟିମି କହନ୍ତି ଜଙ୍ଗଲ ଆମର ମା ତାର ସୁରକ୍ଷା ଆମର କର୍ତ୍ତବ୍ୟ । ଟିମିର ସରଳ, ସଙ୍କୋଚ ଓ ସାହାସୀ ମନୋବଳକୁ ଅନେକ ପ୍ରଶଂସା କରନ୍ତି । ଟିମି ଏକଦା ପ୍ରଶାସନର କିଛି ଅଧିକାରୀଙ୍କ ଦୁର୍ନୀତିକୁ ଲୋକଲୋଚନକୁ ଆଣି ଅଞ୍ଚଳରେ ବେଶ ପରିଚୟ ସୃଷ୍ଟି କରିଥିଲେ । ଟିମି ଏବେ ବେଶ ଖୁସି । କାରଣ ରାଜ୍ୟ ସରକାରଙ୍କ ସୁଭଦ୍ରା ଯୋଜନାରେ ଦୁଇଟି କିସ୍ତିରେ ୧୦ ହଜାର ଟଙ୍କା ସେ ରାଜ୍ୟ ସରକାରଙ୍କ ଠାରୁ ପାଇଛନ୍ତି । ଆଉ ସେହି ଟଙ୍କାରେ କୁକୁଡା ଚିଆଁ ଓ ଝାଡୁ ସାମଗ୍ରୀ କିଣି ରଖିଛନ୍ତି ।

ସେ କୁହନ୍ତି ଯେ ସୁଭଦ୍ରା ଟଙ୍କାରୁ ୨ ହଜାର ଟଙ୍କାର କୁକୁଡା ଚିଆଁ ଓ ୩ ହଜାର ଟଙ୍କାର ଝାଡୁ ସାମଗ୍ରୀ କିଣି ରଖିଛି। ଏହି ବ୍ୟବସାୟରେ ପ୍ରାୟ ୨ ହଜାର ଟଙ୍କା ଲାଭ ମିଳିବ ବୋଲି ସେ ଆଶା ବାନ୍ଧିଛନ୍ତି। ଟିମି ଭଳି ଅନେକ ମହିଳା ଉପାନ୍ତ ଓ ଦୁର୍ଗମ ଅଞ୍ଚଳର ଏହି ସୁଭଦ୍ରା ଯୋଜନା ତାଙ୍କ ପାଇ ନିଜର ଜୀବିକା ଅର୍ଜନର ନୂଆ ପନ୍ଥା ସାଜିଛି ।



ରାୟଗଡା ଜିଲ୍ଲାରେ ମହିଳାଙ୍କ ମୁହଁରେ ହସ ଫୁଟାଇବାର ଏକ ରୋଲ ମଡ଼େଲ ସାଜିଛନ୍ତି ଟିମି ପୁଷିକା । ଯିଏ ଟିମିଙ୍କ ବିଷୟରେ ଅତି ନିକଟରୁ ନ ମିଶିଛି ସେ ତାଙ୍କ ପ୍ରତିଭା ବିଷୟରେ ଜାଣିପାରିବ ନାହିଁ । ବାସ୍ତବରେ ବାଲାପାଇ ଗ୍ରାମ ଟିମି ଭଳି ଝିଅକୁ ପାଇ ଗର୍ବିତ ବୋଲି କହନ୍ତି କିଛି ମହିଳା । ସେ ଆମ ମହିଳାମାନଙ୍କର ସ୍ୱର ବୋଲି କେହି କେହି କହିଥାନ୍ତି ।

**ସମୟ, ସହ-ସମ୍ପାଦକ,**
**ମୋ- ୯୪୩୭୧୫୦୬୩୨**

# ...ସ୍ୱଧର୍ମ...

**ମନୋଜ କୁମାର ବେହେରା**

ଭଗବତ ଗୀତାର ଏହା ମହାନ ବଚନ-'ସ୍ୱଧର୍ମେ ନିଧନଂ ଶ୍ରେୟଃ,ପରଧର୍ମୋଭୟାବହଃ' । ମନୁଷ୍ୟକୁ ନିଜର ବାସ୍ତବିକ ଉତ୍ତର ଦାୟିତ୍ୱର ଆଡକୁ ଫେରିବାରେ ପ୍ରେରଣା ଦେଇଥାଏ । ଏଠାରେ ଧର୍ମଶବ୍ଦ କର୍ତ୍ତବ୍ୟର ବୋଧ କରେଇଥାଏ । ଏହାର ମୂଳଭାବ ଏହାକି ପ୍ରତ୍ୟେକ ବ୍ୟକ୍ତିକୁ ନିଜ ପାଇଁ ନିୟତ କର୍ତ୍ତବ୍ୟର ହିଁ ପାଳନ କରିବା ଦରକାର ।

ତେଣିକି ସେହି କାର୍ଯ୍ୟ ଯେତେ ସାଧାରଣ ଅଥବା କଠିନ ହେଇଥାଉ । ଅନ୍ୟଙ୍କ ଧର୍ମ କିମ୍ବା କର୍ତ୍ତବ୍ୟକୁ ତେଣିକି କିଏ ଯେତେ କୁଶଳରେ କରୁ,ତାହା ତା' ପାଇଁ ଭୟ, ଭ୍ରମ ଏବଂ ଅସନ୍ତୁଳର କାରଣ ହୋଇଥାଏ । ଯେମିତି ଜଣେ ବିଦ୍ୟାର୍ଥୀର କର୍ତ୍ତବ୍ୟ ପାଠ ପଢିବା ନା କି ଉପଦେଶ ଦେବା, ଗୋଟିଏ କୃଷକର ଧର୍ମହେଲା କୃଷିକରିବା ନା କି ହସ୍‌ପିଟାଲରେ ଚିକିତ୍ସା କରିବା,ସନ୍ୟାସୀର ଧର୍ମହେଲା ସଂଯମ ଆଉ ବୈରାଗ୍ୟ ନା କି ଗୃହସ୍ଥ ଭଳି ଆଚରଣ କରିବା । ମହାଭାରତ ଯୁଦ୍ଧର ପ୍ରାରମ୍ଭରେ ଅର୍ଜୁନ ମୋହରେ ପଡି ନିଜର ସ୍ୱଧର୍ମରୁ ବିମୁଖ ହୋଇ ଯାଇଥିଲେ । ତାଙ୍କର କ୍ଷତ୍ରିୟ ଧର୍ମ ଥିଲା ଅନ୍ୟାୟ ବିରୁଦ୍ଧରେ ଯୁଦ୍ଧ କରିବା କିମ୍ବା ଧର୍ମରକ୍ଷା କରିବା । କିନ୍ତୁ ସେ କହିବାକୁ ଲାଗିଲେ କି ସ୍ୱଜନଙ୍କୁ ମାରିକରି ରାଜ୍ୟ ମୋର ଦରକାର ନାହିଁ ।

ସେହି ସମୟରେ ଭଗବାନ ଶ୍ରୀକୃଷ୍ଣ ଗୀତାର ମାଧ୍ୟମରେ ତାଙ୍କୁ ଏହା ଶିଖେଇଲେ,ହେ ଅର୍ଜୁନ! ତୁମେ ନିଜର ଧର୍ମର ପାଳନ କର । ତୁମର ଧର୍ମ ରଣଭୂମିରେ ଧର୍ମର ସ୍ଥାପନ ହେତୁ ଯୁଦ୍ଧ କରିବା,ନା କି ପରମାର୍ଥଙ୍କ ନାମରେ ପଛକୁ ହଟିଯିବା । ତେଣିକି ତୁମକୁ ଏଥିରେ ମୃତ୍ୟୁ ମିଳୁ ବା ନମିଳୁ,ଏହା ତୁମର କଲ୍ୟାଣକାରୀ ମାର୍ଗ ଅଟେ । ଯଦି ତୁମେ ନିଜର ଧର୍ମରୁ ହଟିକରି ସନ୍ୟାସ କିମ୍ବା ପଳାୟନର ମାର୍ଗକୁ ଅପଣେଇବ,ତା'ହେଲେ ଏହା ଭୟ ଆଉ ପତନର କାରଣ ହେବ । ଏହି ପ୍ରସଙ୍ଗରେ ଅର୍ଜୁନଙ୍କୁ ସ୍ୱଧର୍ମରେ ଫେରିବାର ପ୍ରେରଣା ସମୁହ ବିଶ୍ୱର ପାଇଁ ସର୍ବକାଳିକ ମାର୍ଗ ଦର୍ଶନ ହୋଇଯାଏ । ମହନ୍ତ ସ୍ୱାମୀ ମହାରାଜ ବୁଝେଇଛନ୍ତି କି ଏହି ସ୍ୱଧର୍ମ କେବଳ ସ୍ୱୟଂଶାସ୍ତ୍ର ପଢିବାରେ ନୁହେଁ,ଅପିତୁ ଅନୁଭବୀ ଗୁରୁଙ୍କ ନିର୍ଦ୍ଦେଶରେ ନିର୍ଦ୍ଧାରିତ ହୋଇଥାଏ । କାହିଁକି ଶାସ୍ତ୍ରର ସାରକୁ ବ୍ୟବହାରିକ ଜୀବନରେ କେମିତି ପାଳନ କରିବ,ଏହା ସେ ଭଲ ଭାବରେ ଜାଣିଥାନ୍ତି । ଯେତେବେଳେ କୌଣସି ବ୍ୟକ୍ତି କେବଳ ନିଜର ତରଙ୍ଗ ବିଚାର କିମ୍ବା ଇଚ୍ଛାକୁ ଧର୍ମର ମାର୍ଗରେ ଚୟନ କରେ ଆଉ ଶାସ୍ତ୍ର କିମ୍ବା ଗୁରୁଙ୍କ ନିର୍ଦ୍ଦେଶକୁ ଅବହେଳିତ କରିଥାଏ,ଆଉ ସେ ବାଟବଣା ହୋଇ ଧର୍ମର ଜାଲରେ ଫସିଯାଏ । ଯଦି କିଏ ସ୍ୱଧର୍ମକୁ ଛାଡିକରି କୌଣସି ଅନ୍ୟ ମାର୍ଗରେ ଚାଲିଥାଏ,ତାହାର ପରିଣାମ ଜୀବନ ସଙ୍କଟରେ ପଡିଯାଏ ଆଉ ଶେଷରେ ତାକୁ ପଶ୍ଚାତାପ ହୋଇଥାଏ ।

**ପ୍ଲଟ ନମ୍ବର-୨୧୭/ପି,**
**ବାୟାବାବାମଠ ଲେନ୍,**
**ୟୁନିଟ୍-୯(ଫ୍ଲାଟ),ଭୁବନେଶ୍ୱର-୨୨**
**ମୋ-୭୯୭୮୮୩୦୬୧୧**

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

## ଝାଡାବାନ୍ତି...

ହୋଟେଲ, ଜଳଖିଆ ଦୋକାନ ସମେତ ସମସ୍ତ ଗୁପଚୁପ୍ ଏବଂ ଦହିବରା ଦୋକାନଗୁଡ଼ିକୁ ସାମୟିକ ଭାବେ ବନ୍ଦ କରି ଦିଆଯାଇଛି । ଫଳରେ ଏହିସବୁ ହୋଟେଲ ଓ ଜଳଖିଆ ଦୋକାନ ଗୁଡ଼ିକରେ ତାଲା ଝୁଲିଛି । ଏତେ ସଂଖ୍ୟାରେ ହୋଟେଲ ଓ ଜଳଖିଆ ଦୋକାନ ବନ୍ଦ ହେବା ଫଳରେ ଲୋକମାନେ ନଇରାଶ୍ୟ ହରାଉତ ହେଉଥିବା ଲକ୍ଷ୍ୟ କରାଯାଇଛି । ଅନ୍ୟପକ୍ଷରେ ଯେଉଁ କେତୋଟି ହାତଗଣତି ହୋଟେଲ ଖୋଲା ରହିଛି, ସେଠାରେ ପ୍ରବଳ ଗହଳି ହେବାସହ ଜାଣିଶୁଣି ହୋଟେଲ ମାଲିକମାନେ ଚଢାଦରରେ ଖାଦ୍ୟ ସାମଗ୍ରୀ ବିକୁଥିବା ଅଭିଯୋଗ ହୋଇଛି । ଅତ୍ୟଧିକ ଚାହିଦା ବଢିଥିବାରୁ ଖୋଲାଥିବା ହୋଟେଲରେ ଖାଦ୍ୟର ମାନ ମଧ୍ୟ ଠିକ ରହୁନି । ତେବେ ସମସ୍ତ ହୋଟେଲ ଓ ଜଳଖିଆ ଦୋକାନ ବନ୍ଦଥିଲା ବେଳେ ନିର୍ଦ୍ଦିଷ୍ଟ କେତୋଟି ହୋଟେଲ କିପରି ଖୋଲା ରହିଛି ତାହା ସାଧାରଣରେ ପ୍ରଶ୍ନ ଉଠିଛି । ସେସବୁ ହୋଟେଲ ପ୍ରଶାସନ ଠାରୁ ଅନୁମତି ଆଣି ଖାଦ୍ୟ ବିକ୍ରୟ କରୁଛନ୍ତି କି ନାହିଁ ତାହା ଯାଞ୍ଚ ହେବା ଜରୁରୀ । ଧର୍ମଶାଳାର କୁଆଖିଆ, ବାରାଟି, ଜାରକା, କବାଟବନ୍ଧ, ଚଢେଇଧରା, ଆହୁଡା, ବାଲିସାହି, ଜେନାପୁର, ବଡ଼ଚଣା, ଚଣ୍ଡିଖୋଲ, ଛତିଆ, ବାଲିଚନ୍ଦ୍ରପୁରର ପ୍ରମୁଖ ସ୍ଥାନର ଗୋଟିଏ ଦୁଇଟିକୁ ଛାଡି ଅନ୍ୟ ସମସ୍ତ ହୋଟେଲ ଓ ଜଳଖିଆ ଦୋକାନରେ ତାଲା ଝୁଲୁଛି । ମଙ୍ଗଳବାର ସନ୍ଧ୍ୟାରେ ଯାଜପୁର ଜିଲ୍ଲାପାଳ ପି ଅନ୍ୱେଷା ରେଡ୍ଡୀ ଭିଡିଓ କନଫରେନ୍ସି ମାଧ୍ୟମରେ ସମସ୍ତ ତହସିଲଦାର, ବିଡ଼ିଓ ଏବଂ ସ୍ୱାସ୍ଥ୍ୟକେନ୍ଦ୍ର ଗୁଡ଼ିକର ମୁଖ୍ୟ ଡାକ୍ତରଙ୍କ ସହ ଆଲୋଚନା କରି ରୋଗ ନିୟନ୍ତ୍ରଣ ପାଇଁ ପଦକ୍ଷେପ ଗ୍ରହଣ କରିବା ସହ ୨୪ ଘଣ୍ଟିଆ ସଜାଗ ରହିବାକୁ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ ।

## ଡାଇରିଆ...

ରାଜ୍ୟର ଯାଜପୁର ସମେତ କେନ୍ଦୁଝର, ଭଦ୍ରକ, କଟକ, ଢେଙ୍କାନାଳ ଜିଲ୍ଲାରେ ସୃଷ୍ଟି ହୋଇଥିବା ଡାଇରିଆ ସ୍ଥିତି ଓ ପ୍ରତିକାରାତ୍ମକ ପଦକ୍ଷେପ ସମ୍ପର୍କରେ ମୁଖ୍ୟ ସଚିବ ମନୋଜ ଆହୁଜା ସମୀକ୍ଷା କରିଥିଲେ । ଏଥିରେ ସ୍ୱାସ୍ଥ୍ୟ ବିଭାଗ ସଚିବ ଅଶ୍ୱିନ୍ ଏସ୍ ସ୍ଥିତି ସମ୍ପର୍କରେ ତଥ୍ୟ ଉପସ୍ଥାପନ କରିଥିଲେ । ବିଭିନ୍ନ ଜିଲ୍ଲାର ଜିଲ୍ଲାପାଳମାନେ ଆଭାସୀ ମାଧ୍ୟମରେ ଯୋଗଦେଇ ନିଜ ଜିଲ୍ଲାର ସ୍ଥିତି ସମ୍ପର୍କରେ ସୂଚନା ଦେଇଥିଲେ । ଡାକ୍ତରଖାନାରେ ନୂଆ ରୋଗୀଙ୍କ ଭର୍ତ୍ତି ହେବା ହ୍ରାସ ପାଇଛି । ବିଗତ ଦିନକୁ ମିଶାଇ ଆଜିସୁଦ୍ଧା ୩୬୦ ଜଣ ଚିକିତ୍ସାଧୀନ ଅଛନ୍ତି । ଯେଉଁମାନେ ସୁସ୍ଥ ହେଉଛନ୍ତି ଡାକ୍ତରଙ୍କ ବିନା ପରାମର୍ଶରେ ଘରକୁ ଛଡାଯାଉନାହିଁ । ପରିମଳ ଓ ବିଶୋଧନ କାର୍ଯ୍ୟକ୍ରମ ବ୍ୟାପକ ଭାବେ ଜାରି ରଖିବାକୁ ଜିଲ୍ଲାପାଳଙ୍କୁ ପରାମର୍ଶ ଦିଆଯାଇଛି । ମାଇକ ଯୋଗେ ପ୍ରଚାର ପ୍ରସାରକୁ ବ୍ୟାପକ କରାଯାଇଛି । ୭ ରୁ ୧୦ ଦିନ ପର୍ଯ୍ୟନ୍ତ ଏହି କାର୍ଯ୍ୟ ଜାରି ରହିବ । ରାଜ୍ୟସ୍ତରୀୟ କମିଟି ସ୍ଥିତିର ସମୀକ୍ଷା କରୁଛନ୍ତି । ମୁଖ୍ୟ ସଚିବ କହିଥିଲେ ଯେ ବିଭିନ୍ନ ଜିଲ୍ଲାରେ ସଂକ୍ରମଣ ମାତ୍ରା କମୁଥିଲେ ମଧ୍ୟ ଆମକୁ ସତର୍କ ରହିବାକୁ ପଡିବ । ଆଗକୁ ମୌସୁମୀ ବର୍ଷାରେ ଜଳ ସଂକ୍ରମଣ ହେବାର ସମ୍ଭାବନା ରହିଛି । ନିୟମିତ ବ୍ୟବଧାନରେ ଜଳଉତ୍ସକୁ ବିଶୋଧନ କରିବା, ସଚେତନ କାର୍ଯ୍ୟକ୍ରମକୁ ବ୍ୟାପକ କରିବା ପାଇଁ ସେ ନିର୍ଦ୍ଦେଶ ଦେଇଛନ୍ତି । ଯେପରି ଜୀବନହାନୀ ନଘଟେ ସେଥିପ୍ରତି ଏହାର ନିରାକରଣ ପାଇଁ ସବୁ ସତର୍କତା, ସଚେତନତା ଓ ପରୀକ୍ଷା ଏବଂ ଚିକିତ୍ସାକୁ ମୁଖ୍ୟ ସଚିବ ଗୁରୁତ୍ୱ ଦେଇଛନ୍ତି ।

## ବିକଶିତ...

କରନ୍ତି । ସମସ୍ତଙ୍କୁ କୃଷି କ୍ଷେତ୍ରରେ ନିଜ ନିଜର ଅବଦାନ ଦେଇ କୃଷିକୁ ଦେଶର ମୁଖ୍ୟ ଆଧାର କରିବାକୁ ସେ ଆହ୍ୱାନ ଦେଇଛନ୍ତି । ରାଜ୍ୟରେ କୃଷିର ବିକାଶ ପାଇଁ ଅଧିକରୁ ଅଧିକ ଚାଷୀଙ୍କ ଚାଷ ଜମିକୁ ଜଳସେଚନ ସୁବିଧା ଯୋଗାଇ ଦେବା ପାଇଁ ଆମେ ପ୍ରତିବଦ୍ଧତାର ସହ କାମ କରୁଛୁ । ୫ ବର୍ଷ ମଧ୍ୟରେ ୧୫ ଲକ୍ଷ ହେକ୍ଟର ଅଜଳସେଚିତ ଜମିକୁ ଆମେ ଜଳସେଚନ ଯୋଗାଇ ଦେବାର ଲକ୍ଷ୍ୟ ରଖିଛୁ ।

ସେ କହିଥିଲେ ଯେ, ଆମ ସରକାରଙ୍କ ଦ୍ୱାରା କାର୍ଯ୍ୟକାରୀ ବିଭିନ୍ନ ଚାଷୀ କଲ୍ୟାଣକାରୀ ପଦକ୍ଷେପ ଗୁଡ଼ିକ କେବଳ କୃଷକଙ୍କର ଆୟବୃଦ୍ଧି କରିନାହିଁ ବରଂ ଚାଷୀଙ୍କୁ କୃଷି ବିକାଶରେ ଏକ ନୂତନ ମାଣ୍ଡିଆ ସୃଷ୍ଟି କରିଛି ଏବଂ ସରକାର ଏହି କ୍ଷେତ୍ରର ଏକ ସ୍ଥାୟୀ ବିକାଶ ପାଇଁ ପ୍ରୟାସ ଜାରି ରଖିଛନ୍ତି । ନିକଟରେ ମେ ମାସ ୨୯ ତାରିଖରୁ ଜୁନ ମାସ ୧୨ ତାରିଖ ପର୍ଯ୍ୟନ୍ତ ପୁରୀର ଖାଣ୍ଡୁ ଗୋପାଳ ଠାରୁ ଆରମ୍ଭ ହୋଇଥିବା "ବିକଶିତ କୃଷି ସଂକଳ୍ପ ଅଭିଯାନ" ଦେଶବ୍ୟାପୀ ଚାଲୁ ରହିଥିଲା ଯାହା ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ବିକଶିତ କୃଷି ସଂକଳ୍ପ ଅଭିଯାନ କୃଷକମାନଙ୍କର ସାମୂହିକ କଲ୍ୟାଣ ସାଧନ ସହ କୃଷି କ୍ଷେତ୍ରରୁ ରୋଜଗାର ବୃଦ୍ଧି ପାଇଁ ବାସ୍ତବିକ ଏକ ଯୁଗାନ୍ତକାରୀ ପଦକ୍ଷେପ ।

ରାଜ୍ୟରେ କାର୍ଯ୍ୟକାରୀ ହେଉଥିବା କୃଷି ସମ୍ବନ୍ଧୀୟ କାର୍ଯ୍ୟପ୍ରଣାଳୀର ବିବରଣୀ ଦେବାକୁ ଯାଇ ମୁଖ୍ୟମନ୍ତ୍ରୀ କହିଥିଲେ ଯେ, ଶ୍ରୀ ଅନ୍ନ ଅଭିଯାନ ମାଧ୍ୟମରେ ବିସ୍ମୃତ ଖାଦ୍ୟର ପୁନରୁଦ୍ଧାର ଏବଂ ପୁଷ୍ଟିକର ଆଧାରିତ କୃଷି ପ୍ରଣାଳୀ ମାଧ୍ୟମରେ କ୍ଷୁଦ୍ର ଏବଂ ନାମମାତ୍ର ଚାଷୀଙ୍କ ରୋଜଗାରରେ ଉନ୍ନତି ଆଣାଯାଇଛି । ବର୍ତ୍ତମାନ ଆମ ରାଜ୍ୟର ସମସ୍ତ ସରକାରୀ ବିଦ୍ୟାଳୟରେ ଶିଶୁ ବାଟିକାରୁ ଆରମ୍ଭ କରି ଦଶମ ଶ୍ରେଣୀ ପର୍ଯ୍ୟନ୍ତ ଛାତ୍ରଛାତ୍ରୀମାନଙ୍କୁ ମଧ୍ୟାହ୍ନ ଭୋଜନରେ ମାଣ୍ଡିଆ ଲଡୁ ପ୍ରଦାନ କରାଯାଉଛି । ସିଏମ୍ କିଷାନ୍ ଯୋଜନାରେ ଚାଷୀ ଭାଇଙ୍କୁ ୪ ହଜାର ଟଙ୍କା ସହାୟତା ପ୍ରଦାନ କରାଯାଉଛି । ଏଥିରେ ସହରାଞ୍ଚଳର କୃଷକଙ୍କୁ ମଧ୍ୟ ଅନ୍ତର୍ଭୁକ୍ତ କରାଯାଇଛି । ଗତ ଅକ୍ଷୟ ତୃତୀୟା ଅବସରରେ ୨,୩୩୮ ଜଣ ବିଶେଷ ଭାବେ ଅନୁନ୍ନତ (PVTG) ଚାଷୀ ଏବଂ ୨୫,୫୩୨ ସହରାଞ୍ଚଳ ଚାଷୀଙ୍କ ସମେତ ମୋଟ୍ ୫୦ ଲକ୍ଷ ୭ ହଜାର କ୍ଷୁଦ୍ର ଓ ନାମମାତ୍ର ଚାଷୀଙ୍କୁ ୧,୦୨୫ କୋଟି ଟଙ୍କାର ଆର୍ଥିକ ସହାୟତା ପ୍ରଦାନ କରାଯାଇଛି । ସିଏମ୍ କିଷାନ୍ ସହିତ 'ପିଏମ-ସମ୍ମାନ ନିଧି' ସଂଯୁକ୍ତ ହୋଇ ଚାଷୀ ଭାଇମାନଙ୍କୁ ଆର୍ଥିକ ସହଯୋଗ ପ୍ରଦାନ କରୁଛି । ଆହୁରି ମଧ୍ୟ ଚାଷୀଙ୍କ ପରିବାରକୁ ସମ୍ପୂର୍ଣ୍ଣ ରୂପେ ସଶକ୍ତ କରିବା ପାଇଁ ଯୁଗାନ୍ତକାରୀ ପଦକ୍ଷେପ ସ୍ୱରୂପ କୃଷି ବିଦ୍ୟାନିଧି ଯୋଜନାରେ ଚାଷୀଙ୍କ ସନ୍ତାନ-ସନ୍ତତିମାନଙ୍କ ଉଚ୍ଚଶିକ୍ଷା ପାଇଁ ଛାତ୍ରବୃତ୍ତି ସହାୟତା ଯୋଗାଇ ଦିଆଯାଉଛି । ଏହା ସହିତ ବଳଭଦ୍ର ଜୈବିକ ଚାଷ ମିଶନ ଯୋଗେ ରସାୟନମୁକ୍ତ ଜୈବିକ ଚାଷକୁ ପ୍ରୋତ୍ସାହନ ଦିଆଯାଉଛି । ଅମୃତ ଅନ୍ନ ପ୍ରକଳ୍ପ ଅଧୀନରେ ଓଡ଼ିଶାରେ ଉତ୍ପାଦିତ ରସାୟନମୁକ୍ତ ଦେଶୀ ବାସ୍ନାଯୁକ୍ତ ଚାଉଳ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ କୋଠଭୋଗରେ ବ୍ୟବହାର ହେଉଛି ଏବଂ ଆଗାମୀ ଦିନରେ ଏହା ସମ୍ପୂର୍ଣ୍ଣ ମହାପ୍ରସାଦ ପ୍ରସ୍ତୁତିରେ ବ୍ୟବହାର କରାଯିବ ।

ପରିଶେଷରେ ସେ କହିଥିଲେ, ଆମ କୃଷକ ଭାଇଭଉଣୀମାନଙ୍କ ସଶକ୍ତିକରଣକୁ ଆମ ସରକାର ସର୍ବାଧିକ ଗୁରୁତ୍ୱ ଦେଉଛି ଏବଂ ଏକ କୃଷକ ଭିତରେ ଦଶନ୍ଧି ଧରି ଆମର ଏକ ମୁଖ୍ୟ ପ୍ରତିଶ୍ରୁତି ଥିଲା ପ୍ରାଧିକାରୀ । ନିର୍ବାଚନ ସମୟରେ ଆମର ଲକ୍ଷ ଲକ୍ଷ ଚାଷୀ ଭାଇ ଭଉଣୀମାନଙ୍କୁ ସେମାନଙ୍କ କଠୋର ପରିଶ୍ରମର ପ୍ରକୃତ ମୂଲ୍ୟ ପ୍ରଦାନ କରିବା । ୨୦୩୬ ସୁଦ୍ଧା ସମୃଦ୍ଧ ଓଡ଼ିଶା ଗଠନର ଲକ୍ଷ୍ୟ ରଖିଛୁ । ମାନନୀୟ ପ୍ରଧାନମନ୍ତ୍ରୀ ମଧ୍ୟ ୨୦୪୭ ସୁଦ୍ଧା ବିକଶିତ ଭାରତ ଗଠନ ପାଇଁ ମଧ୍ୟ ଆହ୍ୱାନ ଦେଇଛନ୍ତି । ଉଭୟ ରାଜ୍ୟ ଓ ଦେଶର ଏହି ଲକ୍ଷ୍ୟ ପୂରଣ ପାଇଁ କୃଷି ଓ କୃଷକମାନଙ୍କର ବିକାଶ ଏକ ବଳିଷ୍ଠ ଭୂମିକା ଗ୍ରହଣ କରିବ ।

କାର୍ଯ୍ୟକ୍ରମରେ ଉଦବୋଧନ ଦେଇ ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂ ଦେଓ କହିଥିଲେ ଯେ, କୃଷି ଓ କୃଷକର ବିକାଶ ପାଇଁ ଆମ ସରକାର ରାଜ୍ୟ ବଜେଟରେ ଚଳିତ ବର୍ଷ ଅଧିକ ଆର୍ଥିକ ପ୍ରାବଧାନ ଦେଇଛନ୍ତି ଏବଂ ଆଗାମୀ ଥର ବଜେଟରେ ମଧ୍ୟ ଅଧିକ ଆର୍ଥିକ ବଜେଟର ପ୍ରାବଧାନ ରଖିଛୁ । ଆଜି ଓଡ଼ିଶା ଚାଉଳ ବାହାରକୁ ମଧ୍ୟ ଫଳ ରପ୍ତାନି କରି ପାରୁଛି । ଏହା ହୋଇ ପାରୁଛି, ଆମର ଦୃଢ଼ ପ୍ରତିବଦ୍ଧତାର ପରିଚୟ । କିଛି ବର୍ଷ ମଧ୍ୟରେ ବଲାଙ୍ଗୀର ଠାରେ ଆଗ୍ରିକଲଚର କଲେଜ ପ୍ରତିଷ୍ଠା ହେବ ଏବଂ ସୋନପୁର ଠାରେ ମାଛ ଚାଷୀଙ୍କ ଉନ୍ନତ ଜ୍ଞାନ କୌଶଳର ଶିକ୍ଷା ଦେବା ପାଇଁ ଫିସରୀ କଲେଜ ମଧ୍ୟ ପ୍ରତିଷ୍ଠା କରିବାର ଯୋଜନା ଅଛି ବୋଲି ଘୋଷଣା କରିଛନ୍ତି ।

ଏହି ଅବସରରେ, ସ୍ୱାସ୍ଥ୍ୟ ମନ୍ତ୍ରୀ ଡ଼ ମୁକେଶ ମହାଲିଙ୍ଗ ଯୋଗ ଦେଇ କହିଥିଲେ ଯେ, ବଲାଙ୍ଗୀରର ଚାଷ ଓ ବଲାଙ୍ଗୀର ଚାଷୀ ସ୍ୱାସ୍ଥ୍ୟକର ଖାଦ୍ୟ ପ୍ରଦାନ କରିବା ଆମ ରାଜ୍ୟ ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ ବିଷୟ ଏଣୁ ଚାଷୀ ଭାଇ ଭଉଣୀଙ୍କ ସମସ୍ତ ଆବଶ୍ୟକତାକୁ ପୂରଣ କରିବା ପାଇଁ ଆମେ ପ୍ରତିଶ୍ରୁତି ବଦ୍ଧ ।

ପ୍ରତ୍ୟେକ ଗାଁ ହେବ କୃଷି ସଶକ୍ତ ଗାଁ କାରଣ ଆମ ରାଜ୍ୟକୁ ବିକଶିତ କରିବାକୁ ହେଲେ ପ୍ରଥମେ ଆମ ମେରୁଦଣ୍ଡ, ଆମ ଚାଷକୁ ସମୃଦ୍ଧ କରିବାକୁ ପଡିବ ବୋଲି ପଞ୍ଚାୟତିରାଜ ମନ୍ତ୍ରୀ ରବି ନାରାୟଣ ନାୟକ କହିଥିଲେ ।

ଏହି ଅବସରରେ ମୁଖ୍ୟମନ୍ତ୍ରୀ ସମସ୍ତ ସଫଳ ଚାଷୀଙ୍କୁ ପୁରସ୍କୃତ କରିବା ସହିତ ସେମାନଙ୍କୁ ସମସ୍ତ ପ୍ରଯୁକ୍ତି ବିଦ୍ୟା ପ୍ରୟୋଗ କରି ନିଜ ଚାଷ କାର୍ଯ୍ୟକୁ ତ୍ୱରାନ୍ୱିତ କରିବାକୁ ପରାମର୍ଶ ଦେଇଥିଲେ । କାର୍ଯ୍ୟକ୍ରମରେ ବରଗଡ ସାଂସଦ ପ୍ରଦୀପ ପୁରୋହିତ, ଟିଟିଲାଗଡ ବିଧାୟକ, ନବୀନ କୁମାର ଜୈନ, କଣ୍ଟାବାଞ୍ଜି ବିଧାୟକ, ଲକ୍ଷ୍ମଣ ବାଗ, ଉତ୍ତରାଞ୍ଚଳ ରାଜସ୍ୱ କମିଶନର ସଚିନ ରାମଚନ୍ଦ୍ର ଯାଦବ ପ୍ରମୁଖ ମଞ୍ଚାସୀନ ଥିଲେ ।

ଉକ୍ତ କାର୍ଯ୍ୟକ୍ରମରେ ବଲାଙ୍ଗୀରର ସାଂସଦ ସଙ୍ଗୀତା କୁମାରୀ ସିଂହଦେଓ ସ୍ୱାଗତ ଭାଷଣ ଦେଇଥିବା ବେଳେ ଜିଲ୍ଲାପାଳ ଗୌରବ ଶିବାଜୀ ଇଶାଲ୍କର ଧନ୍ୟବାଦ ଦେଇଥିଲେ ।

## ରାଜଧାନୀରେ...

ଉତ୍ତେଜନା ପ୍ରକାଶ ପାଇଥିଲା । ଦୀର୍ଘ ସମୟ ମଦ ଦୋକାନ ଓ ଥାନା ନିକଟରେ ସ୍ଥାନୀୟ ଲୋକେ ହୋହାଲ୍ଲା କରିବାରୁ ଅବକାରୀ ବିଭାଗ ଖବର ପାଇଥିଲା । ପୋଲିସ-ଅବକାରୀ ଟିମ୍ ମଦ ଦୋକାନ ପାଖରେ ପହଞ୍ଚି ବିଭିନ୍ନ ପ୍ରକାର ମଦର ସାମ୍ପଲ ସଂଗ୍ରହ କରିବା ପରେ ଦୋକାନକୁ ସିଲ୍ କରିଛନ୍ତି । ବିଦେଶୀ ମଦ ଦୋକାନ ମଦରୁ ସାମ୍ପଲ ସଂଗ୍ରହ ହେବା ସମ୍ପର୍କରେ ଅବକାରୀ ଅଫିସରଙ୍କୁ ପଚାରିବାରୁ ସେ କହିଥିଲେ ଯେ, ଅପମିଶ୍ରିତ ମଦ ଏହି ଦୋକାନରେ ବିକ୍ରି ହେଉଥିବା ଅଭିଯୋଗ ହେଉଥିବାରୁ ପରୀକ୍ଷା ପାଇଁ ସାମ୍ପଲ ସଂଗ୍ରହ କରାଯାଇଛି । ଦୁଇଜଣଙ୍କ ମୃତ୍ୟୁ ହେବା ପରେ ବେସରକାରୀ ହସ୍ପିଟାଲ ଡାକ୍ତରଙ୍କ କହିବାନୁଯାୟୀ ପାନୀୟ ପାଇଁ ଦୁଇଜଣଙ୍କ ମୃତ୍ୟୁ ହେଲା ଓ ଅନ୍ୟ ତିନିଜଣ ଗୁରୁତର ଅବସ୍ଥାରେ ଅଛନ୍ତି । ବ୍ୟବଚ୍ଛେଦ ରିପୋର୍ଟ ମିଳିଲେ ମୃତ୍ୟୁର କାରଣ ସ୍ପଷ୍ଟ ହେବ ବୋଲି ପୋଲିସ କହିଛି । ସ୍ଥାନୀୟ ଲୋକଙ୍କ ଅଭିଯୋଗ ଭୋଜିର ଖାଦ୍ୟ ପାଇଁ ଏମାନେ ଅସୁସ୍ଥ ହୋଇନଥିଲେ । ଅପମିଶ୍ରିତ ମଦ ପିଇଥିବାରୁ ଭୋଜି କରୁଥିବା ୫ଜଣ ଗୁରୁତର ଭାବେ ଅସୁସ୍ଥ ହୋଇଥିଲେ । ସେମାନଙ୍କ ମଧ୍ୟରୁ ଆଗରୁ ଦୁଇଜଣଙ୍କ ମୃତ୍ୟୁ ହେଲା ।

କିଛିଦିନ ପୂର୍ବରୁ ବରମୁଣ୍ଡା ଅଞ୍ଚଳର ଏକ ମଦ ଦୋକାନରେ ଅପମିଶ୍ରିତ ମଦ ପ୍ରସ୍ତୁତ ହେଉଥିବା ଖବର ପାଇ ଅବକାରୀ ଚଢାଉ କରିବା ସହ ସ୍ଟକ୍‌ରେ ଥିବା ମଦକୁ ଜବତ କରିବା ପରେ ମଦ ଦୋକାନକୁ ସିଲ୍ କରାଯାଇଥିଲା । ସେହିପରି ଲକ୍ଷ୍ମୀସାଗର ଅଞ୍ଚଳର ଏହି ନିର୍ଦ୍ଦିଷ୍ଟ ମଦ ଦୋକାନ ଅପମିଶ୍ରିତ ମଦ ବିକୁଥିବା ଅଭିଯୋଗ ହେବା ଓ ଦୁଇଜଣଙ୍କ ମୃତ୍ୟୁ ହେବାକୁ ନେଇ ମଦ ଦୋକାନ ସିଲ୍ କରାଯାଇଛି । ଅବକାରୀ ଅଫିସରଙ୍କ କହିବା କଥା ଯେଉଁ ସାମ୍ପଲ ସଂଗ୍ରହ କରାଯାଇଛି, ତାହା ପରୀକ୍ଷା ପରେ ଦୋକାନୀ ଉପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ । ଦୁଇ ତିନିଦିନ ତଳେ ରାଜଧାନୀ ଉପକଣ୍ଠ ବାଲିପାଟଣା ବନମାଳୀପୁର ଅଞ୍ଚଳରେ ଥିବା ଏକ ଦେଶୀ ମଦ ଦୋକାନରୁ ମଦ ପିଇବା ପରେ ଜଣଙ୍କ ମୃତ୍ୟୁ ହୋଇଥିବା ଅଭିଯୋଗ ହୋଇଥିଲା । ସେଥିପାଇଁ ସ୍ଥାନୀୟ ଲୋକେ ବିକ୍ଷୋଭ, ଧାରଣା କରିବା ଫଳରେ ସେହି ସରକାରୀ ଦେଶୀ ମଦଭାଟିକୁ ବନ୍ଦ କରାଯାଇଛି । ସେଠିକାର ଆନ୍ଦୋଳନକାରୀମାନେ ଅପମିଶ୍ରିତ ମଦ ଦୋକାନୀଙ୍କୁ ଗିରଫ କରାଯାଉ । ରାଜଧାନୀ ଉପରେ ଦେଶୀ ମଦ ପିଇ ମୃତ୍ୟୁ ହେବା ଘଟଣାକୁ ନେଇ ଜୋର୍ ଚର୍ଚ୍ଚା ହେଉଛି । ମଦ ସେବନ କରୁଥିବା ଲୋକଙ୍କ କହିବା କଥା, ଅତ୍ୟଧିକ ମଦ ପିଇଲେ ଅସୁସ୍ଥ ହୋଇପାରନ୍ତି, ମୃତ୍ୟୁ ହେବନାହିଁ । ଅପମିଶ୍ରିତ ମଦ ପିଇଥିବାରୁ ବିଜୟ ଓ ସନ୍ତୋଷଙ୍କ ମୃତ୍ୟୁ ହୋଇଛି । ଅନ୍ୟ ତିନିଜଣ ଚିକିତ୍ସିତ ହେଉଛନ୍ତି । ଅପମିଶ୍ରିତ ମଦ ବିକିବା ପ୍ରମାଣ ମିଳିଲେ ଦୋକାନୀ ଉପରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ପାଇଁ ଆନ୍ଦୋଳନକାରୀମାନେ ଦାବି କରିଛନ୍ତି ।

## ଡିପିଜିଙ୍କୁ...

ପୀଡିତାଙ୍କୁ ଠିକ୍ ସମୟରେ ନ୍ୟାୟ ଦିଆଯାଉ । ମାଗଣା ଚିକିତ୍ସା ଓ ମାନସିକ ସହଯୋଗ କରାଯାଉ । ଆଗାମୀ ୩ ଦିନ ଭିତରେ କାର୍ଯ୍ୟାନୁଷ୍ଠାନର ରିପୋର୍ଟ ଦାଖଲ କରିବାକୁ ନିର୍ଦ୍ଦେଶ ଦିଆଯାଇଛି । ଗୋପାଳପୁର ଘଟଣାର ତଦନ୍ତ ଭାର କ୍ରାଇମବ୍ରାଞ୍ଚକୁ ଅର୍ପଣ କରାଯାଇଛି । ଡିଜିପି ୱାଇବି ଖୁରାନିଆ ଏନେଇ ନିର୍ଦ୍ଦେଶ ଦେଇଛନ୍ତି । ଏହି ମାମଲାକୁ ରେଡଫ୍ଲାଗ୍ ଭାବେ ବିଚାର କରାଯାଇ ଏହାର ତଦନ୍ତ ସିଏଡବ୍ଲ୍ୟ ଓ ସିଡବ୍ଲ୍ୟ ଭ ଆଇଜି ସାୟନୀ ଏସ୍‌ଙ୍କ ତତ୍ତ୍ୱାବଧାନରେ କରାଯିବ ବୋଲି ନିର୍ଦ୍ଦେଶ ଦେଇଛନ୍ତି ।

ଅନ୍ୟପଟେ ଏହି ଘଟଣାରେ ଗୋପାଳପୁର ପୋଲିସ ରହସ୍ୟ ଖୋଲିଛି । ଏଥିରେ ସମ୍ପୃକ୍ତ ଥିବା ୧୦ ଜଣ ଅଭିଯୁକ୍ତଙ୍କୁ ବାନ୍ଧିଛି । ସେମାନଙ୍କ ମଧ୍ୟରେ ୪ଜଣ ନାବାଳକ ରହିଛନ୍ତି । ତଦନ୍ତ ପରେ ଏହି ୧୦ ଜଣିଆ ଗ୍ୟାଙ୍ଗରେ ତିନିଜଣ ସମ୍ପୃକ୍ତ ଯୁବତୀଙ୍କୁ ବଳାତ୍କାର କରିଥିବା ପୋଲିସ ସ୍ପଷ୍ଟ କରିଛି । ସେମାନେ ହେଲେ ପୁରୁଷୋତ୍ତମପୁର ଥାନା ଅନ୍ତର୍ଗତ ହୁଣ୍ଡତ ଗ୍ରାମର ପ୍ରମୋଦ ନାୟକ(୨୩), ହିଂଜିଳିକାଟୁ ଥାନା ଅନ୍ତର୍ଗତ ବୁରୁପଡା ଗ୍ରାମର ବାବୁରାମ ଦଳାଇ(୧୯) ଓ ଲକ୍ଷ୍ମଣ ପ୍ରଦାନ (୨୪) । ଅନ୍ୟ ୭ ଜଣ ପିଡ଼ିତାଙ୍କ ପୁରୁଷବନ୍ଧୁଙ୍କ ମାଡ଼ ମାରି କାବୁ କରିଥିବା ବେଳେ ବଳାତ୍କାର ବେଳେ ତାଙ୍କ ସହଯୋଗୀଙ୍କୁ ସହାୟତା ଦେଇଥିଲେ । ଉକ୍ତ ତିନି ବଳାତ୍କାରୀ ଦୀର୍ଘ ଘଣ୍ଟା ଧରି ଯୁବତୀଙ୍କୁ ତାଙ୍କ ପୁରୁଷ ବନ୍ଧୁ ସମ୍ମୁଖରେ ଜଣକ ପରେ ଜଣେ ବଳାତ୍କାର କରିଥିଲେ । ସେହିପରି ବଳାତ୍କାରର ଭିଡିଓ କରି ସେଠାରେ ତାଙ୍କୁ ଭିଡିଓ ଭାଇରଲର ଭୟ ଦେଖାଇ ଟଙ୍କା ଦାବି କରିଥିଲେ । ପିଡ଼ିତାଙ୍କ ପୁରୁଷ ବନ୍ଧୁ ଠାରୁ ନଗଦ ୧ହଜାର ଟଙ୍କା ନେବା ସହ ଫୋନ-ପେ ଜରିଆରେ ୩୦୦ ଟଙ୍କା ନେଇ ସେଠାରୁ ଚମ୍ପଟ ମାରିଥିଲେ ବୋଲି ଗୋପାଳପୁର ଥାନାରେ ଆୟୋଜିତ ଖବରଦାତା ସମ୍ମିଳନୀରେ ବ୍ରହ୍ମପୁର ଏସପି ଡା. ସର୍ବଣା ବିବେକ ଏମ ସୂଚନା ଦେଇଛନ୍ତି । ଘଟଣାର ତଦନ୍ତ ପାଇଁ ଇଣ୍ଟିଗ୍ରେଟେଡ଼ୟୁନାଇଟେଡ଼ ଫର ଚାଇଲ୍ଡ ଆଣ୍ଡ ଓମେନ (ଆଇୟୁସିଏଡବ୍ଲ୍ୟୁ) ଡ଼ିଏସପି ଅକ୍ଷୟ କୁମାର ପଣ୍ଡା ଦାଇତ୍ୱ ଦିଆଯାଇଥିବା ବେଳେ ତାଙ୍କୁ ଡ଼ିଏସପି ଅଲମା ଲାକ୍ରା ସହଯୋଗ କରୁଛନ୍ତି ବୋଲି ଏସ୍‌ପି କହିଛନ୍ତି । ପୋଲିସ ଅଭିଯୁକ୍ତଙ୍କ ନିକଟରୁ ୭ଗୋଟି ମୋବାଇଲ ଦୁଇଟି ବାଇକ୍ ଜବତ କରିଛି । ଗିରଫ ୬ ଜଣ ଅଭିଯୁକ୍ତ ହେଲେ ପ୍ରମୋଦ ନାୟକ, ବାବୁରାମ ଦଳାଇ, ଲକ୍ଷଣ ପ୍ରଧାନ, କୁନାଲ ପ୍ରଧାନ, ଓଁ ପ୍ରଧାନ ଓ ଦୀପକ ତରାଇ । ୪ ନାବାଳକ ହିଂଜିଳିକାଟୁ ଥାନା ଅନ୍ତର୍ଗତ ଶିକିରି ଗ୍ରାମର ବୋଲି ପୋଲିସ କହିଛି । ମାମଲା ନଂ ୧୮୬/୨୫ ରେ ୬ଜଣ ଅଭିଯୁକ୍ତଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଥିବା ବେଳେ ୪ ନାବାଳକଙ୍କୁ ଜୁଭେନାଇଲ ଜଷ୍ଟିସ ବୋର୍ଡ଼ (ଜେଜେବି)ରେ ହାଜର କରିଛି । ଉକ୍ତ ବାଳ ଅପରାଧୀଙ୍କ ବୟସ ୧୭ ବର୍ଷ ହୋଇଥିବା ବେଳେ ସେମାନଙ୍କ ସାବାଳକ ଭାବେ ଧରି ନେବାପାଇଁ କୋର୍ଟରେ ଅନୁରୋଧ କରାଯିବ ବୋଲି ଏସପି କହିଛନ୍ତି । ଘଟାଣରୁ ପ୍ରକାଶଯେ, ଯୁକ୍ତ ତିନି ଶେଷବର୍ଷର ଛାତ୍ରୀ ତାଙ୍କ ପୁରୁଷ ବନ୍ଧୁଙ୍କ ସହ ଗତ ୧୫ ତାରିଖ ଅପରାହ୍ଣରେ ଗୋପାଳପୁର ବେଳାଭୂମି ବୁଲିବାକୁ ଆସିଥିଲେ । ସନ୍ଧ୍ୟାରେ ସେମାନେ ବେଳାଭୂମିର କିଛି ଦୂରରେ ଥିବା ଏକ ନିରୋଳା ସ୍ଥାନରେ ବସିଥିଲେ । ପ୍ରାୟ ସନ୍ଧ୍ୟା ୭ଟା'ରେ ୧୦ ଜଣ ଯୁବକ ସେଠାରେ ପହଞ୍ଚି ଉଭୟ ଯୁବତୀ ଓ ତାଙ୍କ ବନ୍ଧୁଙ୍କ ତଣ୍ଟି ଚିପି କିଛି ଦୂରକୁ ନେଇଥିଲେ । ପୁରୁଷ ବନ୍ଧୁ ଏହାର ପ୍ରତିବାଦ କରିବାରୁ ତାଙ୍କୁ ମାଡ ମାରିବା ସହ ଉଭୟଙ୍କୁ ଭୟଭୀତ କରିଥିଲେ । ସେଠାରେ ଉକ୍ତ ଯୁବତୀଙ୍କୁ ତିନି ଜଣ ଯୁବକ ଗଣ ବଳାତ୍କାର କରିଥିଲେ । ରାତ୍ର ୧୦ଟା'ରେ ସେମାନଙ୍କୁ ସେଠାରୁ ଛାଡିଥିଲେ । ପରେ ପିଡ଼ିତା ଓ ତାଙ୍କ ବନ୍ଧୁ ଗୋପାଳପୁର ଥାନାକୁ ଆସି ଏନେଇ ଅଭିଯୋଗ କରିଥିଲେ ।

## ଦୃଷ୍ଟାନ୍ତମୂଳକ...

କୌଣସି ଅପରାଧୀଙ୍କୁ ଛଡା ଯିବ ନାହିଁ। ଆଇନ ଅନୁମୋଦିତ ସବୁଠାରୁ କଠୋର ଦଣ୍ଡବିଧାନ କରାଯିବ।

ଏ ଘଟଣାରେ ମୁଖ୍ୟମନ୍ତ୍ରୀ ପୋଲିସକୁ ସମସ୍ତ ସନ୍ଦିଗ୍ଧ ଅପରାଧୀମାନଙ୍କୁ ତୁରନ୍ତ ଗିରଫ କରିବା ପାଇଁ ନିର୍ଦ୍ଦେଶ ଦେଇଥିଲେ। ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶ ପରେ, ସ୍ଥାନୀୟ ପୋଲିସ ୧୦ ଜଣଙ୍କୁ ଗିରଫ କରିଛି। ଏ ଘଟଣାରେ ପ୍ରତ୍ୟକ୍ଷ ବା ପରୋକ୍ଷ ଭାବରେ ସମ୍ପୃକ୍ତ ଥିବା ସମସ୍ତ ଅପରାଧୀଙ୍କୁ ଧରାଯାଇ ଆଇନ ଅନୁଯାୟୀ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।

## ଲଘୁଚାପ...

ଜାରି ହୋଇଛି । ଏହା ସହ ଝାରସୁଗୁଡା, ଦେବଗଡ, ଢେଙ୍କାନାଳ, ଅନୁଗୁଳ, ବରଗଡ, ସୋନପୁର ଓ ବୌଦ୍ଧ ଜିଲ୍ଲାରେ ପ୍ରବଳ ବର୍ଷା ହୋଇଛି । ୧୯ ରେ ସୁନ୍ଦରଗଡ, ଝାରସୁଗୁଡା ଓ ସମ୍ବଲପୁର ଜିଲ୍ଲାର ସ୍ଥାନେ ଦୁଇ ସ୍ଥାନେ ପ୍ରବଳରୁ ଅତି ପ୍ରବଳ ବର୍ଷା ହେବାକୁ ଥିବା ବେଳେ ବରଗଡ, ସୋନପୁର, ଦେବଗଡ, କେନ୍ଦୁଝର, ମୟୂରଭଞ୍ଜ, ଢେଙ୍କାନାଳ, ଅନୁଗୁଳ ଓ ବୌଦ୍ଧ ଜିଲ୍ଲାକୁ ପ୍ରବଳ ବର୍ଷା ନେଇ ୟେଲୋ ୱାର୍ଣ୍ଣିଂ ଜାରି କରାଯାଇଛି । ତେବେ ଲଘୁଚାପ ୨୦ ତାରିଖ ବେଳକୁ ଦୁର୍ବଳ ହୋଇଯିବ । ମୌସୁମୀ ପ୍ରଭାବରେ ରାଜ୍ୟରେ ସ୍ୱଳ୍ପରୁ ମଧ୍ୟମ ଧରଣର ବର୍ଷା ଲାଗି ରହିବ ।

## ଏୟାର ଇଣ୍ଡିଆ...

କରାଯାଇଛି । କେଉଁ ନିର୍ଦ୍ଦିଷ୍ଟ କାରଣ ପା ଇଁ ବିମାନ ବାତିଲ ହୋଇଥିଲା ତାହା ସ୍ପଷ୍ଟ କରାଯାଇ ନାହିଁ । ଏୟାର ଇଣ୍ଡିଆ ପକ୍ଷରୁ ଏନେଇ ଯାତ୍ରୀମାନଙ୍କ ନିକଟରେ ଦୁଃଖ ପ୍ରକାଶ କରାଯିବା ସହ ସେମାନଙ୍କ ଗନ୍ତବ୍ୟ ସ୍ଥଳରେ ପହଞ୍ଚାଇବା ପାଇଁ ବିକଳ୍ପ ବ୍ୟବସ୍ଥା କରାଯିବ ବୋଲି ସୂଚନା ଦିଆଯାଇଛି ।

# ଅଭୟ ସାହୁ ହେଲେ ଓଡ଼ିଶା କିଷାନ କଂଗ୍ରେସ ଅଧ୍ୟକ୍ଷ

ଭୁବନେଶ୍ୱର,(ସବ୍ୟୁ): ଓଡ଼ିଶା କିଷାନ କଂଗ୍ରେସର ଅଧ୍ୟକ୍ଷ ଭାବେ ଅଭୟ ସାହୁଙ୍କୁ ନିଯୁକ୍ତି ମିଳିଛି । ଭାରତୀୟ ଜାତୀୟ କଂଗ୍ରେସ ସଭାପତି ଶ୍ରୀ ସାହୁଙ୍କୁ ଏହି ନୂତନ ନିଯୁକ୍ତି ଦେଇଥିବା ଜାତୀୟ କଂଗ୍ରେସ ସାଧାରଣ ସମ୍ପାଦକ କେ.ସି ବେଣୁଗୋପାଳ ଏକ ପ୍ରେସ ବିjପ୍ତିରେ ଜଣାଇଛନ୍ତି ।

# ରନ୍ଧା ମଦ ସହ ଜଣେ ମହିଳା ମଦ ବିକ୍ରେତା ଗିରଫ

ପଦ୍ମପୁର,(ସବ୍ୟୁ): ପଦ୍ମପୁର ଅବକାରୀ ଥାନା ଇନ୍ସପେକଫର ପଦ୍ମପୁର ଅଂଚଳରେ ଚୋରା ମଦ ଚାଲାଣ ରୋକିବା ପାଇଁ ବିଭିନ୍ନ ସମୟରେ ଚଢାଉ କରୁଛନ୍ତି । ରନ୍ଧାମଦ ବିକ୍ରି କରୁଥିବା ବିଶ୍ୱସ୍ତ ସୂତ୍ରରୁ ଖବର ପାଇଁ ପଦ୍ମପୁର ଅବକାରୀ ଥାନା ଇନ୍ସପେକଫର ସମରଜିତ ଦାଶଙ୍କ ନିର୍ଦ୍ଦେଶକ୍ରମେ ପଦ୍ମପୁର ଅବକାରୀ ଥାନା ଅଧିକାରୀ ଲକ୍ଷ୍ମୀଧର ମାଝୀଙ୍କ ନେତୃତ୍ୱରେ ଗୋଟିଏ ଟିମ ଗାଇସିଲାଟ ଥାନା ରାଇସଲପଦର ଗାଁ ରେ ଚଢାଉ କରିଥିଲେ । ଚଢାଉରେ ରାଇସଲପଦର ଗାଁ ର ରିଙ୍କି ସାହୁଙ୍କ ଠାରୁ ୭୦ ଲିଟର ରନ୍ଧାମଦ ଜବତ କରିଥିଲେ । ଏ ସଂକ୍ରାନ୍ତରେ ପଦ୍ମପୁର ଅବକାରୀ ଥାନାରେ ଏକ ମାମଲା ରୁଜୁ କରି ରିଙ୍କି ସାହୁଙ୍କୁ କୋର୍ଟ ଚାଲାଣ କରାଯାଇଥିବା ପଦ୍ମପୁର ଅବକାରୀ ଥାନା ଇନ୍ସପେକଫର ସମରଜିତ ଦାଶ ସୂଚନା ଦେଇଛନ୍ତି ।

# ଟ୍ରକ ଧକ୍କାରେ ବୃଦ୍ଧ ମୃତ

ଜୁନାଗଡ଼/ଭବାନୀପାଟଣା (ସବ୍ୟୁ) : କଳାହାଣ୍ଡି ଜିଲ୍ଲା ଜୁନାଗଡ଼ ଥାନା ଜୁନାଗଡ଼ ସହର ରେଳ ଷ୍ଟେସନ ଛକ ନିକଟରେ ଟ୍ରକ ଧMାରେ ବାଇକ ଆରୋହୀ ଗୁରୁତର ହୋଇଥିବା ବେଳେ ଜଣେ ବୃଦ୍ଧଙ୍କ ଘଟଣାସ୍ଥଳରେ ଶୋଚନୀୟ ମୃତ୍ୟୁ ହୋଇଛି । ବଳଦିଆମାଳ ରାସ୍ତାରୁ ଭବାନୀପାଟଣା ଯାଉଥିବା ଟ୍ରକ ଟି ରାସ୍ତାରେ ଯାଉଥିବା ବାଇକ ଆରୋହୀ ବୃଦ୍ଧ ଓ ଅଟୋ ଚାଳକଙ୍କୁ ସାମ୍ନା ପଟରୁ ଧMା ଦେଇଥିଲା । ଘଟଣା ସ୍ଥଳରେ ବାଇକ ଆରୋହୀ ବୃଦ୍ଧଙ୍କ ମୃତ୍ୟୁ ହୋଇଥିବା ବେଳେ ଅଟୋ ଚାଳକ ଗୁରୁତର ହୋଇଥିଲେ । ଅଟୋ ଚାଳକଙ୍କୁ ସ୍ଥାନୀୟ ଲୋକେ ଉଦ୍ଧାର କରି ଜୁନାଗଡ଼ ହସ୍ପିଟାଲକୁ ନେଇଥିଲେ । ମୃତ ବୃଦ୍ଧ ଓ ଗୁରୁତର ଅଟୋ ଚାଳକଙ୍କ ପରିଚୟ ସ୍ପଷ୍ଟ ହୋଇନାହିଁ । ଘଟଣା ଘଟାଇଥିବା ଟ୍ରକ ଚାଳକ ଟ୍ରକ ଛାଡି ଚମ୍ପଟ ମାରିଥିବା ସୂଚନା ମିଳିଛି । ଜୁନାଗଡ଼ ପୁଲିସ ଘଟଣାର ତଦନ୍ତ ଜାରି ରଖିଛି ।

# ଆଇଏଏସ ଧୀମାନ ଚକମାଙ୍କ ଜାମିନ ନାମଞ୍ଜୁର

ଭବାନୀପାଟଣା,(ସବ୍ୟୁ): କଳାହାଣ୍ଡି ଜିଲ୍ଲା ଧର୍ମଗଡ଼ ଉପଜିଲ୍ଲାପାଳ ଧୀମାନ ଚକମା,(୨୦୨୧ ବ୍ୟାଚ୍ ଆଇଏଏସ୍ ) ଜଣେ କ୍ରସର ବ୍ୟବସାୟୀଙ୍କଠାରୁ ୧୦ ଲକ୍ଷ ଟଙ୍କା ଲାଞ୍ଚ ଗ୍ରହଣ କରିବା ସମୟରେ ଧରାପଡ଼ିଥିଲେ । ଏହା ସହିତ ତଦନ୍ତ ବେଳେ ତାଙ୍କ ଘରୁ ୪୭ଲକ୍ଷ ଟଙ୍କା ଜବତ କରିଥିଲା ଭିଜିଲାନ୍ସ । ପରେ ଆଇଏଏସ ଅଧିକାରୀ ଧୀମାନ ଚକମା ଗିରଫ ହୋଇ କୋର୍ଟରେ ହାଜର ହୋଇଥିଲେ । ପରେ ଜାମିନ ନାମଞ୍ଜୁର ହେବାରୁ ତାଙ୍କୁ ଲାଞ୍ଚ ନେବା ଅଭିଯୋଗରେ ଗିରଫ ହୋଇ ଭବାନୀପାଟଣା ଜେଲରେ ରଖାଯାଇଛି । ମଙ୍ଗଳବାର ପୁଣି ଥରେ ଭବାନୀପାଟଣା ଭିଜିଲାନ୍ସ କୋର୍ଟରେ ତାଙ୍କର ଜାମିନ ନାମଞ୍ଜୁର ହେବା ଘଟଣା ସାଧାରଣରେ ଚର୍ଚ୍ଚାର ବିଷୟ ହୋଇଛି । ମଙ୍ଗଳବାର ତାଙ୍କ ଓକିଲ ଭବାନୀପାଟଣା ସ୍ୱତନ୍ତ୍ର ଭିଜିଲାନ୍ସ କୋର୍ଟ ରେ ଜାମିନ ଆବେଦନ କରିଥିଲେ । ସ୍ୱତନ୍ତ୍ର ଭିଜିଲାନ୍ସ କୋର୍ଟ ଜଜ ବଦ୍ରୀ ନାରାୟଣ ନନ୍ଦ ଜାମିନ ଆବେଦନ ଶୁଣାଣି କରି ନାମଞ୍ଜୁର କରିଥିଲେ । ବୁଧବାର ହାଇକୋର୍ଟରେ ତାଙ୍କର ଜାମିନ ଆବେଦନ କରାଯିବ ବୋଲି ତାଙ୍କ ଓକିଲ ସୂତ୍ରରୁ ସୂଚନା ମିଳିଛି ।

**AFFIDAVIT**

I Anupama Pradhan W/o Durga Charan Pradhan resident of Flat No-112, Ganga Nagar, Unit-6, Brundaban Plaza, Infront of Durga Mandap,PO-GPO,PS-Capital, Bhubaneswar, Dist-Khurda, Odisha,Pin-751001, Declare by this Affidavit No-24244,Date-12/06/2025, that now onwards I shall be known as ANUPAMA PATSANI for all Future purposes .

**AFFIDAVIT**

I, Debashish Sahoo S/o- Late Rama Chandra Sahoo, resident of N5/371 I.R.C Village Nayapalli, Bhubaneswar, Po/Ps-Nayapalli, Dist- Khordha, Pin-751015 Odisha declare by this affidavit No.- 109 dtd-17/06/2025 that now onwards I shall be known as **DEBASHISHA SAHOO** for all future purposes.

**AFFIDAVIT**

BY VIRTUE OF AN AFFIDAVIT SWORN IN THE COURT OF EXECUTIVE MAGISTRATE CUM TAHASILDAR TIHIDI NO-3067/Dt. 22.07.2024. I GANESH DAS, S/O-JOGENDRA DAS CHANGED MY NAME FROM GANESH DAS TO SRIKANTA DAS. HENCEFORTH I WILL BE KNOWN AS SRIKANTA DAS ALL PURPOSES.

**AFFIDAVIT**

By virtue of an affidavit sworn before the Executive Magistrate Bhuban on dated. 1409/ 13.06.2025. I Mrs. Sakuntala Hembram, W/o- Santosh Kumar Hembram. Address : Maluagoda, Po. Baruan(B), PS-Bhuban, Dist-Dhenkanal have changed my name from Sakuntala Hrmbram to "Sakuntala Hembram". Henceforth I shall be known as "Sakuntala Hembram" for all purpose.

Sd/- Sakuntala Hembram

**କଟକ ଉନ୍ନୟନ କର୍ତ୍ତୃପକ୍ଷ**
ଅରୁଣୋଦୟ ଭବନ, ଲିଙ୍କ୍ ରୋଡ୍, କଟକ-୧୨

CAD- 778

**ସୂଚନା**

ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଛି କି, ଅଭିନବ ବିଡାନାସୀ, କଟକ (ମର୍କତ ନଗର) ସେକ୍ଟର-୧ରେ ପ୍ଲଟ ନଂ-1-Com-11/1(P)ଟିକୁ ନିବେଦିତା ପ୍ରଧାନ, ପିତା-ସ୍ୱର୍ଗତ ନୃସିଂହ ଚରଣ ପ୍ରଧାନ, ସା-ମହତାବ ନଗର, ପୋ- ବକ୍ସି ବଜାର, ଥା-ବାଦାମବାଡି, ଜିଲ୍ଲା-କଟକଙ୍କୁ ଆବଣ୍ଟନ କରାଯାଇଥିଲା । ଆବଣ୍ଟନଗ୍ରାହୀ ନିବେଦିତା ପ୍ରଧାନ ମୃତ୍ୟୁ ପରେ ତାଙ୍କର ନ୍ୟାୟିକ ଉତ୍ତରାଧିକାରୀ ଭାଇ ଶ୍ରୀ ସତ୍ୟ ରଞ୍ଜନ ପ୍ରଧାନ, ପିତା-ନୃସିଂହ ଚରଣ ପ୍ରଧାନ, ସା-ଶ୍ରୀ ରାମ ନଗର, ପୁରୀ ବସ ଷ୍ଟାଣ୍ଡ ପାଖ, ପାଲାମଣ୍ଡପ, ବାଦାମବାଡି, କଟକ ସଦର, ଅରୁଣୋଦୟ ମାର୍କେଟ, ଜିଲ୍ଲା-କଟକ ଉକ୍ତ ପ୍ଲଟ ସହିତ ଗୃହଟିକୁ ଉତ୍ତରାଧିକାରୀ ସୂତ୍ରରେ ନିଜ ନାମରେ ମାଲିକାନା ପରିବର୍ତ୍ତନ କରିବା ପାଇଁ କଟକ ଉନ୍ନୟନ କର୍ତ୍ତୃପକ୍ଷଙ୍କୁ ଆବେଦନ କରିଅଛନ୍ତି ।

ଉକ୍ତ ପ୍ଲଟ ସହିତ ଗୃହର ମାଲିକାନା ପରିବର୍ତ୍ତନ ସମ୍ବନ୍ଧରେ ଯଦି କାହାର କିଛି ଦାବି କିମ୍ବା ଆପତ୍ତି ଥାଏ ତାହା ହେଲେ ଏହି ନୋଟିସ୍ ପ୍ରକାଶନର ପନ୍ଦର (୧୫) ଦିନ ମଧ୍ୟରେ ନିମ୍ନ ସ୍ୱାକ୍ଷରକାରୀଙ୍କୁ ଲିଖିତ ଭାବେ ଜଣାଇବେ । ତତ୍ପରେ ଏ ସମ୍ବନ୍ଧରେ କୌଣସି ଆପତ୍ତି ଅଭିଯୋଗ ଶୁଣାଯିବ ନାହିଁ ଏବଂ ପ୍ଲଟର ମାଲିକାନା ପରିବର୍ତ୍ତନ ଆଇନ ଅନୁଯାୟୀ କରାଯିବ ।

OIPR : 13037/11/0294/2526

ସ୍ୱା/- ଭାରପ୍ରାପ୍ତ ଅଧିକାରୀ (ଇଷ୍ଟେଟ)

**GOVERNMENT OF ODISHA**
**OFFICE OF THE PANCHAYAT SAMITI, BALANGIR**
Email - ori-bbolangir@nic.in

I-159

**Identification No. 02/2025-26/BALANGIR BLOCK**

1. The BDO Bolangir BLOCK, Bolangir on behalf of the Government of Odisha invites percentate rate bid in **Single** cover system in ONLINE MODE for construction of building work detailed in the table below from eligible contractors.
2. Nature of work : Building work
3. No of tender : 06 Nos. Building Work
4. Tender Cost : Rs. 6,000/- (Tender paper cost)
5. Class of Contractor : "B" and "C" (Registered With CDMS)
6. Date & Time of sale & Receipt of Bids : From Dt. 18.06.2025, 10. 00 A.M. to Dt. 08.07.2025 up to 5.30 P.M.
7. Date of Opening Bid : Dt. 09.07.2025 at 11.00 A.M.
8. The bidders have to participate in ONLINE bidding only. Further details can be seen from the website **http://tendersodisha.gov.in.**

OIPR : 19128/11/0004/2526

Sd/- B.D.O. Bolangir Block

**DISTRICT PROJECT MANAGEMENT UNIT**
**PRADHAN MANTRI POSHAN SHAKTI NIRMAN (PM POSHAN)**
**DISTRICT EDUCATION OFFICE, JAJPUR**
Email- deojajpurtown13@gmail.com, dnojajpurmdm@gmail.com
NO. 153 /DPMU/DATE: 13.06.2025

**TENDER CALL NOTICE FOR APPOINTMENT OF TRANSPORTING AGENT FOR TRANSPORTATION OF FOODSTUFF UNDER PM POSHAN & MM POSHAN YOJANA**

**n-73 :** Sealed tenders in the prescribed form are invited from the intending firms/individuals/Companies/Corporations/Transporting Agencies having valid Transporting agent license under Odisha motor vehicles (licensing of agent) rules, 1990 for transportation of foodstuff (Rice) under PM POSHAN & MM POSHAN YOJANA of School & Mass Education Deptt. in Jajpur District during the year 2024-25. The tender papers along with details of terms and conditions of tender EMD, Capability Certificate and Statutory Requirements can be obtained by downloading from the District Website i.e. https://jajpur.odisha.gov.in. The cost of tender paper is Rs.10,500/-(Rupees Ten Thousand Five Hundred) only which is non-refundable and should be submitted with the tender form in shape of Demand draft made in favour of DISTRICT EDUCATION OFFICER DPMU MDM JAJPUR payable at Punjab National Bank, Jajpur Town Branch. The tender paper complete in all respect alongwith other required documents may be sent in sealed cover superscripted as "SEALED TENDER FOR UNDERTAKING TRANSPORTATION WORK OF FOODGRAINS(RICE) UNDER PM POSHAN & MM POSHAN YOJANA" addressed to the "District Education Officer, Jajpur, District Project Management Unit (MDM), District Education Office, Jajpur, by Registered post /Speed Post only so as to reach before 5 P.M. of 25.06.2025. The tender shall be opened at 11 A.M on 26.06.2025 by the Collector, Jajpur or by any officer authorized by him in presence of tenderers or their authorized representatives and tender committee members. The undersigned reserves the right to reject/ cancel any or all the tenders without assigning any reason thereof.

OIPR : 27021/11/0001/2526

Sd/- Collector & District Magistrate, Jajpur

**SBI ଭାରତୀୟ ଷ୍ଟେଟ୍ ବ୍ୟାଙ୍କ**
ଏସିବି ଜଗତସିଂହପୁର, ଜିଲ୍ଲା: ଜଗତସିଂହପୁର, ପିନ୍-୭୫୪୧୦୩
ଫୋନ୍ ନଂ.: ୯୪୩୭୦୬୪୭୧୬, ଇ-ମେଲ: sbi.03943@sbi.co.in

**ଇ-ନିଲାମ/ ବିକ୍ରୟ ବିଜ୍ଞପ୍ତି**

ନିମ୍ନ ସ୍ୱାକ୍ଷରକାରୀ ଭାରତୀୟ ଷ୍ଟେଟ୍ ବ୍ୟାଙ୍କର କ୍ଷମତାପ୍ରାପ୍ତ ଅଧିକାରୀ ନିମ୍ନଲିଖିତ ଗାଡିଗୁଡିକୁ ଦଖଲ ନେଇଛନ୍ତି । ସର୍ବସାଧାରଣଙ୍କୁ ଏତଦ୍ୱାରା ଜଣାଇ ଦିଆଯାଉଛି କି ବ୍ୟାଙ୍କ ଦେୟ ଆଦାୟକରଣ ନିମନ୍ତେ ଅନୁଯାୟୀ ନିମ୍ନଲିଖିତ ବନ୍ଧକପ୍ରାପ୍ତ ଗାଡିଗୁଡିକୁ "ଯେଉଁଠାରେ ଯେପରି ଅଛି ଏବଂ ଯାହା ଯେପରି ଅଛି" ଏବଂ "ସେଠାରେ ଯାହା ଅଛି" ଭିତ୍ତିରେ ଇ-ନିଲାମ ମାଧ୍ୟମରେ ନିମ୍ନପ୍ରଦତ୍ତ ନିୟମ ଓ ସର୍ତ୍ତାବଳୀ ଅନୁସାରେ ବିକ୍ରୟ କରିବା ପାଇଁ ସ୍ଥିର କରିଛନ୍ତି ।

**ଇ-ନିଲାମ ତାରିଖ ଏବଂ ସମୟ: ତା.୨୩.୦୭.୨୦୨୫ରିଖ ପୂର୍ବାହ୍ନ ୧୧.୦୦ ଘଟିକା ରୁ ଅପରାହ୍ନ ୩.୦୦ ଘଟିକା ପର୍ଯ୍ୟନ୍ତ**
**ଗାଡିଗୁଡିକ ତନଖି କରିବାର ତାରିଖ ଓ ସମୟ: ୨୧.୦୬.୨୦୨୫ ପୂର୍ବାହ୍ନ ୧୧.୦୦ ଘଟିକା ରୁ ଅପରାହ୍ନ ୪.୦୦ଘଟିକା**

| କ୍ର. ନଂ. | ଋଣଗ୍ରହୀତା/ଜାମିନ୍‌ଦାରଙ୍କ ନାମ ଏବଂ ଠିକଣା / ଆକାଉଣ୍ଟ ନଂ. | ଗାଡି ଗୁଡ଼ିକର ବିବରଣୀ | ବକେୟା ପରିମାଣ ଯାହାକି ଆଦାୟ ନିମନ୍ତେ ସମ୍ପତ୍ତିର ବିକ୍ରୟ | ସଂରକ୍ଷିତ ମୂଲ୍ୟ / ଅମାନତ ଜମା / ବିଡ୍ ବୃଦ୍ଧି ପରିମାଣ |
|---|---|---|---|---|
| ୧. | ଋଣଗ୍ରହୀତା: ହରେକୃଷ୍ଣ ପାତ୍ର, ପିତା: ଆନନ୍ଦ ପାତ୍ର, ସା: ବଳଦପୁର, ପୁନଙ୍ଗ, ଜଗତସିଂହପୁର / ଆକାଉଣ୍ଟ ନଂ. ୩୮୩୯୫୧୪୯୮୯୧ | Atul Gem Premium 3P BS IV HT 1, Regd. No.: OD-21K-0839, Engine No.: A9A1270229, Chassis No.: MCG27P3DKA1938845, Year of Manufacture- 04.2019 | ୦୧.୦୫.୨୦୨୫ ସୁଦ୍ଧା ଟ.୩,୮୮,୧୮୨.୦୦ + ସେବାବଦ ସୁଧ ଏବଂ ଅନ୍ୟାନ୍ୟ ଖର୍ଚ୍ଚ | ଟ.୩୨,୦୦୦/- <br> ଟ.୩,୨୦୦/- <br> ଟ.୫,୦୦୦/- |
| ୨. | ଋଣଗ୍ରହୀତା: ଦ୍ୱିଜବର ମହାପାତ୍ର, ପିତା: ଗନ୍ଧର୍ବ ମହାପାତ୍ର, ସା: କସରଦା, ପୋ: ନିଆଳି, ଜିଲ୍ଲା: କଟକ / ଆକାଉଣ୍ଟ ନଂ. ୩୯୦୨୧୫୧୯୮୨୦ | Bolero Plus Ambulance Vehicle AC BS4, Regd. No.: OD-05AU-7414, Engine No.: GRK4M61893, Chassis No.: MA1XE2GRKK2M88150, Year of Manufacture- 12.2019 | ୦୧.୦୫.୨୦୨୫ ସୁଦ୍ଧା ୬,୨୧,୮୪୩.୦୦ + ସେବାବଦ ସୁଧ ଏବଂ ଅନ୍ୟାନ୍ୟ ଖର୍ଚ୍ଚ | ଟ.୨,୮୦,୦୦୦/- <br> ଟ.୨୮,୦୦୦/- <br> ଟ.୫,୦୦୦/- |
| ୩. | ଋଣଗ୍ରହୀତା: ଅନ୍ନପୂର୍ଣ୍ଣା ବେହେରା, ସା: ବେରୁଆଁ, ଝିଙ୍କୋଟି, ଜଗତସିଂହପୁର / ଆକାଉଣ୍ଟ ନଂ. ୩୮୪୩୬୬୧୯୪୮୦ | Bolero Plus Ambulance Vehicle AC BS4, Regd. No.: OD-21J-9079, Engine No.: GRK4C79433, Chassis No.: MA1XG2GRKKC91475, Year of Manufacture- 06.2019 | ୦୧.୦୫.୨୦୨୫ ସୁଦ୍ଧା ଟ.୫,୯୯,୦୪୩.୦୦ + ସେବାବଦ ସୁଧ ଏବଂ ଅନ୍ୟାନ୍ୟ ଖର୍ଚ୍ଚ | ଟ.୨,୪୦,୦୦୦/- <br> ଟ.୨୪,୦୦୦/- <br> ଟ.୫,୦୦୦/- |

ବିଡରମାନଙ୍କୁ ପରାମର୍ଶ ଦିଆଯାଉଅଛି କି ସେମାନେ ଅନଲାଇନ୍ ବିଡ୍‌ରେ ଭାଗ ନେବାକୁ ଆମର ଇ-ନିଲାମ ସେବା ପ୍ରଦାନକାରୀ **PSB Alliance Pvt. Ltd.**ର ୱେବସାଇଟ୍ **(https://baanknet.com)** ପରିଦର୍ଶନ କରନ୍ତୁ । ବୈଷୟିକ ସହାୟତା ପାଇଁ ଦୟାକରି ୮୨୯୧୨୨୦୨୨୦ କୁ କଲ କରନ୍ତୁ । ପଞ୍ଜୀକରଣ ସ୍ଥିତି ଏବଂ ଇଏମ୍‌ଡି ସ୍ଥିତି ପାଇଁ **support.BAANKNET@psballiance.com** କୁ ଇମେଲ କରନ୍ତୁ । ଗାଡ଼ିର ବିବରଣୀ ଏବଂ ଗାଡ଼ିର ଫଟୋଗ୍ରାଫ୍ ଏବଂ ନିଲାମ ନିୟମ ଏବଂ ସର୍ତ୍ତାବଳୀ ଗୁଡ଼ିକ ପାଇଁ: **https://baanknet.com** ପରିଦର୍ଶନ କରନ୍ତୁ ଏବଂ ଏହି ପୋର୍ଟାଲ ସମ୍ବନ୍ଧୀୟ ସ୍ପଷ୍ଟୀକରଣ ପାଇଁ **PSB Alliance Pvt. Ltd.**, ଯୋଗାଯୋଗ ନଂ. ୮୨୯୧୨୨୦୨୨୦ ସହିତ ଯୋଗାଯୋଗ କରନ୍ତୁ । **https://baanknet.com** ୱେବସାଇଟରେ ଗାଡ଼ି ଖୋଜିବାବେଳେ ସମ୍ପତ୍ତି ଆଇଡି ନମ୍ବର ବ୍ୟବହାର କରିବାକୁ ବିଡରମାନଙ୍କୁ ପରାମର୍ଶ ଦିଆଯାଉଅଛି । ବ୍ୟାଙ୍କର ଧାର୍ଯ୍ୟ ନିର୍ଦ୍ଦେଶ ଅନୁଯାୟୀ ଜିଏସ୍‌ଟି ପ୍ରଯୁଜ୍ୟ ହେବ ଏବଂ ଏହାକୁ ଗାଡିର କ୍ରେତା ବହନ କରିବେ ।

ନିୟମ ଏବଂ ସର୍ତ୍ତାବଳୀର ସବିଶେଷ ବିବରଣୀ ନିମନ୍ତେ ଭାରତୀୟ ଷ୍ଟେଟ୍ ବ୍ୟାଙ୍କ, ସୁରକ୍ଷିତ ଋଣଦାତାଙ୍କ ୱେବସାଇଟ୍: **https://sbi.co.in, https://bank.sbi/web/sbi-in-the-news/auction-notices/sarfaesi-and-others, https://baanknet.com**

ଗାଡିଗୁଡିକର ପାର୍କିଂ ସ୍ଥାନ: ସା/ପୋ: ରେକୁଆ, ରେକୁଆ କଲେଜ ନିକଟ, ଭାୟା: ନଳିବର, ଜଗତସିଂହପୁର

ଗାଡ଼ି ସମ୍ବନ୍ଧୀୟ ଅନୁସନ୍ଧାନ ନିମନ୍ତେ ଯୋଗାଯୋଗ କରନ୍ତୁ: ମୋ. ୯୪୩୭୦୬୪୭୧୬

ତାରିଖ : ୧୭.୦୬.୨୦୨୫, ସ୍ଥାନ : ଜଗତସିଂହପୁର

ସ୍ୱା/- କ୍ଷମତାପ୍ରାପ୍ତ ଅଧିକାରୀ, ଭାରତୀୟ ଷ୍ଟେଟ୍ ବ୍ୟାଙ୍କ

# ଶ୍ରୀକ୍ଷେତ୍ରରୁ ଆରମ୍ଭ ହେବ ବିଜେଡିର ଜନ ଜାଗରଣ ଯାତ୍ରା

ପୁରୀ : ଶ୍ରୀକ୍ଷେତ୍ରରୁ ଆସନ୍ତା କାଲି ବିଜେଡିର ଜନ ଜାଗରଣ ଯାତ୍ରା ଆରମ୍ଭ କରିବ। ଉଭୟ ଦେଶ ଓ ରାଜ୍ୟର ଡବଲ ଇଞ୍ଜିନ ସରକାର ରହିଥିଲେ ହେଁ ଗତ ଏକ ବର୍ଷ ମଧ୍ୟରେ ବିଜେପି ସରକାର ଦେଇଥିବା ପ୍ରତିଶ୍ରୁତି ପ୍ରତାରଣାର ପରିଣତ ହୋଇଛି ବୋଲି ମଙ୍ଗଳବାର ଦିନ ହୋଟେଲ ହଲିଡେ ରିସର୍ଟ ଠାରେ ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ କହିଛନ୍ତି ବିଜେଡ଼ି ରାଜ୍ୟ ସଭା ସାଂସଦ ଶୁଭାଶିଷ ଖୁଣ୍ଟିଆ ଓ ବିଜେଡ଼ିର ନେତା ମାନେ। ଗତ ବର୍ଷ ଗୁଣ୍ଡିଚା ମନ୍ଦିର ଠାରେ ରଥ ଉପରୁ ତଳକୁ ପ୍ରଭୁ ବଳଭଦ୍ର ପଡିବା ଘଟଣା, ଆମ୍ବ ଟାକୁଆ ଖାଇ ମୃତ୍ୟୁ, ଚିକିଟି ମଦ ନୃତ୍ୟ, ଯୁବ, ଛାତ୍ର, ମହିଳାଙ୍କ ସମସ୍ୟା ମହାନଦୀ , ପୋଲାଭରମ ପ୍ରସଙ୍ଗରେ ନୀରବ ରହିବା ଘଟଣାକୁ ଜନ ଜାଗରଣ ଯାତ୍ରା ମାଧ୍ୟମରେ ଲୋକଙ୍କ ପାଖକୁ ନେବ ବିଜେଡି।ସମସ୍ୟା ସମାଧାନ ପାଇଁ ବିଜେପି ଉତ୍ସବ ମନାଉଛନ୍ତି। ୬ ଟି ଜିଲାରେ ଝାଡ଼ା ବାନ୍ତି ହଇଜା ବ୍ୟାପିଛି। ଓଡ଼ିଆ ବାସୀଙ୍କ ଜୀବନ ସହ ଖେଳ ଖେଳୁଛନ୍ତି ବିଜେପି ସରକାର। ପ୍ରତିଦିନ ରାଜ୍ୟରେ ୧୫ ରୁ ଅଧିକ ହତ୍ୟା, ଧର୍ଷଣ ଘଟୁଛି। ରାଜ୍ୟରେ ଆଇନ ଶୃଙ୍ଖଳା ପରିସ୍ଥିତି ବିପର୍ଯ୍ୟସ୍ତ ହୋଇପଡିଛି। ଯୁବ ଓ ଛାତ୍ରଙ୍କୁ ନେଇ ଏହି ଜନ ଜାଗରଣ ଯାତ୍ରା କରାଯିବ। ବିଜେଡି ପ୍ରମୁଖ ବିରୋଧୀ ଦଳର ଭୂମିକା ନିର୍ବାହ କରୁଛି।ସରକାରଙ୍କ ଏକ ବର୍ଷର ବିଫଳତା ଲୋକଙ୍କ ପାଖକୁ ଆଣିବୁ।ସରକାରଙ୍କ ଏକ ବର୍ଷ ପୂର୍ତ୍ତି ସଫଳତା ଉତ୍ସବ କାର୍ଯ୍ୟକ୍ରମକୁ ନିନ୍ଦା କରୁଛୁ। ସରକାର ନିଜ ଦାୟିତ୍ୱ ବହନ କରନ୍ତୁ। ବେରୋଜଗାର ମୁଖ୍ୟ ପ୍ରସଙ୍ଗ କରିବୁ । ବର୍ଷକୁ ୨ କୋଟି ଚାକିରି କୁଆଡେ ଗଲା। ଏ ସମସ୍ତ ପ୍ରସଙ୍ଗ ଓ ରାଜ୍ୟ ସରକାରଙ୍କ ବିଫଳତାକୁ ନେଇ ଆସନ୍ତା କାଲି ପୁରୀ - କୋଣାର୍କ ବେଳାଭୂମି ରାସ୍ତାର ସ୍ୱାମୀ ନାରାୟଣ ମନ୍ଦିରରେ ଜନ ଜାଗରଣ ଯାତ୍ରା ଅନୁଷ୍ଠିତ ହେବ। କେନ୍ଦ୍ରରେ ୧୧ ବର୍ଷ ଭିତରେ ବଜେଟରେ ହୋଇଥିବା ବ୍ୟୟ ବରାଦର୍ ମାତ୍ର ୪୨ ପ୍ରତିଶତ ଖର୍ଚ୍ଚ ହୋଇଛି।ପୁରୀରେ ଆୟୋଜିତ



ଏକ କାର୍ଯ୍ୟକ୍ରମରେ ରାଜ୍ୟସଭା ସାଂସଦ ଶୁଭାଶିଷ ଖୁଣ୍ଟିଆ,ପୁରୀ ବିଧାୟକ ସୁନୀଲ ମହାନ୍ତି , ବିଧାୟକ ବ୍ୟୋମକେଶ ରାୟ, ବାଙ୍କୀ ବିଧାୟକ ଦେବୀ ରଞ୍ଜନ ତ୍ରିପାଠୀ,ଯୁବ ବିଜେଡ଼ି ନେତା ପ୍ରଣବ ବଳବନ୍ତରାୟ ଉପସ୍ଥିତ ଥିଲେ।

## ଚୋରି ଅଭିଯୋଗରେ ଗିରଫ

ବାରଙ୍ଗ,(ସବ୍ୟୁ) :ଘରେ କେହି ନଥିବାର ସୁଯୋଗରେ ଚୋରିକରି ପଳାଇ ଯାଇଥିଲା ।ଚୋରକୁ ପିଛା କରି ତାକୁ ଚିହ୍ନିବା ବିଷୟରେ ପୋଲିସକୁ ଜଣାଇବା ପରେ ପୋଲିସ ଚୋରକୁ ଗିରଫ କରିବାରେ ସକ୍ଷମ ହୋଇଛି ।ଗତ ୧୪ ତାରିଖ ଅପରାହ୍ନ ୨ଟାରେ ରଏଜ୍ ମୋହମ୍ମଦ ଲଣ୍ଟିଫ୍ ଏବଂ ତାଙ୍କ ଶ୍ରମିକମାନେ ଦୈନନ୍ଦିନ କାର୍ଯ୍ୟରେ ନିୟୋଜିତ ଥିଲେଛଏହି ସମୟରେ ଚନ୍ଦକା ଭୋଳା ସାହିରତପନବେହେରା ନାମକ ଯୁବକ ତାଙ୍କ ଶୋଇବା ଘରେ ପଶି ସେଠାରୁ ତାଙ୍କର ଟ୍ରାଉଜର ଚୋରି କରି ବାଇକ ଯୋଗେ ପଳାଇଯାଇଥିଲେ । ଚୋରି କରି ତପନ ଖସି ଯାଉଥିବା ସମୟରେ ରେଏଜ୍ ମୋହମ୍ମଦ ଲଣ୍ଟିଫ୍ ଏବଂ ତାଙ୍କ କର୍ମଚାରୀମାନେ ପିଛା କରିଥିଲେ । କିନ୍ତୁ ତପନ ଘର ପାଖରେ ତା ବାଇକ ଛାଡି ଖସି ପଳାଇଯାଇଥିଲା ବୋଲି ରେଏଜ୍ ମୋହମ୍ମଦ ଲଣ୍ଟିଫ୍ କରିଥିବା ଅଭିଯୋଗରେ ଦର୍ଶାଇଥିଲେ ।ପୋଲିସ ୧୯୭/୨୫କେସ ନମ୍ବରରେ ରରେ ଏକ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିବା ସହ ତପନକୁ ଗିରଫ କରି ତାଠାରୁ ଏକ ନମ୍ବର ବିହୀନ ମୋଟରସାଇକେଲ ଜବତ କରି ମଙ୍ଗଳବାର କୋର୍ଟଚାଲାଣ କରିଛି ।

# ହାଇଟେକ୍‌ରେ ଜାତୀୟ ବାର୍ଷିକ ମଧ୍ୟବର୍ତ୍ତୀକାଳୀନ ଜେରିଆଟ୍ରିକ୍ ସୋସାଇଟି ଅଫ୍ ଇଣ୍ଡିଆ

ଭୁବନେଶ୍ୱର (ସବ୍ୟୁ): ଜେରିଆଟ୍ରିକ୍ ସୋସାଇଟି ଅଫ୍ ଇଣ୍ଡିଆ ଏକ ପଞ୍ଜିକୃତ ଅଣ-ଲାଭକାରୀ ସଂଗଠନ ଯାହା ରାଜ୍ୟ ସ୍ତରରେ ସଂଘଗୁଡ଼ିକୁ ପରାମର୍ଶ ଦେଇ ବୃଦ୍ଧମାନଙ୍କ ଯତ୍ନ ପାଇଁ ପ୍ରତିବଦ୍ଧ, ବୃଦ୍ଧ ସ୍ୱାସ୍ଥ୍ୟ ସମସ୍ୟାର ଉତ୍ତମ ଚିକିତ୍ସା ଏବଂ ଯତ୍ନ ସୁନିଶ୍ଚିତ କରିବା ପାଇଁ ଡାକ୍ତର ଏବଂ ପାରାମେଡିକ୍ସଙ୍କ ପାଇଁ ତାଲିମ କାର୍ଯ୍ୟକ୍ରମ ପ୍ରଦାନ କରେ। ଏହା ଏକ ସୁସ୍ଥ ବୟସ୍କ ସମାଜ ବଜାୟ ରଖିବା ପାଇଁ ଡାକ୍ତରଙ୍କ ଜ୍ଞାନକୁ ଅଦ୍ୟତନ କରିବା ପାଇଁ ରାଜ୍ୟ ଏବଂ ଜାତୀୟ ସ୍ତରରେ ଶାରୀରିକ ଏବଂ ୱେବିନାର ମାଧ୍ୟମରେ ଉଗର, ସେମିନାର, ସମ୍ମିଳନୀ ଆୟୋଜନ କରେ। ଆମେ ଗ୍ରାମାଞ୍ଚଳରେ ସ୍ୱାସ୍ଥ୍ୟ ଶିବିର ମଧ୍ୟ ଆୟୋଜନ କରୁ ଏବଂ ବିଭିନ୍ନ ସ୍ୱାସ୍ଥ୍ୟ ସମସ୍ୟା ପାଇଁ ମାଗଣା ଔଷଧ ବଣ୍ଟନ ସହିତ ଓଡ଼ିଶାର ବିଭିନ୍ନ ବୃଦ୍ଧାଶ୍ରମରେ ସ୍ୱାସ୍ଥ୍ୟ ପରାମର୍ଶ ସେବା ମଧ୍ୟ ପ୍ରଦାନ କରୁ। ଚଳିତ ବର୍ଷ ଜେରିଆଟ୍ରିକ୍ ସୋସାଇଟି ଅଫ୍ ଇଣ୍ଡିଆର ତତ୍ତ୍ୱାବଧାନରେ, ଜାତୀୟ ବାର୍ଷିକ ମଧ୍ୟକାଳୀନ ଜିଏସ୍ଆଇକନ୍ ୨୦୨୫। ପୂର୍ବ ଜୋନାଲ ଏବଂ ଦ୍ୱିତୀୟ ବାର୍ଷିକ ଜିଏସ୍ଆଇ ଓଡ଼ିଶା ରାଜ୍ୟ ସମ୍ମିଳନୀ ୨୦୨୫) ଭୁବନେଶ୍ୱରର ହାଇ-ଟେକ୍ ମେଡିକାଲ କଲେଜ ଏବଂ ହସ୍ପିଟାଲରେ ଅନୁଷ୍ଠିତ ହେବାକୁ ଯାଉଛି। ଏହି ଐତିହାସିକ କାର୍ଯ୍ୟକ୍ରମ ଦ୍ରୁତ ବୃଦ୍ଧି ସହିତ ଓଡିଶା ଏବଂ ଭାରତରେ ଜେରିଆଟ୍ରିକ୍ ଯତ୍ନର ସ୍ତରକୁ ପୁନଃଆକୃତି ଦେବାରେ ସାହାଯ୍ୟ କରିବ। ଏହି ସମ୍ମିଳନୀ ଗବେଷଣା କାର୍ଯ୍ୟ ଏବଂ କ୍ଲିନିକାଲ୍ ଅଭିଜ୍ଞତା ବାଣ୍ଟିବା ପାଇଁ ଏକ




ଜେରିଆଟ୍ରିକ୍ ସୋସାଇଟି ଅଫ୍ ଇଣ୍ଡିଆ, ଓଡ଼ିଶା ରାଜ୍ୟ ଶାଖା ଦ୍ୱାରା ଏକ ଉଲ୍ଲେଖନୀୟ ଦୃଷ୍ଟିକୋଣ ଏବଂ ସଠିକତା ସହିତ ଆୟୋଜିତ ହେଉଛି। ଏହି ସମ୍ମିଳନୀର ବିଷୟବସ୍ତୁ ହେଉଛି "ଜେରିଆଟ୍ରିକ୍ ଯତ୍ନ: ଗବେଷଣାରୁ ଅଭ୍ୟାସ ପର୍ଯ୍ୟନ୍ତ", ଯାହା ନିଜେ ଜ୍ଞାନକୁ ଅଭ୍ୟାସରେ ପ୍ରୟୋଗ କରିବା ଏବଂ ମୂଳ ପର୍ଯ୍ୟନ୍ତ ପହଞ୍ଚିବାର ଗୁରୁତ୍ୱ ବିଷୟରେ କହିଥାଏ। ଏହି ସମ୍ମିଳନୀ ବୟସ୍କ ଜନସଂଖ୍ୟାରେ ପରିବର୍ତ୍ତନଶୀଳ ପ୍ଲାଟଫର୍ମ ପ୍ରଦାନ କରିବ, ଯାହା ବିଶେଷଜ୍ଞ, ନୀତି ନିର୍ଦ୍ଧାରକ ଏବଂ ଉଭାବକମାନଙ୍କୁ ଏକତ୍ର କରିବ। ଭୁବନେଶ୍ୱରର ହାଇ-ଟେକ୍ ମେଡିକାଲ୍ କଲେଜର ଅଡିଟୋରିୟମରେ ୨୦ ଜୁନ୍ ରୁ ୨୨ ଜୁନ୍ ୨୦୨୫ ପର୍ଯ୍ୟନ୍ତ ୩ ଦିନ ବ୍ୟାପୀ ବ୍ୟାପୀ ଏହି ବୈଜ୍ଞାନିକ ଅଧିବେଶନରେ ସାରା ଭାରତରୁ ପ୍ରାୟ ୫୦୦ ଜଣ ଡାକ୍ତର, ପାରାମେଡିକ୍ସ, ନର୍ସ, ଡାଏଟିସିଆନ୍ ସାମିଲ ହେବେ, ଯେଉଁମାନେ ଜେରିଆଟ୍ରିକ୍ ସ୍ୱାସ୍ଥ୍ୟ ସମସ୍ୟାର ସମସ୍ତ ଦିଗକୁ ନେଇ ଆଲୋଚନା ସହିତ ଜେରିଆଟ୍ରିକ୍ ଯତ୍ନର ସାରକୁ ଆତ୍ମସାତ କରିବେ। ଗୋଟିଏ ପ୍ଲାଟଫର୍ମରେ ଜେରିଆଟ୍ରିକ୍ ଯତ୍ନର ସମସ୍ତ ଅଂଶୀଦାରଙ୍କ ଏହି ଗୁରୁତ୍ୱପୂର୍ଣ୍ଣ ଶୈକ୍ଷିକ ସମାବେଶକୁ ଦେଖିବା ଆମ ପାଇଁ ପ୍ରକୃତରେ ଏକ ଗର୍ବର ମୁହୂର୍ତ୍ତ। ପ୍ରତ୍ୟେକ ପଦକ୍ଷେପରେ ନିରନ୍ତର ମାର୍ଗଦର୍ଶନ ପାଇଁ ଡକ୍ଟର କୌଶିକ ରଞ୍ଜନ ଦାସ ଏବଂ ପୃଷ୍ଠପୋଷକ ଡକ୍ଟର ପିଏସ୍ ଶଙ୍କର, ଡକ୍ଟର ଭିକେ ଆରୋରା, ଡକ୍ଟର ବିସି ବଂଶଲଙ୍କୁ ଧନ୍ୟବାଦ। ଏହି ସମ୍ମିଳନୀ ଡକ୍ଟର ପୂର୍ଣ୍ଣ ଚନ୍ଦ୍ର ଦାଶ, ଅଧ୍ୟକ୍ଷ, ଏଝଓ ଓଡ଼ିଶା, ଡକ୍ଟର ସନ୍ତୋଷ କୁମାର ସ୍ୱାଇଁ, ସମ୍ମାନୀୟ ସଚିବ, ଜିଏସ୍ଆଇ ଓଡ଼ିଶା ଏବଂ ଡକ୍ଟର ମହେଶ ରଥ, ସଂଗଠନ ସମ୍ପାଦକ ଏବଂ ଏଝଓ ଓଡ଼ିଶାର ପଦାଧିକାରୀଙ୍କ ଦ୍ୱାରା ଆୟୋଜିତ ହୋଇଛି। ଏହି ଶିକ୍ଷାଗତ କାର୍ଯ୍ୟକ୍ରମ ଜିଏସ୍ଆଇ, ଓଡ଼ିଶା ରାଜ୍ୟ ଶାଖାର କ୍ଷମତା ଏବଂ ଦକ୍ଷତାକୁ ଜାତୀୟ ଫୋରମରେ ଦୃଶ୍ୟମାନ କରି ତୃଣମୂଳ ସ୍ତର ପର୍ଯ୍ୟନ୍ତ ଜେରିଆଟ୍ରିକ୍ ଯତ୍ନକୁ ବାସ୍ତବତାରେ ପରିଣତ କରିବ।

## ବରିଷ୍ଠ ନାଗରିକଙ୍କୁ ଦୁର୍ବ୍ୟବହାର : ଥାନାରେ ଏତଲା

କଟକ,(ସବ୍ୟୁ): ପୂର୍ବ ବିବାଦକୁ କେନ୍ଦ୍ର କରି ସର୍ବସମ୍ମୁଖରେ ଜଣେ ବରିଷ୍ଠ ବ୍ୟକ୍ତିଙ୍କୁ ଦୁର୍ବ୍ୟବହାର କରାଯାଇଛି । ବନ୍ଧୁଙ୍କ ସପକ୍ଷରେ ବାହାରିବାରୁ ସଂପୃକ୍ତ ବ୍ୟକ୍ତିଙ୍କୁ ରାସ୍ତା ଉପରେ ଗାଳିଗୁଲଜ ସହ ଧମକଚମକ ଦିଆଯାଇଛି । ଏହି ଘଟଣା ନେଇ ୬୫ ବର୍ଷୀୟ ଧିରେନ କୁମାର ସେଠୀ ପୁରୀଘାଟ ଥାନାରେ ଅଭିଯୋଗ କରିଛନ୍ତି । ତଳତେଲେଙ୍ଗା ବଜାର ଅଞ୍ଚଳରେ ଧିରେନ ସେଠୀଙ୍କ ଘର । ସେ ଅଭିଯୋଗ କରିଛନ୍ତିଯେ, ଆଜି ଦିନ ୨ଟା ସମୟରେ ବାଙ୍ଗିସାହିର ସାଙ୍ଗ ବ୍ରଜବନ୍ଧୁ ପରିଡାଙ୍କ ସହ ସାଇକେଲରେ ପିଠାପୁରରୁ ଝାଞ୍ଜିରୀମଙ୍ଗଳା ରାସ୍ତାରେ ଯାଉଥିଲେ । ଏତିକିବେଳେ ସ୍ଥାନୀୟ ବନଦୁର୍ଗା ମନ୍ଦିର ସାମ୍ନାରେ ଭଗତପୁର ଅଞ୍ଚଳର ହରିଚନ୍ଦନ ନାୟକ ଓ ପିଠାପୁର ଡାଲିମିଲ ଗଳିର ସୁଦିପ୍ତ ରାଉତରାୟ ଆସି ତାଙ୍କ ବନ୍ଧୁ ବ୍ରଜବନ୍ଧୁଙ୍କୁ ଅଟକାଇଲେ । ସେଠାରେ ଉଭୟ ଏକ ଫେସବୁକ ପୋଷ୍ଟକୁ ନେଇ ବ୍ରଜବନ୍ଧୁଙ୍କୁ ଅଶ୍ରାବ୍ୟ ଭାଷାରେ ଗାଳିଗୁଲଜ ସହ ଠେଲାପେଲା କରିଥିଲେ । ଏହା ଦେଖି ସେ ଦୌଡି ଆସି ବୁଝାସୁଝା କରିବାରୁ ହରିଚନ୍ଦନ ତାଙ୍କ ସାର୍ଟ କଲରକୁ ଧରି ମୁଥ ମାରିବା ସହ ଜାତିଆଣ ଆକ୍ଷେପ କରି ଗାଳିଗୁଲଜ କରିଥିଲା । ଏମିତିକି ଏହି ଘଟଣାରେ ମୁଣ୍ଡ ପୁରାଇଲେ ହତ୍ୟା କରିବ ବୋଲି ଧମକ ଦେଇଥିଲା । ଏଥିରେ ଭୟଭୀତ ହୋଇ ସେଠାରୁ ଚାଲିଆସୁଥିଲା ବେଳେ ସୁଦିପ୍ତ ଆସି ତାଙ୍କ ସାଇକେଲକୁ ଗୋଇଠା ମାରିବା ସହ ତଣ୍ଟିକୁ ଚିପି ଧରି ଠେଲାପେଲା କରିଥିଲା ବୋଲି ଶ୍ରୀ ସେଠୀ ଅଭିଯୋଗପତ୍ରରେ ଦର୍ଶାଇଛନ୍ତି ।

## ପୁରୀ -ବ୍ରହ୍ମଗିରି ରାଜରାସ୍ତା, ବାସେଳୀ ସାହି ଥାନା ଛକ ପାଲଟିଛି ବାଉଁଶ ବ୍ୟବସାୟ ପେଣ୍ଠସ୍ଥଳି

ପୁରୀ, (ସବ୍ୟୁ): ପୁରୀ ପୌରସଂସ୍ଥା ଅଧୀନ ପୁରୀ ବ୍ରହ୍ମଗିରି ରାଜ ରାସ୍ତା ବାସେଳୀ ସାହି ଥାନା ଠାରୁ କିଛି ଦୂରରେ ରାସ୍ତା କଡ଼ ପାଲଟିଛି ଅବାଧ ବାଉଁଶ ବ୍ୟବସାୟ ପେଣ୍ଠସ୍ଥଳି। ରାସ୍ତା କଡ଼ରେ ଗଦା ହୋଇଛି ଟ୍ରକ୍ ଟ୍ରକ୍ ବାଉଁଶ। ବାଉଁଶ ବ୍ୟବସାୟ ଯୋଗୁଁ ସାଧାରଣ ଜୀବନଯାତ୍ରା ଯାତାୟତରେ ସୃଷ୍ଟି ହେଉଛି ଘୋର ଅସୁବିଧା। ଆଗକୁ ଆସୁଛି ମହାପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ବିଶ୍ୱ ପ୍ରସିଦ୍ଧ ରଥ ଯାତ୍ରା। ବର୍ତ୍ତମାନ ବ୍ରହ୍ମଗିରିରେ ଆଲାର ନାଥ ପୀଠରେ ଚାଲିଛି ଅନବସର ଦର୍ଶନ। ଅଲାରନାଥ ପୀଠକୁ ଏହି ରାସ୍ତା ଦେଇ ଦୈନନ୍ଦିନ ଯାଉଛି ହଜାର ହଜାର ଯାନ ବାହନ। ରାସ୍ତା କଡ଼ରେ ବେଧଡକ ବାଉଁଶ ବ୍ୟବସାୟ ଯୋଗୁଁ ସାଧାରଣ ଯାତାୟତରେ ହେଉଛି ଘୋର ଅସୁବିଧା। ସବୁ ଜାଣି ଶୁଣି ନୀରବଦ୍ରଷ୍ଟା ସାଜିଛି ଜିଲ୍ଲା ପ୍ରଶାସନ ଓ ପୌର ସଂସ୍ଥା। ପୌରସଂସ୍ଥାର କିଛି ଅସାଧୁ କର୍ମଚାରି ବାଉଁଶ ବ୍ୟବସାୟୀ ଠାରୁ ମାସକୁ ନେଉଛନ୍ତି ମୋଟା ଅଙ୍କର ଅର୍ଥ। ପକେଟ୍ ଗରମ କରୁଛନ୍ତି ପୌର ସଂସ୍ଥା କର୍ମଚାରୀ। ଯାହା ଫଳରେ ସଂପୃକ୍ତ ବ୍ୟବସାୟୀ ବେଧଡକ ଭାବେ ଚଳାଇଛି ବାଉଁଶ ବ୍ୟବସାୟ। ପ୍ରଶାସନ ଏ ଦିଗରେ ଦୃଷ୍ଟି ଦେଇ ତୁରନ୍ତ ରାସ୍ତା କଡ଼ରୁ ବାଉଁଶ ବ୍ୟବସାୟ କୁ ଉଚ୍ଛେଦ କରିବା ପାଇଁ ସ୍ଥାନୀୟ ଅଞ୍ଚଳରେ ଦାବୀ ହୋଇଛି।

# ପୁରୁସାହି ଛକରେ ସିରିଜ ଦୁର୍ଘଟଣା; ଜଣେ ମୃତ

ଖୋର୍ଦ୍ଧା, (ସବ୍ୟୁ): ୫୭ନଂ ଜାତୀୟ ରାଜପଥ ର ପୁରୁସାହି ଛକ ନିକଟରେ ଆଜି ଏକ କାର୍ ଭାରସ୍ୟାମ ହରାଇ ସିରିଜ୍ ଦୁର୍ଘଟଣା କରିଛି। ଉକ୍ତ କାର୍ ଟି କେତେକ ଗାଡିକୁ ଧକ୍କା ଦେଇ ଦୋକାନ ଭିତରେ ପଶିଥିବାବେଳେ କାର ଧକାରେ ଜଣେ ବ୍ୟକ୍ତିଙ୍କର ମୃତ୍ୟୁ ହୋଇଛି। ମୃତକ ହେଲେ ପୁରୁସାହି ଚାନ୍ଦପୁର ର ଶ୍ରୀନିବାସ ବେହେରା (୫୩)। ଶ୍ରୀନିବାସ ଲାଇନମ୍ୟାନ୍ ଭାବେ କାର୍ଯ୍ୟ କରୁଥିଲେ। ଦିନ ଗୋଟାଏ ବେଳେ ଆଜି ପୁରୁସାହି ଛକ ରାସ୍ତାକଡରେ ଶ୍ରୀନିବାସ ସାଇକେଲ ରଖି ଠିଆ ହୋଇଥିଲେ। ଏହି ସମୟରେ ଭୁବନେଶ୍ୱର ଦିଗରୁ ଆସୁଥିବା



ଓଡି.୦୨ସିକେ-୨୨୩୪ ନଂ ବିଶିଷ୍ଟ ଗାଡି ହଠାତ୍ ଭାରସ୍ୟାମ ହରାଇ ଶ୍ରୀନିବାସଙ୍କୁ ଧକ୍କା ଦେବା ସହ ପରେ ଏକ କାର ଓ ୩ଟି ବାଇକ୍ କୁ ଧକ୍କା ଦେଇ ଏକ ଦୋକାନ ଭିତରେ ପଶିଥିଲା। ଶ୍ରୀନିବାସଙ୍କୁ ଗୁରୁତର ଅବସ୍ଥାରେ ସ୍ଥାନୀୟ ଲୋକ ଉଦ୍ଧାର କରି ଖୋର୍ଦ୍ଧା ମେଡିକାଲ ନେଇଥିଲେ ହେଁ ଡାକ୍ତର ତାଙ୍କୁ ସେଠାରେ ମୃତ ଘୋଷଣା କରିଥିଲେ। ଖବର ପାଇ ପୁଲିସ ଘଟଣାସ୍ଥଳରୁ ଦୁର୍ଘଟଣା ଘଟାଇଥିବା ଗାଡିକୁ ଜବତ କରିଛି। ଶ୍ରୀନିବାସଙ୍କ ଭାଇ ହୁଲ୍ଲାସ ଚନ୍ଦ୍ର ବେହେରାଙ୍କ ଅଭିଯୋଗ କ୍ରମେ ପୁଲିସ ୨୫୪/୨୫ରେ ଏକ ମାମଲା ରୁଜୁ କରି ଡ୍ରାଇଭରକୁ ଅଟକ ରଖି ତଦନ୍ତ କରୁଥିବା ଜଣାଯାଇଛି।

# ଏଆଇପିଏନ୍‌ବିଓଏ ତରଫରୁ ବୈଠକ ଆୟୋଜିତ

ଭୁବନେଶ୍ୱର: (ସବ୍ୟୁ): ସର୍ବଭାରତୀୟ ପଞ୍ଜାବ ନ୍ୟାଶ୍‌ନାଲ ବ୍ୟାଙ୍କ ଅଧିକାରୀ ସଂଘ (ଏଆଇପିଏନ୍‌ବିଓଏ) ଭୁବନେଶ୍ୱର ପକ୍ଷରୁ ଭୁବନେଶ୍ୱର ଅଞ୍ଚଳ ଅନ୍ତର୍ଗତ ସମସ୍ତ ମଣ୍ଡଳଗୁଡିକର ଇସି ସଦସ୍ୟମାନଙ୍କ ସହିତ ରଜ ପର୍ବ ପାଳନ କରାଯାଇଥିଲା। ଏଥି ସହିତ ଚଳିତ ମାସରେ ଅବସର ଗ୍ରହଣ କରିବାକୁ ଯାଉଥିବା କିଛି ସଦସ୍ୟମାନଙ୍କୁ ସମ୍ମାନିତ କରାଯାଇଥିଲା। ଏହି ଅବସରରେ ଏମ୍ଆର୍ଏମ୍ ବୈଠକରେ ଆଲୋଚନା ହେବାକୁ ଥିବା ସମସ୍ୟା ସମ୍ପର୍କରେ ମଧ୍ୟ ଆଲୋଚନା କରାଯାଇଥିଲା। ରଜ ପର୍ବ ଉପଲକ୍ଷେ ସାଧାରଣ ସମ୍ପାଦକ କମ୍ରେଡ୍ ଦିଲ୍ଲୀପ ସାହାଙ୍କ ସମେତ




ସମସ୍ତ ଅଂଶଗ୍ରହଣକାରୀମାନେ ପୋଡପିଠାର ଆନନ୍ଦ ଉଠାଇଥିଲେ। ଶ୍ରୀ ସାହା ସଦସ୍ୟମାନଙ୍କ ସହ ବିଭିନ୍ନ ଅସୁବିଧା ସମ୍ପର୍କରେ ବିସ୍ତୃତ ଆଲୋଚନା କରିଥିଲେ। ଏହି ଅବସରରେ ଏକ ମ୍ୟାନେଜମେଣ୍ଟ ରିଲେସନ୍ସ ମିଟିଂ (ଏମ୍ଆର୍ଏମ୍) ବୈଠକର ମଧ୍ୟ ଆୟୋଜନ କରାଯାଇଥିଲା। ଏଥିରେ ଆଞ୍ଚଳିକ ମୁଖ୍ୟ, ଉପ ଆଞ୍ଚଳିକ ମୁଖ୍ୟ, ଏଚ୍ଆର୍ ମୁଖ୍ୟ ଓ ଜିଏଡି ପ୍ରମୁଖ ଉପସ୍ଥିତ ରହି ପ୍ରତିନିଧିତ୍ୱ କରିଥିଲେ। ବୈଠକଟି ଏକ ସୌହାର୍ଦ୍ଦ୍ୟପୂର୍ଣ୍ଣ ପରିବେଶ ମଧ୍ୟରେ ସମ୍ପନ୍ନ ହୋଇଥିଲା। ପାଞ୍ଚଟି ମଣ୍ଡଳର ସର୍କଲ ସମ୍ପାଦକ ଓ ସର୍କଲ ସଭାପତି ଏଥିରେ ଯୋଗଦେଇଥିଲେ।

## ବିଶ୍ୱ ସ୍ୱାସ୍ଥ୍ୟ ସଚେତନତା କାର୍ଯ୍ୟକ୍ରମ

ଭୁବନେଶ୍ୱର (ସବ୍ୟୁ): ମନମ ଫାଉଣ୍ଡେସନ ଆନ୍ଧ୍ର ପ୍ରଦେଶ ପକ୍ଷରୁ ଡ଼ ନାରାୟଣ ମହାପାତ୍ରଙ୍କୁ ଓଡିଶା ରେ ଅବହେଳିତ ଗୁରୁଜନ ଓ ଅବହେଳିତ ଛୋଟ ପିଲାଙ୍କ ମାଗଣା ସ୍ୱାସ୍ଥ୍ୟ ପରୀକ୍ଷା କରିବା ଓ ଅନ୍ୟାନ୍ୟ ମାନବ କଲ୍ୟାଣ କାର୍ଯ୍ୟ ନିମନ୍ତେ ଗ୍ଲୋବାଲ ହେଲଥ କନଫରେନସ ରେ ଯୋଗ ଦେବାକୁ ଡ଼େଲିଗେଟ ଭାବେ ଗ୍ରହଣ କରାଯାଇଛି । ମନମ ଫାଉଣ୍ଡେସନ ଆନ୍ଧ୍ର ପ୍ରଦେଶ ପକ୍ଷରୁ ମାଗଣା ସ୍ୱାସ୍ଥ୍ୟ ପରୀକ୍ଷା କରିବା ଓ ଅନ୍ୟାନ୍ୟ ମାନବ କଲ୍ୟାଣ କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ନିମନ୍ତେ ଜୟ ମା ଭବାନୀ ଚାରିଟେବୁଲ ଟ୍ରଷ୍ଟର ସମ୍ପାଦକ ଡ଼ ନାରାୟଣ ମହାପାତ୍ର ଙ୍କୁ ଗ୍ଲୋବାଲ ହେଲଥ କନଫରେନ୍ସ ରେ ଯୋଗ ଦେବାକୁ ଜଣେ ଡେଲି ଗେଟ ହିସାବରେ ଗ୍ରହଣ କରାଯାଇଛି । ଟ୍ରଷ୍ଟ ପକ୍ଷରୁ ସମାଜ ରେ ଅବହେଳିତ ବୃଦ୍ଧ ବାପା ମା ଓ ଅବହେଳିତ ଛୋଟ ପିଲାମାନଙ୍କ ପାଖରେ ପହଞ୍ଚି ସେମାନଙ୍କୁ ମାଗଣା ସ୍ୱାସ୍ଥ୍ୟ ସେବା ଓ କିଛି ସମୟ ସେମାନଙ୍କ ସଙ୍ଗେ ରହି ଖୁସି ଓ ଶାନ୍ତି ବାଣ୍ଟୁ ଥିବାରୁ ମନୋନୀତ କରଯାଇଛି । ଟ୍ରଷ୍ଟ ପକ୍ଷରୁ ବର୍ଷ ର ବିଭିନ୍ନ ସମୟରେ ରକ୍ତ ଦାନ ସଂଗ୍ରହ ଶିବିର ମଧ୍ଯ କରାଯାଇ ଥାଏ, ପୂର୍ବରୁ ମଧ୍ୟ ବହୁ ଜାତୀୟ ଓ ଅର୍ନ୍ତଜାତୀୟ ଅନୁଷ୍ଠାନ ପକ୍ଷରୁ ମଧ୍ୟ ଡ଼ ନାରାୟଣ ମହାପାତ୍ର ଙ୍କୁ ସମାଜସେବା କ୍ଷେତ୍ର ରେ ସମ୍ମାନସୂଚକ ହ୍ୟୁମ୍ୟାନଟେରିଆନ ଉପାଧି ପ୍ରଦାନ କରିଛନ୍ତି ।

# ମହିଳାଙ୍କ ସୁରକ୍ଷା କରନ୍ତୁ ସରକାର: ବିଜେଡି

ଭୁବନେଶ୍ୱର,(ସବ୍ୟୁ): ପବିତ୍ର ରଜ ପର୍ବରେ ବେଳାଭୂମିକୁ ଖୁସି ମନାଇବା ପାଇଁ ଆସିଥିବା ଏକ କଲେଜ ଛାତ୍ରୀଙ୍କୁ ଗଣଦୁଷ୍କର୍ମର ଶୀକାର ହେବାକୁ ପଡିଛି। ଗୋପାଳପୁର ବେଳାଭୂମିରେ ମହିଳାଙ୍କୁ ସୁରକ୍ଷା ଦେବାରେ ସରକାରଙ୍କ ବିଫଳତାକୁ ନେଇ ରାଜ୍ୟ ସରକାରଙ୍କ ଉପରେ ବର୍ଷିଛନ୍ତି ବିଜୁ ଜନତା ଦଳର ବରିଷ୍ଠ ସାଧାରଣ ସମ୍ପାଦିକା ଡ. ଲେଖାଶ୍ରୀ ସାମନ୍ତସିଂହାର ଓ ମୁଖପାତ୍ର ଶ୍ରୀ ତୁମ୍ବନାଥ ପଣ୍ଡା । ଆଜି ଶଙ୍ଖ ଭବନରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ଡ. ସାମନ୍ତସିଂହାର କହିଥିଲେ ଯେ, ଗୋପାଳପୁର ଭଳି ଏକ ଆନ୍ତର୍ଜାତୀୟ ଖ୍ୟାତି ସଂପର୍ଣ୍ଣ ପର୍ଯ୍ୟଟନସ୍ଥଳୀରେ ଏହି ଭଳି ଘୃଣ୍ୟ ଘଟଣା ରାଜ୍ୟବାସୀଙ୍କୁ ବିଚଳିତ କରିଛି । ରାଜ୍ୟ ସରକାର ବର୍ଷପୂରାଣୀ ଉତ୍ସବରେ ବିଭୋର ଥିଲା ବେଳେ ରାଜ୍ୟବାସୀଙ୍କ ସୁରକ୍ଷା ପ୍ରତି ସମ୍ବେଦନହୀନ ହୋଇପଡିଛନ୍ତି । ସରକାରକୁ ଆସିଲା ପରେ ରାଜ୍ୟରେ ମହିଳା ବିରୋଧୀ ହିଂସା ଉଦ୍‌ବେଗଜନକ ଭାବେ ବୃଦ୍ଧି ପାଇବା ସହ ଅପରାଧ କ୍ଷେତ୍ରରେ ଓଡିଶା ସର୍ବଭାରତୀୟ ସ୍ତରରେ ୮ମ ସ୍ଥାନରେ ପହଞ୍ଚି ଯାଇଛି। ଗତ ଏକ ବର୍ଷ ମଧ୍ୟରେ ୩୩ ପ୍ରତିଶତ ଫୌଜଦାରୀ ମୋକଦମା ବୃଦ୍ଧି ପାଇବା ସହ ଦୁଷ୍କର୍ମ ହାର ୮ ପ୍ରତିଶତ ବଢିଛି । ବିରୋଧୀ ଦଳ ନେତା ଶ୍ରୀ ନବୀନ ପଟ୍ଟନାୟକ, ପର୍ଯ୍ୟଟନ ସ୍ଥଳୀରେ ମହିଳାମାନଙ୍କ ସୁରକ୍ଷାକୁ ନେଇ ଉଦ୍‌ବେଗ ପ୍ରକାଶ କରିବା ସହ ରାଜ୍ୟ ସରକାର କଠୋର ପଦକ୍ଷେପ ଗ୍ରହଣ କରିବାକୁ ପରାମର୍ଶ ଦେଇଛନ୍ତି । ତେଣୁ ନିଜ ଉପରକୁ ନୈତିକ ଦାୟିତ୍ୱ ନେଇ ରାଜ୍ୟର ପର୍ଯ୍ୟଟନ, ମହିଳା ଓ ଶିଶୁ ବିକାଶ ମନ୍ତ୍ରୀ ତୁରନ୍ତ ଇସ୍ତଫା ପ୍ରଦାନ କରନ୍ତୁ ବୋଲି ଡ. ସାମନ୍ତସିଂହାର ଦାବି କରିଥିଲେ । ସେହିପରି ମୁଖପାତ୍ର ଶ୍ରୀ ପଣ୍ଡା କହିଥିଲେ, ପର୍ଯ୍ୟଟନର ବିକାଶ ପାଇଁ ଡିଣ୍ଡିମ୍ ପିଟୁଥିବା ବିଜେପି ସରକାର ଏଭଳି ସମ୍ବେଦନଶୀଳ ଘଟଣାକୁ ଅଣଦେଖା କରି ସାରା ଦେଶରେ ଓଡିଶାକୁ ଲଜ୍ଜିତ କରିଛନ୍ତି ଓ ଗୋପାଳପୁର ବେଳାଭୂମିର ଗାରିମାକୁ ସରକାର କ୍ଷୁର୍ଣ୍ଣ କରିଛନ୍ତି । ଏ ସରକାରରେ ଘରୁ ମହିଳାଟିଏ ଗୋଡ କାଢିଲେ ସୁରକ୍ଷିତ ଫେରିବା ପାଇଁ ନିଶ୍ଚିତ ହୋଇପାରୁନାହିଁ ଛ ପୋଲିସ ବ୍ୟବସ୍ଥାକୁ ଦଳୀୟ କାର୍ଯ୍ୟରେ ନିୟୋଜିତ କରିବା ଦ୍ୱାରା ଅପରାଧୀଙ୍କର ଆଉ ଭୟ ରହୁନାହିଁ ଏବଂ ଏଭଳି ବେଧଡକ ଜଘନ୍ୟକାଣ୍ଡ ଭିଆଉଛନ୍ତି।

## ଶ୍ରୀ ଶକ୍ତି ୱେଲଫେୟାର ଅର୍ଗାନାଇ ଜେସନ୍ ର ବାର୍ଷିକୋତ୍ସବ

# ସଂକୀର୍ଣ୍ଣ ମାନସିକତାକୁ ପ୍ରତିହତ କଲେ ମହିଳା ସଶକ୍ତିକରଣର ଯଥାର୍ଥତା ବୃଦ୍ଧି ହେବ

କଟକ, (ସବ୍ୟୁ): ନାରୀ ଅବଳା ନୁହେଁ କି ଦୁର୍ବଳା ନୁହେଁ । ସେ ଆଜି ପୁରୁଷ ସହିତ ସବୁ କ୍ଷେତ୍ରରେ ସମକକ୍ଷ ହୋଇପାରିଛି । ତେବେ ପୁରୁଷ ପ୍ରାଧାନ୍ୟ ଦେଶରେ ନାରୀ ଆଜିବି ଘରୋଇ ହିଂସାର ଶିକାର ହେଉଛି । ପରିବାରରେ ରହିଥିବା ରକ୍ଷଣଶୀଳ ଚିନ୍ତାଧାରା ନାରୀକୁ ଘରର ଚାରିକାନ୍ଥ ଭିତରେ ରହିବାକୁ ବାଧ କରୁଛି । ଏଭଳି ସଙ୍କୀର୍ଣ୍ଣ ମାନସିକତାକୁ ପ୍ରତିହିତ କରି ନାରୀ ଜାତି ଆଗକୁ ଆସିଲେ ତେବେ ଯାଇଁ ମହିଳାଟିଏ ସ୍ୱାବଲମ୍ବୀ ହୋଇପାରିବେ । ସେମାନେ ସ୍ୱାଧୀନତା ପାଇଲେ ମହିଳା ସଶକ୍ତିକରଣର ଯଥାର୍ଥତା ଯଥେଷ୍ଟ ବୃଦ୍ଧି ପାଇବ ବୋଲି ଶ୍ରୀ ଶକ୍ତି ୱେଲଫେୟାର ଅର୍ଗାନାଇଜେସନ(ଏସଏସଓଡବ୍ଲ୍ୟୁ) ପକ୍ଷରୁ ଆୟୋଜିତ ପ୍ରଥମ ବାର୍ଷିକୋତ୍ସବରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ସୋନପୁରର ପୂର୍ବତନ ଜିଲ୍ଲାପାଳ ଦାଶରଥି ଶତପଥୀ କହିଛନ୍ତି । ଅନୁଷ୍ଠାନର ସଭାପତି ତଥା ନୟାଗଡର ପୂର୍ବତନ ଜିଲ୍ଲାପାଳ ସରୋଜକାନ୍ତ ଚୌଧୁରୀଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ରଜ ମହୋତ୍ସବ ଓ ମହିଳା ସଶକ୍ତିକରଣ ଏକ ଆହ୍ୱାନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଏଥିରେ ସମ୍ମାନିତ ବକ୍ତାଭାବେ ଅଲ ଇଣ୍ଡିଆ ରେଡିଓର ଡକ୍ଟର ଅନିରୁଦ୍ଧ କୁରକୁରିଆ, ବରେଣ୍ୟ ଅତିଥି ରୁପେ ବୈଜ୍ଞାନିକ ଡକ୍ଟର କିର୍ତ୍ତୀ ମିଶ୍ର,ସମ୍ମାନିତ ଅତିଥି ଭାବେ ବରିଷ୍ଠ




ସାମ୍ବାଦିକ ପ୍ରଫୁଲ୍ଲ ମହାନ୍ତି, ଚଳଚ୍ଚିତ୍ର ତାରକା ଅଭିଷେକ ଗିରି, ଚଳଚ୍ଚିତ୍ର ନିର୍ଦ୍ଦେଶକ ଅରୁଣ ନନ୍ଦ,ଫେସନ ଡିଜାଇନର ସିଦ୍ଧାର୍ଥ ମହାନ୍ତି ପ୍ରମୁଖ ଯୋଗଦେଇ ମହିଳା ସଶକ୍ତିକରଣ ଉପରେ ମତ ରଖିଥିଲେ । ଅଲ ଇଣ୍ଡିଆ ରେଡିଓର ବରିଷ୍ଠ ଅଧିକାରୀ ଚିତ୍ତରଞ୍ଜନ ସ୍ୱାଇଁଙ୍କ ସାବଲୀଳ ସଂଯୋଜନାରେ ପ୍ରଥମାର୍ଦ୍ଧରେ ସ୍ୱାବଲମ୍ବୀ ହୋଇଥିବା ମହିଳାମାନଙ୍କ ଦ୍ୱାରା ଏକ ବ୍ୟବସାୟିକ ପ୍ରଦର୍ଶନୀ ଆୟୋଜନ ହେବା ସହ କୁଇଜ୍ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା । ଅପରାହ୍ନରେ ଏକ ରାମ୍ପ ସୋ ଅନୁଷ୍ଠିତ ହୋଇଥିଲା । ବିଚାରକ ମଣ୍ଡଳୀଙ୍କ ଦ୍ୱାରା ଚୟନ କୃତୀ ପ୍ରତିଯୋଗୀ ମାନଙ୍କୁ ଅତିଥି ମାନେ ମୋମେଣ୍ଟୋ ଓ ନଗଦ ଅର୍ଥରାଶି ପୁରସ୍କାର ସ୍ୱରୂପ ପ୍ରଦାନ କରିଥିଲେ । ସଂପାଦିକା ମୋଲିନା ମହାନ୍ତି ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ । ଏଥିରେ ଏସଏସଓଡବ୍ଲ୍ୟୁର ସମସ୍ତ ସଦସ୍ୟ ସକ୍ରୀୟ ସହଯୋଗ କରିଥିଲେ।

## ବେଦାନ୍ତ ଆଲୁମିନିୟମର ସାରା ଓଡ଼ିଶାରେ ରକ୍ତଦାନ ଶିବିର

# ୮୦୦ ରୁ ଅଧିକ ୟୁନିଟ୍ ରକ୍ତ ସଂଗ୍ରହ

ଭୁବନେଶ୍ୱର,(ସବ୍ୟୁ): ବିଶ୍ୱ ରକ୍ତଦାତା ଦିବସ ଅବସରରେ, ଭାରତର ସର୍ବବୃହତ ଆଲୁମିନିୟମ ଉତ୍ପାଦକ ବେଦାନ୍ତ ଆଲୁମିନିୟମ ସରକାରୀ ସ୍ୱାସ୍ଥ୍ୟ ସଂସ୍ଥା ଏବଂ ସ୍ଥାନୀୟ ଅଂଶୀଦାରମାନଙ୍କ ସହଯୋଗରେ ଓଡ଼ିଶାରେ ଏହାର କାର୍ଯ୍ୟକ୍ଷେତ୍ରରେ ରକ୍ତଦାନ ଶିବିର ଆୟୋଜନ କରି ସାମୁଦାୟିକ ସ୍ୱାସ୍ଥ୍ୟ ଏବଂ କଲ୍ୟାଣ ପ୍ରତି ଏହାର ପ୍ରତିବଦ୍ଧତାକୁ ପୁନଃସ୍ଥାପିତ କରିଛି। ସ୍ଥାନୀୟ ସ୍ୱାସ୍ଥ୍ୟସେବା ବ୍ୟବସ୍ଥାର ଗୁରୁତ୍ୱପୂର୍ଣ୍ଣ ରକ୍ତ ଯୋଗାଣ ଆବଶ୍ୟକତାକୁ ପୂରଣ କରିବା ପାଇଁ ଏକ ଦୃଢ଼ ପ୍ରୟାସରେ, କମ୍ପାନୀ ଝାରସୁଗୁଡା, ଲାଞ୍ଜିଗଡ ଏବଂ ଭବାନୀପାଟଣାରେ ଏକାଧିକ ରକ୍ତଦାନ ଶିବିର ଆୟୋଜନ କରିଥିଲା, ଯାହା ସାମୂହିକ ଭାବରେ ଏହାର କର୍ମଚାରୀ, ବ୍ୟବସାୟିକ ଅଂଶୀଦାର ଏବଂ ସ୍ଥାନୀୟ ବାସିନ୍ଦାଙ୍କ ଦ୍ୱାରା ଦାନ କରାଯାଇଥିବା ୮୦୦ ୟୁନିଟ୍ ରୁ ଅଧିକ ରକ୍ତ ସଂଗ୍ରହ କରିଥିଲା।

ବିଶ୍ୱ ସ୍ତରରେ ସର୍ବବୃହତ ସମନ୍ୱିତ ଆଲୁମିନିୟମ ପ୍ଲାଣ୍ଟ ମଧ୍ୟରୁ ଗୋଟିଏ, ବେଦାନ୍ତର ଝାରସୁଗୁଡା କାର୍ଯ୍ୟସ୍ଥଳ ପ୍ଲାଣ୍ଟ ପରିସରରେ ଆୟୋଜିତ ଏକ ମେଗା ରକ୍ତଦାନ ଶିବିରରେ ୬୮୦ ୟୁନିଟ୍




ରକ୍ତ ସଂଗ୍ରହ ହୋଇଥିଲା, ଯାହା ସାଇଟ୍ ପାଇଁ ଏକ ରେକର୍ଡ ସଂଖ୍ୟା ଥିଲା। ଏହି କାର୍ଯ୍ୟକ୍ରମରେ ଝାରସୁଗୁଡାରେ ପୁନଃନିର୍ମିତ ସାଟେଲାଇଟ୍ ହସ୍ପିଟାଲର ଉଦଘାଟନ ମଧ୍ୟ ହୋଇଥିଲା, ଯାହା ସ୍ଥାନୀୟ ସ୍ୱାସ୍ଥ୍ୟସେବା ଭିତିଭୂମିକୁ ସୁଦୃଢ଼ କରିବା ପାଇଁ ବେଦାନ୍ତର ନିରନ୍ତର ପ୍ରୟାସରେ ଆଉ ଏକ ଗୁରୁତ୍ୱପୂର୍ଣ୍ଣ ମାଇଲଖୁଣ୍ଟ ଅଟେ। ଲାଞ୍ଜିଗଡ଼, ଯେଉଁଠାରେ ବେଦାନ୍ତ ଏହାର ଆଲୁମିନା ରିଫାଇନାରୀ ପରିଚାଳନା କରେ, କମ୍ପାନୀର ନେତୃତ୍ୱରେ ଏକ ସ୍ୱେଚ୍ଛାକୃତ ରକ୍ତଦାନ ଅଭିଯାନ ସ୍ଥାନୀୟ ସରକାରୀ ହସ୍ପିଟାଲ ପାଇଁ ୧୩୦ ୟୁନିଟ୍ ରକ୍ତ ସଂଗ୍ରହ କରିବାରେ ସାହାଯ୍ୟ କରିଥିଲା, ଯାହା ଏହି ଅଂଚଳରେ ନିର୍ଭରଯୋଗ୍ୟ ରକ୍ତ କ୍ରୟ ଉତ୍ସର ଚାହିଦାକୁ ଯଥେଷ୍ଟ ହ୍ରାସ କରିଥିଲା।

ଏହି ସମୟରେ, ଏହାର ସିଜିମାଲି ଖଣି ନିକଟରେ, ବେଦାନ୍ତ ଆଲୁମିନିୟମ୍ ଓଡ଼ିଶା ରାଜ୍ୟ ରକ୍ତ ସ୍ଥାନାନ୍ତର ପରିଷଦ ଏବଂ ସ୍ଥାନୀୟ ଯୁବ କ୍ଲବ ସହିତ ସହଭାଗୀ ହୋଇ ଭବାନୀପାଟଣାର ଜିଲ୍ଲା ମୁଖ୍ୟାଳୟ ହସ୍ପିଟାଲରେ ଏକ ଶିବିର ମଧ୍ୟ ଆୟୋଜନ କରିଥିଲା। ପ୍ରାୟତଃ ତୀବ୍ର ରକ୍ତ ଅଭାବ ସହିତ ସଂଘର୍ଷ କରୁଥିବା ଏହି ହସ୍ପିଟାଲକୁ ଏହି ସହଯୋଗ ପ୍ରୟାସ ମାଧ୍ୟମରେ ୫୦ ୟୁନିଟ୍ ରକ୍ତ ମିଳିଥିଲା, ଯାହା ସ୍ୱାସ୍ଥ୍ୟସେବା ପ୍ରଦାନରେ ସମ୍ପ୍ରଦାୟର ନିୟୋଜିତତାର ପ୍ରଭାବକୁ ପ୍ରଦର୍ଶନ କରିଥିଲା। ଏହି ଅବସରରେ ବେଦାନ୍ତ ଆଲୁମିନିୟମର ସିଇଓ ରାଜୀବ କୁମାର କହିଛନ୍ତି, "ବେଦାନ୍ତ ଆଲୁମିନିୟମରେ, ଆମେ ବିଶ୍ୱାସ କରୁ ଯେ ଗୁଣାତ୍ମକ ସ୍ୱାସ୍ଥ୍ୟସେବା ଏକ ମୌଳିକ ଅଧିକାର ଅଟେ। ରକ୍ତଦାନ ଶିବିର ଏବଂ ଚିକିତ୍ସା ପ୍ରସାର ଭଳି ନିରନ୍ତର ପଦକ୍ଷେପ ମାଧ୍ୟମରେ, ଆମେ ଆମ ଚାରିପାଖରେ ଥିବା ସମ୍ପ୍ରଦାୟର କଲ୍ୟାଣକୁ ସମର୍ଥନ କରୁଛୁ। ଏହି ପ୍ରୟାସଗୁଡ଼ିକ 'ଭଲ ପାଇଁ ପରିବର୍ତ୍ତନ'ର ଆମର ଗଭୀର ତତ୍ତ୍ୱ ଦ୍ୱାରା ପରିଚାଳିତ, ଯେଉଁଠାରେ ଆମେ ସ୍ଥାନୀୟ କର୍ତ୍ତୃପକ୍ଷ ଏବଂ ନାଗରିକମାନଙ୍କ ସହିତ ସହଭାଗୀତାରେ ଏକ ସୁସ୍ଥ, ଅଧିକ ସ୍ଥିର ସମାଜ ଗଠନ ପାଇଁ କାର୍ଯ୍ୟ କରୁ।"

## ଇରାନର ପ୍ରତିଶୋଧ

# କ୍ଷେପଣାସ୍ତ୍ର ମାଡ଼ରେ ମୋସାଦ ମୁଖ୍ୟାଳୟ ଧ୍ୱଂସ



ତେହେରାନ: ଇସ୍ରାଏଲ ଏବଂ ଇରାନ ମଧ୍ୟରେ ଯୁଦ୍ଧ ଆହୁରି ଭୟଙ୍କର ହୋଇଛି । କିଛି ଘଣ୍ଟା ପୂର୍ବରୁ ଇସ୍ରାଏଲୀ ସେନା ଇରାନୀ ସେନା ମୁଖ୍ୟଙ୍କୁ ହତ୍ୟା କରିଥିବା ଦାବି କରିଥିଲା, ଯାହାର ଜବାବରେ ଇରାନ ଏବେ ଏକ ବଡ଼ ଦାବି କରିଛି ଏବଂ କହିଛି ଯେ, ଆମର ସେନା ଇସ୍ରାଏଲୀ ଗୁପ୍ତଚର ସଂସ୍ଥା ମୋସାଦର ମୁଖ୍ୟାଳୟ ଉପରେ ଆକ୍ରମଣ କରିଛି । ଇରାନ ଅବଜରଭର ନିଜର ଏକ୍ସ ହ୍ୟାଣ୍ଡେଲରେ ଏହି ଆକ୍ରମଣର ଭିଡିଓ ସେୟାର କରିଛି ।

ଏହି ଭିଡିଓରେ ଦାବି କରାଯାଇଛି, ଇସ୍ରାଏଲୀ ଗୁଇନ୍ଦା ସଂସ୍ଥା ମୋସାଦର ମୁଖ୍ୟାଳୟ ଉପରେ ସିଧାସଳଖ ଆକ୍ରମଣ ହୋଇଛି । ଏଥିରେ ଦୁଇଟି କିମ୍ବା ତିନୋଟି କୋଠା ଉପରେ ଆକ୍ରମଣ ପରେ କଳା ଧୂଆଁ ଉଠୁଥିବା ଦେଖାଯାଉଛି, ଯାହାକୁ ମୋସାଦର ମୁଖ୍ୟାଳୟ ବୋଲି କୁହାଯାଉଛି । ଇସ୍ରାଏଲ ଅନେକ ପ୍ରମୁଖ ଇରାନୀ ସାମରିକ ନେତାଙ୍କୁ ଟାର୍ଗେଟ କରିଛି । ଇସ୍ରାଏଲୀ ସେନା (ଆଇଡିଏଫ) ଦାବି କରିଛି ଯେ,ଇରାନର ସର୍ବୋଚ୍ଚ ନେତା ଆୟତୁଲ୍ଲା ଅଲି ଖାମେନିଙ୍କ ଘନିଷ୍ଠ ସହଯୋଗୀ ଏବଂ ଆଇଆରଜିସି (ଇସଲାମିକ୍ ରିଭୋଲ୍ୟୁସନରୀ ଗାର୍ଡସ୍ କର୍ପସ୍) ଖାତମ-ଅଲ-ଆନବିୟା କେନ୍ଦ୍ରୀୟ ମୁଖ୍ୟାଳୟର ମୁଖ୍ୟ ମେଜର ଜେନେରାଲ ଅଲି ଶାଦମାନୀଙ୍କୁ ତେହେରାନ ଉପରେ ଆକ୍ରମଣ ସମୟରେ ହତ୍ୟା କରାଯାଇଛି । ଆଇଡିଏଫ ସୋସିଆଲ ମିଡିଆ ପ୍ଲାଟଫର୍ମ 'ଏକ୍ସ' ରେ ଏକ ସରକାରୀ ସୂଚନା ସେୟାର କରିଛି ।ମଙ୍ଗଳବାର ଦିନ ନୂଆଦିଲ୍ଲୀସ୍ଥିତ ଇରାନ ଦୂତାବାସ ଇରାନ ଉପରେ ଇସ୍ରାଏଲୀ ବିମାନ ଆକ୍ରମଣକୁ ନିନ୍ଦା କରି ଏକ ପ୍ରେସ୍ ବିଜ୍ଞପ୍ତି ଜାରି କରିଛ । ଜୁନ୍ ୧୩ ତାରିଖରେ ଇସ୍ରାଏଲ ଇରାନର ଆଞ୍ଚଳିକ ଅଖଣ୍ଡତା ଏବଂ ଜାତୀୟ ସାର୍ବଭୌମତ୍ୱ ଉଲ୍ଲଂଘନ କରିଥିବା ଅଭିଯୋଗ କରିଛି ।ଦୂତାବାସ ଅନୁଯାୟୀ, ଇସ୍ରାଏଲୀ ସେନା ଇରାନର ବିଭିନ୍ନ ସ୍ଥାନ, ବିଶେଷକରି ଆବାସିକ ଅଞ୍ଚଳରେ ଆକ୍ରମଣ କରିଥିଲା, ଯେଉଁଥିରେ ମହିଳା ଏବଂ ଶିଶୁ ସମେତ ୨୨୪ ଜଣ ସାଧାରଣ ନାଗରିକଙ୍କ ମୃତ୍ୟୁ ହୋଇଛି ।

ଏହି ଆକ୍ରମଣରେ ୧୨୫୭ ରୁ ଅଧିକ ଲୋକ ଆହତ ମଧ୍ୟ ହୋଇଛନ୍ତି । ଇସ୍ରାଏଲ ଏବଂ ଇରାନ ମଧ୍ୟରେ ବଢୁଥିବା ଆକ୍ରମଣକୁ ଦୃଷ୍ଟିରେ ରଖି, ମିସର, ଜୋର୍ଡାନ ଏବଂ ଅନ୍ୟ କିଛି ଦେଶ ଏହି ଯୁଦ୍ଧ ବନ୍ଦ କରିବାକୁ ନିବେଦନ କରିଛନ୍ତି । ଏହା ସହିତ, ସେମାନେ ମଧ୍ୟପ୍ରାଚ୍ୟରେ ବଢୁଥିବା ଉତ୍ତେଜନା ଉପରେ ଚିନ୍ତା ପ୍ରକାଶ କରି ଏକ ମିଳିତ ବିବୃତ୍ତି ଜାରି କରିଥିଲେ ଏବଂ ଶାନ୍ତି ଫେରାଇ ଆଣିବା ପାଇଁ ଆଲୋଚନାର ପଥ ଗ୍ରହଣ କରିବାକୁ ପରାମର୍ଶ ଦେଇଥିଲେ ।

# ଯୁଦ୍ଧ ମୁହାଁ ତାଇଓ୍ୱାନ-ଚୀନ୍



ତାଇପେଇ: ମଧ୍ୟପ୍ରାଚ୍ୟରେ ଇରାନ ଏବଂ ଇସ୍ରାଏଲ ମଧ୍ୟରେ ସଂଘର୍ଷ ଜାରି ରହିଥିବା ବେଳେ, ଚୀନ୍ ଏବଂ ତାଇଓ୍ୱାନ ମଧ୍ୟରେ ଉତ୍ତେଜନା ମଧ୍ୟ ବୃଦ୍ଧି ପାଉଛି । ଦ୍ୱୀପପୁଞ୍ଜ ଉପରେ ବେଜିଂର ସାମରିକ ଚାପ ଯୋଗୁ, ତାଇଓ୍ୱାନ ସରକାର ମଧ୍ୟ ଏହାର ବାୟୁ ଏବଂ ସମୁଦ୍ର ଶକ୍ତି ବୃଦ୍ଧି କରୁଛନ୍ତି । ସମ୍ପ୍ରତି, ତାଇଓ୍ୱାନ ଡ୍ରୋନରେ ନିବେଶ ବୃଦ୍ଧି କରିଛି । ଏସବୁ ଡ୍ରୋନକୁ ୟୁକ୍ରେନ ଦ୍ୱାରା ରୁଷିଆର ପାରମ୍ପରିକ ଭାରୀ ଅସ୍ତ୍ରଶସ୍ତ୍ରକୁ ପରାସ୍ତ କରିବା ପାଇଁ ବ୍ୟାପକ ଭାବରେ ବ୍ୟବହାର କରାଯାଇଛି ।

ଚୀନ୍ ତାଇଓ୍ୱାନକୁ ନିଜର ଅଞ୍ଚଳ ବୋଲି ଦାବି କରୁଛି ଏବଂ ଏହାକୁ ନିଜ ନିୟନ୍ତ୍ରଣକୁ ଆଣିବା ପାଇଁ ବଳ ପ୍ରୟୋଗ କରିବାକୁ ଧମକ ଦେଇଛିଛ ତାଇପେଇର ଦକ୍ଷିଣ-ପୂର୍ବରେ ଥିବା ୟିଲାନରେ ସରକାରଙ୍କ ନ୍ୟାସନାଲ ଚୁଙ୍ଗ-ଶାନ ଇନଷ୍ଟିଚ୍ୟୁଟ୍ ଅଫ୍ ସାଇନ୍ସ ଆଣ୍ଡ୍ ଟେକ୍ନୋଲୋଜି ଦ୍ୱାରା ଆୟୋଜିତ ଏକ ମାନବହୀନ ସାମୁଦ୍ରିକ ଯାନ (ୟୁଏସଭି) ପ୍ରଦର୍ଶନୀରେ ବାରଟି ସ୍ଥାନୀୟ ଏବଂ ବିଦେଶୀ କମ୍ପାନି ଅଂଶଗ୍ରହଣ କରିଥିଲେ । ପ୍ରଦର୍ଶନୀରେ ବିଭିନ୍ନ ପ୍ରକାରର ସାମୁଦ୍ରିକ ଡ୍ରୋନ୍ ପ୍ରଦର୍ଶିତ ହୋଇଥିଲା ।

ନ୍ୟାସନାଲ ଚୁଙ୍ଗ-ଶାନ ଇନଷ୍ଟିଚ୍ୟୁଟ୍ ଅଫ୍ ସାଇନ୍ସ ଆଣ୍ଡ୍ ଟେକ୍ନୋଲୋଜି ଏକ ବିବୃତିରେ କହିଛି ଯେ, ଏହା ସାମରିକ ଏବଂ ତଟରକ୍ଷୀ ଭଳି ସମ୍ଭାବ୍ୟ ଗ୍ରାହକଙ୍କ ପାଇଁ ଭବିଷ୍ୟତର ବହୁଳ ଉତ୍ପାଦନ ପାଇଁ ଡ୍ରୋନ୍ ନିର୍ମାତାଙ୍କଠାରୁ ତଥ୍ୟ ସଂଗ୍ରହ କରିବାର ଏକ ସୁଯୋଗ । ଯୁଦ୍ଧ ପରିବେଶରେ କାର୍ଯ୍ୟ କରିବା ପାଇଁ ଡିଜାଇନ୍ ହୋଇଥିବା ତାଇଓ୍ୱାନ ଜାହାଜ ନିର୍ମାତା ଲୁଙ୍ଗଟେହର ବ୍ଲାକ୍ ଟାଇଡ୍ ସାମୁଦ୍ରିକ ଡ୍ରୋନ୍ ଏହି ପ୍ରଦର୍ଶନୀର ମୁଖ୍ୟ ଆକର୍ଷଣ ଥିଲା । ଚୀନ ଧମକର ଜବାବ ଦେବା ପାଇଁ ତାଇଓ୍ୱାନର ପ୍ରସ୍ତୁତି ଆରମ୍ଭ କରିଥିବା ବିଶେଷଜ୍ଞ ମତପୋଷଣ କରିଛନ୍ତି । ଦୁଇ ଦେଶ ସଂଘର୍ଷର ନିକଟତର ହେବାରେ ଲାଗିଥିବା ମଧ୍ୟ ଚର୍ଚ୍ଚା ହେଉଛି । ତାଇଓ୍ୱାନର ଡ୍ରୋନ୍ ଚୀନ୍ ପାଇଁ ବିପଦ ସୃଷ୍ଟି କରିଛି । କମ୍ପାନି ଅନୁଯାୟୀ, ଜାହାଜ ଡ୍ରୋନ୍ ଘଣ୍ଟା ପ୍ରତି ୮୦ କିଲୋମିଟର ବେଗରେ ଯାତ୍ରା କରିପାରିବ । ବ୍ଲାକ୍ ଟାଇଡ୍ ନାମକ ଏହି ଡ୍ରୋନକୁ ଗୁପ୍ତଚର, ନିରୀକ୍ଷଣ, ଗୁପ୍ତଚର ଏବଂ ଆକ୍ରମଣ ପାଇଁ ବ୍ୟବହାର କରାଯାଇପାରିବ ।

ପ୍ରଦର୍ଶନୀରେ କାର୍ବନ-ଭିତ୍ତିକ ଟେକ୍ନୋଲୋଜି ଇନକର୍ପୋରେଟେଡ୍ର ଗୁପ୍ତ ୟୁଏସଭି ବୋମା ବହନ କରିପାରିବ ଏବଂ ଆତ୍ମଘାତୀ ମିସନ ପାଇଁ ଏହାକୁ ବ୍ୟବହାର କରାଯାଇ ପାରିବ ବୋଲି କମ୍ପାନିର ନିର୍ଦ୍ଦେଶକ ଷ୍ଟାସି ୟୁ କହିଛନ୍ତି । ରାଷ୍ଟ୍ରପତି ଲାଇ ଚିଙ୍ଗ-ତେ ଡ୍ରୋନ୍ ଉତ୍ପାଦନ ପାଇଁ ତାଇଓ୍ୱାନକୁ 'ଏସିଆନ ହବ୍' କରିବାକୁ ପ୍ରତିଶ୍ରୁତି ଦେଇଛନ୍ତି, କିନ୍ତୁ ଦ୍ୱୀପର ଉତ୍ପାଦନ ବୃଦ୍ଧି କରିବାରେ ଚ୍ୟାଲେଞ୍ଜ ରହିଛି । ଚିଙ୍ଗ-ତେଙ୍କ ମନ୍ତବ୍ୟ ପରେ ଚୀନର ଚିନ୍ତା ବଢ଼ିବାରେ ଲାଗିଛି ।

# ଜି-୭ ବୈଠକରୁ ଉଠି ପଳାଇଲେ ଟ୍ରମ୍ପ



ନୂଆଦିଲ୍ଲୀ : ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଜି-୭ ସମ୍ମିଟି ବୈଠକରୁ ହଠାତ ଉଠିଯିବା ନେଇ ଇରାନ ଓ ଇସ୍ରାଏଲ ମଧ୍ୟରେ ଦେଖାଦେଇଥିବା ବିବାଦ ନୂଆ ମୋଡ଼ ନେଇଛି । ମଧ୍ୟପ୍ରାଚ୍ୟରେ ହୋଇଥିବା ସ୍ଥିତିରେ ଏବେ ପୁଣି ଏକ ନୂଆ ଘଟଣା ଘଟିବାକୁ ଯାଉଛି । ଏହାଛଡ଼ା ଟ୍ରମ୍ପ ତେହେରାନରେ ରହୁଥଲବା ଲୋକମାନେ ତୁରନ୍ତ ସେମାନଙ୍କ ବାସଭବନ ଖାଲି କରିବାକୁ କହିଛନ୍ତି ।

ତେବେ ଟ୍ରମ୍ପ ହଠାତ ଜି-୭ ବୈଠକରୁ ଯିବା ପରେ ଇସ୍ରାଏଲ୍ ଓ ଇରାନ ମଧ୍ୟରେ ଯୁଦ୍ଧ ବିରତି ହେବ ବୋଲି ଯେଉଁ ଆଶା କରାଯାଉଥିଲା, ସେଥଳରେ ପୂର୍ଣ୍ଣଚ୍ଛେଦ ପଡ଼ିଛି । ଟ୍ରମ୍ପ୍ କହିଛନ୍ତି ଯେ ଯୁଦ୍ଧ ବିରତିଠାରୁ ଅଧଳକ କ'ଣ ହୋଇପାରିବ ଆମେ ତାହା ଦେଖୁଛୁ । ତାଙ୍କ ମନ୍ତବ୍ୟ ଏବେ ବିଶ୍ୱରେ ଚିନ୍ତା ବାଇଛି ଏହାର କୁଟନୈତିକ ଦିଗ ଅନେକ ରହିଛି । ବର୍ତ୍ତମାନ ଯେଉଁ ବିବାଦ ଚାଲିଛି ଉଭୟ ଦେଶର ଶତାଧିକ ଲୋକ ମୃତ୍ୟୁବରଣ କରିଥିଲାବେଳେ ବିଶ୍ୱ ତୈଳ ବଜାରରେ ମଧ୍ୟ ଏହାର ପ୍ରଭାବ ପଡ଼ିଛି । ଟ୍ରମ୍ପ କହିଛନ୍ତି ଯେ ଆମେରିକା କିଛି ଭଲ କରିବାକୁ ଯୋଜନା କରିଛି । ମନେ ରଖିବା ଉଚିତ ଇରାନ ପାଖରେ କେବଳ ଆଣବିକ ଅସ୍ତ୍ର ନାହିଁ । ଆମେରିକା । ଉପରାଷ୍ଟ୍ରପତି ଜେଡି ଭାନ୍ସ ଇରାନ ସହ କୂଟନୈତିକ ଆଲୋଚନା ଲାଗି ରାସ୍ତା ତିଆରି କରୁଥିବା ସୂଚନା ମିଳୁଛି । ଆଗାମୀ ଦୁଇଦିନ ମଧ୍ୟରେ ଏନେଇ ସ୍ଥିତି ସ୍ପଷ୍ଟ ହେବ ବୋଲି କୁହାଯାଉଛି ।

ସେହିଭଳି ଆମେରିକା ରାଷ୍ଟ୍ରପତି ଓ ଫ୍ରାନ୍ସ ରାଷ୍ଟ୍ରପତିଙ୍କ ମଧ୍ୟରେ ବିବାଦ ଦେଖାଦେଇଛି । ପୂର୍ବରୁ ୟୁକ୍ରେନ ରାଷ୍ଟ୍ରପତି ଜେଲେନ୍ସ୍କି ଓ ଦକ୍ଷିଣ ଆଫ୍ରିକା ରାଷ୍ଟ୍ରପତି ସିରିଲି ରାମା ପେଶାଙ୍କ ଟ୍ରମ୍ପ ବିବାଦ ସୃଷ୍ଟି କରିଥିଲା । ଏବେ ଫ୍ରାନ୍ସ ରାଷ୍ଟ୍ରପତି ଇମାନୁଏଲ ମାର୍କେନଙ୍କୁ ଗାଳି ଦେଇଛନ୍ତି । ମାର୍କେନ କହିଥିଲେ ଯେ ଇସ୍ରାଏଲ୍ ଓ ଇରାନ ମଧ୍ୟରେ ଯୁଦ୍ଧ ବିରତି ଲାଗି ଜି-୭ ସମ୍ମିଳନୀ ଛାଡ଼ି ଆମେରିକା ରାଷ୍ଟ୍ରପତି ଚାଲିଯାଇଛନ୍ତି । ତେବେ ଡୋନାଲ୍ଡ ଟ୍ରମ୍ପ ଏହାର ଜବାବରେ ଲେଖିଛନ୍ତି ପ୍ରଚାରପ୍ରେମୀ ଫ୍ରାନ୍ସ ରାଷ୍ଟ୍ରପତି ଭୁଲବଶତଃ କହିଥିଲେ ଯେ ଇସ୍ରାଏଲ୍ ଓ ଇରାନ ମଧ୍ୟରେ ଅସ୍ତ୍ର ବିରତି ଉପରେ ପ୍ରଚେଷ୍ଟା ପାଇଁ ସେ କାନାଡ଼ାରୁ ଫେରିଆସିଛନ୍ତି । ଏହା ଭୁଲ କଥା । ମୁଁ ଓ୍ୱାଶିଂଟନ କାହିଁକି ଯାଉଛି ସେ ଜାଣିନାହାନ୍ତି । ଯୁଦ୍ଧ ବିରତି ସହ ନିଶ୍ଚିତ ଭାବରେ ଏହାର କୌଣସି ସମ୍ପର୍କ ନାହିଁ । ଜାଣିଶୁଣି ହେଉ ବା ଇଚ୍ଛାକୃତ ଭାବେ ଇମାନୁଏଲ ସର୍ବଦା ସତର୍କ ରୁହନ୍ତୁ ।

# ବିପର୍ଯ୍ୟୟ ମୁକାବିଲା ଅତ୍ୟନ୍ତ ଜରୁରୀ : ପିକେ ମିଶ୍ର

## ରିଲିଫ୍ କମିଶନର, ରାଜ୍ୟ ବିପର୍ଯ୍ୟୟ ପ୍ରଶମନ ବାହିନୀର ବାର୍ଷିକ ସମ୍ମିଳନୀ




ନୂଆଦିଲ୍ଲୀ : କେନ୍ଦ୍ର ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ (ଏମଏଚଏ) ଦ୍ୱାରା ଆୟୋଜିତ ରାଜ୍ୟ ତଥା କେନ୍ଦ୍ରଶାସିତ ପ୍ରଦେଶର ରିଲିଫ କମିଶନର ଏବଂ ରାଜ୍ୟ ବିପର୍ଯ୍ୟୟ ପ୍ରଶମନ ବାହିନୀ (ଏସଡିଆରଏଫ)ଗୁଡ଼ିକର ଦୁଇଦିନିଆ ବାର୍ଷିକ ସମ୍ମିଳନୀ ଆଜି ନୂଆଦିଲ୍ଲୀରେ ଉଦଯାପିତ ହୋଇଛି । ପ୍ରଧାନମନ୍ତ୍ରୀଙ୍କ ପ୍ରମୁଖ ସଚିବ ଡକ୍ଟର ପି. କେ. ମିଶ୍ର ଉଦଯାପନୀ ଅଧିବେଶନରେ ଅଧକ୍ଷତା କରିଥିଲେ ।

କାର୍ଯ୍ୟକ୍ରମରେ ଉଦବୋଧନ ଦେଇ ଡକ୍ଟର ପି. କେ. ମିଶ୍ର କହିଥିଲେ ଯେ ଏହି ବାର୍ଷିକ ସମ୍ମିଳନୀ ଏକ ବାର୍ଷିକ ଆୟୋଜନଠାରୁ ଉର୍ଦ୍ଧ୍ୱରେ । ବିପର୍ଯ୍ୟୟ ବିପଦ ପରିଚାଳନା ପ୍ରତି ଆମର ସାମୂହିକ ଆଭିମୁଖ୍ୟକୁ ପ୍ରତିଫଳିତ କରିବା, ପୁନଃବ୍ୟବସ୍ଥିତ କରିବା ଏବଂ ସୁଦୃଢ଼ କରିବା ପାଇଁ ଏକ ସହଭାଗୀ ସୁଯୋଗ । ବିପର୍ଯ୍ୟୟଗୁଡ଼ିକର ପ୍ରକୃତି ବଦଳୁଥିବା ବିଷୟରେ ଉଲ୍ଲେଖ କରି ସେ କହିଥିଲେ ଯେ ଆମକୁ ଏହି ବାସ୍ତବତାକୁ ସ୍ୱୀକାର କରିବାକୁ ହେବ, ଅର୍ଥାତ୍ ବିପଦଗୁଡ଼ିକ ପରସ୍ପର ସହ ଜଡ଼ିତ ଏବଂ ସେଗୁଡ଼ିକର ପ୍ରଭାବ ବହୁଗୁଣିତ ହେଉଛି । ବିପଦଗୁଡ଼ିକ ଆମର ଆଶା ଠାରୁ ବହୁଗୁଣ ଅଧିକ ବେଗରେ ବଦଳିବାରେ ଲାଗିଛନ୍ତି ।

ଡକ୍ଟର ପି.କେ ମିଶ୍ର ଆଗାମୀ ଦିନରେ କେତେକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପଗୁଡ଼ିକ ଉପରେ ଧ୍ୟାନ ଦେବାକୁ ପରାମର୍ଶ ଦେଇଥିଲେ ଯାହା ଆମର ସ୍ଥିତିକୁ ଦୀର୍ଘସମୟ ପାଇଁ ସୁଦୃଢ଼ କରିବ । ସେ କହିଥିଲେ, ବିପର୍ଯ୍ୟୟର ଅନିଶ୍ଚିତତା ବଢୁଥିବାରୁ ଏହାର ମୁକାବିଲା ପ୍ରସ୍ତୁତି ଏବଂ ସଚେତନତା ଅତ୍ୟନ୍ତ ଜରୁରୀ । ବିପଦ ଏବଂ ଦୁର୍ବଳତା ପରିଦୃଶ୍ୟ ବଦଳୁଛି । ସେଥିପାଇଁ ରାଜ୍ୟଗୁଡ଼ିକର ପ୍ରସ୍ତୁତି ସ୍ତର ବାଇବା ଆବଶ୍ୟକ । ରିଲିଫ ଏବଂ ପ୍ରତିକ୍ରିୟା ଦୃଷ୍ଟିକୋଣ ଅପେକ୍ଷା ପ୍ରସ୍ତୁତି ଏବଂ ପ୍ରଶମନ ଦୃଷ୍ଟିକୋଣ ଆଡ଼କୁ ଉନ୍ନତ ପରିବର୍ତ୍ତନ ପାଇଁ, ରାଜ୍ୟଗୁଡିକ ଶିକ୍ଷା ଲାଭ କରୁଥିବା ଅଭିଜ୍ଞତାକୁ ସଂସ୍ଥାଗତ ରୂପ ଦେବାର ଆବଶ୍ୟକତା ରହିଛି । ଏହା ଜରୁରୀ କାରଣ ଅତୀତର ବିପର୍ଯ୍ୟୟଗୁଡ଼ିକର ଅନ୍ତର୍ଦୃଷ୍ଟିକୁ ଭୁଲି ହେବ ନାହିଁ ।

ବିପର୍ଯ୍ୟୟ ପାଇଁ ପ୍ରସ୍ତୁତ ହେବା କିଛି ଘଣ୍ଟାର ବ୍ୟାପାର ନୁହେଁ, ବରଂ କିଛି ମିନିଟର ବ୍ୟାପାର, କାରଣ ସହାୟତା ଓ ଉଦ୍ଧାର କାର୍ଯ୍ୟ ଆରମ୍ଭ କରିବା ଏବଂ ଉଦ୍ଧାର କାର୍ଯ୍ୟରେ ଲାଗୁଥିବା ପ୍ରତ୍ୟେକ ମିନିଟ ଗୁରୁତ୍ୱ ବହନ କରିଥାଏ । ତେଣୁ ପ୍ରତିକ୍ରିୟାର ବେଗ ବୃଦ୍ଧି କରାଯିବା ଉଚିତ । କେତେକ ବିପର୍ଯ୍ୟୟ ପାଇଁ ଆଗୁଆ ଚେତାବନୀ ଉପରେ ଆହୁରି ଅନେକ କିଛି କରିବାର ଅଛି । କେତେକ ବିପର୍ଯ୍ୟୟରେ କ୍ଷୟକ୍ଷତିର ସମ୍ଭାବନା ଆକଳନ ଠାରୁ ଅଧିକ ବୋଲି ଜଣାପଡ଼ିଛି । ଉଦାହରଣ ସ୍ୱରୂପ, ମରୁଡ଼ି ଜୀବନ ଏବଂ ଜୀବିକା ଉପରେ ଗୁରୁତର ପ୍ରଭାବ ପକାଇବାର ସମ୍ଭାବନା ରହିଛିଛ ଆଜିକାଲି ବଜ୍ରପାତ ସବୁଠାରୁ ବଡ଼-ମାରାତ୍ମକ ବିପର୍ଯ୍ୟୟ ମଧ୍ୟରୁ ଗୋଟିଏ ଭାବରେ ସାମ୍ନାକୁ ଆସୁଛି । ତେଣୁ ଏଭଳି ବିପର୍ଯ୍ୟୟର ମୁକାବିଲା ପାଇଁ ଆମର ପ୍ରଶମନ ପ୍ରୟାସକୁ ପୁନଃବ୍ୟବସ୍ଥିତ କରାଯିବା ଉଚିତ ।

ଡକ୍ଟର ମିଶ୍ର କହିଥିଲେ, ବିପର୍ଯ୍ୟୟ ବିପଦକୁ ହ୍ରାସ କରିବା ପାଇଁ ରାଜ୍ୟଗୁଡ଼ିକ କମ ଖର୍ଚ୍ଚ କିନ୍ତୁ ଉଚ୍ଚ ପ୍ରଭାବଶାଳୀ ହସ୍ତକ୍ଷେପ ଉପରେ ଧ୍ୟାନ ଦେବା ଉଚିତ । ସହରାଞ୍ଚଳ ବନ୍ୟା ମୁକାବିଲା ପାଇଁ ସ୍ଥାନୀୟ ଭୌଗୋଳିକ ଏବଂ ଜଳବାୟୁ ପରିସ୍ଥିତିକୁ ମନେ ରଖିବାକୁ ପଡିବ । ବିପର୍ଯ୍ୟୟ ମୁକାବିଲାକୁ ଅଧିକ ପ୍ରଭାବୀ କରିବା ପାଇଁ ଆପଦା ମିତ୍ର ମାଧ୍ୟମରେ ସ୍ଥାନୀୟ ଲୋକଙ୍କୁ ସମ୍ପୃକ୍ତ କରିବା ଭଳି ସ୍ୱେଚ୍ଛାସେବୀଙ୍କୁ ଏକାଠି କରିବା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ । ବିପର୍ଯ୍ୟୟ ପରବର୍ତ୍ତୀ ସମୟରେ ଜୀବନ ରକ୍ଷା କରିବାରେ ଜନ-ଭାଗୀଦାରୀ କିଭଳି ଭୂମିକା ଗ୍ରହଣ କରିପାରିବ ତାହା ରାଜ୍ୟଗୁଡ଼ିକ ହୃଦୟଙ୍ଗମ କରିବା ଉଚିତ । ପ୍ରଧାନମନ୍ତ୍ରୀଙ୍କ 'ମୋ ଭାରତ' ପ୍ରୟାସ ଯୁବପିଢ଼ିଙ୍କୁ ବିପର୍ଯ୍ୟୟ ମୁକାବିଲାରେ ସାମିଲ କରିବା ପାଇଁ ବ୍ୟବହାର କରାଯାଇପାରିବ ।

ଏହି ଦୁଇ ଦିନିଆ ସମ୍ମିଳନୀରେ ରାଜ୍ୟ ସରକାର, କେନ୍ଦ୍ରଶାସିତ ପ୍ରଦେଶର ବିଭିନ୍ନ ମନ୍ତ୍ରଣାଳୟ, ବିଭାଗ ସହିତ କେନ୍ଦ୍ର ସରକାରଙ୍କ ସଂଗଠନ ଏବଂ ରାଜ୍ୟ/କେନ୍ଦ୍ରଶାସିତ ଅଞ୍ଚଳର ଏସଡିଆରଏଫ, ବେସାମରିକ ପ୍ରତିରକ୍ଷା, ହୋମ୍ ଗାର୍ଡ, ଅଗ୍ନିଶମ ସେବାର ୧୦୦୦ରୁ ଅଧିକ ପ୍ରତିନିଧି ଯୋଗ ଦେଇଥିଲେ । ସମ୍ମିଳନୀ ସମୟରେ ଭିନ୍ନ ଭିନ୍ନ ଅଧିବେଶନ ଆୟୋଜନ କରାଯାଇଥିଲା ଏବଂ ବିଶେଷଜ୍ଞମାନେ ପ୍ରାରମ୍ଭିକ ଚେତାବନୀ, ବିପର୍ଯ୍ୟୟ ପରବର୍ତ୍ତୀ ଆବଶ୍ୟକତା ଆକଳନ, ସହରାଞ୍ଚଳ ବନ୍ୟା ପରିଚାଳନା, ନୂତନ ଆହ୍ୱାନ ଏବଂ ନୂତନ ପ୍ରଯୁକ୍ତିବିଦ୍ୟା ଗ୍ରହଣ, ବିପର୍ଯ୍ୟୟ ମୁକାବିଲା ବାହିନୀର ଭୂମିକା, ମକ ଡ୍ରିଲ୍, ସ୍ୱେଚ୍ଛାସେବୀଙ୍କ କାର୍ଯ୍ୟ ଇତ୍ୟାଦି ବିଷୟ ଉପରେ ଧ୍ୟାନ ଦେଇ ଆଲୋଚନା କରିଥିଲେ ।

# ଇଣ୍ଡିଗୋ ବିମାନକୁ ବୋମା ଧମକ

ନୂଆଦିଲ୍ଲୀ : ଯାତ୍ରୀ ବିମାନ ସେବା ଉପରେ ସତେ ଯେମିତି କାହାର ନଜର ଲାଗିଛି । ଅହମ୍ମଦାବାଦରେ ନିକଟରେ ଏକ ଭୟାବହ ଦୁର୍ଘଟଣା ହୋଇଥିଲାବେଳେ ଏବେ ପୁଣି ବିମାନକୁ ଉଡ଼ାଣ ପରେ ଜରୁରୀକାଳୀନ ଅବତରଣ କରିବାକୁ ପଡ଼ିଛି । ଇଣ୍ଡିଗୋର ଏକ ବିମାନ ଯାହାକୁ କୋଚିରୁ ଦିଲ୍ଲୀ ଯାଉଥିଲା, ନାଗପୁରରେ ଜରୁରୀକାଳୀନ ଅବତରଣ କରିଛି । ଏହି ବିମାନ ଉଡ଼ାଣ ପରେ ଏହାକୁ ବୋମା ଧମକ ମିଳିଥିଲା ।


ସିଆଇଏଏଲ୍ର ବିବୃତି ଅନୁଯାୟୀ ଇଣ୍ଡିଗୋ ବିମାନର ଇ-ମେଲ୍ରେ ଏହି ଧମକ ଆସିଥିଲା ବିମାନଟି ଦିଲ୍ଲୀରେ ପୂର୍ବାହ୍ନ ୯ଟା୩୧ରେ ପହଞ୍ଚିଥିଲା । ଏଥିରେ ୧୫୭ ଯାତ୍ରୀଙ୍କ ସମେତ ୬ କ୍ରିୟୁ ସଦସ୍ୟଙ୍କ ସହ ଉଡ଼ାଣ ଭରିଥିଲା ଏହାପରେ ବିମାନରେ ବୋମା ଥିବା ସୂଚନା ଆସିଥିଲା । କର୍ତ୍ତୃପକ୍ଷ ତୁରନ୍ତ ଏହାକୁ ସମ୍ପୃକ୍ତ ବିମାନରେ ଥିବା କର୍ମଚାରୀଙ୍କୁ ସୂଚନା ଦେବା ସହ ନାଗପୁରଠାରେ ଜରୁରୀକାଳୀନ ଅବତରଣ ପାଇଁ ପରାମର୍ଶ ଦେଇଥିଲେ । ସେଠାରେ ଏହାର ଯାଞ୍ଚ କରାଯାଇଥିଲା ସିଆଇଏଏଲ୍ ପକ୍ଷରୁ କୁହାଯାଇଛି ଯେ ଆବଶ୍ୟକୀୟ ସୁରକ୍ଷା ଯାଞ୍ଚ ପରେ ବିମାନକୁ ତା'ର ଗନ୍ତବ୍ୟସ୍ଥଳକୁ ଛାଡ଼ି ଦିଆଯାଇଛି । ସେହିଭଳି ସୋମବାର ଏଲ୍ଏଚ୍-୭୫୨ ବିମାନ ଫ୍ରାଙ୍କପ୍ରଟରୁ ହାଇଦ୍ରାବାଦ ଯାଉଥିଲାବେଳେ ବୋମା ଧମକ ଯୋଗୁ ପୁଣି ଜର୍ମାନ ଫେରିଥଲଲା ଏହାପରେ ଏସ୍ଓପି କରାଯାଇ ଉଡ଼ାଣ ଭରିଥିଲା ବୋମା ଧମକ ଏକ ନିତିଦିନିଆ କଥା ହେଲାଣି ।

# ବିମାନ ଦୁର୍ଘଟଣାର ଭିଡିଓ ରେକର୍ଡ କରିଥିବା ବାଳକକୁ ପଚରାଉଚରା

ଅହମଦାବାଦ: ଗୁରୁବାର ଅହମଦାବାଦରୁ ଲଣ୍ଡନ ଯାଉଥିବା ଏୟାର ଇଣ୍ଡିଆର ବୋଇଂ ୭୮୭ ଡ୍ରିମଲାଇନର୍ ବିମାନ ଦୁର୍ଘଟଣାଗ୍ରସ୍ତ ହୋଇଥିଲା । ଦୁର୍ଘଟଣା ପରେ ପରେ ଏକ ଭିଡିଓ ଖୁବ୍ ଭାଇରାଲ ହୋଇଥିଲା, ଯେଉଁଥିରେ ବିମାନ ଦୁର୍ଘଟଣାଗ୍ରସ୍ତ ହେବା ସ୍ପଷ୍ଟ ଦେଖଯାଉଥିଲା । ଏହି ଭିଡିଓକୁ ପ୍ରାୟ ସବୁ ଗଣମାଧ୍ୟମ ନେଇ ଖବର ପ୍ରକାଶ କରିଥିଲେ ।ଗୁରୁବାରଠାରୁ ଭାଇରାଲ ହେଉଥିବା ଏହି ଭିଡିଓଟି କିଏ ଉତ୍ତୋଳନ କରିଥିଲେ, ତାହା ଏବେ ସାମ୍ନାକୁ ଆସିଛି ।

ସୂଚନା ମୁତାବକ, ଗୁରୁବାର ଦିନ ଗୁଜରାଟର ଅହମ୍ମଦାବାଦରେ ଏୟାର ଇଣ୍ଡିଆ ବିମାନ ଦୁର୍ଘଟଣାର ବେଳର ଭିଡିଓ ରେକର୍ଡ କରିଥିଲେ ୧୭ ବର୍ଷୀୟ ବାଳକ ଆରୟନ ଅସାରି । ସେ କହିଛନ୍ତି ଯେ, ବିମାନଟି ତଳକୁ ଖସୁଥିବାରୁ ମୁଁ ଭାବିଲି ଏହା ଅବତରଣ କରିବ । କାରଣ ପାଖରେ ବିମାନବନ୍ଦର ଥିଲା । ମୋ ସାଙ୍ଗମାନଙ୍କୁ ଦେଖାଇବା ପାଇଁ ମୁଁ ଏହାକୁ ରେକର୍ଡ କରିଥିଲି । ହେଲେ କିଛି ସମୟ ପରେ ବିମାନଟି ତଳକୁ ଖସିଯିବା ସହ ଜୋରରେ ଶବ୍ଦ ଶୁଭିଥିଲା । କିଛି ସେକେଣ୍ଡ ପରେ ଉପରକୁ ଧୂଆଁ ଓ ନିଆଁ ଉଠିବା ଦେଖି ମୁଁ ଡ଼ରିଯାଇଥିଲି । ଏହା ପରେ ତଳକୁ ଦେଢ଼ିଯାଇ ମୁଁ ଘରେ ଜଣାଇଥିଲି । କୁହାଯାଉଛି ଯେ, ପୁଲିସ ଆରୟନଙ୍କୁ ଏହି ଦୁଃଖଦ ଘଟଣାର ପ୍ରତ୍ୟକ୍ଷଦର୍ଶୀ ଭାବରେ ଗ୍ରହଣ କରି ଶନିବାର ଦିନ ତାଙ୍କର ବୟାନ ରେକର୍ଡ କରିଛି । ଅହମଦାବାଦ କ୍ରାଇମବ୍ରାଞ୍ଚ କହିଛି ଯେ, ସେ ତାଙ୍କ ବାପାଙ୍କ ସହିତ ବୟାନ ଦେବାକୁ ଆସିଥିଲେ ।

# ହନିମୁନ ହତ୍ୟା: ସିନ୍ ରିକ୍ରିଏସନ ପାଇଁ ହତ୍ୟାସ୍ଥଳରେ ସୋନମ୍ ଓ ୩ ଅଭିଯୁକ୍ତ



ନୂଆଦିଲ୍ଲୀ: ହନିମୁନ ହତ୍ୟା ମାମଲାରେ ଜୋରଦାର ଚାଲିଛି ତଦନ୍ତ । ଦୋଷୀକୁ ଦଣ୍ଡ ଏବଂ ରାଜା ରାଘୁବଂଶୀଙ୍କ ପରିବାରକୁ ନ୍ୟାୟ ଦେବାକୁ ତଦନ୍ତକୁ କ୍ଷୀପ୍ର କରିଥିବା ଟିମ୍ ଆଜି ଚେରାପୁଞ୍ଜିରେ ପହଞ୍ଚିଛି । ଯେଉଁଠି ହନିମୁନରେ ଯାଇଥିବା ରାଜା ରଘୁବଂଶୀଙ୍କୁ ତାଙ୍କ ପତ୍ନୀ ଓ ପତ୍ନୀଙ୍କ ପ୍ରେମିକ ଯୋଜନାବଦ୍ଧ ଭାବେ ହତ୍ୟା କରିଥିଲେ । ପୋଲିସ ଆଜି ହତ୍ୟାକାଣ୍ଡରେ ସଂପୃକ୍ତ ୩ ଅଭିଯୁକ୍ତଙ୍କ ସମେତ ରାଜାଙ୍କ ପତ୍ନୀ ସୋନମଙ୍କୁ ମଧ୍ୟ କ୍ରାଇମ୍ ସ୍ପଟକୁ ନେଇଛି । ତେବେ ସାଓଡଙ୍ଗ ଜଳପ୍ରପାତ ପାଖକୁ ୪ ଜଣଙ୍କ ନେଇ ପୋଲିସ ପୁଣି ଥରେ ସିନ୍ ରିକ୍ରିଏସନ କରିବ । କେମିତି ସେମାନେ ହତ୍ୟା ପାଇଁ ଯୋଜନା କରିଥିଲେ ? କେଉଁଠି ଛିଡା ହୋଇ ହତ୍ୟା କରିଥିଲେ ? ପ୍ରଥମେ କିଏ ମାରିଥିଲା ? ହତ୍ୟା ପରେ ମୃତଦେହକୁ କେମିତି ଜଳପ୍ରପାତକୁ ଫିଙ୍ଗାଗଲା ? ଅପରାଧର ସବୁ ଚିତ୍ରକୁ ପୁଣି ଥରେ ଦେଖାଇବେ ଏହି ସୈତାନମାନେ ।

ସକାଳେ ହତ୍ୟାକାଣ୍ଡସ୍ଥଳରେ ପୋଲିସ ଅପରାଧୀଙ୍କୁ ନେଇ ପହଞ୍ଚିଥିବା ବେଳେ ସେଠାରେ ଲୋକଙ୍କ ଭିଡ ଦେଖିବାକୁ ମିଳିଛି । ତେବେ ରାଜା ରଘୁବଂଶୀ ହତ୍ୟାକାଣ୍ଡ ଘଟଣାରେ ପୂର୍ବରୁ ଏକ କୁରାଢିରେ ହତ୍ୟା ହୋଇଥିବା କୁହାଯାଉଥିବା ବେଳେ ଗତକାଲି ଏକ କଟୁରୀ ଜବତ ହୋଇଛି । ହନିମୁନରେ ଯାଇ ସ୍ୱାମୀ ରାଜାଙ୍କୁ କେଉଁଥିରେ ହତ୍ୟା କଲା ପିଶାଚୀ ପତ୍ନୀ ସୋନମ ।ଏ ପ୍ରଶ୍ନ ଅନେକ ସମୟରେ ଉଠୁଥିବା ବେଳେ କାଲି ସାମ୍ନାକୁ ଆସିଥିଲା ସାଙ୍ଘାତିକ ସତ । ନିଜ ସ୍ୱାମୀ ରାଜାକୁ ଏକ ଧାରୁଆ କଟୁରୀରେ ହତ୍ୟା କରିଛନ୍ତି ଦୁହେଁ ସୋନମ ଏବଂ ତାର ପ୍ରେମିକ ।

ତେବେ ରାଜାଙ୍କୁ ହତ୍ୟା ହୋଇଥିବା ଉକ୍ତ ଅସ୍ତ୍ର ଜବତ ହୋଇଛି । ହତ୍ୟାରେ ବ୍ୟବହୃତ ଅସ୍ତ୍ରରୁ ପୋଲିସ ଜବତ କରିଛି ଏବଂ କହିଛି ରାଜାଙ୍କୁ ପ୍ରଥମ ଆକ୍ରମଣ ସୋନମର ପ୍ରେମିକ ବିଶାଲ କରିଥିଲା । ରାଜା ମଧ୍ୟ ଏହି ଆକ୍ରମଣରୁ ନିଜକୁ ରକ୍ଷା କରିବାକୁ ଚେଷ୍ଟା କରିଥିଲେ । ହେଲେ ପାରିନଥିଲେ ଧାରୁଆ ଅସ୍ତ୍ରର ଚୋଟରେ ଶେଷରେ ଚାଲିଯାଇଥିଲା ତାଙ୍କ ଜୀବନ । ତେବେ ଅଭିଯୁକ୍ତମାନେ ଗୌହାଟୀ ରେଳ ଷ୍ଟେସନ ନିକଟରୁ ଏହି ଅସ୍ତ୍ର କିଣିଥିଲେ ବୋଲି ପୋଲିସ ସ୍ପଷ୍ଟ କରିଛି ।

# ଗତିଶକ୍ତି ମଲଟି-ମୋଡାଲ କାର୍ଗୋ ଟର୍ମିନାଲ ଉଦଘାଟନ



ମାନେସର:କେନ୍ଦ୍ର ରେଳ, ସୂଚନା ଓ ପ୍ରସାରଣ, ଇଲେକ୍ଟ୍ରୋନିକ୍ସ ଏବଂ ସୂଚନା ପ୍ରଯୁକ୍ତି ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ଆଜି ହରିୟାଣାର ମାନେସରଠାରେ ଥିବା ମାରୁତି ସୁଜୁକୀ ଇଣ୍ଡିଆ ଲିମିଟେଡଠାରେ ଦେଶରେ ବୃହତ୍ତମ ଅଟୋମୋବାଇଲ ଗତି ଶକ୍ତି ମଲଟି-ମୋଡାଲ କାର୍ଗୋ ଟର୍ମିନାଲର ଉଦଘାଟନ କରିଛନ୍ତି । ମାରୁତି ସୁଜୁକିର ମାନେସର ପ୍ଲାଣ୍ଟରେ ଗତି ଶକ୍ତି କାର୍ଗୋ ଟର୍ମିନାଲ ଅଟୋମୋବାଇଲ ପରିବହନର ଲଜିଷ୍ଟିକ୍ସ ଦକ୍ଷତାକୁ ଉଲ୍ଲେଖନୀୟ ଭାବରେ ବୃଦ୍ଧି କରିବ । ମାନେସରରେ ଥିବା ପ୍ଲାଣ୍ଟଟି ପାଟଲି ରେଳ ଷ୍ଟେସନ ସହିତ ୧୦ କିଲୋମିଟର ଡେଡିକେଟେଡ୍ ରେଳ ଲିଙ୍କ୍ ମାଧ୍ୟମରେ ସଂଯୁକ୍ତ, ଯାହା ହରିୟାଣା ରେଳ ଭିତ୍ତିଭୂମି ବିକାଶ ନିଗମ (ଏଚଆରଆଇଡିସି) ଦ୍ୱାରା ବିକଶିତ ୧୨୧.୭ କିଲୋମିଟର ଲମ୍ବ ହରିୟାଣା ଅର୍ବିଟାଲ୍ ରେଳ କରିଡରର ଏକ ଅଂଶଛ ଏହି ୧୦ କିଲୋମିଟର ଲିଙ୍କ୍ ନିର୍ମାଣରେ ୮୦୦ କୋଟି ଟଙ୍କା ନିବେଶ ହୋଇଥିଲା, ଯେଉଁଥିରେ ଏଚଆରଆଇଡିସି ୬୮୪ କୋଟି ଟଙ୍କାର ଅବଦାନ ଦେଇଥିଲା ଏବଂ ବାକି ପରିମାଣ ମାରୁତି ସୁଜୁକି ଦ୍ୱାରା ଯୋଗାଇ ଦିଆଯାଇଥିଲାଛ ଏହି ଗତି ଶକ୍ତି କାର୍ଗୋ ଟର୍ମିନାଲର ଲୋଡିଂ କ୍ଷମତା ବାର୍ଷିକ ୪.୫ ଲକ୍ଷ ଅଟୋମୋବାଇଲ, ଯାହାକି ଦେଶରେ ସର୍ବାଧିକ । ଏହି ସମାବେଶକୁ ସମ୍ବୋଧିତ କରି ରେଳମନ୍ତ୍ରୀ ଗତ ଦଶନ୍ଧିରେ ଭାରତୀୟ ରେଳବାଇରେ ହୋଇଥିବା ଗୁରୁତ୍ୱପୂର୍ଣ୍ଣ ପରିବର୍ତ୍ତନ ଉପରେ ଆଲୋକପାତ କରିଥିଲେ । ସେ କହିଥିଲେ, ୨୦୧୪ ପୂର୍ବରୁ, ରେଳବାଇର ବାର୍ଷିକ ବଜେଟ୍ ପ୍ରାୟ ୨୪,୦୦୦ ରୁ ୨୫,୦୦୦ କୋଟି ଟଙ୍କା ଥିଲା, ଏବେ ଏହା ୨.୫ ଲକ୍ଷ କୋଟି ଟଙ୍କାକୁ ବୃଦ୍ଧି ପାଇଛ । ପୂର୍ବରୁ ଅନେକ ଷ୍ଟେସନ ଏବଂ କୋଚରେ ଶୌଚାଳୟ ଭଳି ମୌଳିକ ଯାତ୍ରୀ ସୁବିଧାର ଅଭାବ ଥିଲାଛ ଗତ ଅଢ଼େଇ ବର୍ଷ ମଧ୍ୟରେ, ସାଧାରଣ କୋଚ ସଂଖ୍ୟା ବୃଦ୍ଧି କରିବା ପାଇଁ ଏକ ସ୍ୱତନ୍ତ୍ର ଅଭିଯାନ ଆରମ୍ଭ କରାଯାଇଛି । ଗତ ବର୍ଷ ହିଁ ୧୨୦୦ରୁ ଅଧିକ ସାଧାରଣ କୋଚ ଯୋଡାଯାଇଛି ।

# ଟେଷ୍ଟ ଶୃଙ୍ଖଳା ପୂର୍ବରୁ ଇଂଲଣ୍ଡରେ କୋହଲିଙ୍କ ସିକ୍ରେଟ୍ ମିଟିଂ



ନୂଆଦିଲ୍ଲୀ,୧୭।୬(ଏଜେନ୍ସି): ଭାରତୀୟ କ୍ରିକେଟ୍ ଦଳର ତାରକା ବ୍ୟାଟର ବିରାଟ କୋହଲି ନିକଟରେ ଟେଷ୍ଟ କ୍ରିକେଟରୁ ସନ୍ନ୍ୟାସ ନେଇ ସାରିଛନ୍ତି । ଅଶ୍ୱିନ, ରୋହିତ ଶର୍ମା ଓ କୋହଲି ତିନି ବରିଷ୍ଠ କ୍ରିକେଟରଙ୍କୁ ଆଉ ଧଳା ଜର୍ସିରେ ଦେଖିବାକୁ ମିଳିବ ନାହିଁ । ତେଣୁ ଇଂଲଣ୍ଡ ଗସ୍ତ କରିଥିବା ଯୁବ ଭାରତୀୟ ଦଳର ନେତୃତ୍ୱ ଶୁଭମନ ଗିଲ୍‌ଙ୍କୁ ଦିଆଯାଇଛି । ଗିଲ୍ ଅନୁଭବୀ ନୁହଁନ୍ତି । ଯେଉଁ କାରଣରୁ ତାଙ୍କୁ ଇଂଲଣ୍ଡ ବିପକ୍ଷରେ ବହୁ ଚ୍ୟାଲେଞ୍ଜର ସମ୍ମୁଖୀନ ହେବାକୁ ପଡ଼ିପାରେ ।

ମିଡିଆ ରିପୋର୍ଟ ଅନୁଯାୟୀ, ଟେଷ୍ଟ ସିରିଜ୍ ଆରମ୍ଭ ହେବାର କିଛି ଦିନ ପୂର୍ବରୁ ବିରାଟ କୋହଲି, ଶୁଭମନ ଗିଲ୍ ଓ ଋଷଭ ପନ୍ତଙ୍କୁ ନିଜ ଘରକୁ ଡକାଇଥିଲେ । ଏଠାରେ ଦୁଇ ଖେଳାଳି କୋହଲିଙ୍କ ସହ ଦୀର୍ଘ ସମୟ ଆଲୋଚନା କରିଥିଲେ । ଶୁଭମନ ଗିଲ୍‌ଙ୍କ ନେତୃତ୍ୱରେ ଭାରତୀୟ ଦଳ ହେଡିଂଲେରେ ଇଂଲଣ୍ଡ ବିପକ୍ଷରେ ପ୍ରଥମ ଟେଷ୍ଟ ଖେଳିବ । ତେବେ ଇଣ୍ଟ୍ରା ସ୍କ୍ୱାଡ୍ ମ୍ୟାଚ୍ ପରେ ଖେଳାଳିଙ୍କୁ ବିରତି ମିଳିଥିଲା । ଏହା ପରେ ଗିଲ୍ ଓ ପନ୍ତ କୋହଲିଙ୍କୁ ତାଙ୍କୁ ଘରେ ଭେଟିଥିଲେ । ତେବେ କୋହଲି ଏହି ଦୁଇ ଖେଳାଳିଙ୍କୁ କଣ ଗୁରୁମନ୍ତ୍ର ଦେଲେ ତାହା ଜଣା ପଡ଼ିନି

ଭାରତୀୟ ଦଳ ମଙ୍ଗଳବାର ଲିଡ୍ସ ପହଞ୍ଚିଛନ୍ତି । ଏଠାରେ ମୁଖ୍ୟ କୋଚ୍ ଗୌତମ ଗମ୍ଭୀର ଭାରତୀୟ ଦଳ ସହ ଯୋଗ ଦେବେ । ପୂର୍ବତନ ଭାରତୀୟ କ୍ରିକେଟର ପାରିବାରିକ କାରଣରୁ ଇଂଲଣ୍ଡ ଛାଡ଼ି ସ୍ୱଦେଶ ଫେରିଥିଲେ । ତାଙ୍କ ଅନୁପସ୍ଥିତିରେ ସହାୟକ କୋଚ୍ ରେୟାନ ଟେନ ଡୋଏଶେ, ବ୍ୟାଟିଂ କୋଚ୍ ସୀତାଂଶୁ କୋଟାକ ଓ ବୋଲିଂ କୋଚ୍ ମୋର୍ନେ ମୋର୍କେଲ୍ ଖେଳାଳିଙ୍କ ପ୍ରଦର୍ଶନ ଏବଂ ଦଳର ପ୍ରସ୍ତୁତି ଉପରେ ନଜର ରଖିଥିଲେ । ଶୁଭମନ ଗିଲ୍‌ଙ୍କ ନେତୃତ୍ୱରେ ଭାରତୀୟ ଦଳ ୨୦୦୭ରେ ପ୍ରଥମ ଥର ଇଂଲଣ୍ଡରେ ନିଜର ପ୍ରଥମ ଟେଷ୍ଟ ସିରିଜ୍ ଜିତିବା ଲକ୍ଷ୍ୟ ନେଇ ପଡ଼ିଆକୁ ଓହ୍ଲାଇବେ ।

# ବଦଳିବ ଟେଷ୍ଟ କ୍ରିକେଟର ସ୍ୱରୂପ




ନୂଆଦିଲ୍ଲୀ, ୧୭।୬ (ଏଜେନ୍ସି) : ଟେଷ୍ଟ କ୍ରିକେଟର ସ୍ୱରୂପ ବଦଳିବାକୁ ଯାଉଛି । ଖେଳର ଢାଞ୍ଚାରେ ପରିବର୍ତ୍ତନ ହେବ । ଏପରି ହେଲେ ଟେଷ୍ଟ କ୍ରିକେଟ ଆହୁରି ଆକର୍ଷଣୀୟ ହୋଇପାରିବ ବୋଲି ନୂଆ ବ୍ଲୁପ୍ରିଣ୍ଟ ପ୍ରସ୍ତୁତ କରିଛି ଅନ୍ତର୍ଜାତୀୟ କ୍ରିକେଟ ପରିଷଦ (ଆଇସିସି)। ନୂଆକରି କ୍ରିକେଟ ମଇଦାନକୁ ଓହ୍ଲାଇଥିବା ଛୋଟଛୋଟ ଦେଶଗୁଡ଼ିକୁ ସୁହାଇବା ଭଳି ଏବଂ କମ ସମୟରେ ଟେଷ୍ଟ ଶୃଙ୍ଖଳା ଆୟୋଜନ ପାଇଁ ଆଇସିସି ଟେଷ୍ଟ ମ୍ୟାଚ୍‌କୁ ୫ ଦିନ ବଦଳରେ ୪ ଦିନିଆ କରିବାକୁ ଯୋଜନା କରିଛି । ତେବେ ଏଭଳି ପରିବର୍ତ୍ତନରେ ୩ ଦେଶକୁ କୋହଳ ମିଳିବ। ୨୦୨୭-୨୯ ବିଶ୍ୱ ଟେଷ୍ଟ ଚାମ୍ପିଅନସିପ୍ ଚକ୍ରରେ ଏହି ନୂଆ ନିୟମ ଲାଗୁ ହେବ। ଏହା ଅନୁଯାୟୀ ୫ ଦିନ ବଦଳରେ ୪ ଦିନିଆ ମ୍ୟାଚ୍ ଖେଳାଯିବ। ଭାରତ, ଅଷ୍ଟ୍ରେଲିଆ ଓ ଇଂଲଣ୍ଡକୁ ପରମ୍ପରା ଭାବେ ଚାଲିଆସିଥିବା ୫ ଦିନିଆ ଟେଷ୍ଟ ମ୍ୟାଚ୍ ଅନୁମତି ମିଳିବ। ଗୋଟିଏ ଦିନ କମ ହେଲେ ଟେଷ୍ଟ କ୍ରିକେଟର ରୋମାଞ୍ଚ ଆହୁରି ବଢ଼ିବ। ଏହାସହିତ ଦିନର ଓଭର ସଂଖ୍ୟା ବଢ଼ାଯିବ। ଏଥିରେ ଛୋଟଛୋଟ ଦେଶକୁ ଅଧିକ ଟେଷ୍ଟ ଏବଂ ଲମ୍ବା ଶୃଙ୍ଖଳା ଖେଳିବାରେ ସହାୟକ ହେବ।

ଛୋଟ ଦେଶଗୁଡ଼ିକ ଅଧିକ ସମୟ ତଥା ଖର୍ଚ୍ଚ କାରଣରୁ ଟେଷ୍ଟ ଶୃଙ୍ଖଳା ଆୟୋଜନ କରିବାକୁ ଆଗ୍ରହ ଦେଖାଉନାହାନ୍ତି। ୪ ଦିନିଆ ଟେଷ୍ଟ ମ୍ୟାଚ୍ ଆରମ୍ଭ ହେଲେ ୩ମ୍ୟାଚ୍ ବିଶିଷ୍ଟ ଶୃଙ୍ଖଳା ୩ ସପ୍ତାହ ଭିତରେ ଶେଷ ହୋଇଯିବ। ଏହାସହିତ ୪ ଦିନିଆ ଟେଷ୍ଟ ପ୍ରତିଦିନ ୯୦ଓଭର ପରିବର୍ତ୍ତେ ୯୮ ଓଭର ଖେଳାଯିବ। ଏମିତି ହେଲେ ଛୋଟଛୋଟ ଦେଶ ଯେପରି ବାଂଲାଦେଶ, ଆଫଗାନିସ୍ତାନ, ଶ୍ରୀଲଙ୍କା, ଜିମ୍ବାୱେକୁ ଟେଷ୍ଟ ଶୃଙ୍ଖଳା ଆୟୋଜନରେ କୌଣସି ଅସୁବିଧା ହେବ ନାହିଁ।

ପ୍ରଥମ ଥର ୨୦୧୭ରେ ଦ୍ୱିପାକ୍ଷିକ ଟେଷ୍ଟ ମ୍ୟାଚ୍ ୪ ଦିନିଆ ଖେଳାଯିବାକୁ ମଞ୍ଜୁରୀ ମିଳିଥିଲା। ଏହାକୁ ବ୍ୟାପକ ଭାବେ ଲାଗୁ କରାଯାଇ ନଥିଲା। ୨୦୧୯ରେ ଇଂଲଣ୍ଡ ଓ ଆୟର୍ଲାଣ୍ଡ ମଧ୍ୟରେ ଖେଳାଯାଇଥିଲା ପ୍ରଥମ ୪ ଦିନିଆ ଟେଷ୍ଟ ମ୍ୟାଚ୍। ତେବେ ବିଶ୍ୱ ଟେଷ୍ଟ ଚାମ୍ପିଅନସିପ୍‌ରେ ୪ ଦିନିଆ ଟେଷ୍ଟ ମ୍ୟାଚ୍ ଖେଳାଗଲେ ଟେଷ୍ଟ ଫର୍ମାଟ୍‌ରେ ଐତିହାସିକ ପରିବର୍ତ୍ତନ ହେବ। ୨୦୨୫-୨୭ ଚକ୍ର ଆରମ୍ଭ ହେବାକୁ ଯାଉଥିବାରୁ ଏଥିରେ ନୂଆ ନିୟମ ଲାଗୁ ହେବ ନାହିଁ। ବିଶ୍ୱ ଟେଷ୍ଟ ଚାମ୍ପିଅନସିପ୍‌ର ନୂଆ ଚକ୍ରରେ ୯ଟି ଦେଶ ମଧ୍ୟରେ ମୋଟ ୨୭ଟି ଶୃଙ୍ଖଳା ଖେଳାଯିବ। ଏଥିରେ ୧୭ଟି ଶୃଙ୍ଖଳାରେ ୨ଟି ଲେଖାଏଁ ମ୍ୟାଚ ରହିବ। ଅବଶିଷ୍ଟ ୬ଟି ଶୃଙ୍ଖଳା ୩-୩ ଟେଷ୍ଟ ମ୍ୟାଚ୍ ଖେଳାଯିବ। ଇଂଲଣ୍ଡ, ଅଷ୍ଟ୍ରେଲିଆ ଓ ଭାରତୀୟ କ୍ରିକେଟ ଦଳ ପରସ୍ପର ବିପକ୍ଷରେ ୫ ମ୍ୟାଚ୍ ବିଶିଷ୍ଟ ଟେଷ୍ଟ ଶୃଙ୍ଖଳା ଖେଳିବେ। ଟେଷ୍ଟ କ୍ରିକେଟ ଇତିହାସରେ ୧୯୭୦ ମସିହା ପର୍ଯ୍ୟନ୍ତ ୬ ଦିନିଆ ଟେଷ୍ଟ ମ୍ୟାଚ୍ ନିୟମିତ ଭାବେ ଖେଳାଯାଉଥିଲା। ଏହାପରେ ଆରମ୍ଭ ହୋଇଥିଲା ୫ ଦିନିଆ ଟେଷ୍ଟ ମ୍ୟାଚ୍। ଏବେ ୪ ଦିନିଆ ଟେଷ୍ଟ ମ୍ୟାଚ୍ ପାଇଁ ଆଇସିସି ଅଭିନବ ପ୍ରୟାସ ଆରମ୍ଭ କରିଛି।

## ୧୯ ବର୍ଷରୁ କମ୍ ଭାରତୀୟ ଦଳର ଇଂଲଣ୍ଡ ଗସ୍ତ
# ଦୀପେଶ, ନମନଙ୍କୁ ମିଳିଲା ସ୍ଥାନ

ନୂଆଦିଲ୍ଲୀ,୧୭।୬(ଏଜେନ୍ସି): ୧୯ ବର୍ଷରୁ କମ୍ ଭାରତୀୟ ଦଳର ଇଂଲଣ୍ଡ ଗସ୍ତ ପାଇଁ ୨ଜଣ ଖେଳାଳି ପରିବର୍ତ୍ତନ କରାଯାଇଛି । ଦୀପକ ଏବଂ ନମନ ପୁଷ୍ପକଙ୍କୁ ଆଦିତ୍ୟ ରାଣା ଓ ଖିଲାନ ପଟେଲଙ୍କ ସ୍ଥାନରେ ବଦଳ ଖେଳାଳି ଭାବେ ଦଳରେ ନିଆଯାଇଛି । ଉଭୟ ଖେଳାଳି ଭାରତୀୟ ଦଳର ଷ୍ଟାଣ୍ଡବାଏ ତାଲିକାରେ ଥିଲେ । ଆଦିତ୍ୟଙ୍କ ଅଣ୍ଟା ତଳକୁ ଆଘାତ ଲାଗିଛି । ମାଂସପେଶୀ ସଙ୍କୋଚନ ଯୋଗୁଁ ତାଙ୍କୁ ଏହି ଗସ୍ତରୁ ବାଦ ଦିଆଯାଇଛି । ବିସିସିଆଇର ସେଣ୍ଟର ଅଫ ଏକ୍ସିଲେନ୍ସରେ ପ୍ରଶିକ୍ଷଣ ସମୟରେ ଖିଲାନଙ୍କ ଡାହାଣ ଗୋଡରେ ଆଘାତ ଲାଗିଥିଲା ।

ପରିବର୍ତ୍ତିତ ଭାରତୀୟ ଦଳ: ଆୟୁଷ ମାହାତ୍ରେ(ଅଧିନାୟକ), ବୈଭବ ସୂର୍ଯ୍ୟବଂଶୀ, ଭିହାନ୍ ମାଲହୋତ୍ରା, ମୌଲିୟାରାଜସିଂ ଚୌହାନ୍, ରାହୁଲ କୁମାର, ଅଭିଜ୍ଞାନ କୁଣ୍ଡୁ, ହରିବଂଶ ସିଂ, ଆର ଏସ୍ ଆମ୍ବ୍ରିଶ, କନିଷ୍କ ଚୌହାନ, ହେନିଲ ପଟେଲ, ଯୁଦ୍ଧଜୀତ ଗୁହା, ପ୍ରଣବ ରାଘବେନ୍ଦ୍ର, ମହମ୍ମଦ ଇନାନ୍, ଅନମୋଲଜୀତ ସିଂ, ଡି ଦୀପେଶ, ନମନ ପୁଷ୍ପକ ।

# ବୁମ୍ରା କାହିଁକି ହେଲେନି ଟେଷ୍ଟ ଅଧିନାୟକ ?




ନୂଆଦିଲ୍ଲୀ, ୧୭।୬ (ଏଜେନ୍ସି) : ଭାରତୀୟ ଦଳର ଦ୍ରୁତବୋଲର ଯଶପ୍ରୀତ ବୁମ୍ରା କାହିଁକି ଅଧିନାୟକ ହେଲେ ନାହିଁ, ସେ ସମ୍ପର୍କରେ ମୁହଁ ଖୋଲିଛନ୍ତି। ୱାର୍କ ଲୋଡ୍‌କୁ ଦେଖି ଇଂଲଣ୍ଡ ଗସ୍ତବେଳେ ଅଧିନାୟକ ହେବାକୁ ବୁମ୍ରା ନିଜେ ମନା କରିଥିବା କହିଛନ୍ତି। ସେ ମନା କରିବା ପରେ ହିଁ ବିସିସିଆଇ ଶୁଭମନ ଗିଲ୍‌ଙ୍କୁ ଅଧିନାୟକ ନିଯୁକ୍ତ କରିଥିଲା। ଆଗାମୀ ୨୦ ତାରିଖରୁ ଇଂଲଣ୍ଡ ବିପକ୍ଷରେ ଆରମ୍ଭ ହେବାକୁ ଥିବା ୫ ମ୍ୟାଚ୍ ବିଶିଷ୍ଟ ଟେଷ୍ଟ ଶୃଙ୍ଖଳା ପୂର୍ବରୁ ଅଧିନାୟକ ନହେବା ନିଷ୍ପତ୍ତି ଉପରେ ପ୍ରତିକ୍ରିୟା ରଖିଛନ୍ତି। ରୋହିତ ଶର୍ମାଙ୍କ ଅବସର ପରେ ବୁମ୍ରା ଅଧିନାୟକ ହେବାର ସବୁଠୁ ବଡ଼ ଦାବିଦାର ଥିଲେ। କାରଣ ସେ ଦଳର ଉପଅଧିନାୟକ ଥିଲେ। ୩୧ ବର୍ଷୀୟ ବୁମ୍ରା ସ୍କାଏ ସ୍ପୋର୍ଟ୍ସ ସହ ସାକ୍ଷାତକାରରେ କହିଛନ୍ତି, ରୋହିତ ଓ ବିରାଟଙ୍କ ଅବସର ପୂର୍ବରୁ ମୁଁ ବିସିସିଆଇ ସହ ୫ ଟେଷ୍ଟ ମ୍ୟାଚ୍ ବିଶିଷ୍ଟ ଶୃଙ୍ଖଳାରେ ନିଜର ୱାର୍କଲୋଡ଼ ଉପରେ କଥା ହୋଇଥିଲି। ପିଠିରେ ଅସ୍ତ୍ରୋପଚାର ପାଇଁ ଡାକ୍ତରଙ୍କ ସହ କଥା ହୋଇଥିଲି। ସତର୍କ ହୋଇ ଖେଳିବା ପାଇଁ ଡାକ୍ତର ପରାମର୍ଶ ଦେଇଛନ୍ତି। ତେଣୁ ମୁଁ ନେତୃତ୍ୱ ନେବାକୁ ଚାହୁଁ ନଥିଲି ବୋଲି କହିଛନ୍ତି ବୁମ୍ରା। ଯେତେବେଳେ ରୋହିତ ଶର୍ମା ଓ ବିରାଟ କୋହଲି ଟେଷ୍ଟରୁ ଅବସର ଘୋଷଣା କରିଥିଲେ, ସେ ସମୟରେ ବିସିସିଆଇ ବୁମ୍ରାଙ୍କ ସହ କଥା ହୋଇଥିଲା। କିନ୍ତୁ ଏହି ନିଷ୍ପତ୍ତି ଦଳ ପାଇଁ ଉଚିତ ହେବ ନାହିଁ ବୋଲି ବୁମ୍ରା କହିଥିଲେ। ୫ ମ୍ୟାଚ୍ ବିଶିଷ୍ଟ ଟେଷ୍ଟ ଶୃଙ୍ଖଳାର ୩ଟି ମ୍ୟାଚ୍‌ରେ ଜଣେ ଅଧିନାୟକ ଓ ଅବଶିଷ୍ଟ ୨ଟି ମ୍ୟାଚ୍‌ରେ ଅନ୍ୟ ଜଣେ, ଏହା ଠିକ୍ ନୁହେଁ।

ମୁଁ ସବୁବେଳେ ଟିମ୍‌କୁ ଆଗରେ ରଖେ। ଅଷ୍ଟ୍ରେଲିଆ ଗସ୍ତର ୫ମ ଟେଷ୍ଟରେ ବୁମ୍ରା ଆଉଟ୍ ହୋଇଥିଲେ। ପିଠିରେ ଆଘାତ କାରଣରୁ ଆଇସିସି ଚାମ୍ପିଅନସିପ୍ ଟ୍ରଫି ଖେଳିପାରି ନଥିଲେ। ପ୍ରାୟ ୩ ମାସ ପରେ ଆଇପିଏଲ୍ ୨୦୨୫ ଜରିଆରେ ସେ ମଇଦାନକୁ ଫେରିଥିଲେ। ଆଇପିଏଲ୍‌ରେ ମୁମ୍ବାଇ ଇଣ୍ଡିଆନ୍ସ ପାଇଁ ୧୨ ମ୍ୟାଚ୍ ଖେଳି ୧୮ ୱିକେଟ ଅକ୍ତିଆର କରିଥିଲେ।

# ଭେଟେରାନ୍ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ: ଏ ଦଳ ଚାମ୍ପିଅନ୍

ବାହାନଗା:୧୭।୬(ସବ୍ୟୁ): ବାହାନଗା ବ୍ଲକ୍ ଖରାସାହାପୁର ପଞ୍ଚାୟତ ବରଜଦେଉଳି ପଡ଼ିଆରେ ଆୟୋଜିତ ରଜ ଉତ୍ସବ ଅବସରରେ ଦୁଇଦିନିଆ ଭେଟେରାନ୍ କର୍କ ବଲ୍ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟରେ ଏ ଟିମ୍ ଚାମ୍ପିଅନ୍ ହୋଇଛି । ମଙ୍ଗଳବାର ହୋଇଥିବା ଫାଇନାଲ୍ ମ୍ୟାଚରେ ଏ ଓ ବି ଦଳ ମଧ୍ୟରେ ଖେଳ ହୋଇଥିଲା । ବି ଦଳକୁ ଏ ଦଳ ୩ ଓ୍ୱିକେଟ୍‌ରେ ପରାସ୍ତ କରି ଚାମ୍ପିଅନ୍ ହୋଇଥିଲା । କ୍ଷୀରୋଦ ବିଶ୍ୱାଳ ଓ ଲକ୍ଷ୍ମୀନାରାୟଣ ମଲ୍ଲିକ ଖେଳ ପରିଚାଳନା କରିଥିଲେ । ଏହି ଅବସରରେ ଆୟୋଜିତ ପୁରସ୍କାର ବିତରଣ ଉତ୍ସବରେ ମୁଖ୍ୟଅତିଥି ଭାବେ ସମାଜସେବୀ ଯୋଗେଶ ପତି ଏବଂ ସମ୍ମାନିତ ଅତିଥି ଭାବେ ରାକେଶ କୁମାର ପଣ୍ଡା ଯୋଗ ଦେଇଥିଲେ । ସନାତନ ବେହେରା, ରୋହିତ କୁମାର ମହାପାତ୍ର, ସୁରେନ୍ଦ୍ର ବେହେରା, ମନୋରଞ୍ଜନ ମହାଳିକ, ଅନାଦି ବେହେରା, ନିଶିକାନ୍ତ ବିଶ୍ୱାଳ, ନନ୍ଦକିଶୋର ମହାଳିକ, ବସନ୍ତ ଦାସ, ବ୍ରଜେଶ ବାରିକ, ସରୋଜ ଜେନା, ରବିନାରାୟଣ ବାରିକ, ଶରତ ବିଶ୍ୱାଳ, ନିରଞ୍ଜନ ବେହେରା, ଅମିତାଭ ଦାସ, ଲକ୍ଷ୍ମୀନାରାୟଣ ମଲ୍ଲିକ, ଶମ୍ଭୁନାଥ ମହାଳିକ, ସପନ କୁମାର ମହାଳିକ, ଦୁର୍ଯ୍ୟୋଧନ ମହାଳିକ, ଅର୍ଜିତ ମହାଳିକ, ନିହାର ରଞ୍ଜନ ଅଗସ୍ତି, ସତ୍ୟଜିତ ରାଉତ ଓ ନିମାଇଁ କୁମାର ପରିଡ଼ାଙ୍କୁ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଥିଲା । କାର୍ଯ୍ୟକ୍ରମକୁ ଅଭିମନ୍ୟୁ ବେହେରା, ଗଣେଶ ନାୟକ, ନିମାଇଁ କୁମାର ପରିଡ଼ା, ପ୍ରଶାନ୍ତ କୁମାର ତ୍ରିପାଠୀ ଓ ବିଶ୍ୱରଂଜନ ପୁହାଣ ପ୍ରମୁଖ ପରିଚାଳନା କରିଥିଲେ ।

# 'ବିକାଶ ମେଳା' ଅବସରରେ ଫୁଟବଲ ପ୍ରତିଯୋଗିତା



ଅନୁଗୋଳ, ୧୭।୬ (ସବ୍ୟୁ) : ରାଜ୍ୟ ସରକାରଙ୍କ ଏକ ବର୍ଷ ପୂର୍ତ୍ତୀ ପାଳନ ଅବସରରେ ଆୟୋଜିତ ବିକାଶ ମେଳାର ଅଂଶ ଭାବରେ ଫୁଟବଲ ପ୍ରତିଯୋଗିତା ସ୍ଥାନୀୟ ପୋଲିସ ଟ୍ରେନିଂ କଲେଜ ଖେଳ ପଡିଆ ଠାରେ ଅନୁଷ୍ଠିତ ହୋଇଯାଇଛି । ଏଥିରେ ଅନୁଗୋଳ, ତାଳଚେର, ପାଲଲହଡା ଓ ଆଠମଲ୍ଲିକ ଉପଖଣ୍ଡ କ୍ରୀଡା ସଂସଦର ଫୁଟବଲ ଦଳ ଭାଗ ନେଇଥିଲେ । ଫାଇନାଲରେ ଟାଇବ୍ରେକର ପଦ୍ଧତିରେ ୪-୨ ଗୋଲରେ ତାଳଚେର ଦଳକୁ ପରାସ୍ତ କରି ଆଠମଲ୍ଲିକ ଚମ୍ପିଆନ ହୋଇଥୁଲା । ଉକ୍ତ ଖେଳରେ ଅନୁଗୋଳ କ୍ରୀଡା ସଂସଦର ସମ୍ପାଦକ ଡ. ଗୌର ଗୋବିନ୍ଦ ସାମନ୍ତ ଏବଂ ଜିଲ୍ଲା କ୍ରୀଡା ଅଧିକାରୀ ଅକ୍ଷୟ କୁମାର ସେଠ ଅତିଥି ଭାବେ ଯୋଗଦାନ କରି ଖେଳକୁ ଉଦଘାଟିତ କରିଥିଲେ । ଉକ୍ତ ଖେଳରେ ଅନୁଗୋଳ କ୍ରୀଡା ସଂସଦର କର୍ମକର୍ତ୍ତା ବସନ୍ତ କୁମାର ଦାସ, ରମେଶ ଚନ୍ଦ୍ର ସାହୁ, ରୁଚିର କୁମାର ଦାସ, ପ୍ରଦୀପ କୁମାର ଦେବତା, ଅଭୟ କୁମାର ନାଏକ, ନରେନ୍ଦ୍ର କୁମାର ଭୁକ୍ତା, ନିଳମଣୀ ଦାସ ପ୍ରମୁଖ ସକ୍ରିୟ ସହଯୋଗ କରିଥିଲେ । ଉକ୍ତ ଖେଳକୁ ରେଫରୀ ଭାବେ ଅଲୋକ କୁମାର ଦେହୁରୀ, ବଳରାମ ସାଏ, ଧନେଶ୍ୱର ସର୍ଦ୍ଦାର, ଦିପ କୁମାର ମହାନ୍ତି ପରିଚାଳନା କରିଥିଲେ । ଜିଲ୍ଲା ପ୍ରଶାସନ ଏବଂ ଜିଲ୍ଲା କ୍ରୀଡା ସଂସଦର ମିଳିତ ଆନୁକୁଲ୍ୟରେ ସମସ୍ତ କାର୍ଯ୍ୟକ୍ରମ ପରିଚାଳନା ହୋଇଥୁଲା ।

# ଭାରତୀୟ ମହିଳା ଫୁଟବଲ୍ ଦଳରେ ଯୋଡ଼ାର ଗୋଲଡେନ ଗାର୍ଲ ମନୀଷା

କେନ୍ଦୁଝର/ଯୋଡ଼ା, (ସବ୍ୟୁ : ।।କେନ୍ଦୁଝର ଜିଲ୍ଲା ଯୋଡ଼ା ବସ୍ତିର ଗୋଲଡେନ ଗାର୍ଲ ମନୀଷା ନାଏକ ଅଷ୍ଟ୍ରେଲିଆ ଠାରେ ହେବାକୁ ଥିବା ଏଏଫସି ମହିଳା ଏସିଆନ କପ କ୍ୱାଲିଫାଏର ଟୁର୍ଣ୍ଣାମେଣ୍ଟ ୨୪ ଜଣିଆ ଭାରତୀୟ ମହିଳା ଫୁଟବଲ ଦଳରେ ସ୍ଥାନ ପାଇ କେନ୍ଦୁଝର ଜିଲ୍ଲା ସହ ସମଗ୍ର ରାଜ୍ୟକୁ ଗୌରବାନ୍ୱିତ କରିଛନ୍ତି । ଏହି କ୍ୱାଲିଫାଏର ଟୁର୍ଣ୍ଣାମେଣ୍ଟ ଜୁନ ୨୨ରୁ ଜୁଲାଇ ୫ ତାରିଖ ପର୍ଯ୍ୟନ୍ତ ଥାଇଲାଣ୍ଡ ଠାରେ ଅନୁଷ୍ଠିତ ହେବାର କାର୍ଯ୍ୟକ୍ରମ ରହିଛି ।

ଗ୍ରାମାଞ୍ଚଳର ଲୁକାୟିତ ଏହି କ୍ରୀଡା ପ୍ରତିଭାକୁ ଚିହ୍ନଟ କରି ଟାଟା ଷ୍ଟିଲ ଫାଉଣ୍ଡେସନର ମୁଖ୍ୟ ଫୁଟବଲ କୋଚ ବାଦଲ ମହାକୁଡ଼ ତାଙ୍କୁ ପ୍ରଥମେ ୨୦୧୫ ମସିହାରେ ଟିଏସଏଫକୁ ଆଣି ଫୁଟବଲ ଖେଳ ପ୍ରଶିକ୍ଷଣ ଦେଇଥିଲେ । ପରେ ସେ ନିଜର ଦୃଢ ମନୋବଳ ଏବଂ କଠିନ ପରିଶ୍ରମ ବଳରେ ନିଜର ଖେଳରେ ବହୁତ କିଛି ଉନ୍ନତି ଆଣି ସମସ୍ତଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ । ୨୦୧୬ରେ ସୁନ୍ଦରଗଡ଼ରେ ଅବସ୍ଥିତ ରାଜ୍ୟ କ୍ରୀଡା ଛାତ୍ରାବାସରେ ଯୋଗଦାନ କରି ନିଜର ଫୁଟବଲ ଖେଳ ଜାରି ରଖି ନିଜର ଖେଳ କୌଶଳରେ ଅନେକଟା ଉନ୍ନତି ଆଣିବା ସହ ଜାତୀୟ ଚୟନକର୍ତ୍ତାଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ । ଭାରତୀୟ ଫୁଟବଲ ବ୍ଲୁ ଟାଇଗ୍ରେସେସର ମୁଖ୍ୟ କୋଚ କ୍ରିସପିନ ଛେତ୍ରୀଙ୍କ ଦ୍ୱାରା ଘୋଷଣା କରାଯାଇଥିବା ୨୪ ଜଣିଆ ଭାରତୀୟ ମହିଳା ଫୁଟବଲ ଦଳରେ କେନ୍ଦୁଝର ଜିଲ୍ଲା ଯୋଡ଼ାର ମନୀଷା ଜଣେ ପୁରୋଭାଗ ଖେଳାଳି ଭାବେ ସ୍ଥାନ ପାଇବା ସହ ଥାଇଲାଣ୍ଡ ଅଭିମୁଖେ ଯାତ୍ରା କରୁଥିବା ଖବର ପ୍ରଚାର ହେବା ସଙ୍ଗେ ସଙ୍ଗେ ଯୋଡ଼ା ଏବଂ ସମଗ୍ର କେନ୍ଦୁଝର ଜିଲ୍ଲାରେ ଖୁସିର ମାହୋଲ ଖେଳିଯାଇଛି ।

ପ୍ରକାଶ ଥାଉକି ତୃଣମୂଳ ସ୍ତରରୁ କ୍ରୀଡାର ଉନ୍ନତି ପାଇଁ କାର୍ଯ୍ୟ କରୁଥିବା ଯୋଡ଼ା ଟିଏସଏଫର ମନୀଷା ପ୍ରଥମ ଖେଳାଳି ଭାବେ ଭାରତୀୟ ମହିଳା ଫୁଟବଲ ଦଳରେ ସ୍ଥାନ ପାଇଥିବାରୁ ଅନ୍ୟ ଖେଳାଳିମାନଙ୍କ ମଧ୍ୟରେ ଉତ୍ସାହ ପରିଲକ୍ଷିତ ହେଉଛି । ଗୋଲଡେନ ଗାର୍ଲ ମନୀଷାଙ୍କ ଏହି ବିରାଟ ସଫଳତା ପରେ ଜିଲ୍ଲା ତଥା ରାଜ୍ୟର ବିଭିନ୍ନ କୋଣ ଅନୁକୋଣରୁ ତାଙ୍କ ନିକଟକୁ ଅଭିନନ୍ଦନର ସୁଅ ଛୁଟିବାରେ ଲାଗିଛି ।ଭାରତୀୟ ମହିଳା ଫୁଟବଲ ଦଳରେ ସ୍ଥାନ ପାଇବାର ସ୍ୱପ୍ନ ଆଜି ବାସ୍ତବ ରୂପରେଖ ନେଇଥିବାରୁ ଟାଟା ଷ୍ଟିଲ ଫାଉଣ୍ଡେସନର ମୁଖ୍ୟ ଫୁଟବଲ କୋଚ ବାଦଲ ମହାକୁଡ଼ ମନୀଷାଙ୍କ ଉତ୍ତୋରୋତ୍ତର ଉନ୍ନତି ସହ ତାଙ୍କର ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଛନ୍ତି ।

# ଲୋମାଙ୍କୁ ବଧିର ଅଲିମ୍ପିକ୍ସ ଯୋଗ୍ୟତା




ଭୁବନେଶ୍ୱର, ୧୭।୬(ସବ୍ୟୁ): ଉତ୍ତରପ୍ରଦେଶ କାନପୁର ଠାରେ ଜୁନ ୧୩ରୁ ଆରମ୍ଭ ହୋଇ ୧୬ ତାରିଖରେ ଅନୁଷ୍ଠିତ ହୋଇଯାଇଥିବା ୨୭ତମ ବଧିର ବରିଷ୍ଠ,୧୦ତମ ଜୁନିଅର ଏବଂ ସବଜୁନିଅର ସ୍ପୋର୍ଟ୍ସ ପ୍ରତିଯୋଗିତାର କରାଟେରେ ଓଡିଶାର ଲୋମା ସ୍ୱାଇଁ ସ୍ୱର୍ଣ୍ଣ ପଦକ ହାସଲ କରିଛନ୍ତି । ସେ ବରିଷ୍ଠ ମହିଳା ବର୍ଗରେ ୫୦ କିଲୋରୁ କମ ଫାଇଟିଂରେ ସ୍ୱର୍ଣ୍ଣ ପଦକ ହାସଲ କରିଛନ୍ତି । ଜାପାନରେ ଟୋକିଓ ଠାରେ ନଭେମ୍ବର ୧୫ ରୁ ୨୬ ମଧ୍ୟରେ ହେବାକୁ ଥିବା ବଧିର ଅଲମ୍ପିକ ପ୍ରତିଯୋଗିତା ପାଇଁ ଯୋଗ୍ୟତା ହାସଲ କରିଛନ୍ତି । ଏହି ସଫଳତା ପାଇଁ ଲୋମାଙ୍କୁ ଓଡିଶା ରାଜ୍ୟ କରାଟେ ଡୋ ସଂଘର ସଭାପତି ତଥା ଲୋମାଙ୍କ କୋଚ ହରି ପ୍ରସାଦ ପଟ୍ଟନାୟକ ଓ ସମ୍ପାଦକ ଗୌରି ମହାନ୍ତି ଏବଂ ଓଡିଶା ବଧିର ସଂଘ କର୍ମକର୍ତ୍ତାମାନେ ଶୁଭେଚ୍ଛା ଜଣାଇଛନ୍ତି ।

# ଶ୍ରାବଣୀଙ୍କୁ ସମ୍ବର୍ଦ୍ଧନା




ଭୁବନେଶ୍ୱର,୧୭।୬(ସବ୍ୟୁ): ୨୬ତମ ଏସିଆନ୍ ଆଥଲେଟିକ୍ସ ଚାମ୍ପିଅନସିପ୍‌ରେ ଝଲସିଥିଲେ ଶ୍ରାବଣୀ ନନ୍ଦ । କୋରିଆର ଗୁମିରେ ଅନୁଷ୍ଠିତ ପ୍ରତିଯୋଗିତାରେ ସେ ରୌପ୍ୟ ପଦକ ହାସଲ କରିଥିଲେ । ଓଡ଼ିଶା ଫେରିବା ପରେ ଶ୍ରାବଣୀଙ୍କ ନିକଟକୁ ଶୁଭେଚ୍ଛାର ସୁଅ ଛୁଟିଛି । ଓଡ଼ିଶା ଆଥଲେଟିକ୍ସ ଆସୋସିଏସନ୍ ପକ୍ଷରୁ ବାରବାଟୀ ଷ୍ଟାଡିୟମର ହର୍ଷ ଗେଟ୍ ନିକଟ ହଲରେ ଅନୁଷ୍ଠିତ ଉତ୍ସବରେ ଶ୍ରାବଣୀଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ଓଡ଼ିଶା ଆଥଲେଟିକ୍ସ ଆସୋସିଏସନ୍‌ର ଚେୟାରମ୍ୟାନ୍ ଆଶୀର୍ବାଦ ବେହେରା ତାଙ୍କୁ ସମ୍ବର୍ଦ୍ଧିତ କରିଛନ୍ତି । ଏହି କାର୍ଯ୍ୟକ୍ରମରେ କୋଚ୍ ଅରୁଣ ଦାସ ଓ ନିଳମାଧବ ଦେଓ ଉପସ୍ଥିତ ଥିଲେ । ଶ୍ରାବଣୀଙ୍କୁ ପୁଷ୍ପଗୁଚ୍ଛ ସହ ୫୦ ହଜାର ଟଙ୍କା ପୁରସ୍କାର ରାଶି ପ୍ରଦାନ କରାଯାଇଥିଲା । ଶ୍ରାବଣୀ ମହିଳା

# ବର୍ଷା ବାଧକ ପାଇଁ ପୁରୁଷ ଓ ମହିଳାରେ ଯୁଗ୍ମ ଚାମ୍ପିଅନ





କୁଆଖିଆ, ୧୭।୬ (ସବ୍ୟୁ): ରସୁଲପୁର ବ୍ଲକ ଅନର୍ଗତ ଖଣ୍ଡିତର ପଡିଆରେ ଚାଲିଥିବା ସର୍ବ ଭାରତୀୟ କବାଡି ଟୁର୍ଣ୍ଣାମେଣ୍ଟରେ ବର୍ଷା ବାଧକ ଯୋଗୁ ଉଦଯାପିତ ହୋଇଛି । ବର୍ଷା ଲାଗି ରହିବା ଫଳରେ ଉଭୟ ବର୍ଗ ଫାଇନାଲରେ ପ୍ରବେଶ କରିଥିବା ୨ ଦଳକୁ ଯୁଗ୍ମ ଚାମ୍ପିଅନ କରାଯାଇଥିଲା । ମହିଳା ବିଭାଗରେ ପୂର୍ବ ରେଳବାଇ ଓ ଦକ୍ଷିଣ ପୂର୍ବ ରେଳବାଇ ମଧ୍ୟରେ ଫାଇନାଲ ଖେଳ ହୋଇଥାନ୍ତା, ମାତ୍ର ବର୍ଷା ପାଇଁ ଉଭୟ ଦଳକୁ ଯୁଗ୍ମ ଚାମ୍ପିଅନ କରାଯାଇଛି । ପୁରୁଷ ବିଭାଗ ଫାଇନାଲ ଜଗନ୍ନାଥ ସଂସ୍କୃତ ବିଶ୍ୱ ବିଦ୍ୟାଳୟ ଓ ବିଳାସପୁର ମଧ୍ୟରେ ହୋଇଥାନ୍ତା । ବର୍ଷା ଯୋଗୁ ଉଭୟ ଯୁଗ୍ମ ବିଜେତା ହୋଇ ୧,୨୫ ଲକ୍ଷ ଲେଖା ପୁରସ୍କାର ସହ ଟ୍ରଫି ଗ୍ରହଣ କରିଥିଲେ । ପ୍ରଥମ ସେମିଫାଇନାଲ ପୂର୍ବ ରେଳବାଇ ୩୪-୧୦ ପଏଣ୍ଟରେ ଭୁବନେଶ୍ୱର କିଟକୁ ହରାଇ ଥିବା ବେଳେ ୨ୟ ସେମି ଫାଇନାଲ ଦକ୍ଷିଣ ପୂର୍ବ ରେଳବାଇ ୪୦-୧୫ ପଏଣ୍ଟରେ ଅଶୋକ ସଂଘ କୁ ପରାସ୍ତ କରିଥିଲା । ପୁରୁଷ ସେମିରେ ବିଳାସପୁର ୩୯-୨୧ ପଏଣ୍ଟରେ ଭୋପାଲକୁ ତାପରେ ଶ୍ରୀ ଜଗନ୍ନାଥ ସଂସ୍କୃତି ବିଶ୍ୱବିଦ୍ୟାଳୟ ୪୩-୧୦ ପଏଣ୍ଟରେ ଦିଲ୍ଲୀ କୁ ହରାଇ ଫାଇନାଲ ଯାଇଥିଲେ । ଉଦଯାପନୀ ଉତ୍ସବରେ ଅତିଥି ଭାବେ ବିଧାୟକ ଆକାଶ ଦାସ ନାୟକ, ହିମାଂଶୁ ଶେଖର ସାହୁ, ସମାଜସେବିକା ମିନତୀ ସାହୁ ଯୋଗ ଦେଇ ଟ୍ରଫି ଦେଇଥିଲେ । ଉତ୍ସବରେ ସଭାପତି ପ୍ରଦୀପ କୁମାର ସେଠି, ଉପଦେଷ୍ଟା ରବୀନ୍ଦ୍ର ପୃଷ୍ଟି, ସମ୍ପାଦକ ସମରେନ୍ଦ୍ର ଦାଶ, କୃଷ୍ଣକାନ୍ତ ପଣ୍ଡା, ଓ ଜେକେର ସମସ୍ତ ସଭ୍ୟ ଯୋଗ ଦେଇଥିଲେ ।

ସୂଚନା
ସମୟ
BHIM
SCAN & PAY
ASHIRBAD PRAKASHAN PVT.LTD.
ଦୈନିକ ଖବରକାଗଜ ସମୟରେ କ୍ଲାସିଫାଏଡ୍ / ଶ୍ରଦ୍ଧାଞ୍ଜଳି ବିଜ୍ଞାପନ ଦେବାକୁ ଚାହୁଁଥିବା ବନ୍ଧୁ ବାମ୍ଫି ଉପରୋକ୍ତ କ୍ୟୁଆର୍ କୋଡ୍ ସ୍କାନ କରି ଦେୟ ପେମେଣ୍ଟ କରିପାରିବେ । ଫୋନ୍ ପେ, ପେଟିଏମ୍, ଗୁଗୁଲ ପେ, ଭାରତ ପେ ଇତ୍ୟାଦିରେ ଦେୟ ପେମେଣ୍ଟ କରି ଦେୟ ରସିଦ୍‌କୁ ବିଜ୍ଞାପନ ସହ ୭୯୭୮୫୩୩୧୭୪ / ଇମେଲ୍:classifiedsamaya@gmail.com ରେ ପଠାଇ ପାରିବେ । ଅଧିକ ସୂଚନା ପାଇଁ ୭୯୭୮୫୩୩୧୭୪ରେ ଯୋଗାଯୋଗ କରନ୍ତୁ ।

Printed & Published by Parikhita Dash for Ashirbad Prakashan Pvt. Ltd., Plot. 44 & 54, Sec.-A, Zone-D, M.I.Estate, Bhubaneswar-751010. at Meerabasanta Industries Pvt. Ltd., Plot. 2/253, Birachandrapur, P.S-Rampur, Redhakhol, Dist.-Sambalpur, Odisha, TEL-2585740, 2585602, News-2583867, 2586702, Fax-2586665, 2586702, Advt.-Ph-2585704, Advt.Fax-2587704, Circulation-2586541, Chief Editor: Gurukalyan Mohapatra,ମୁଖ୍ୟ ସମ୍ପାଦକ: ଗୁରୁକଲ୍ୟାଣ ମହାପାତ୍ର, Editor: Papu Mohanty: ସମ୍ପାଦକ: ପପୁ ମହାନ୍ତି